# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଫେବୃୟାରୀ ୧୦/୨୦୨୧ (୧୬ ପୃଷ୍ଠା) | Sambalpur, Wednesday, February 10/2021 | ★★

୧୭ଶ ଭାଗ ୫୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଆସ୍‌ଲେ ବାର୍ଟି ଦ୍ୱିତୀୟ ରାଉଣ୍ଡରେ**

ଆସ୍‌ଲେ ବାର୍ଟି ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

୧୦

୧୪

**ନିଜ କଥା କହିଲେ କାଜଲ**

ବଲିଉଡ୍ ଅଭିନେତ୍ରୀ କାଜଲ ଅଗ୍ରୱାଲ ସୋସିଆଲ ମିଡିଆ ମାଧ୍ୟମରେ ନିଜ ଅସୁସ୍ଥତା ବିଷୟରେ ଫ୍ୟାନମାନଙ୍କ ସହ କଥା ହୋଇଛନ୍ତି।



## ରାଜୀବ କପୁରଙ୍କ ପରଲୋକ



ମୁମ୍ବାଇ, ୯।୨: ବଲିଉଡ୍ ଅଭିନେତା ତଥା ନିର୍ଦ୍ଦେଶକ ରାଜୀବ କପୁରଙ୍କ ମଙ୍ଗଳବାର ପରଲୋକ ଘଟିଛି। ତାଙ୍କୁ ୫୮ ବର୍ଷ ବୟସ ହୋଇଥିଲା। ରାଜୀବ ହେଉଛନ୍ତି କିମ୍ବଦନ୍ତୀ ଅଭିନେତା ରାଜ କପୁରଙ୍କ ସାନପୁଅ। ରାଜୀବଙ୍କ ଦେହାନ୍ତ ନେଇ ଭାଇ ରିଷି କପୁରଙ୍କ ସ୍ତ୍ରୀ ନିତୁ କପୁର ପ୍ରଥମେ ଇନଷ୍ଟାଗ୍ରାମରେ ସୂଚନା ଦେଇଥିଲେ। ତେବେ ତାଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ। ରାଜୀବ ୧୯୮୩ରେ ପ୍ରଥମ ଫିଲ୍ମ 'ଏକ୍ ଜାନ୍ ହେଁ ହମ୍'ରେ ଅଭିନୟ କରିଥିଲେ। ୧୯୮୫ରେ 'ରାମ ତେରି ଗଙ୍ଗା ମୈଲୀ'ରେ ସେ ବେଶ୍ ଲୋକପ୍ରିୟତା ପାଇଥିଲେ। ପରେ ଆସ୍‌ମାନ, ଲଭର ବୟ୍, ଜବରଦସ୍ତ, ହମ୍ ତୋ ଚଲେ ପରଦେଶ ଫିଲ୍ମରେ ରାଜୀବ ଅଭିନୟ କରିଥିଲେ। ☞ପୃଷ୍ଠା-୪

# ଚାଷୀଙ୍କୁ ଓଡ଼ିଶାର ସମର୍ଥନ

ଭୁବନେଶ୍ୱର,୯।୨(ବ୍ୟୁରୋ)

**କ୍ୟାବିନେଟ ନିଷ୍ପତ୍ତି**
- ଏମ୍‌ଏସ୍‌ପି ଦୁଇଗୁଣା କରିବାକୁ କେନ୍ଦ୍ରକୁ ପ୍ରସ୍ତାବ ଦେବେ ରାଜ୍ୟ ସରକାର
- ସବୁ ଜିଲାରେ ନିର୍ମାଣ ହେବ ଉତ୍କର୍ଷ କେନ୍ଦ୍ର

କେନ୍ଦ୍ରରେ ଭାଜପା ପରିଚାଳିତ ଏନ୍‌ଡିଏ ସରକାର ଆଣିଥିବା ୩ ନୂଆ କୃଷି ଆଇନକୁ ବିରୋଧ କରି ସାରା ଦେଶରେ ଚାଷୀ ଆନ୍ଦୋଳନ ଉଗ୍ରରୂପ ଧାରଣ କରିଛି। ଏହି ଆଇନକୁ ପ୍ରତ୍ୟାହାର କରିବା ଦାବିରେ ଚାଷୀମାନେ ଅଡି ବସିଛନ୍ତି। ବହୁ ପର୍ଯ୍ୟାୟ ଆଲୋଚନା ପରେ ମଧ୍ୟ କେନ୍ଦ୍ର ସରକାର ଚାଷୀଙ୍କ ଆକ୍ରୋଶରୁ ବର୍ତ୍ତିପାରି ନାହାନ୍ତି। ଏପରି ସ୍ଥଳେ ଓଡ଼ିଶା ସରକାର ଚାଷୀମାନଙ୍କୁ ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି। ଏମ୍.ଏସ୍. ସ୍ୱାମୀନାଥନ କମିଟିର ସୁପାରିସକୁ କାର୍ଯ୍ୟକାରୀ କରିବା ସହ ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି)କୁ ଦୁଇଗୁଣା କରିବାକୁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ପୁଣି ଥରେ ପ୍ରସ୍ତାବ ଦେବେ। କୃଷି ବିଭାଗ ପକ୍ଷରୁ ଏ ନେଇ ଦିଆଯାଇଥିବା ଏକ ପ୍ରସ୍ତାବକୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଅନୁମୋଦନ କରାଯାଇଛି।

ଚାଷୀମାନେ ସେମାନଙ୍କ ଉତ୍ପାଦର ଉପଯୁକ୍ତ ମୂଲ୍ୟ ପାଇବାରୁ ଯେପରି ବଞ୍ଚିତ ନ ହେବେ ସେ ନେଇ ୨୦୧୭ ଏବଂ ୨୦୧୮ରେ ବିଧାନସଭାରେ ସର୍ବସମ୍ମତ ସଂକଳ୍ପ ପାରିତ କରାଯାଇଥିଲା। ସେତେବେଳେ ରାଜ୍ୟ ସରକାର ଏମ୍‌ଏସ୍‌ପି ୨୯୩୦ ଟଙ୍କା କରିବାକୁ ☞ପୃଷ୍ଠା-୪

## ୧୨୪୨ କୋଟିର ୮ ପ୍ରକଳ୍ପକୁ ମଞ୍ଜୁରୀ

ଭୁବନେଶ୍ୱର,୯।୨(ବ୍ୟୁରୋ)

ରାଜ୍ୟର ୮ ପ୍ରକଳ୍ପରେ ୧୨୪୨.୦୨ କୋଟି ଟଙ୍କାର ପୁଞ୍ଜିନିବେଶ ହେବ। ଏହାକୁ ମଙ୍ଗଳବାର ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍‌ଏଲ୍‌ଏସ୍‌ଡବ୍ଲ୍ୟୁସିଏ) ଅନୁମୋଦନ କରିଛି। ଉକ୍ତ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକ୍ଷମ ହେଲେ ରାଜ୍ୟରେ ୩୧୩୫ ଜଣଙ୍କୁ ନିଯୁକ୍ତି ମିଳିବ।

ଏସ୍‌ଏଲ୍‌ଏମ୍ ପାୱାର୍ସ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ସୁନ୍ଦରଗଡ଼ ଜିଲାର କୁଲାଙ୍ଗ ଇଡ୍‌କୋ ଶିଳ୍ପାଞ୍ଚଳରେ ବାର୍ଷିକ ୩୦ ହଜାର ନିୟୁତ ଟନ୍ ବିଶିଷ୍ଟ ଆଇରନ ପାୱାର ପ୍ଲାଣ୍ଟ ସ୍ଥାପନ କରାଯିବ। ଏ ବାବଦରେ ୬୭.୮୩ କୋଟି ଟଙ୍କାର ପୁଞ୍ଜିନିବେଶ ହେବାକୁ ଥିବାବେଳେ ୪୩୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ସେହିପରି ଓରିକନ ପକ୍ଷରୁ ଖୋର୍ଦ୍ଧାଠାରେ ବାର୍ଷିକ ୨୪ ହଜାର ଟନ୍ କ୍ଷମତା ବିଶିଷ୍ଟ ଖାଦ୍ୟ ଓ ପାନୀୟ ଶିଳ୍ପ ☞ପୃଷ୍ଠା-୪

## ୧.୭ ଲକ୍ଷ କୋଟିର ବଜେଟକୁ ଅନୁମୋଦନ

ଭୁବନେଶ୍ୱର,୯।୨(ବ୍ୟୁରୋ)

ରାଜ୍ୟ ସରକାର ୨୦୨୧-୨୨ ଆର୍ଥିକବର୍ଷ ପାଇଁ ୧ ଲକ୍ଷ ୭୦ ହଜାର କୋଟି ଟଙ୍କାର ଚିଠା ବଜେଟ ପ୍ରସ୍ତୁତ କରିଛନ୍ତି। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକରେ ଏହାକୁ ଅନୁମୋଦନ କରାଯାଇଛି। କୋଭିଡ୍ ମହାମାରୀ ଯୋଗୁ ରାଜ୍ୟର ରାଜସ୍ୱ ଆଦାୟ ବହୁମାତ୍ରାରେ ପ୍ରଭାବିତ ହୋଇଛି। ଏହାସତ୍ତ୍ୱେ ରାଜ୍ୟ ସରକାର ଆସନ୍ତା ବଜେଟର ଆକାରକୁ ଗତ ବଜେଟ ତୁଳନାରେ ପ୍ରାୟ ୧୩% ବୃଦ୍ଧି କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ ଉକ୍ତ ବଜେଟରେ ସ୍ୱାସ୍ଥ୍ୟ, ଭିତ୍ତିଭୂମି, କୃଷି, ଜଳସେଚନ, ପାନୀୟଜଳ, ସାମାଜିକ ସୁରକ୍ଷା ଆଦିକୁ ଗୁରୁତ୍ୱ ଦିଆଯାଇଛି। ଆସନ୍ତା ବଜେଟରେ ନୂତନ ଯୋଜନାର ☞ପୃଷ୍ଠା-୪

# ତେଲ ଦର ଆକାଶଛୁଆଁ

### ଡିଜେଲ ୩୯, ପେଟ୍ରୋଲ ୩୫ ପଇସା ବଢ଼ିଲା

ଭୁବନେଶ୍ୱର,୯।୨

ଚଳିତ ବର୍ଷ ଆରମ୍ଭରୁ ତେଲ ଦର ଦ୍ରୁତ ହାରରେ ବଢ଼ିଚାଲିଛି। କରୋନା ମହାମାରୀ ଯୋଗୁ ଖାଉଟି ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି। ଏଭଳି ସମୟରେ ଲଗାତର ତୈଳ ଦର ବୃଦ୍ଧି ସବୁ ବର୍ଗର ଖାଉଟିଙ୍କ ଆର୍ଥିକ ଅବସ୍ଥା ଉପରେ ବେଶ୍ ପ୍ରଭାବ ପକାଇଛି। ୨୦୨୦ ନଭେମ୍ବର ୧୮ ପରଠାରୁ ଅଦ୍ୟାବଧି ମୋଟ ୨୭ ଥର ତେଲ ଦର ବଢ଼ିଲାଣି। ସେହିଭଳି ଚଳିତ ବର୍ଷ ଜାନୁୟାରୀ ପରଠାରୁ ବର୍ତ୍ତମାନ ସୁଦ୍ଧା ୧୩ ଥର ଇନ୍ଧନ ଦର ବଢ଼ିଛି। ଏହି ଅବଧିରେ ପେଟ୍ରୋଲ ୯.୯୭ ଟଙ୍କା ଏବଂ ଡିଜେଲ ୯.୦୩ ଟଙ୍କା ବୃଦ୍ଧି ପାଇଥିବା ସୂଚନା ମିଳିଛି।

୨୦୨୧-୨୨ ସାଧାରଣ ବଜେଟ ପରଠାରୁ ତେଲ ଦର ପ୍ରତିଥର ୩୦ ପଇସାରୁ ଊର୍ଦ୍ଧ୍ୱ ବୃଦ୍ଧି ପାଉଥିବା ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀଗୁଡିକ ପକ୍ଷରୁ ସୂଚନା ମିଳିଛି। ମଙ୍ଗଳବାର ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୩୫ ପଇସା ଏବଂ ଡିଜେଲ ୩୯ ପଇସା ବଢ଼ିଛି। ଏହି ଦର ବୃଦ୍ଧି ଫଳରେ ଏଠାରେ ପେଟ୍ରୋଲ ଦର ୮୭.୯୮ ଟଙ୍କା ଏବଂ ଡିଜେଲ ଦର ୮୪.୪୨ ଟଙ୍କାରେ ପହଞ୍ଚିଛି। ☞ପୃଷ୍ଠା-୪

## ୧୫ରେ କଂଗ୍ରେସର ଓଡ଼ିଶା ବନ୍ଦ

ଭୁବନେଶ୍ୱର, ୯।୨(ବ୍ୟୁରୋ)

ପେଟ୍ରୋଲ, ଡିଜେଲ ଓ ଗ୍ୟାସର ଅହେତୁକ ମୂଲ୍ୟବୃଦ୍ଧି ସହ ବିଭିନ୍ନ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଅପାରଗତାକୁ ନେଇ କଂଗ୍ରେସ ପକ୍ଷରୁ ଆସନ୍ତା ୧୫ ତାରିଖ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ଉକ୍ତଦିନ ସକାଳ ୭ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ବନ୍ଦ ପାଳନ କରାଯିବ ବୋଲି ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି। ଏହି ୬ ଘଣ୍ଟିଆ ବନ୍ଦ ଡାକରାକୁ ରାଜ୍ୟର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ସମସ୍ତ ସଚେତନ ନାଗରିକ ସହଯୋଗ, ସମର୍ଥନ ଓ ଆନ୍ଦୋଳନରେ ସକ୍ରିୟ ସାମିଲ ହେବା ପାଇଁ ନିରଞ୍ଜନ ନିବେଦନ କରିଛନ୍ତି। ଭୁବନେଶ୍ୱରସ୍ଥିତ କଂଗ୍ରେସ ଭବନଠାରେ ମଙ୍ଗଳବାର ନିରଞ୍ଜନ କହିଛନ୍ତି, ଏହି ବନ୍ଦ ସମୟରେ ଅତ୍ୟାବଶ୍ୟକ ଜରୁରୀ ସେବା ଯଥା ଆମ୍ବୁଲାନ୍ସ, କ୍ଷୀର ଗାଡି, ☞ପୃଷ୍ଠା-୪

## ୨୦୧୯-୨୦ର ନବମ ପିଲା ଦେଇପାରିବେ ମାଟ୍ରିକ ପରୀକ୍ଷା

ଭୁବନେଶ୍ୱର, ୯।୨(ବ୍ୟୁରୋ): ଆସନ୍ତା ମେ' ୩ତାରିଖରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେବ। ୨୦୧୯-୨୦ ଶିକ୍ଷାବର୍ଷରେ ନବମ ଶ୍ରେଣୀରେ ପଢୁଥିବା ସମସ୍ତ ଛାତ୍ରୀଛାତ୍ର ମେ' ମାସରେ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ବାର୍ଷିକ ସାର୍ଟିଫିକେଟ୍ (ମାଟ୍ରିକ) ପରୀକ୍ଷା ଦେଇପାରିବେ। ଏହା ସମସ୍ତ ଓଡ଼ିଆ ମାଧ୍ୟମ ପିଲାଙ୍କ ପାଇଁ ପ୍ରଯୁଜ୍ୟ ହେବ। ଏ ନେଇ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, କୋଭିଡ୍ ଯୋଗୁ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ୨୦୨୦ ମାର୍ଚ୍ଚରୁ ବନ୍ଦ ରହିଥିଲା। ତେଣୁ ନବମ ଶ୍ରେଣୀର ବାର୍ଷିକ ପରୀକ୍ଷା ଅନୁଷ୍ଠିତ ହୋଇପାରି ନ ଥିଲା। ପରବର୍ତ୍ତୀ ସମୟରେ ୨୦୨୧ ଜାନୁୟାରୀରୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ପିଲାଙ୍କୁ ପରୀକ୍ଷା ଲାଗି ପ୍ରସ୍ତୁତ କରିବା ନିମନ୍ତେ କୋଭିଡ୍ ନିୟମାବଳୀ ପାଳନ କରି ସ୍କୁଲ ଖୋଲାଯାଇଛି। ତଥାପି ପିଲାଙ୍କ ମାନସିକ ଚାପକୁ ଦୃଷ୍ଟିରେ ରଖି ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ପିଲାଙ୍କ ଆବଶ୍ୟକତାକୁ ଭିତ୍ତିକରି ସେମାନଙ୍କ ଡାଉଟ୍ କ୍ଲିଅର ପାଇଁ ☞ପୃଷ୍ଠା-୧୩

**ଆଜିର ସମ୍ପାଦକୀୟ**

ବିପଦରେ ହିମାଳୟ

# ଦୀପ୍ ସିଦ୍ଧୁ ଗିରଫ

**ସାଧାରଣତନ୍ତ୍ର ଦିବସ ହିଂସା**

ନୂଆଦିଲ୍ଲୀ, ୯।୨



ଦୀପ୍ ସିଦ୍ଧୁ

ସାଧାରଣତନ୍ତ୍ର ଦିବସରେ ଟ୍ରାକ୍ଟର ରାଲି ବେଳେ ଲାଲ୍‌କିଲ୍ଲା କମ୍ପ୍ଲେକ୍ସ ହିଂସାକାଣ୍ଡରେ ସମ୍ପୃକ୍ତ ଅଭିନେତା-କାର୍ଯ୍ୟକର୍ତ୍ତା ଦୀପ୍ ସିଦ୍ଧୁଙ୍କୁ ହରିୟାଣାର କର୍ନାଲରୁ ଗିରଫ କରାଯାଇଛି। ଫେରାର ଥିବା ସିଦ୍ଧୁ ଗିରଫଦାରିରୁ ବର୍ତ୍ତିବା ପାଇଁ ବାରମ୍ବାର ସ୍ଥାନ ପରିବର୍ତ୍ତନ କରୁଥିଲେ ବୋଲି ପୋଲିସ କହିଛି। କେନ୍ଦ୍ର ସରକାରଙ୍କ ନୂଆ କୃଷି ଆଇନ ବିରୋଧରେ ଆନ୍ଦୋଳନ ଚଳାଇଥିବା ଚାଷୀ ଜାନୁୟାରୀ ୨୬ରେ ଦିଲ୍ଲୀରେ ଟ୍ରାକ୍ଟର ରାଲିର ଆୟୋଜନ କରିଥିବାବେଳେ ଏହା ହିଂସାତ୍ମକ ରୂପ ନେଇଥିଲା। ଟ୍ରାକ୍ଟର ରାଲିକୁ ଭିନ୍ନ ରାସ୍ତାରେ ଲାଲ୍‌କିଲ୍ଲାକୁ ନେବା ସହ ଉତ୍ତେଜନା ଓ ସଂଘର୍ଷ ବଢ଼ାଇବାରେ ସିଦ୍ଧୁ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା। ବିକ୍ଷୋଭକାରୀ ଲାଲ୍‌କିଲ୍ଲା ପ୍ରାଚୀରରେ ଚଢ଼ି ଶିଖ୍ ଧର୍ମୀୟ ପତାକା ଉଡ଼ାଇବା ସହ ପୋଲିସ ସହ ସଂଘର୍ଷ କରିଥିଲେ। ସାଧାରଣତନ୍ତ୍ର ଦିବସ ହିଂସାକୁ ସବୁ ମହଲରୁ ନିନ୍ଦା କରାଯାଇଥିଲା।

## ଥରୁର, ସର୍ଦ୍ଦେଶାଇଙ୍କ ଗିରଫଦାରି ଉପରେ ସ୍ଥଗିତାଦେଶ

ନୂଆଦିଲ୍ଲୀ, ୯।୨(ପି.ଟି.)

ସାଧାରଣତନ୍ତ୍ର ଦିବସରେ ଚାଷୀମାନଙ୍କ ଟ୍ରାକ୍ଟର ରାଲି ହିଂସାତ୍ମକ ରୂପ ନେଇଥିଲା। କଂଗ୍ରେସ ଏମ୍‌ପି ଶଶୀ ଥରୁର, ରାଜଦୀପ୍ ସର୍ଦ୍ଦେଶାଇଙ୍କ ସମେତ ୬ ଖବରଦାତା ହିଂସାକୁ ନେଇ ବିଭ୍ରାନ୍ତିକର ଟୁଇଟ୍ କରିଥିବା ଅଭିଯୋଗରେ ସେମାନଙ୍କ ବିରୋଧରେ ଏତଲା ଦାଏର ହୋଇଥିଲା। ମଙ୍ଗଳବାର ସୁପ୍ରିମକୋର୍ଟ ସେମାନଙ୍କ ଗିରଫଦାରି ଉପରେ ସ୍ଥଗିତାଦେଶ ଦେଇଛନ୍ତି।

ଏତଲା ବିରୋଧରେ ଥରୁର, ସର୍ଦ୍ଦେଶାଇଙ୍କ ସମେତ ଖବରଦାତା ମୃଣାଳ ପାଣ୍ଡେ, ଜାଫର ଆଘା, ପରେଶ ନାଥ, ବିନୋଦ କେ ଜୋସ୍ ଏବଂ ଅନନ୍ତ ନାଥ ସର୍ବୋଚ୍ଚ ଅଦାଲତରେ ପିଟିଶନ ଦାଏର କରିଥିଲେ। ☞ପୃଷ୍ଠା-୧୩







# ବିପର୍ଯ୍ୟୟ ପଛରେ ତେଜସ୍କ୍ରିୟ ଉପକରଣ ସନ୍ଦେହ

ଡେରାଡୁନ୍, ୯।୨



ତେଜସ୍କ୍ରିୟ ଉପକରଣ ଯୋଗୁ ଉତ୍ତାପ ବୃଦ୍ଧି ପାଇ ନନ୍ଦାଦେବୀ ଗ୍ଲେସିୟର ତରଳି ବନ୍ୟା ଆସିଥିବା ଉତ୍ତରାଖଣ୍ଡ ତପୋବନ ଅଞ୍ଚଳ ଅନ୍ତର୍ଗତ ରାଇନି ଗ୍ରାମର ଲୋକମାନେ ସନ୍ଦେହ ପ୍ରକଟ କରିଛନ୍ତି। ଉକ୍ତ ବନ୍ୟାରେ ରାଇନି ଗ୍ରାମ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଗ୍ରାମବାସୀଙ୍କ ମତରେ ୧୯୬୫ରେ ନନ୍ଦାଦେବୀ ପର୍ବତରେ ସିଆଇଏ ଏବଂ ଆଇବି ଦ୍ୱାରା ଗୋପନ ଅଭିଯାନ ଚାଲିଥିଲା। ଚାଇନା ଉପରେ ନଜର ରଖିବା ପାଇଁ ସେମାନେ ପର୍ବତରେ ଆଣବିକ ଶକ୍ତିସମ୍ପନ୍ନ ସର୍ଭିଲାନ୍ସ ଉପକରଣ ଲଗାଇଥିଲେ। ଅଭିଯାନରେ ଯାଇଥିବା ପର୍ବତାରୋହୀ ଟିମ୍ ବରଫ ତୋଫାନର ସମ୍ମୁଖୀନ ହୋଇ ଫେରିଆସିଥିଲେ। ବର୍ଷେ ପରେ ସେମାନେ ଯେତେବେଳେ ପୁଣିଥରେ ସେଠାକୁ ଗଲେ, ଉକ୍ତ ଉପକରଣକୁ ପାଇ ନ ଥିଲେ। ଉପକରଣଟି ସେଠାରେ କେଉଁଠି ରହିଥିବା ବିଶ୍ୱାସ କରାଯାଉଛି। ଉପକରଣଟିର ଜୀବନକାଳ ୧୦୦ ବର୍ଷ ଥିଲା।

## ମୃତ୍ୟୁସଂଖ୍ୟା ୩୧

ଡେରାଡୁନ୍, ୯।୨(ପି.ଟି.)

ଉତ୍ତରାଖଣ୍ଡ ଗ୍ଲେସିୟର ବିପର୍ଯ୍ୟୟ ମୃତ୍ୟୁସଂଖ୍ୟା ମଙ୍ଗଳବାର ୩୧ରେ ପହଞ୍ଚିଛି। ଆଉ ୧୭୫ ଜଣ ନିଖୋଜ ଥିବାରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ବିଦ୍ୟୁତ୍ ପ୍ରକଳ୍ପର ଏକ ଟନେଲ ମଧ୍ୟରେ ୩୦ ଶ୍ରମିକ ଫସିରହିଥିବାରୁ ସେମାନଙ୍କୁ ଉଦ୍ଧାର କରିବା ଲାଗି ବିଭିନ୍ନ ସଂସ୍ଥା ଉଦ୍ୟମ ଚଳାଇଛନ୍ତି। ମଙ୍ଗଳବାର ୫ ଜଣଙ୍କ ମୃତଦେହ ମିଳିଛି। ରାଇନି ଗ୍ରାମରେ ଭଗ୍ନାବଶେଷ ତଳୁ ଦୁଇଜଣଙ୍କ ମୃତଦେହ ମିଳିଥିବା ଏନ୍‌ଡିଆର୍‌ଏଫ୍ ଅଧିକାରୀ କହିଛନ୍ତି। ଗ୍ଲେସିୟର ଭାଙ୍ଗି ବନ୍ୟା ଆସିବାର ତିନିଦିନ ହେଲାଣି। ଅନ୍ୟ ନିଖୋଜ ବ୍ୟକ୍ତିମାନଙ୍କ ପତ୍ତା ମିଳୁ ନ ଥିବାରୁ ଆଶଙ୍କା ବଢୁଛି। ଉଦ୍ଧାର ☞ପୃଷ୍ଠା-୧୩

ଧରିତ୍ରୀ DHARITRI
ବୁଧବାର, ୧୦ ଫେବୃୟାରୀ, ୨୦୨୧



ନେପାଳ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ଅସାମ୍ବିଧାନିକ ଓ ଅଗଣତାନ୍ତ୍ରିକ ଉପାୟରେ ପାର୍ଲାମେଣ୍ଟ ଭଙ୍ଗ କରିଥିବାରୁ ଏହା ବିରୋଧରେ ସଂଘର୍ଷ ଚଳାଇଥିବା ନେପାଳ କମ୍ୟୁନିଷ୍ଟ ପାର୍ଟିର ବିରୋଧୀ ଗୋଷ୍ଠୀ ଅଧକ୍ଷ ପୁଷ୍ପକମଲ ଦହଲ 'ପ୍ରଚଣ୍ଡ' ଭାରତର ସହଯୋଗ ଲୋଡ଼ିଛନ୍ତି। ସଂଘର୍ଷକୁ ସମର୍ଥନ ଦେବା ଲାଗି ସେ ଭାରତ, ଚାଇନା ସମେତ ଅନ୍ତର୍ଜାତୀୟ ସମୁଦାୟକୁ ଅପିଲ୍ କରିଛନ୍ତି। ପ୍ରଚଣ୍ଡଙ୍କ ସହ କ୍ଷମତା କନ୍ଦଳ ନେଇ ଡିସେମ୍ବର ୨୦ରେ ଓଲି ପାର୍ଲାମେଣ୍ଟ ଭଙ୍ଗ କରିବା ପରେ ରାଜନୈତିକ ସଙ୍କଟ ସୃଷ୍ଟି ହୋଇଛି।



## ସଂକ୍ଷେପରେ

### ବିହାର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ


ଶାହନୱାଜ ହୁସେନ

**ପାଟନା, ୯।୨:** ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ମଙ୍ଗଳବାର ତାଙ୍କ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରିବା ସହ ନିଜକୁ ବସ୍ ବୋଲି ସହଯୋଗୀ ଭାଜପାକୁ ଜଣାଇଦେଇଛନ୍ତି। ବିଧାନସଭା ନିର୍ବାଚନରେ ଭାଜପା ଅଧିକ ଆସନ ଜିତିଥିବାରୁ ସରକାରରେ ବଡ଼ଭାଇପଣିଆ ଜାହିର କରିଆସୁଥିଲା। ମଙ୍ଗଳବାର ନୀତୀଶଙ୍କ କ୍ୟାବିନେଟରେ ୧୭ ଜଣଙ୍କୁ ସ୍ଥାନ ମିଳିଛି। ଭାଜପାରୁ ୯ ଜଣ ମନ୍ତ୍ରୀ ହୋଇଥିବାବେଳେ ଜେଡିୟୁରୁ ୮ ସ୍ଥାନ ପାଇଛନ୍ତି। ତେବେ ଗୃହ, କାର୍ମିକ, ଶିକ୍ଷା, ଗ୍ରାମାଞ୍ଚଳ ବିକାଶ, ପୂର୍ତ୍ତ, ଜଳ ସମ୍ପଦ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ଜେଡିୟୁକୁ ମିଳିଥିବାରୁ ସରକାରରେ ଭାଜପା ଗୁରୁତ୍ୱ ହରାଇଛି। ଏବେ କ୍ୟାବିନେଟରେ ଭାଜପାର ୧୬ ମନ୍ତ୍ରୀଙ୍କ ପାଖରେ ୨୨ ବିଭାଗ ଥିବାବେଳେ ଜେଡିୟୁର ୧୩ଜଣଙ୍କ ହାତରେ ୨୧ ବିଭାଗ ରହିଛି। ଜିତନ୍ ରାମ ମାନ୍‌ଝିଙ୍କ ହିନ୍ଦୁସ୍ଥାନ ଆୱାମ୍ ମୋର୍ଚ୍ଚା ଏବଂ ବିକାଶଶୀଳ ଇନ୍‌ସାନ ପାର୍ଟିକୁ ଗୋଟିଏ ଲେଖାଏ ମନ୍ତ୍ରୀପଦ ମିଳିଛି। ବିହାରରେ ସେଭଳି ଶିଳ୍ପସଂସ୍ଥା ନ ଥିବାବେଳେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶାହନୱାଜ ହୁସେନ୍‌ଙ୍କୁ ଶିଳ୍ପମନ୍ତ୍ରୀ କରାଯାଇଛି। ଉପମୁଖ୍ୟମନ୍ତ୍ରୀ ରେଣୁ ଦେବୀଙ୍କୁ ବିପର୍ଯ୍ୟୟ ପରିଚାଳନା ବିଭାଗ ମିଳିଛି।

### ପରମାଣୁ ଅସ୍ତ୍ର ତିଆରି କରିପାରେ ଇରାନ

**ତେହେରାନ୍, ୯।୨:** ଇରାନ ଉପରେ ଅନ୍ତର୍ଜାତୀୟ କଟକଣା ବଳବତ୍ତର ରହିଲେ ତେହେରାନ୍ ପରମାଣୁ ଅସ୍ତ୍ରଶସ୍ତ୍ର ବିକଶିତ କରିବ ବୋଲି ଦେଶର ଗୋଇନ୍ଦା ମନ୍ତ୍ରୀ ମହମଦ ଅଲ୍‌ଭି ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକୁ ଚେତାବନୀ ଦେଇଛନ୍ତି। ଇରାନର ନ୍ୟୁକ୍ଲିୟର ପ୍ରୋଗ୍ରାମ ବେଶ୍ ଶାନ୍ତିପୂର୍ଣ୍ଣ। ଏପରିକି ୧୯୯୦ ଦଶକରେ ଦେଶର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲ୍ଲୀ ଖାମେନେଇ ଫତୱା ଜାରି କରି ପରମାଣୁ ଅସ୍ତ୍ରକୁ ନିଷିଦ୍ଧ କରିଥିଲେ। ଯଦି କଟକଣା ହଟା ନ ଯାଇ ଏହି ପଦକ୍ଷେପ ନିଆଯିବା ପାଇଁ ବାଧ କରାଯାଏ ତେବେ ପରମାଣୁ ଅସ୍ତ୍ର ବିକଶିତ କଲେ ସେଥିପାଇଁ ଇରାନ ଦାୟୀ ହେବ ନାହିଁ ବୋଲି ଅଲ୍‌ଭି କହିଛନ୍ତି।

### ଅନ୍‌ଲାଇନ ଅପରାଧ ରିପୋର୍ଟ କରିବେ ଲୋକେ

**ନୂଆଦିଲ୍ଲୀ, ୯।୨:** ଦେଶର ଏକତା ବିରୋଧୀ, ମହିଳା ଏବଂ ଶିଶୁଙ୍କ ପ୍ରତି ଦୁର୍ବ୍ୟବହାର, ବଳାତ୍କାର, ଆତଙ୍କବାଦୀ କାର୍ଯ୍ୟକଳାପ, ଆଇନ ବ୍ୟବସ୍ଥା ବିଗାଡ଼ିବା ପାଇଁ ହେଉଥିବା ଅନ୍‌ଲାଇନ ପୋଷ୍ଟଗୁଡ଼ିକ ଉପରେ ରୋକ ଲଗାଇବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ପଦକ୍ଷେପ ନିଆଯାଇଛି। ସାଧାରଣ ଲୋକେ ସ୍ୱେଚ୍ଛାକୃତ ଭାବେ ଏଭଳି ପୋଷ୍ଟ ଦେଖିଲେ ସରକାରଙ୍କୁ ରିପୋର୍ଟ କରିବେ। ସେଥିପାଇଁ ମନ୍ତ୍ରଣାଳୟର ସାଇବର କ୍ରାଇମ ସେଲ୍ ପକ୍ଷରୁ ନୂଆ ପ୍ରୋଜେକ୍ଟ ଇଣ୍ଡିଆନ ସାଇବର କ୍ରାଇମ କୋଅର୍ଡିନେଶନ ସେଣ୍ଟର ଆରମ୍ଭ କରାଯାଇଛି। ଗତ ସପ୍ତାହରେ ଆତଙ୍କବାଦୀ ପ୍ରଭାବିତ ଜମ୍ମୁ-କଶ୍ମୀରରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି।

## ଘୋଡ଼ା ଚଢ଼ି ସ୍କୁଲ ଗଲେ

**ଭୋପାଳ, ୯।୨:** କରୋନା ଯୋଗୁ ସ୍କୁଲ ବସ୍ ବନ୍ଦ ହୋଇଯିବାରୁ ପାଠ ପଢ଼ିବାକୁ ଘୋଡ଼ାରେ ବସି ବିଦ୍ୟାଳୟରେ ପହଞ୍ଚିଲେ ଛାତ୍ର। ମଧ୍ୟପ୍ରଦେଶର ଖଣ୍ଡୱା ଜିଲାର ଏକ ଗ୍ରାମରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, କରୋନା ପରେ ବିଦ୍ୟାଳୟରେ ବସ୍ ସେବା ବନ୍ଦ କରିଦିଆଯାଇଥିଲା। ଏବେ କଟକଣା ମଧ୍ୟରେ ସ୍କୁଲ ଖୋଲିଥିଲେ ହେଁ ଘରଠାରୁ ୫ କିମି ଦୂରରେ ଥିବା ବିଦ୍ୟାଳୟକୁ ଯିବାରେ ଅସୁବିଧାରେ ପଡ଼ିଥିଲେ ୧୨ ବର୍ଷୀୟ ଶିବରାଜ। ସ୍କୁଲକୁ ଯାଇଥିବା ପଥର ଭର୍ତ୍ତି ରାସ୍ତାରେ ସାଇକେଲ ନେଇ ଯିବାକୁ ଏକାଧିକ ଥର ଉଦ୍ୟମ କରିଥିଲେ ହେଁ ବାରମ୍ବାର ପଡ଼ି ସେ ଖଣ୍ଡିଆଖାବରା ହୋଇଥିଲେ। ଶେଷରେ ଘରେ ଥିବା ତାଙ୍କ ଘୋଡ଼ାକୁ ସାଧନ କରି ଏହା ଉପରେ ବସି ସେ ସ୍କୁଲ ଯିବାକୁ ସ୍ଥିର କରିଥିଲେ। ଶିବରାଜ ଜଣେ ଚାଷୀଙ୍କ ପୁଅ ହୋଇଥିବାବେଳେ ପାଠପଢ଼ିବା ପାଇଁ ତାଙ୍କର ଏଭଳି ନିଆରା ପ୍ରୟାସ ସମଗ୍ର ଅଞ୍ଚଳରେ ପ୍ରଶଂସା ସାଉଁଟିଛି।



## ମୁକୁଳିବା ପରେ ମୁନାୱରଙ୍କ ଇନ୍‌ଷ୍ଟା ପୋଷ୍ଟ



**ନୂଆଦିଲ୍ଲୀ, ୯।୨:** ପ୍ରାୟ ୩୫ ଦିନ ପରେ ଜେଲରୁ ମୁକୁଳି ଇନ୍‌ଷ୍ଟାଗ୍ରାମରେ ପ୍ରଥମ ପୋଷ୍ଟ କରିଛନ୍ତି ଷ୍ଟାଣ୍ଡଅପ୍ କମେଡିଆନ ମୁନାୱର ଫାରୁକି(୨୯)। ହସୁଥିବାର ଏକ ଫଟୋ ସହ ସେ ଲେଖିଛନ୍ତି, 'ମେରେ ଅନ୍ଦର କେ ଅନ୍ଧେରୋକୋ କର୍‌ନେ ଦୋ ସିକାୟତ। ହସାକର ଲାଖୋଁ ଚେହେରୋ କୋ ରୋଶନ କିୟା ହୈ ମୈନେ'। ଆପଣମାନଙ୍କ ଭଲ ପାଇବା ଓ ସମର୍ଥନ ପାଇଁ ଧନ୍ୟବାଦ ବୋଲି ସେ ଉଲ୍ଲେଖ କରିଛନ୍ତି। ନୂଆ ବର୍ଷ ଅବସରରେ ମଧ୍ୟପ୍ରଦେଶର ଇନ୍ଦୋରସ୍ଥିତ ଏକ କ୍ଲବରେ ଆୟୋଜିତ କାର୍ଯ୍ୟକ୍ରମରେ ସେ ହିନ୍ଦୁ ଦେବଦେବୀଙ୍କ ପ୍ରତି ଅପମାନଜନକ ମନ୍ତବ୍ୟ ଦେଇଥିବା ଜଣେ ଭାଜପା ବିଧାୟକଙ୍କ ପୁଅ ଅଭିଯୋଗ କରିଥିଲେ। ଏହା ପରେ ତାଙ୍କୁ ଗିରଫ କରାଯାଇଥିଲା। ମଧ୍ୟପ୍ରଦେଶ କୋର୍ଟ ତାଙ୍କ ଜାମିନ ନାମଞ୍ଜୁର କରିଥିଲେ। ତେବେ ସୁପ୍ରିମକୋର୍ଟରେ ମୁନାୱରଙ୍କୁ ଜାମିନ ମିଳିଥିଲା। ଗତ ଶନିବାର ରାତିରେ ସେ ଜେଲରୁ ବାହାରିଥିଲେ।

# ଟୁଇଟରକୁ ନାଲିଆଖି

**ୱାଶିଂଟନ,୯।୨**

କେନ୍ଦ୍ରର ୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ଦାବିରେ ଦିଲ୍ଲୀର ସିଙ୍ଘୁ, ଟିକ୍ରି ଓ ଗାଜିପୁର ସୀମାରେ ପ୍ରାୟ ଅଢ଼େଇ ମାସ ଧରି ଆନ୍ଦୋଳନ ଚାଲିଛି। ଏହାକୁ ଅର୍ଥନୈତିକ ଓ ମାନବ ଅଧିକାର ପାଇଁ ବିଶ୍ୱର ସବୁଠୁ ବଡ଼ ଆନ୍ଦୋଳନ ବୋଲି ବିବେଚନା କରାଯାଉଛି। ଗତ ସପ୍ତାହରେ ପପ୍ ଷ୍ଟାର ତଥା ବ୍ୟୁଟି ମୋଗଲ ରିହାନା ଫେଣ୍ଟି ସିଏନ୍‌ଏନ୍‌ର ଏକ ରିପୋର୍ଟକୁ ଟୁଇଟ୍ କରିଥିଲେ। ଏଥିରେ ଦିଲ୍ଲୀ ସୀମାର କୃଷକ ଆନ୍ଦୋଳନସ୍ଥଳକୁ କେନ୍ଦ୍ର ସରକାର କଣ୍ଟକିତ ତାରବାଡ଼ରେ ଘେରି ସମ୍ପୃକ୍ତ ଅଞ୍ଚଳରେ ଇଣ୍ଟରନେଟ ସେବା ବନ୍ଦ କରିଦେଇଥିବା ନେଇ ପ୍ରକାଶ ପାଇଥିଲା। ନିଜ ଟୁଇଟ୍‌ରେ ହାସ୍‌ଟ୍ୟାଗ୍ ଫାର୍ମର୍ସ ପ୍ରୋଟେଷ୍ଟ ବ୍ୟବହାର କରି ରିହାନା ପ୍ରଶ୍ନ କରିଥିଲେ, ଏହା ଉପରେ ଆମେ କାହିଁକି ଚର୍ଚ୍ଚା କରୁନାହୁଁ? ଭାରତ ସରକାର ରିହାନାଙ୍କ ଟୁଇଟ୍‌କୁ ଅଣଦେଖା କରିବା ପରିବର୍ତ୍ତେ ବିରୋଧ କରିବାରେ ମୁଖର ହୋଇଯାଇଥିଲେ। ରିହାନା ହେଉଛନ୍ତି ବାର୍ବାଡୋସ୍‌ର ଜଣେ କୃଷ୍ଣକାୟ ମହିଳା, ଯେଉଁଠି ଅଣଶ୍ୱେତବିରୋଧୀ, ବର୍ଣ୍ଣଭେଦ ଓ ନାରୀଙ୍କ ପ୍ରତି ବିଦ୍ୱେଷଭାବ ବହୁଳ ମାତ୍ରାରେ ଦେଖିବାକୁ ମିଳେ। ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ତଥାକଥିତ 'ଭୁଲ୍ ଓ ଦାୟିତ୍ୱହୀନ' ମନ୍ତବ୍ୟଗୁଡ଼ିକୁ ନେଇ ସେଲିବ୍ରିଟିଙ୍କ ଉପରେ ବର୍ଷିବା ସହ ଦେଶ ବିରୋଧରେ ଏକ ମିଥ୍ୟା ପ୍ରଚାର ଅଭିଯାନ ଚାଲିଥିବା ଅଭିହିତ କରିଥିଲା। ଫଳରେ 'ରିହାନା ଜଣେ ମୁସଲିମ୍ କି' ଏବଂ 'ରିହାନା ପାକିସ୍ତାନୀ କି' ବୋଲି ଭାରତୀୟଙ୍କ ପ୍ରଶ୍ନ ଗୁଗଲରେ ଟ୍ରେଣ୍ଡ୍ କରିଥିଲା। ସରକାର ସପକ୍ଷବାଦୀ ଓ ଭାରତୀୟ ଇନ୍‌ଫ୍ଲୁଏନ୍ସରମାନେ ରିହାନାଙ୍କୁ ଜଣେ 'ପର୍ନ ଷ୍ଟାର' ରୂପେ ଚିତ୍ରଣ କରିବାକୁ ପଛାଇ ନ ଥିଲେ। ଏପରି କି ୨୦୦୯ରେ ରିହାନାଙ୍କୁ ଆକ୍ରମଣ କରିଥିବା ତାଙ୍କ ପୂର୍ବତନ ବୟଫ୍ରେଣ୍ଡ କ୍ରିସ୍ ବ୍ରାଉନ୍‌ଙ୍କୁ ମଧ୍ୟ ପ୍ରଶଂସା କରିଥିଲେ। ରିହାନାଙ୍କ ଟୁଇଟ୍‌ର ମର୍ମସ୍ପର୍ଶିତା ହେଉଛି ଏହା ଏକ ଶକ୍ତିଶାଳୀ ପ୍ରଶ୍ନ। ବିଶ୍ୱ ସମୁଦାୟ ଭାରତରେ ଚାଲିଥିବା ଆନ୍ଦୋଳନକୁ ନେଇ ନିଶ୍ଚିତ ଭାବେ ଆଲୋଚନା କରୁଥିବ। ଭାରତର ଡିଜିଟାଲ ସାଧାରଣ କ୍ଷେତ୍ରକୁ ନିୟନ୍ତ୍ରଣ କରିବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ ନେତୃତ୍ୱାଧୀନ ଭାଜପା ସରକାରଙ୍କ ଉଦ୍ୟମ ଯୋଗୁ ଗଣତନ୍ତ୍ର ଦୁର୍ବଳ ହେଉଥିବା ଅନେକଙ୍କ ଉତ୍ତର ଦର୍ଶାଉଛି।

ମହିଳା ବିରୋଧୀ ନିର୍ଯାତନାର ସଂସ୍କୃତି ଏକ ଅପମାନଜନକ ପ୍ରଦର୍ଶନ ପାଲଟିଛି। ୨୩ ବର୍ଷୀୟା ଦଳିତ କର୍ମୀ ଓ ବିକ୍ଷୋଭକାରୀ ନୋଦୀପ କୌରଙ୍କୁ ପୋଲିସ ଗିରଫ କରି ଯୌନ ନିର୍ଯାତନା ଦେଇଥିବା ତାଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଏପରି କି ଚାଷୀ ଆନ୍ଦୋଳନ ସମ୍ପର୍କିତ ପୋଷ୍ଟ କରୁଥିବା ଆକାଉଣ୍ଟଗୁଡ଼ିକୁ ବନ୍ଦ କରିବା ଲାଗି ଟୁଇଟର ଉପରେ ସରକାର ଚାପ ପକାଉଛନ୍ତି। ଏହି ପରିପ୍ରେକ୍ଷୀରେ ଭାରତରେ କୃଷକ ଆନ୍ଦୋଳନକୁ କେତେକେ ନାଇଜେରିଆର ପୋଲିସ ବର୍ବରତା ବିରୋଧୀ ଏଣ୍ଡସାର୍ସ ଆନ୍ଦୋଳନ ସହ ତୁଳନା କରିଛନ୍ତି। ଏହି ଆନ୍ଦୋଳନକୁ ମଧ୍ୟ ରିହାନା ସୋସିଆଲ ମିଡିଆରେ ସମର୍ଥନ କରି ପୋଷ୍ଟ କରିଥିଲେ। ଲୋକେ ନିଜ ଦୀର୍ଘ ସମସ୍ୟାଗୁଡ଼ିକୁ ନେଇ ରାସ୍ତାକୁ ଓହ୍ଲାଇବା ଉଭୟ ଦେଶ ଦେଖିଛି।

### ସେଲିବ୍ରିଟିଙ୍କୁ ଟାର୍ଗେଟ


ରିହାନା ଫେଣ୍ଟି

> ଭାରତର କୃଷକ ଆନ୍ଦୋଳନକୁ ନାଇଜେରିଆର ପୋଲିସ ବର୍ବରତା ବିରୋଧୀ ଏଣ୍ଡସାର୍ସ ଆନ୍ଦୋଳନ ସହ ତୁଳନା କଲା 'ୱାଶିଂଟନ ପୋଷ୍ଟ'

ଗତବର୍ଷ ଏକ ଭିଡିଓ ସାମ୍ନାକୁ ଆସିଥିଲା, ଯେଉଁଥିରେ ଜଣେ ନିରସ୍ତ୍ର ନାଗରିକଙ୍କୁ ନାଇଜେରିଆ ପୋଲିସ ହତ୍ୟା କରୁଥିବା ଦୃଶ୍ୟ ରହିଥିଲା। ନାଇଜେରୀୟମାନେ କୁଖ୍ୟାତ ସ୍ପେଶାଲ ଆଣ୍ଟାଇ ରବରି ସ୍କ୍ୱାଡ୍ ବିରୋଧରେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଏହି ସ୍ୱତନ୍ତ୍ର ବଳ ବିରୋଧରେ ଦୀର୍ଘ ଦିନ ଧରି ନିର୍ଯାତନା, ଅର୍ଥ ଆଦାୟ ଓ ଯୌନ ଉତ୍ପୀଡ଼ନ ଭଳି ଅଭିଯୋଗ ରହିଆସିଛି। କିଛି ସପ୍ତାହର ବିକ୍ଷୋଭ ପରେ ସରକାରୀ ବଳ ନାଇଜେରିଆର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ସହର ଲାଗୋସ୍‌ରେ ଭିଡ଼କୁ ଟାର୍ଗେଟ କରି ଗୁଳି ଚଳାଇଥିଲା। ଭାରତରେ ଦାରିଦ୍ର୍ୟ, ଦୁର୍ବଳ ସ୍ୱାସ୍ଥ୍ୟ ଓ ସାହୁକାରଠାରୁ ଅଣାଯାଇଥିବା ଋଣର ବୋଝ ଯୋଗୁ ବହୁ ସଂଖ୍ୟକ ଚାଷୀ ଆତ୍ମହତ୍ୟା କରୁଥିବା ଦେଖିବାକୁ ମିଳେ। ଉଭୟ ଭାରତ ଓ ନାଇଜେରିଆରେ ଆନ୍ଦୋଳନ ପରିପ୍ରେକ୍ଷୀରେ ରାଜନୈତିକ ବ୍ୟକ୍ତିବିଶେଷ ବେଶ୍ ସକ୍ରିୟ। ହାସ୍‌ଟ୍ୟାଗ୍ ଏଣ୍ଡସାର୍ସ ଏବଂ ହାସ୍‌ଟ୍ୟାଗ୍ ଫାର୍ମର୍ସ ପ୍ରୋଟେଷ୍ଟସ୍ ଆନ୍ଦୋଳନକୁ ସେଲିବ୍ରିଟି ଓ ସାଂସ୍କୃତିକ ପ୍ରଭାବକଙ୍କ ସମର୍ଥନ ମିଳିଛି। ଉଭୟ କ୍ଷେତ୍ରରେ ଟୁଇଟର ସରକାର ଓ ଲୋକଙ୍କ ମଧ୍ୟରେ ଚାଲିଥିବା ସଂଗ୍ରାମର ଏକ ବଡ଼ ଅସ୍ତ୍ର ପାଲଟିଛି। ନାଇଜେରିଆର ଜଣେ ରାଜନେତା ଟୁଇଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଜ୍ୟାକ୍ ଡୋର୍ସିଙ୍କଠାରୁ ୧ ବିଲିୟନ୍ ଡଲାର କ୍ଷତିପୂରଣ ଦାବି କରି ମାମଲା ରୁଜୁ କରିବାକୁ ତାଙ୍କୁ ଧମକ ଦେଇଥିଲେ। ଗତ ସପ୍ତାହରେ ଭାରତ ସରକାର ଟୁଇଟର କର୍ମଚାରୀମାନଙ୍କୁ ସରକାର ବିରୋଧୀ ଆକାଉଣ୍ଟଗୁଡ଼ିକୁ ଅନ୍‌ବ୍ଲକ୍ କରିବା ଅଭିଯୋଗ ଆଣି ଜେଲ ପଠାଇବାକୁ ଚେତାବନୀ ଦେଇଥିଲେ। ଆଗାମୀ ଦିନରେ ଟୁଇଟର ଭାରତୀୟ କର୍ତ୍ତୃପକ୍ଷଙ୍କ ଚାପକୁ ନେଇ କିପରି ଜବାବ ରଖିବ ତାହା ଟେକ୍ନୋଲୋଜି, ସୋସିଆଲ ମିଡିଆ ଓ ଗଣତନ୍ତ୍ର ଉପରେ ଗମ୍ଭୀର ପ୍ରଭାବ ପକାଇବ ବୋଲି କୁହାଯାଉଛି। ମୋଦି ସରକାରଙ୍କ ବଢ଼ିଚାଲିଥିବା ଏକନାୟକତ୍ୱବାଦକୁ ସନ୍ତୁଷ୍ଟ କରିବାକୁ ଯାଇ ବିରୋଧରେ ଉଠୁଥିବା ସ୍ୱରକୁ ଟୁଇଟର ନୀରବ କରିଦେବ ନା ମାନବାଧିକାର, ସୁରକ୍ଷା ଓ ଖୋଲା ବିତର୍କ ପ୍ରତି ନିଜ ପ୍ରତିଶ୍ରୁତିବଦ୍ଧତାକୁ ବଜାୟ ରଖିବ? ଏହା ହେଉଛି ଆଜିର ବଡ଼ ପ୍ରଶ୍ନ। ଏବେ ଭାରତର କୃଷକମାନେ ଜାଣିବା ଉଚିତ ଯେ, ସେମାନଙ୍କ ସହ କେବଳ ରିହାନା ନୁହନ୍ତି, ଆହୁରି ଅନେକ ସେଲିବ୍ରିଟି ଅଛନ୍ତି। କୌଣସି ସ୍ଥାନରେ ହେଉଥିବା ଅନ୍ୟାୟ ସର୍ବତ୍ର ନ୍ୟାୟ ପ୍ରତି ବିପଦ। ବିଶ୍ୱ କେବଳ ଭାରତର ସାହସୀ ଆନ୍ଦୋଳନକାରୀଙ୍କ ବିଷୟରେ କହୁନାହିଁ, ବରଂ ସେମାନେ ଯେଉଁ ଅଧିକାର ଓ ମର୍ଯ୍ୟାଦା ପାଇଁ ଲଢ଼େଇ କରୁଛନ୍ତି, ସେଥିରେ ବିଜୟୀ କରାଇବା ଲାଗି ସମସ୍ତେ ବଳ ଦେଉଛନ୍ତି ବୋଲି 'ୱାଶିଂଟନ ପୋଷ୍ଟ' ଗ୍ଲୋବାଲ୍ ଓପିନିୟନ୍ସ ଏଡିଟର କରେନ୍ ଅଟ୍ଟିଆହ ମତ ଦେଇଛନ୍ତି।

> କିଛି ବର୍ଷ ମଧ୍ୟରେ ଆମେରିକୀୟ ପପ୍ ଷ୍ଟାର ରିହାନାଙ୍କ ନୂଆ ମ୍ୟୁଜିକ୍ ଆଲ୍‌ବମ୍ ମୁକ୍ତିଲାଭ କରିଥାଇ ନ ପାରେ। କିନ୍ତୁ ଦିଲ୍ଲୀ ସୀମାରେ ଚାଲିଥିବା କୃଷକ ଆନ୍ଦୋଳନକୁ ନେଇ ତାଙ୍କ ଟୁଇଟ୍ ସାରା ବିଶ୍ୱର ମାନବାଧିକାର ସମର୍ଥକମାନଙ୍କ ପାଇଁ ନିଶ୍ଚିତ ଭାବେ କୌଣସି ମ୍ୟୁଜିକ୍‌ଠାରୁ କମ୍ ନୁହେଁ।
>
> –କରେନ୍ ଅଟ୍ଟିଆହ, 'ୱାଶିଂଟନ ପୋଷ୍ଟ' ଗ୍ଲୋବାଲ୍ ଓପିନିୟନ୍ସ ଏଡିଟର



ରିହାନାଙ୍କ ଟୁଇଟ୍ କୃଷକ ଆନ୍ଦୋଳନକୁ ନେଇ ବିଶ୍ୱବ୍ୟାପୀ ଚର୍ଚ୍ଚାକୁ ବଳ ଦେଇଛି। ଶୀତକାଳରେ ଆର୍ଥିକ ମର୍ଯ୍ୟାଦା ଦାବି କରୁଥିବା ସାହସୀ କର୍ମୀ, ବିକ୍ଷୋଭକାରୀ ଓ କୃଷକମାନଙ୍କ ପ୍ରତି ସମର୍ଥନ ବଢ଼ିବା ଉଚିତ। କିନ୍ତୁ ସେମାନେ ବିଦ୍ରୂପ, ହିଂସା ଓ ଗିରଫଦାରି ଭୟର ଶିକାର ହେଉଛନ୍ତି। ଆନ୍ଦୋଳନରତ ଚାଷୀଙ୍କ ଉପରେ ପୋଲିସ ୱାଟର କ୍ୟାନନ୍ ଓ ଲୁହବୁହା ବାଷ୍ପ ପ୍ରୟୋଗ କରୁଛି। ଏପରି କି ଆନ୍ଦୋଳନସ୍ଥଳକୁ ରିପୋର୍ଟିଂ ପାଇଁ ଯାଉଥିବା ଖବରଦାତାମାନଙ୍କୁ ମଧ୍ୟ ଗିରଫ କରୁଛି।

ଏଥିରେ ଦ୍ୱିମତ ନାହିଁ ଯେ, ଆଧୁନିକ ସାମାଜିକ ନ୍ୟାୟ ଆନ୍ଦୋଳନକୁ ଉତ୍ସାହିତ କରିବାରେ ଟୁଇଟର୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି। ହାସ୍‌ଟ୍ୟାଗ୍ ବ୍ଲାକ୍ ଲାଇଭ୍ସ ମ୍ୟାଟରରେ ଆଇକନ୍ ଯୋଡ଼ିବା ଭଳି ଏହି ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ ସବୁଜ ଓ ଧଳା ଇମୋଜି ସଂଲଗ୍ନ କରି ହାସ୍‌ଟ୍ୟାଗ୍ ଏଣ୍ଡସାର୍ସ ଆନ୍ଦୋଳନକାରୀଙ୍କ ସହ ଛିଡ଼ାହୋଇଥିଲା। ଏପରି କି ୨୦୧୯ରେ ଟୁଇଟର ସିଇଓ ଜ୍ୟାକ୍ ଡୋର୍ସି ନାଇଜେରିଆ ଗସ୍ତ ବେଳେ ଆନ୍ଦୋଳନକାରୀଙ୍କୁ ସାହାଯ୍ୟ କରିବା ପାଇଁ ବିଟ୍‌କଏନ୍ ଡୋନେଶନ୍ ଲାଗି ଟୁଇଟ୍ କରିଥିଲେ।



## ହାଜତରେ ଯୌନ ନିର୍ଯାତନା

**ଚଣ୍ଡିଗଡ,୯।୨:** ପଞ୍ଜାବର ୨୩ ବର୍ଷୀୟା ଦଳିତ ଝିଅ ନୋଦୀପ କୌରଙ୍କ ମୁକ୍ତି ପାଇଁ ଆମେରିକା ଉପରାଷ୍ଟ୍ରପତି କମଳା ହାରିସ୍‌ଙ୍କ ଝିଆରୀ ତଥା ଆଇନଜୀବୀ ମୀନା ହାରିସ୍ ଶନିବାର ଟୁଇଟ୍ କରିଛନ୍ତି। ମଜଦୁର ଅଧିକାର ସଙ୍ଗଠନ ସହିତ ଜଡ଼ିତ ଶ୍ରମିକ ଅଧିକାର କର୍ମୀ ନୋଦୀପ ସିଙ୍ଘୁ ସୀମାରେ କୃଷକ ଆନ୍ଦୋଳନରେ ଗତ ଡିସେମ୍ବରରେ ସାମିଲ ହୋଇଥିବାବେଳେ ଜାନୁୟାରୀ ୧୨ ବିଳମ୍ବିତ ରାତିରେ ପୋଲିସ ତାଙ୍କୁ ଗିରଫ କରିଥିଲା। ହରିୟାଣାର କର୍ନାଲ ଜେଲରେ ନୋଦୀପଙ୍କୁ ରଖାଯାଇଛି। ପୂର୍ବରୁ ନୋଦୀପ ହରିୟାଣାର କୁଣ୍ଡଲିସ୍ଥିତ ଏକ ଫ୍ୟାକ୍ଟ୍ରିରେ କାମ କରୁଥିଲେ। ପୋଲିସ ହାଜତରେ ନୋଦୀପଙ୍କୁ ଯୌନ ନିର୍ଯାତନା ଦେଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ ଆଣିଛନ୍ତି।


ନୋଦୀପ କୌର

## ଆଲୋଚନା ପାଇଁ କେନ୍ଦ୍ରକୁ ସମୟ ମାଗିଲା ଟୁଇଟର

**ନୂଆଦିଲ୍ଲୀ,୯।୨**

### କର୍ମଚାରୀଙ୍କ ନିରାପତ୍ତା ସର୍ବୋଚ୍ଚ ପ୍ରାଥମିକତା

ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ରବିଶଙ୍କର ପ୍ରସାଦଙ୍କ ସହ ଆଲୋଚନା ପାଇଁ ଟୁଇଟର ସମୟ ମାଗିଛି। ଦିଲ୍ଲୀ ସୀମାରେ କୃଷକ ଆନ୍ଦୋଳନକୁ ଉସୁକାଇବା ପାଇଁ ବେଆଇନ ଭାବେ ଭୁଲ୍ ତଥ୍ୟ ପ୍ରସାର କରିଥିବା ଦର୍ଶାଇ ଫେବୃୟାରୀ ୪ରେ କେନ୍ଦ୍ର ସରକାର ପାକିସ୍ତାନୀ ଓ ଖଲିସ୍ତାନୀ ସମର୍ଥକଙ୍କ ୧,୧୭୮ ଆକାଉଣ୍ଟକୁ ବ୍ଲକ୍ କରିବା ପାଇଁ ଟୁଇଟରକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶନାମାକୁ ନ ମାନିଲେ ଜେଲ ଓ ଜରିମାନା ଦଣ୍ଡାଦେଶର ଚେତାବନୀ ଦେଇଥିଲେ। ଟୁଇଟରର ଜଣେ ମୁଖପାତ୍ର ଆଇଟି ମନ୍ତ୍ରୀଙ୍କୁ ଆନୁଷ୍ଠାନିକ ଆଲୋଚନା ପାଇଁ ସମୟ ମାଗିଥିବା ମଙ୍ଗଳବାର ସୂଚନା ଦେଇଛନ୍ତି। କହିଛନ୍ତି, ପ୍ଲାଟ୍‌ଫର୍ମର ସମସ୍ତ କର୍ମଚାରୀଙ୍କ ସୁରକ୍ଷାକୁ ଟୁଇଟର ସର୍ବୋଚ୍ଚ ପ୍ରାଥମିକତା ଦେଉଥିବା ସେ ସୂଚନା ଦେଇଛନ୍ତି। ପ୍ରକାଶ ଯେ, କୃଷକ ଆନ୍ଦୋଳନକୁ ସମର୍ଥନ କରି ଆମେରିକୀୟ ପପ୍ ଗାୟିକା ରିହାନା, ସ୍ୱିଡେନର ପରିବେଶ କର୍ମୀ ଗ୍ରେଟା ଥନ୍‌ବର୍ଗ, ଆମେରିକା ଉପରାଷ୍ଟ୍ରପତି କମଳା ହାରିସ୍‌ଙ୍କ ଝିଆରୀ ମୀନା ହାରିସ୍, ହଲିଉଡ୍‌ର ବର୍ଷୀୟାନ ଅଭିନେତ୍ରୀ ସୁସାନ ସରାଣ୍ଡନ୍‌ଙ୍କ ସମେତ ବହୁ ସେଲିବ୍ରିଟି ଟୁଇଟ୍ କରିଛନ୍ତି।

## ଟିଏମ୍‌ସିକୁ ଫେରିବେ ୨ ବିଧାୟକ

**କୋଲକାତା, ୯।୨**

- ମମତାଙ୍କ ସହ ମନ୍ତ୍ରଣା ପରେ ଚର୍ଚ୍ଚା
- ୨୦୧୯ ଜୁନ୍‌ରେ ଭାଜପାରେ ମିଶିଥିଲେ


ବିଶ୍ୱଜିତ୍ ଦାସ


ସୁନୀଲ ସିଂ

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ଦଳଡିଆଁ ପର୍ବ ଜୋର୍ ଧରିଛି। ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର କେତେଜଣ ଅସନ୍ତୁଷ୍ଟ ନେତା ଓ କର୍ମୀ କିଛିଦିନ ମଧ୍ୟରେ ଭାଜପାରେ ସାମିଲ ହୋଇଛନ୍ତି। ୨୦୧୯ରେ ଭାଜପାରେ ଯୋଗଦେଇଥିବା ଟିଏମ୍‌ସିର ଦୁଇଜଣ ପୂର୍ବତନ ବିଧାୟକ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଭେଟିବା ପରେ ସେମାନଙ୍କ ଘରବାହୁଡ଼ା ନେଇ ଚର୍ଚ୍ଚା ଜୋର୍ ଧରିଛି। ବୋଙ୍ଗାଓଁ ଉତ୍ତର ବିଧାୟକ ବିଶ୍ୱଜିତ୍ ଦାସ ଏବଂ ନୋଆପଡ଼ା ବିଧାୟକ ସୁନୀଲ ସିଂ ସୋମବାର ମମତାଙ୍କୁ ତାଙ୍କ ବିଧାନସଭା ଚାମ୍ବରରେ ଭେଟିଥିଲେ। ସେମାନେ ନିଜ ନିଜ ନିର୍ବାଚନମଣ୍ଡଳୀର ବିକାଶ ପ୍ରସଙ୍ଗରେ ଆଲୋଚନା କରିଥିବା କଥା କହୁଥିଲାବେଳେ ଟିଏମ୍‌ସିକୁ ଫେରିବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି।

ଦୁଇ ବିଧାୟକ ୨୦୧୯ ଜୁନ୍‌ରେ ଟିଏମ୍‌ସି ଛାଡ଼ି ଭାଜପାରେ ସାମିଲ ହୋଇଥିଲେ। ଭାଜପା ସାଧାରଣ ସମ୍ପାଦକ ତଥା ପଶ୍ଚିମବଙ୍ଗ ପ୍ରଭାରୀ କୈଳାସ ବିଜୟଭର୍ଗୀୟ ଏବଂ ବରିଷ୍ଠ ନେତା ମୁକୁଲ ରାୟଙ୍କ ଉପସ୍ଥିତିରେ ସୁନୀଲ ସେହିବର୍ଷ ଜୁନ୍ ୧୭ରେ ୧୫ ଜଣ ଟିଏମ୍‌ସି କାଉନସିଲର ଓ ଜଣେ କଂଗ୍ରେସ କାଉନସିଲରଙ୍କ ସହ ଗୈରିକ ଦଳରେ ଯୋଗଦେଇଥିଲେ। ଦିନକ ପରେ ବିଶ୍ୱଜିତ୍ ଭାଜପାରେ ସାମିଲ ହୋଇଥିଲେ।

## 'ହିନ୍ଦୁସ୍ଥାନୀ ମୁସଲମାନ ଭାବେ ଗର୍ବିତ'

**ନୂଆଦିଲ୍ଲୀ, ୯।୨**

### ରାଜ୍ୟ ସଭାରୁ ଅବସର ନେଲେ ଆଜାଦ୍


ବିଦାୟୀ ଭାଷଣ ବେଳେ ରାଜ୍ୟ ସଭାରେ ବିରୋଧୀ ଦଳ ନେତା ଗୁଲାମ ନବୀ ଆଜାଦ୍ ।

ବରିଷ୍ଠ କଂଗ୍ରେସ ନେତା ତଥା ରାଜ୍ୟ ସଭାରେ ବିରୋଧୀ ଦଳ ନେତା ଗୁଲାମ ନବୀ ଆଜାଦ୍ ମଙ୍ଗଳବାର ଉଚ୍ଚ ସଦନରୁ ଅବସର ଗ୍ରହଣ କରିଛନ୍ତି। ହିନ୍ଦୁସ୍ଥାନୀ ମୁସଲମାନ ଭାବେ ଗର୍ବ ଅନୁଭବ କରନ୍ତି। ପାକିସ୍ତାନ ଚାଲିଯାଇ ନ ଥିବା କେତେଜଣ ଭାଗ୍ୟବାନଙ୍କ ମଧ୍ୟରେ ସେ ନିଜକୁ ଗଣିଥାନ୍ତି ଓ ସବୁବେଳେ ଭାରତକୁ ସ୍ୱର୍ଗ ଭାବେ ଅନୁଭବ କରିଥାନ୍ତି ବୋଲି ଭାବବିହ୍ୱଳ ଆଜାଦ ବିଦାୟୀ ଭାଷଣରେ କହିଥିଲେ।

ତାଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ଜମ୍ମୁ-କଶ୍ମୀରରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ କଥା ମନେ ପକାଇ ଆଜାଦ ଦେଶରୁ ଆତଙ୍କବାଦ ଶେଷ ହେବା ନେଇ ଆଲ୍ଲାଙ୍କ ପାଖରେ ପ୍ରାର୍ଥନା କରିଥିଲେ। ବିଶ୍ୱର ମୁସଲମାନ ସମାଜଗୁଡ଼ିକ ଅନ୍ତର୍ଦ୍ୱନ୍ଦ୍ୱରେ ଲିପ୍ତ ଥିବାବେଳେ ଭାରତୀୟ ମୁସଲମାନ ସେଥିରେ ପ୍ରଭାବିତ ନ ହୋଇ ଏକତ୍ର ବସବାସ କରୁଛନ୍ତି ଓ ଏହା ଜାରି ରହିବା ଉଚିତ ବୋଲି ବରିଷ୍ଠ କଂଗ୍ରେସ ନେତା କହିଥିଲେ। ତାଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅନ୍ୟ ସହକର୍ମୀମାନଙ୍କୁ ଆଜାଦ୍ ଧନ୍ୟବାଦ ଜଣାଇଥିଲେ।

> କ୍ଷମତା ଆସେ ଓ ଯାଏ, କିନ୍ତୁ ଏହାକୁ କିପରି ହଜମ କରିବାକୁ ହୁଏ, ତାହା ମାତ୍ର ଅଳ୍ପ କେତେଜଣ ଜାଣନ୍ତି। ତେଣୁ ଜଣେ ବନ୍ଧୁ ଭାବେ ଆଜାଦଙ୍କୁ ସମ୍ମାନ ଦିଏ ।
>
> - ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

ଆସନ୍ତା ସପ୍ତାହରେ ରାଜ୍ୟ ସଭା କାର୍ଯ୍ୟକାଳ ପୂରଣ ହେଉଥିବା ଆଜାଦଙ୍କୁ ବିଦାୟ ଦେବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାବବିହ୍ୱଳ ହୋଇ କାନ୍ଦିପକାଇଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ, ଗୃହରେ ଆଜାଦଙ୍କ ସ୍ଥାନ ପୂରଣ କଲା ଭଳି ନେତା ମିଳିବା କଷ୍ଟକର ହେବ। ସେ ନିଜ ଦଳ ଅପେକ୍ଷା ଦେଶ ପାଇଁ ଅଧିକ ଚିନ୍ତା କରୁଥିଲେ। କରୋନା ମହାମାରୀ ସମୟରେ ସର୍ବଦଳୀୟ ବୈଠକ ଡାକିବା ପାଇଁ ସେ ପରାମର୍ଶ ଦେଇଥିଲେ। ଶାସନରେ ଓ ବିରୋଧୀ ଦଳରେ ରହିବାର ୨୮ ବର୍ଷର ଅଭିଜ୍ଞତା ବହୁତ ବଡ଼ କଥା ବୋଲି ମୋଦି କହିଛନ୍ତି।

ଆଜାଦ ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଥିବାବେଳେ ମୋଦି ଗୁଜରାଟ ମୁଖ୍ୟମନ୍ତ୍ରୀ ଥିଲେ। ଉଭୟଙ୍କ ମଧ୍ୟରେ ଘନିଷ୍ଠ ସମ୍ପର୍କ ରହିଥିଲା। ଜମ୍ମୁ-କଶ୍ମୀରରେ ଗୁଜରାଟୀ ତୀର୍ଥଯାତ୍ରୀଙ୍କ ଉପରେ ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ଏଥିରେ ୪ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ୬ ଗୁରୁତର ଆହତ ହୋଇଥିଲେ। ଏ ସମ୍ପର୍କରେ ପ୍ରଥମେ ଆଜାଦ ତାଙ୍କୁ ଫୋନ୍ କରି ଜଣାଇଥିଲେ ବୋଲି ମୋଦି କହିଛନ୍ତି। ଏହି ସମୟରେ ଆଜାଦ କାନ୍ଦୁଥିଲେ ବୋଲି କହିବାବେଳେ ମୋଦିଙ୍କ ଆଖିରେ ଲୁହ ଆସିଯାଇଥିଲା।

# ସଂଶୋଧନ ହେଲା ବିପିୟୁଟି ଆଇନ



କ୍ୟାବିନେଟ୍ ବୈଠକ ପରେ ସୂଚନା ଦେଉଛନ୍ତି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର।

- ବିପିୟୁଟି ନିୟନ୍ତ୍ରଣରୁ ଅଲଗା ହେବ ସିଇଟି
- କୁଳପତିଙ୍କ କାର୍ଯ୍ୟକାଳ ୪ ବର୍ଷକୁ କମିଲା
- କୃଷି ବିଭାଗ ରିୱାର୍ଡ ପ୍ରକଳ୍ପକୁ ଅନୁମୋଦନ
- ହସ୍ତତନ୍ତ, ବୟନ ଶିଳ୍ପ, ହସ୍ତଶିଳ୍ପ ପାଇଁ ସ୍ୱତନ୍ତ୍ର କ୍ୟାଡର

**ଭୁବନେଶ୍ୱର,୯।୨(ବ୍ୟୁରୋ)**

ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ଆଇନ-୨୦୦୨ର ସଂଶୋଧନ ହୋଇଛି। ସୂଚନା ଓ ବୈଷୟିକ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ବୋର୍ଡ ଅଫ୍ ଗଭର୍ନର୍ସ ଦ୍ୱାରା ପରିଚାଳନା ନିମନ୍ତେ ବିପିୟୁଟି ଆକ୍ଟରେ ଥିବା ସଂଘଟକ ମହାବିଦ୍ୟାଳୟ ସଂଜ୍ଞା ନିରୂପଣ କରାଯାଇଛି। ସଂଶୋଧନ ପରେ ସମସ୍ତ ସରକାରୀ ବୈଷୟିକ ମହାବିଦ୍ୟାଳୟଗୁଡ଼ିକର କାର୍ଯ୍ୟାବଳୀ ସୁଚାରୁରୂପେ ପରିଚାଳନା ପାଇଁ କାର୍ଯ୍ୟକ୍ଷମ ହେବ। ସଂଶୋଧନ ଆଇନ କାର୍ଯ୍ୟକାରୀ ହେବାଠାରୁ ସିଇଟି ଭୁବନେଶ୍ୱର ଆଉ ବିପିୟୁଟି ଅଧୀନରେ ରହିବ ନାହିଁ। ଏହା କେବଳ ଅନୁବନ୍ଧିତ ମହାବିଦ୍ୟାଳୟ ହେବ। ଏହା ନିଜସ୍ୱ ଗଭର୍ନରସ ଅଧୀନରେ ପରିଚାଳିତ ହେବ। ପ୍ରଚଳିତ ସର୍ବଭାରତୀୟ ବ୍ୟବସ୍ଥା ଓ ଏଆଇସିଟିଇ ନିର୍ଦ୍ଦେଶ ଅନୁସାରେ ପ୍ରଫେସର, ରିଡର୍ ଓ ଅଧ୍ୟାପକ ପଦବୀଗୁଡ଼ିକୁ ଯଥାକ୍ରମେ ପ୍ରଫେସର, ଆସୋସିଏଟ୍ ପ୍ରଫେସର ଓ ଆସିଷ୍ଟାଣ୍ଟ ପ୍ରଫେସର ଭାବେ ନାମିତ କରାଯିବ। କୁଳପତି କିମ୍ବା ବିଶ୍ୱବିଦ୍ୟାଳୟର କୌଣସି ଅଧିକାରୀଙ୍କ କାର୍ଯ୍ୟରେ ଭୁଲ ପରିଲକ୍ଷିତ ହେଲେ କୁଳାଧିପତି ଏହାର ସଂଶୋଧନ ପାଇଁ ଆବଶ୍ୟକ ନିର୍ଦ୍ଦେଶ ଦେଇପାରିବେ। ବିପିୟୁଟି କୁଳପତିଙ୍କ କାର୍ଯ୍ୟକାଳ ଅନ୍ୟ ବିଶ୍ୱବିଦ୍ୟାଳୟ ପରି ୫ ବର୍ଷ ପରିବର୍ତ୍ତେ ୪ ବର୍ଷ ହେବ। ଛାତ୍ରୀଛାତ୍ର ବିଶୃଙ୍ଖଳା ନିୟନ୍ତ୍ରଣ ପାଇଁ କୁଳପତିଙ୍କ ଦ୍ୱାରା ଜଣେ ପ୍ରଫେସରଙ୍କ ଅଧ୍ୟକ୍ଷତାରେ ୩ ଜଣ ସଦସ୍ୟ ବିଶିଷ୍ଟ ଅନୁଶାସନ କମିଟି ଗଠନ ହେବ। ବିପିୟୁଟିର କୁଳସଚିବ ପଦବୀ ଓଡ଼ିଶା ପ୍ରଶାସନିକ ସେବାର ଯୁଗ୍ମ ଶାସନ ସଚିବ ପାହ୍ୟାର ଅଧିକାରୀଙ୍କ ଦ୍ୱାରା ପୂରଣ ହେବ। ସେହିପରି ବିତ୍ତ ଅଧିକାରୀ ପଦବୀ ଓଡ଼ିଶା ଅର୍ଥ ସେବାର ଯୁଗ୍ମ ସଚିବ ପାହ୍ୟା ଅଧିକାରୀଙ୍କ ଦ୍ୱାରା ପୂରଣ ହେବ। ବିଶ୍ୱବିଦ୍ୟାଳୟର ଶିକ୍ଷକ ଓ ଅଣଶିକ୍ଷକ ପଦବୀ ପୂରଣ ପାଇଁ କୁଳାଧିପତି କିମ୍ବା କୁଳପତିଙ୍କ ଦ୍ୱାରା ଚୟନ କମିଟି ସରକାରଙ୍କ ଅନୁମୋଦନ ନେଇ ଗଠନ କରାଯିବ।

କୃଷି ବିଭାଗ ପକ୍ଷରୁ ଦିଆଯାଇଥିବା ରିୱାର୍ଡ ପ୍ରକଳ୍ପକୁ କ୍ୟାବିନେଟ ମଞ୍ଜୁର କରିଛି। ଏହି ପ୍ରକଳ୍ପ ପାଇଁ ୫୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିରୁ ବିଶ୍ୱବ୍ୟାଙ୍କ ୩୫୦ କୋଟି ଟଙ୍କା ଋଣ ଯୋଗାଇ ଦେବ। ଏହି ପ୍ରକଳ୍ପ ଜରିଆରେ ଜଳବାୟୁ ସହନଶୀଳ ଫସଲ ଚାଷ ପଦ୍ଧତି ସମ୍ପ୍ରସାରଣର ଲକ୍ଷ୍ୟ ରଖାଯାଇଛି। ଏହାଦ୍ୱାରା ୧୦ ହଜାର ଭୂମିହୀନ ଗରିବ ପରିବାର ସମେତ ପ୍ରାୟ ୧ ଲକ୍ଷ ୯୦ ହଜାର କୃଷକ ପରିବାର ଉପକୃତ ହେବେ।

ହସ୍ତଶିଳ୍ପ କ୍ଷେତ୍ରକୁ ସ୍ୱତନ୍ତ୍ର ଭାବେ ପ୍ରାଧାନ୍ୟ ଦେବା ସକାଶେ ରାଜ୍ୟ ସରକାର ଶିଳ୍ପ ବିଭାଗଠାରୁ ହସ୍ତଶିଳ୍ପକୁ ଅଲଗା କରି ହସ୍ତତନ୍ତ , ବୟନ ଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ସହ ମିଶ୍ରଣ କରିଛନ୍ତି। ହସ୍ତଶିଳ୍ପ କ୍ଷେତ୍ର ପାଇଁ ୫୫୨ ପଦବୀ ଚିହ୍ନଟ କରାଯାଇ ଅଣୁ, କ୍ଷୁଦ୍ର ଓ ମଧ୍ୟମ(ଏମ୍ଏସ୍ଏମ୍ଇ) ଉଦ୍ୟୋଗଠାରୁ ଅଲଗା କରାଯାଇଛି। ଏହି ପଦବୀରେ ଥିବା ବିଭିନ୍ନ ଅଧିକାରୀ ଓ କର୍ମଚାରୀମାନେ ଉଭୟ ହସ୍ତଶିଳ୍ପ ଓ ଏମ୍ଏସ୍ଏମ୍ଇ ବିଭାଗ ପାଇଁ କାର୍ଯ୍ୟ କରୁଥିଲେ। ସେମାନଙ୍କର ଚାକିରି ଏମ୍ଏସ୍ଏମ୍ଇ ଅଧୀନରେ ଥିଲା। ଏହାଦ୍ୱାରା ବିଭିନ୍ନ ଯୋଜନା ପରିଚାଳନା ପାଇଁ ଅସୁବିଧା ହେଉଥିଲା। ଏହାକୁ ଦୃଷ୍ଟିରେ ରଖି ହସ୍ତଶିଳ୍ପ ଲାଗି ସ୍ୱତନ୍ତ୍ର କ୍ୟାଡର ଓଡ଼ିଶା ହସ୍ତଶିଳ୍ପ ସେବା ନିୟମ-୨୦୨୧ ଏବଂ ଓଡ଼ିଶା ଅଧସ୍ତନ ହସ୍ତଶିଳ୍ପ ସେବା ନିୟମ-୨୦୨୧ କାର୍ଯ୍ୟକାରୀ କରାଯାଇଛି। ଏହି କ୍ୟାଡର ମାଧ୍ୟମରେ ଗ୍ରୁପ-ଏ ଓ ଗ୍ରୁପ-ବି ପଦାଧିକାରୀ ନିଯୁକ୍ତି ପ୍ରକ୍ରିୟା ଓ ପରିଚାଳନା କରାଯିବ। ଏହି କ୍ୟାଡରରେ ସହାୟକ ନିର୍ଦ୍ଦେଶକ, ଉପନିର୍ଦ୍ଦେଶକ, ଯୁଗ୍ମ ନିର୍ଦ୍ଦେଶକ, ଅତିରିକ୍ତ ନିର୍ଦ୍ଦେଶକ ଓ ନିର୍ଦ୍ଦେଶକ ପଦବୀ ସୃଷ୍ଟି କରାଯିବ।

# ଆଜିଠୁ ଖୋଲିବ ବୈଷୟିକ ଶିକ୍ଷାନୁଷ୍ଠାନ

**ଭୁବନେଶ୍ୱର, ୯।୨(ବ୍ୟୁରୋ)**

ରାଜ୍ୟରେ ବୁଧବାରଠାରୁ ସମସ୍ତ ବୈଷୟିକ ଶିକ୍ଷାନୁଷ୍ଠାନ ଖୋଲିବ। ଇଞ୍ଜିନିୟରିଂ, ଆଇଟିଆଇ, ପଲିଟେକ୍ନିକ୍ କଲେଜ ଖୋଲିବ। ଏଥିସହିତ ସମସ୍ତ ପ୍ରଫେସନାଲ କୋର୍ସ କଲେଜ ମଧ୍ୟ ବୁଧବାରଠାରୁ ଖୋଲାଯିବ। ତେବେ ବୁଧବାରଠାରୁ କଲେଜ ଖୋଲିଲେ ମଧ୍ୟ ୧୭ ତାରିଖରୁ କ୍ଲାସ୍ ଆରମ୍ଭ ହେବ। ଏନେଇ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବରୁ କେବଳ ଶେଷବର୍ଷ ଛାତ୍ରୀଛାତ୍ରଙ୍କ ପାଇଁ ବୈଷୟିକ ଶିକ୍ଷାନୁଷ୍ଠାନ ଖୋଲିଥିଲା। ଏଠାରେ ଉଲ୍ଲେଖଯୋଗ୍ୟ, କରୋନା ଯୋଗୁ ୨୦୨୦ ମାର୍ଚ୍ଚ ମାସରୁ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିଲା। କରୋନା ସଂକ୍ରମଣ ଧୀରେ ଧୀରେ ହ୍ରାସ ପାଉଥିବାରୁ ପର୍ଯ୍ୟାୟକ୍ରମେ ଶିକ୍ଷାନୁଷ୍ଠାନଗୁଡ଼ିକ ଖୋଲାଯାଉଛି।

**୧୭ରୁ ପାଠପଢ଼ା**










**ଆଜିର ମନ୍ତବ୍ୟ**

"କୃଷି ଆଇନ ଧର୍ମଗ୍ରନ୍ଥର ନିୟମ ନୁହେଁ ଯେ ଯାହାକୁ ବଦଳା ଯାଇପାରିବ ନାହିଁ।"
—ଫାରୁକ ଅବଦୁଲ୍ଲା, ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ସାଇ
ପରିବାରବର୍ଗ


ଅଂଶୁମାନ
ପରିବାରବର୍ଗ


ରାମ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

**ପ୍ରଥମ ପୃଷ୍ଠାରୁ...**

## ଚାଷୀଙ୍କୁ ଓଡ଼ିଶାର...

ପ୍ରସ୍ତାବ ଦେଇଥିଲେ। ସ୍ୱାମୀନାଥନଙ୍କ ଅଧ୍ୟକ୍ଷତାରେ ଗଠିତ ଜାତୀୟ କୃଷକ କମିଶନ ସୁପାରିସ ଅନୁଯାୟୀ ସର୍ବନିମ୍ନ ସହାୟକ ମୂଲ୍ୟ ହାରାହାରି ଉତ୍ପାଦନ ଖର୍ଚ୍ଚ ଠାରୁ ଅତିକମ୍‌ରେ ୫୦ ଭାଗ ଅଧିକ କରିବାକୁ ରାଜ୍ୟ ସରକାର ପୁଣି ଥରେ ପ୍ରସ୍ତାବ ଦେବେ। ରାଜ୍ୟ ସରକାର କୃଷକମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରୁଛନ୍ତି। କୃଷକମାନଙ୍କ ଆୟକୁ ଦ୍ୱିଗୁଣିତ କରିବା ଦିଗରେ ପ୍ରତିଶ୍ରୁତିବଦ୍ଧ। କୃଷିକୁ ଅଧିକ ଲାଭଦାୟକ କରିବା, କୃଷି କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ହାସଲ କରିବା ଲକ୍ଷ୍ୟ ନେଇ ରାଜ୍ୟ ସରକାରଙ୍କ ସମସ୍ତ ନୀତି, କାର୍ଯ୍ୟକ୍ରମ ଏବଂ କୃଷି ନୀତି-୨୦୨୦ ସମୃଦ୍ଧ। ଏହି ପରିପ୍ରେକ୍ଷୀରେ କୃଷକମାନଙ୍କ ଆୟ ବୃଦ୍ଧି କ୍ଷେତ୍ରରେ ଏମ୍‌ଏସ୍‌ପି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଅନ୍ୟାନ୍ୟ କ୍ଷେତ୍ରରେ ନିୟୋଜିତ ବ୍ୟକ୍ତିଙ୍କ ଆୟର ଅଭିବୃଦ୍ଧି ତଥା ଚାଷଜନିତ ଖର୍ଚ୍ଚର ବୃଦ୍ଧି ସହିତ ତାଳ ମିଳାଇ କୃଷକ ଆୟ ମଧ୍ୟ ବୃଦ୍ଧି ହେବା ଉଚିତ। କୃଷିଜାତ ଦ୍ରବ୍ୟଗୁଡ଼ିକର ସର୍ବନିମ୍ନ ସହାୟକ ମୂଲ୍ୟ କୃଷି କାର୍ଯ୍ୟକୁ ଲାଭଦାୟକ କରିବା ତଥା କୃଷକମାନଙ୍କୁ ସବୁପ୍ରକାର ବିପଦରୁ ସୁରକ୍ଷା ଦେବା ନିମନ୍ତେ ସାମଗ୍ରୀ ଭାବେ ନିର୍ଦ୍ଧାରଣ ହେବା ଆବଶ୍ୟକ। କମିଶନଙ୍କ ଏହି ସୁପାରିସକୁ କାର୍ଯ୍ୟକାରୀ କରିବା ତଥା ସର୍ବନିମ୍ନ ସହାୟକ ମୂଲ୍ୟକୁ ଦୁଇଗୁଣ କରିବା ପାଇଁ ନିଆଯାଇଥିବା ନିଷ୍ପତ୍ତିକୁ ଗ୍ରହଣ କରିବା ସକାଶେ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିବେ। ଏଥିସହିତ କ୍ୟାବିନେଟ ବୈଠକରେ ମୋଟ ୨୭ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ରାଜ୍ୟ ସରକାର କୃଷି ଉତ୍ପାଦନକୁ ଖୋଲା ବଜାରରେ ବିକ୍ରି ସୁଯୋଗ ଦେବା ଲାଗି କୃଷି ଉତ୍ପାଦନ ଓ ପଶୁପାଳନ ମାର୍କେଟିଂ(ପ୍ରୋତ୍ସାହନ ଏବଂ ସୁଯୋଗ) ମଡେଲ ଆଇନର ଏକ ଚିଠା ଅଧିନିୟମ ପ୍ରସ୍ତୁତ କରିଛନ୍ତି। କୋଭିଡ୍-୧୯ ମହାମାରୀ ଯୋଗୁ କୃଷକଙ୍କୁ ତୁରନ୍ତ ଲାଭ ଦେବା ସକାଶେ କୃଷି ଉତ୍ପାଦନ ଓ ପଶୁପାଳନ ମାର୍କେଟିଂ(ପ୍ରୋତ୍ସାହନ ଓ ସୁଯୋଗ) ତୃତୀୟ ଅଧିନିୟମ ନାମରେ ଏକ ଅଧିନିୟମ ରାଜ୍ୟ ସରକାର ଆଣିବାକୁ ଚାହୁଁଛନ୍ତି। କୃଷି ଉତ୍ପାଦନ ଏବଂ ପଶୁପାଳନ ବଜାର କମିଟି(ଏପିଏଲଏମ୍‌ସି) ଦ୍ୱାରା ନିୟମ ଲାଗୁ ହେବା ପର୍ଯ୍ୟନ୍ତ ବିଜ୍ଞାପିତ ବଜାର କ୍ଷେତ୍ର ସଂକଳ୍ପକୁ ଦୂର କରି ରାଜ୍ୟ ମଧ୍ୟରେ ବଜାର ବିଭାଜନକୁ ରଦ୍ଦ କରିବା ସହ ବେସରକାରୀ ବଜାର ଓ କୃଷକ ଉପଭୋକ୍ତା ବଜାର ସବ୍-ମାର୍କେଟ ୟାର୍ଡ ସ୍ଥାପନ ହେବ। ଏହାଦ୍ୱାରା କୃଷକମାନଙ୍କ ଉତ୍ପାଦନ ପାଇଁ ବିଭିନ୍ନ ବଜାର ମଧ୍ୟରେ ପ୍ରତିଯୋଗିତା ବଢ଼ିବ। କୃଷକମାନଙ୍କୁ ଉନ୍ନତ ବଜାର, ଶୀତଳଭଣ୍ଡାର ଇତ୍ୟାଦି ସୁବିଧା ମିଳିପାରିବ। ସମଗ୍ର ରାଜ୍ୟକୁ ଏକ ଏନ୍‌ଫୋର୍ମମେଣ୍ଟ ଏରିଆ ଭାବେ ଘୋଷଣା କରିବା ଏବଂ ମାର୍କେଟ କମିଟି ସଦସ୍ୟ ଚୟନ ଉଦ୍ଦେଶ୍ୟରେ ଭୌଗୋଳିକ କ୍ଷେତ୍ରକୁ ବିସ୍ତୃତ ବଜାର କ୍ଷେତ୍ର ଭାବେ ପୃଥକ୍ କରାଯିବ। ଇ-ବାଣିଜ୍ୟକୁ ପ୍ରୋତ୍ସାହନ ଦେବା, ରାଜ୍ୟବ୍ୟାପୀ ଏକକ ବାଣିଜ୍ୟ ଲାଇସେନ୍ସ ବ୍ୟବସ୍ଥା କରିବା ଏବଂ ଉତ୍ପାଦିତ ଦ୍ରବ୍ୟ ବିକ୍ରିକୁ ନେଇ ଭୌଗୋଳିକ ପ୍ରତିବନ୍ଧକ ଦୂର ହେବ। ରାଜ୍ୟରେ କୃଷି ମାର୍କେଟିଂ ଏବଂ ବଜାର କମିଟିର ଉନ୍ନତ ପରିଚାଳନା ପାଇଁ କୃଷି ମାର୍କେଟିଂ ସେବା ଗଠନ କରିବା ବ୍ୟବସ୍ଥା ହେବ। ଏହି ଅଧ୍ୟାଦେଶକୁ କ୍ୟାବିନେଟ ଅନୁମୋଦନ କରିଛି। ରାଜ୍ୟ ସରକାର ୫-ଟି ଅଧୀନରେ ୩୦ଟି ଜିଲାରେ ପର୍ଯ୍ୟାୟ କ୍ରମେ ସାମାଜିକ ସୁରକ୍ଷା ଭିତ୍ତିଭୂମି ପ୍ରକଳ୍ପ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ୧୦ଟି ଜିଲାରେ ପ୍ରକଳ୍ପ ନିର୍ମାଣ କରାଯାଉଥିବା ବେଳେ ରାଜ୍ୟ ବଜେଟରୁ ୯ଟି ଜିଲା ଖୋର୍ଦ୍ଧା, କଟକ, ପୁରୀ, କନ୍ଧମାଳ, ସମ୍ବଲପୁର, ଭଦ୍ରକ, ମାଲକାନଗିରି, ଗଞ୍ଜାମ ଓ ନବରଙ୍ଗପୁର ଜିଲା ଏବଂ ଜିଲା ଖଣିଜ ଫାଉଣ୍ଡେଶନ(ଡିଏମ୍‌ଏଫ୍) ଅର୍ଥ ସୁନ୍ଦରଗଡ ଜିଲାରେ ଖର୍ଚ୍ଚ କରାଯିବ। ୮ଟି ଡିଏମ୍‌ଏଫ୍ ଜିଲାରେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ କରିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟ ୧୨ଟି ଜିଲାରେ ଦ୍ୱିତୀୟ ପର୍ଯ୍ୟାୟରେ ୨୦୨୨-୨୩ ଆର୍ଥିକବର୍ଷରୁ ଆରମ୍ଭ କରାଯିବ। ଏହି ପ୍ରକଳ୍ପଗୁଡ଼ିକୁ ଉତ୍କର୍ଷ କେନ୍ଦ୍ର ଭାବେ ବିକଶିତ କରାଯିବ, ଯେଉଁଥିରେ ଜରା ନିବାସ, ନିରାଶ୍ରୟଙ୍କ ପାଇଁ ଆବାସିକ ବ୍ୟବସ୍ଥା, ଭୌତିକ ଚିକିତ୍ସା କେନ୍ଦ୍ର, ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ବିଦ୍ୟାଳୟ ରହିବା ବ୍ୟବସ୍ଥା ହୋଇଛି। ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି।

## ୧୨୪୨ କୋଟିର...

ସ୍ଥାପନ ହେବ। ଏଥିରେ ୧୨୦ କୋଟି ପୁଞ୍ଜି ବିନିଯୋଗ ହେବାକୁ ଥିବାବେଳେ ୧୧୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ଖୋର୍ଦ୍ଧା ନିକଟସ୍ଥ ଇନ୍‌ଫୋ ଭ୍ୟାଲିଠାରେ ସୂର୍ଯ୍ୟ ଇଣ୍ଟରନ୍ୟାଶନାଲ ୬୭.୫୦ କୋଟି ଟଙ୍କାର ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ଏଥିରେ ୬୮୦ ଜଣଙ୍କୁ ନିଯୁକ୍ତି ମିଳିବ। କଟକ ଜିଲାର ଚୌଦ୍ୱାର-ଟାଙ୍ଗୀଠାରେ ଜଗନ୍ନାଥ ଇଣ୍ଡଷ୍ଟ୍ରିଜ ଆଣ୍ଡ ଲଜିଷ୍ଟିକ୍ସ ପାର୍କସ୍ ପକ୍ଷରୁ ଏକ ଲଜିଷ୍ଟିକ ପାର୍କ ସ୍ଥାପନ କରାଯିବ। ଏଥିରେ କମ୍ପାନୀ ୧୪୦ କୋଟି ଟଙ୍କା ପୁଞ୍ଜି ବିନିଯୋଗ କରିବା ସହ ୧୧୦ ଜଣଙ୍କୁ ନିଯୁକ୍ତି ଯୋଗାଇବ। ଆଇଆର୍‌ଇଏଲ୍ ଇଉକଲ ଲିମିଟେଡ୍ ପୁରୀ ଜିଲାର କୃଷ୍ଣପ୍ରସାଦଠାରେ ୪୬୦ କୋଟି ଟଙ୍କା ବ୍ୟୟରେ ଇଣ୍ଟିଗ୍ରେଟେଡ୍ ହେଭି ବିଟ୍ ସ୍ୟାଣ୍ଡସ୍ ପ୍ରୋଜେକ୍ଟ ସ୍ଥାପନ କରିବ। ଏଥିରେ ୮୦୦ ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ପ୍ରଭାତ ହସ୍ପିଟାଲିଟି ପୁରୀଠାରେ ୧୩୫.୬୯ କୋଟି ଟଙ୍କାର ଏକ ୫ ତାରକା ହୋଟେଲ ସ୍ଥାପନ କରିବ। ଏଥିରେ ୩୫୦ ଜଣଙ୍କୁ ନିଯୁକ୍ତି ମିଳିପାରିବ। ସେହିପରି ସ୍ୱସ୍ତି ପ୍ରିମିୟମ ପୁରୀଠାରେ ୧୩୪ କୋଟି ଟଙ୍କା ବ୍ୟୟରେ ଏକ ପଞ୍ଚତାରକା ହୋଟେଲ ନିର୍ମାଣ କରିବ। ଏଥିରେ ୩୧୦ ଜଣଙ୍କୁ ନିଯୁକ୍ତି ମିଳି ପାରିବ। ହୋଟେଲ ଇଡେନ ରକ୍ ୧୧୭ କୋଟି ବ୍ୟୟରେ ଭୁବନେଶ୍ୱରରେ ଏକ ୪ ତାରକା ହୋଟେଲ ନିର୍ମାଣ କରିବ। ଏଥିରେ ୩୪୫ ଜଣଙ୍କୁ ନିଯୁକ୍ତି ମିଳିପାରିବ। ଏ ସମସ୍ତ ପ୍ରକଳ୍ପକୁ ଏସ୍‌ଏଲ୍‌ଏସ୍‌ଡବ୍ଲ୍ୟୁସିଏ ଅନୁମୋଦନ କରିଛି। ଏଥିସହିତ ବୈଠକରେ ଶିଳ୍ପ ସଚିବ ହେମନ୍ତ ଶର୍ମା ଷ୍ଟେଟ ରିଫର୍ମ ଆକ୍ସନ ପ୍ଲାନ୍ (ଏସ୍‌ଆରଏପି)-୨୦୨୦ ଉପସ୍ଥାପନ କରିଥିଲେ। କୋଭିଡ୍ ମହାମାରୀ ସତ୍ତ୍ୱେ ଗତବର୍ଷ ଭିତରେ ରାଜ୍ୟ ସରକାର ୬ଟି ମୁଖ୍ୟ ସେକ୍ଟର ପାଇଁ ୧,୨୦,୪୫୬.୭୪ କୋଟି ଟଙ୍କାର ପୁଞ୍ଜି ନିବେଶକୁ ଆକୃଷ୍ଟ କରିବାରେ ସଫଳ ହୋଇଛନ୍ତି।

ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏସ୍‌ଏଲ୍‌ଏସ୍‌ଡବ୍ଲ୍ୟୁସିଏ ବୈଠକରେ ଉକ୍ତ ପ୍ରକଳ୍ପଗୁଡ଼ିକୁ ଅନୁମୋଦନ କରାଯାଇଛି। ଏହି ସବୁ ପ୍ରକଳ୍ପଗୁଡ଼ିକ ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ ମୁଖ୍ୟ ଶାସନ ସଚିବ ବିଭିନ୍ନ ବିଭାଗକୁ ପରାମର୍ଶ ଦେଇଛନ୍ତି। ଉକ୍ତ ପ୍ରକଳ୍ପଗୁଡ଼ିକ ମୁଖ୍ୟତଃ ମେଟାଲ, ମେଟାଲ ଡାଉନଷ୍ଟ୍ରିମ୍, ଆଇଟି ଓ ଏଏମ୍‌ପି, ଇଏସ୍‌ଡିଏମ୍, ମାନୁଫାକ୍ଚରିଂ, ଲଜିଷ୍ଟିକ ଏବଂ ପର୍ଯ୍ୟଟନ ଆଦି କ୍ଷେତ୍ରରେ ସ୍ଥାପନ କରାଯିବ। ଏହି ପ୍ରକଳ୍ପଗୁଡ଼ିକ ରାଜ୍ୟରେ ନିଯୁକ୍ତି ସୁଯୋଗକୁ ବ୍ୟାପକ କରିବ। ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ବିଭାଗଗୁଡ଼ିକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଶିଳ୍ପ ସଚିବ ହେମନ୍ତ ଶର୍ମା ପ୍ରକଳ୍ପଗୁଡ଼ିକର ବିଶଦ ବିବରଣୀ ଉପସ୍ଥାପନ କରିଥିଲେ।

## ୧.୭ ଲକ୍ଷ କୋଟିର...

ସେତେଟା ଝଲକ ଦେଖିବାକୁ ମିଳିବ ନାହିଁ। ଚାଲୁ ରହିଥିବା ଯୋଜନାଗୁଡ଼ିକୁ ଶେଷ କରିବା ସହ ଅତ୍ୟାବଶ୍ୟକ କ୍ଷେତ୍ରକୁ ଗୁରୁତ୍ୱ ଦେବାକୁ ବଜେଟରେ ବ୍ୟୟବରାଦ କରାଯାଇଥିବା ଜଣାପଡ଼ିଛି। ୨୦୨୦-୨୧ ପାଇଁ ରାଜ୍ୟ ସରକାର ୧ ଲକ୍ଷ ୫୦ ହଜାର କୋଟି ଟଙ୍କାର ବଜେଟ ପ୍ରସ୍ତୁତ କରିଥିଲେ। ସେହିପରି ୧୧ ହଜାର ୨୦୦ କୋଟି ଟଙ୍କାର ଅତିରିକ୍ତ ବଜେଟ ମଧ୍ୟ ପ୍ରସ୍ତୁତ କରିଥିଲେ। ଅର୍ଥ ବିଭାଗ ପକ୍ଷରୁ ଆଗତ ଏହି ଚିଠା ବଜେଟକୁ ମନ୍ତ୍ରୀ ପରିଷଦ ଅନୁମୋଦନ କରିଛି। ଆସନ୍ତା ୨୨ ତାରିଖରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବିଧାନସଭାରେ ଏହାକୁ ଉପସ୍ଥାପନ କରିବେ।

## ତେଲ ଦର...

ଅନ୍ୟପକ୍ଷରେ ନୂଆଦିଲ୍ଲୀରେ ମଧ୍ୟ ଉଭୟ ପେଟ୍ରୋଲ ଓ ଡିଜେଲ ଲିଟର ପିଛା ୩୫ ପଇସା ବଢ଼ିଥିବା ସୂଚନା ମିଳିଛି। ଏହିଦର ବୃଦ୍ଧିଫଳରେ ଏଠାରେ ପେଟ୍ରୋଲ ୮୭.୩୦ ଟଙ୍କା ଓ ଡିଜେଲ ୭୭.୪୮ ଟଙ୍କାକୁ ଛୁଇଁଛି। ମଙ୍ଗଳବାର ଦର ବୃଦ୍ଧି ଯୋଗୁ ଉଭୟ ପେଟ୍ରୋଲ ଏବଂ ଡିଜେଲ ଦର ସର୍ବୋଚ୍ଚ ସ୍ତରରେ ରହିଥିବା ଜଣାପଡ଼ିଛି। ସେହିଭଳି ମୁମ୍ବାଇରେ ପେଟ୍ରୋଲ ୯୩.୮୩ ଟଙ୍କା ଏବଂ ଡିଜେଲ ୮୪.୩୬ ଟଙ୍କା ଥିବା ବେଳେ କୋଲକାତାରେ ଯଥାକ୍ରମେ ୮୮.୬୩ ଟଙ୍କା ଏବଂ ୮୧.୦୬ ଟଙ୍କା, ଚେନ୍ନାଇରେ ୮୯.୭୦ ଟଙ୍କା ଏବଂ ୮୨.୬୬ ଟଙ୍କାକୁ ବୃଦ୍ଧି ଘଟିଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ଗତ କିଛିଦିନ ହେବ ବଢ଼ିଚାଲିଛି। ଫଳରେ ଦେଶରେ ଖୁଚୁରା ତେଲ ଦର ଉପରେ ଏହାର ପ୍ରଭାବ ପଡୁଥିବା ତୈଳ ବିପଣନ କମ୍ପାନୀଗୁଡ଼ିକ ପକ୍ଷରୁ ସୂଚନା ଦିଆଯାଇଛି। ଗତ ବର୍ଷ ଯେତେବେଳେ ଅଶୋଧିତ ତେଲ ଦର ହ୍ରାସ ପାଇଥିଲା ସେହି ସମୟରେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ଉତ୍ପାଦ ଶୁଳ୍କ ସହ କୋଭିଡ୍ ସେସ୍ ଆଦି ଗ୍ରାହକଙ୍କଠାରୁ ଆଦାୟ କରୁଥିଲେ। ବର୍ତ୍ତମାନ ସମୟରେ ଯେତେବେଳେ ଅନ୍ତର୍ଜାତୀୟ ବଜାରରେ ତେଲ ଦର ବୃଦ୍ଧି ପାଉଛି ସରକାର ଶୁଳ୍କ ହ୍ରାସ କରନ୍ତୁ ବୋଲି ବିଭିନ୍ନ ମହଲରୁ ଦାବି ହେଉଛି।

## ୧୫ରେ କଂଗ୍ରେସର...

ପରୀକ୍ଷାର୍ଥୀ, ଗଣମାଧ୍ୟମ ଇତ୍ୟାଦିକୁ ବାଦ୍ ଦିଆଯିବ। ଉପା ସରକାର ସମୟରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୧୧୦ ଡଲାରରୁ ୧୩୦ ଡଲାର ଥିବାବେଳେ ଜନସାଧାରଣ ୮୦ ଟଙ୍କାରୁ କମ୍ ମୂଲ୍ୟରେ ତେଲ କିଣୁଥିଲେ। ବର୍ତ୍ତମାନ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ୍ ପିଛା ୬୦ ଡଲାରରୁ କମ୍ ଥିବାବେଳେ ଓଡ଼ିଶାରେ ପେଟ୍ରୋଲ ଦର ୯୦ ଟଙ୍କା ପହଞ୍ଚିଛି। ଫଳରେ ଜନସାଧାରଣ ଅତିଷ୍ଠ ହୋଇପଡିଛନ୍ତି। ଖାଦ୍ୟ ସାମଗ୍ରୀର ଦର ଆକାଶଛୁଆଁ ହେବା ଫଳରେ ଗରିବ, ମଧ୍ୟବିତ୍ତ, ଶ୍ରମିକ ଶ୍ରେଣୀ, ଚାଷୀ ବହୁମାତ୍ରାରେ ପ୍ରଭାବିତ ହେଉଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ଲିଟର ପ୍ରତି ୧୦ ଟଙ୍କା ଦର ହ୍ରାସ କରିବାକୁ ପ୍ରସ୍ତାବ ଦେଇଥିଲେ। ଅଚ୍ଛେଦିନ୍‌ର ସ୍ଲୋଗାନ ଦେଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ପ୍ରତାରିତ କରିଛନ୍ତି ବୋଲି ସେ କହିଛନ୍ତି।

## ରାଜୀବ କପୁରଙ୍କ...

୧୯୯୦ରେ ଜିମେଦାର ଚଳଚ୍ଚିତ୍ରରେ ତାଙ୍କୁ ଶେଷ ଥର ପାଇଁ ନାୟକ ଚରିତ୍ରରେ ଦେଖିବାକୁ ମିଳିଥିଲା। ୧୯୯୬ରେ ପ୍ରଥମ ଥର ପାଇଁ ଫିଲ୍ମ ପ୍ରେମଗ୍ରନ୍ଥର ନିର୍ଦ୍ଦେଶନା ଦେଇଥିଲେ। ଏଥିସହ ହେନା, ଆ ଅବ୍ ଲୌଟ ଚଲେ ଆଦି ଚଳଚ୍ଚିତ୍ର ନିର୍ମାଣ କରିଥିଲେ। ଗତ ବର୍ଷ ତାଙ୍କ ବଡ଼ ଭଉଣୀ ରିତୁ ନନ୍ଦା ଏବଂ ଭାଇ ରିଷି କପୁରଙ୍କ ଦେହାନ୍ତ ହୋଇଥିଲା।

# classifieds Everyday
0674-2580101, 2549302



MATRIMONIAL

### BRIDE WANTED

Brahmin boy 1988, Own established construction business settled Bhubaneswar. 9937832578. D-69371

Teli groom well settled, fair, handsome, 32+, B.Tech (Early marriage). 9337197338. D-19870

**ସୁନ୍ଦର ବ୍ରାହ୍ମଣ କନ୍ୟାପାତ୍ରୀ ଆବଶ୍ୟକ। ଯୋଗ୍ୟତା Graduate +, groom 6',33, fair, B.Tech, etc, Senior Engineer, package 8.50lakhs pa. Contact: 7537820117, 7873059205.** D-69481

ତେଲି ଜାତିର MNC ମାସିକ ଦରମା ୮୦,୦୦୦/- ପୁଅ ପାଇଁ ତେଲିଜାତିର ୧୯୯୦ ପୂର୍ବର ଜନ୍ମ ଅବିବାହିତ ଝିଅ ଆବଶ୍ୟକ। ଯୋଗାଯୋଗ- 8093526172. D-19884

Brahmin boy B.Tech. 1981 5'5" established businessman. Sangaam. 9338224867, 8249768787. D-70425

Brahmin groom 53 yrs, 5ft. 3inch, Central Govt. service, Caste no bar, widow and divorcee allowed. Mob./ Whatsapp. 7205806557. D-19898

### GROOM WANTED

Govt. Office, Bank, Doctor, Groom wanted for Khandayat bride 29, OAS, fair (Early marriage). 9337197338. D-19871

Wanted Brahmin Groom, working in Govt./ PSUs/ Banks for a fair MSc Physics 24,5'4" Singha Rasi Girl. M-9437351346. D-19894

Suitable match invited for fair, Bengali Kayasta girl, 1995, 5'2", B.Tech, Pursuing MBA. Father businessman and mother teacher, Baudpur, Bhadrak. Early marriage. Contact: 6371220090, 9437343898. D-69968

automobile

### SALE

Swift D'zire 2016 VDI Diesel, Swift D'zire-2016 (Petrol), Swift D'zire 2009 (Diesel). 7381091234, 9861194627. D-70182

real estate

### SALE

**Gharabadi sthitiban plot 1800sqft. at Kharakhia Baidyanath, near Lingaraj Temple and 2000sqft. boundary Wall plot at Bankuala near Tankapani road, Sai Temple. Call : 7077398807/ 8144658008.** D-19900

ଭୁବନେଶ୍ୱର Paikarapur, Kalinga Nagar, near Khandagiri ଆପାର୍ଟମେଣ୍ଟରେ 2BHK 1144sqft. ଏବଂ 3BHK 1498sqft. ବିକ୍ରିହେବ। ଯୋଗାଯୋଗ- 8599000239. Contact between 7P.M. to 8P.M. only). D-19827

**Developed ଘରବାରି ପ୍ଲଟ୍ ବାଲିଅନ୍ତାରେ 8,40,000/- near BJEM-II 6,60,000/, 9937166932.** D-69370

Book a duplex house near Patia, Bhubaneswar 1300sqft. land area and 1400sqft. construction area. Price- 64lakh. Contact: 8260595320. D-70527

Book a 1BHK flat near Rasulgarh, Bhubaneswar, Price-26lakhs, Contact:7504392698. D-70526

**ଭୁବନେଶ୍ୱର- ପୁରୀ Bypass roadsideରେ ଏବଂ ସୁନ୍ଦରପଦାରେ ଘରବାରି plot 30' ରାସ୍ତାଥାଇ ବିକ୍ରିହେବ। 9556794241.** D-70183

2BHK flat Garage Chhaka near Ravitalkies market area, Bhubaneswar. 7873492433. D-70222

**Developed ଘରବାରି ପ୍ଲଟ୍ କେସୁରା ଛକରୁ 3 କିଲୋମିଟର ମଧ୍ୟରେ କିଣନ୍ତୁ। 7008492511.** D-69369

ଭୁବନେଶ୍ୱର ତମାଣ୍ଡୋ yellowzone plot 30' ରାସ୍ତାଥାଇ କିଣନ୍ତୁ। 7894216209, 7064615305. D-70167

**2BHK with Garage individual House Sale at Srijagannath Vihar, Puri near Batagaon. Cost 24 lakh including Registration. 8 Minutes from Srimandir &5 minutes from Lokanath Temple. Call : 8984304650/ 9438109040.** D-19899

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,76,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 7894433357. D-70185

**ଭୁବନେଶ୍ୱର ସହର ଉପକଣ୍ଠସ୍ଥ ଯେକୌଣସି ଅଞ୍ଚଳରେ ଗୃହୋପଯୋଗୀ ଜାଗା ଖଣ୍ଡିଏ କିଣିବାକୁ ଚାହୁଁଛନ୍ତି କି? 9040744989, 6371364640.** D-70160

Immediately sale BDA house Badagada Brit Colony (Broker Excuse). 7205912222. D-48727

**NH-16ରେ ପିତାପଲ୍ଲୀରେ ଗୃହୋପଯୋଗୀ, ଭୁବନେଶ୍ୱର Sum Hospitalରୁ 7K.M. distance NH-16- Aର କଣ୍ଟାବାଡ଼ରେ free registration, ଘରବାରି boundary, electricity Water supply ସହ ପ୍ଲଟ ମିଳୁଅଛି। 7504861292.** D-19864

ଭୁବନେଶ୍ୱର Rasulgarh GGP Highschoolକୁ ଲାଗି yellowzone plot sqft. 3500/- କିଣନ୍ତୁ। 9348767829. D-70173

**Hurry Up !!! last 5Nos. (2BHK). ready to move flats (192) for sale on "The land mark PH-2", in Sundarpada, back side of Ariport Bhubaneswar, Cost 35lakh to 40lakh. 9938569014 & 9861433014.** D-19902

### PURCHASE

Wanted second hand 1/2/3/4BHK flats in Bhubaneswar for marketing. 6371090682. D-68269

construction

**For construction only in your plot inside Bhubaneswar area, contact MRC-9937064680.** D-27287

to-let

**Accommodation for 150 students for Hostel, School, College or Holidays homes available at Gouri Nagar, near Ravi Talkies Square. Interested persons may contact on Phone No.- 9040030066, 8280002989.** D-19887

packers & movers

Shivam logistic packers movers. Household/ car relocation countrywide. 9777044177, 9338461133. D-19726

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

healthcare

Refreshing your mind & body with best therapy at Lotus SPA. 8018234866. D-59978

Swarna SPA newly open positively health benefits with expert therapist. 9556978408. D-70519

Newly open Spa offer @ 799/-, Positively health benefits, Jayadevbihar, 7846814019. D-59977

Zen salon and SPA positively health benefits with expert therapeutic & genuinely massage appointment. 7205084157. D-70520

New opening Saikrupa Panchakarma and SPA jointpain, fullbody massage, 8984068077. D-65910

business

SMS sending କାମକରି ଯୁବକ/ ଯୁବତୀ, ଗୃହିଣୀମାନେ ମାସିକ 12000-35000 + Laptop + Mobile + other facilities free (Part/ full time). 9667693638, 9667693639. D-70521

### AFFIDAVIT

By virtue of an affidavit before Executive Magistrate, Bhubaneswar on dt. 22/01/2021, I declare that my daughter's name has been changed from Prerana Priyadarshini Acharya to Prachurjya Acharya. Amarjit Acharya. D-19893

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପୂର୍ବଆଲୋଚନା କ୍ରମରେ ଘରର କେତେକ ରହିଯାଇଥିବା କାମକୁ କରିବା ସକାଶେ ଚିନ୍ତା କରିପାରନ୍ତି। ଯେ କୌଣସି ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଶନିଙ୍କ କୁପ୍ରଭାବରୁ ଧନହାନି, ଜମିଜମା କଳହ ଓ ସ୍ୱାସ୍ଥ୍ୟହାନି ଆଶଙ୍କା ରହିଛି। ପଡ଼ୋଶୀଙ୍କ ସହ ବିଭିନ୍ନ ଆଲୋଚନାରେ ସମୟ କଟାଇବେ।

**ବୃଷ** ପରିବାରର ବିଭିନ୍ନ ବ୍ୟୟ ବରାଦର ଭରଣା ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ବନ୍ଧୁଙ୍କଠାରୁ ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ଅର୍ଥ ପାଇ ଖୁସି ହେବେ। ଗୁରୁବର୍ଗଙ୍କ ନିକଟରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ।

**ମିଥୁନ** ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ହେତୁ ବ୍ୟସ୍ତ ହେବେ। ଘର କାମରେ କିମ୍ବା ନୂତନ କର୍ମାରମ୍ଭରେ ଉତ୍ସାହିତ ହେବେ ଓ ସଫଳତା ହାସଲ କରିବେ। ଚିନ୍ତା କରୁଥିବା କାମରେ ସଫଳତା ବିଳମ୍ବରେ ପାଇବେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ ହେବ।

**କର୍କଟ** କର୍ମକ୍ଷେତ୍ରରେ ଅସ୍ଥିରତା ସଙ୍ଗକୁ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ଗୁପ୍ତ ଶତ୍ରୁମାନଙ୍କ ସକ୍ରିୟତା ବୃଦ୍ଧି ହେତୁ ବ୍ୟସ୍ତ ରହି ପାରନ୍ତି। ମନ ବୁଝିଲା ଭଳି କଥା ବନ୍ଧୁମାନଙ୍କୁ କହି ଅନ୍ୟକୁ ଆପଣାର କରିପାରନ୍ତି। ଯାତ୍ରା ଓ ମାଙ୍ଗଳିକ କାମରୁ ଖୁସି ରହିବେ ଏବଂ ପାରିବାରିକ ସମସ୍ୟା ସମାଧାନ ସକାଶେ ଚେଷ୍ଟିତ ହେବେ।

**ସିଂହ** ସମ୍ପର୍କୀୟଙ୍କ ସକାଶେ ବ୍ୟୟ କରିବାକୁ ବାଧ୍ୟ ହେବେ। ବକେୟା ଅର୍ଥ ଆଦାୟରେ ବିଭିନ୍ନ କୌଶଳ ଅବଲମ୍ବନ କରିବାକୁ ପଡ଼ିବ। କୌଣସି କଥାରେ ତରବର ହୁଅନ୍ତୁ ନାହିଁ। କର୍ମାରମ୍ଭରେ ପ୍ରଥମେ ପ୍ରଥମେ ସଙ୍କଟର ସମ୍ମୁଖୀନ ହେବେ। ଅଫିସରେ ଉଚ୍ଚବର୍ଗର ବ୍ୟକ୍ତିବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ।

**କନ୍ୟା** ଆଜି ଆଲୋଚନା ପରିସରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ପାରିବାରିକ କ୍ଷେତ୍ରରେ ନୀରବ ରହିବାକୁ ବାଧ୍ୟ ହେବେ। ପରୋକ୍ଷ ଶତ୍ରୁତା ହେତୁ କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ସମ୍ଭାବନା ରହିଛି। ଆଗାମୀ ମାଙ୍ଗଳିକ କାମ ସକାଶେ ଗୃହ ସଜ୍ଜାରେ ମନୋନିବେଶ କରିପାରନ୍ତି।

**ତୁଳା** ପାରିବାରିକ ଜୀବନରେ କେତେକ ବ୍ୟତିକ୍ରମ ରହିଥିଲେ ମଧ୍ୟ ବିଶେଷ ଅସୁବିଧା ହେବ ନାହିଁ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ଅଭୂତପୂର୍ବ ସଫଳତା ହାସଲ କରିବେ। ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ବିଛା** ଆଜିର ସକାଳୁଆ ଯାତ୍ରାରେ ସଫଳତା ଅବଶ୍ୟ ମିଳିବ। ଅତ୍ୟଧିକ ଖର୍ଚ୍ଚାନ୍ତ ହେତୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଶିଳ୍ପ, ବାଣିଜ୍ୟ, ପରିବହନ ତଥା ପ୍ରଶାସନିକ ସ୍ତରରେ ବ୍ୟସ୍ତତା ଦୂର ହେବ। ସତର୍କରେ ନ ଚଳିଲେ ନିଜ ଲୋକମାନେ ଅପପ୍ରଚାର କରିପାରନ୍ତି। ପାରିବାରିକ ସମ୍ପର୍କକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହେବେ।

**ଧନୁ** ଆଜି ଯେକୌଣସି କ୍ଷେତ୍ର ହେଉନା କାହିଁକି, ଠିକ୍ ନିଷ୍ପତ୍ତି ନେବାରେ ସମସ୍ୟା ଦେଖାଦେଇପାରେ। ଅତି ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଭୁଲ୍ ଧାରଣା ପୋଷଣ କରିପାରେ। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ। ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ମାଲିମକଦ୍ଦମାରେ ଆପୋସ ସମାଧାନ ଘଟିବ।

**ମକର** ପୂର୍ବ ଯୋଜନାଟିକୁ ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହେବ। ସମସ୍ୟା ଆସିଲେ ମଧ୍ୟ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ଅନ୍ୟମାନଙ୍କ କଥା ରକ୍ଷା କରିବାକୁ ଯାଇ ବନ୍ଧୁଦ୍ୱାରକୁ ଗମନ କରିବାକୁ ପଡିପାରେ। ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ନିଜ ଲୋକଙ୍କଠାରୁ ସମ୍ପର୍କ ହରାଇପାରନ୍ତି।

**କୁମ୍ଭ** ଶୁକ୍ରଙ୍କ ପ୍ରଭାବରୁ ହସଖୁସିରେ ଦିନ କଟିବ। ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହୋଇପାରେ। କେତେକ କ୍ଷେତ୍ରରେ ସବୁ ଜାଣିଶୁଣି ନୀରବଦ୍ରଷ୍ଟା ଭଳି କାମ କରିବାକୁ ବାଧ୍ୟହେବେ। ପରିବାରରେ ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ହେବେ।

**ମୀନ** ଅନ୍ୟମାନଙ୍କୁ ଆପଣାର କରିବା ସକାଶେ କୌଶଳ ପ୍ରୟୋଗ କରିପାରନ୍ତି। କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସଫଳତା ଅର୍ଜନ କରିବେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ମିଳିବ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ।

ଆଜି ମାଘ କୃଷ୍ଣପକ୍ଷର ଚତୁର୍ଦ୍ଦଶୀ ବୁଧବାର, ରଟନ୍ତୀ କାଳିକା ପୂଜା, ଯମତର୍ପଣ, ଷଡ଼ଗ୍ରହକୂଟ, ଫେବୃୟାରୀ ୧୦ ତାରିଖ, ରାଶିନକ୍ଷତ୍ର-ଦିବା ଘ.୦୨.୧୨ମି. ଗତେ ଶ୍ରବଣା/ମକର, ସିଂହ ରାଶିର ଘାତଚନ୍ଦ୍ର, କର୍କଟ ରାଶିର ଘାତବାର। ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୨୧ମି. ଗତେ ଘ.୦୭.୫୨ମି. ମଧ୍ୟେ, ଘ.୧୦.୦୭ମି. ଗତେ ଘ.୧୧.୩୮ମି. ମଧ୍ୟେ, ଘ.୦୩.୨୪ମି. ଗତେ ଘ.୦୫.୫୪ମି. ମଧ୍ୟେ ଅମୃତ ବେଳା। ଦିବା ଘ.୦୧.୫୩ମି. ଗତେ ଘ.୦୩.୨୪ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୧୨.୦୦ମି. ଗତେ ଘ.୦୧.୨୪ମି. ମଧ୍ୟେ ରାହୁକାଳ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୦,୭୧,୭୨,୩୩୪ | ୨୩,୪୧,୩୫୧ | ୭,୯୦,୨୭,୮୯୯ |
| ଭାରତ | ୧,୦୮,୫୪,୩୫୩ | ୧,୫୫,୨୩୪ | ୧,୦୫,୫୫,୧୭୮ |
| ଓଡ଼ିଶା | ୩,୩୫,୭୯୭ | ୧୯୧୦(+୫୩) | ୩,୩୩,୧୩୯ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଚିକିତ୍ସାଧୀନ ଅବସ୍ଥାରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ

ନବରଙ୍ଗପୁର,୯।୨(ବି.ପ୍ର.): ଚିକିତ୍ସାଧୀନ ଅବସ୍ଥାରେ ସୋମବାର ରାତି ପ୍ରାୟ ସାଢେ ୧୦ଟାରେ ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ହୋଇଯାଇଛି। ସେ ହେଲେ କୋଷାଗୁମୁଡା ବ୍ଲକ ନାଗିଗୁଡା ଗାଁର ରାମଧର ଭତରା(୨୦)। ସୋମବାର ରାମଧରଙ୍କର ଅତ୍ୟଧିକ ଝାଡା ହେବାରୁ ଜେଲ କର୍ତ୍ତୃପକ୍ଷ ତାଙ୍କୁ ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାତି ପ୍ରାୟ ସାଢେ ୧୦ଟାରେ ତାଙ୍କର ମୃତ୍ୟୁ ହୋଇଛି। ଏନେଇ ନବରଙ୍ଗପୁର ଥାନାରେ ୫/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଭିଡିଓଗ୍ରାଫି କରାଯାଇ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମାଜିଷ୍ଟ୍ରେଟ ଭାବେ ସହକାରୀ ଜିଲାପାଳ କମଳେଶ ମହନ୍ତ, ଅତିରିକ୍ତ ଏସ୍‌ପି ସି.ଏଚ.ହୃଦୟାନନ୍ଦ, ନବରଙ୍ଗପୁର ଥାନାଧିକାରୀ ତାରିକ ଅହମ୍ମଦ, ଜେଲ ସୁପରିଣ୍ଟେଣ୍ଡେଣ୍ଟ ସନ୍ତୋଷ ପଟ୍ଟନାୟକ, ତହସିଲଦାର ରବୀନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଜେଲ ପକ୍ଷରୁ ସୁପରିଣ୍ଟେଣ୍ଡେଣ୍ଟ ୫ ହଜାର ଟଙ୍କା ଓ ଜିଲା ରେଡ୍‌କ୍ରସ୍ ପକ୍ଷରୁ ତହସିଲଦାର ୧୫ ହଜାର ଟଙ୍କା ମୃତକଙ୍କ ପରିବାର ଲୋକଙ୍କୁ ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଜାନୁୟାରୀ ୨୨ରେ କୋଡିଙ୍ଗା ପୋଲିସ ରାମଧରଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ନବରଙ୍ଗପୁର ଉପକାରାଗାରକୁ ପଠାଯାଇଥିଲା।

### ବାମ୍ଫିରେ ପଡ଼ି ଦୁଇ ବାଳକ ମୃତ

ପୁରୁଣାକଟକ,୯।୨(ଡି.ଏନ୍.ଏ.): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ସୁରୁଣ୍ଡି ଗ୍ରାମରେ ମଙ୍ଗଳବାର ବାମ୍ଫିରେ ପଡି ଦୁଇ ବାଳକଙ୍କ ମୃତ୍ୟୁ ଘଟିଛି। ପ୍ରକାଶ ଯେ, ଗ୍ରାମର ପ୍ରଫୁଲ୍ଲ ବିଶିଙ୍କ ପୁଅ ଶାଶ୍ୱତ(୧୨) ଓ ସୁଦାମ ଦେହୁରୀଙ୍କ ପୁଅ ପାର୍ଥ (୧୨) ଉଭୟ ସାଙ୍ଗ ସକାଳେ ଦୁହେଁ ଶୌଚ ହେବା ପାଇଁ ଗ୍ରାମ ନିକଟ ଏକ ବାମ୍ଫି ପାଖକୁ ଯାଇଥିଲେ। ତେବେ ଅସାବଧାନତା ବଶତଃ ସେମାନେ ବାମ୍ଫିରେ ପଡି ଯାଇଥିଲେ। ବହୁ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକ ଖୋଜାଖୋଜି କରିଥିଲେ । ପରେ ବାମ୍ଫି ନିକଟକୁ ଯାଇ ଦେଖିବାକୁ ଦୁଇ ସାଙ୍ଗ ପାଣିରେ ଭାସୁଥିଲେ। ସେମାନଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ହରଭଙ୍ଗା ମେଡିକାଲ ନିଆଯାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ହରଭଙ୍ଗା ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡିଛି। ଏହି ଘଟଣା ନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

### ଓଡ଼ିଶା ସ୍ୱଳ୍ପ ସଞ୍ଚୟ ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ସେବା ଅଧିନିୟମ ୨୦୨୧କୁ କ୍ୟାବିନେଟ ମଞ୍ଜୁରୀ

ଭୁବନେଶ୍ୱର, ୯।୨(ବ୍ୟୁରୋ): ଅର୍ଥ ବିଭାଗ ଅଧୀନରେ ଥିବା ସ୍ୱଳ୍ପ ସଞ୍ଚୟ ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଅଧିକାରୀ, ମୂଳ ପଦବୀଗୁଡିକ ପ୍ରତ୍ୟକ୍ଷ ଚୟନ ପ୍ରକ୍ରିୟା ମାଧ୍ୟମରେ ନିଯୁକ୍ତି ପ୍ରଦାନ କରାଯାଇଥାଏ। ପରବର୍ତ୍ତୀ ୧୯ଟି ଉପଖଣ୍ଡ ସ୍ୱଳ୍ପ ସଞ୍ଚୟ ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଅଧିକାରୀ ପଦବୀଗୁଡିକ ପଦୋନ୍ନତି ଭିତ୍ତିରେ ପୂରଣ କରାଯାଇଥାଏ। ମୂଳ ପଦବୀରେ ନିଯୁକ୍ତି ନିମନ୍ତେ ପ୍ରତ୍ୟକ୍ଷ ଚୟନ ଓ ପରବର୍ତ୍ତୀ ପଦୋନ୍ନତି ପାଇଁ ଏକ ନିଯୁକ୍ତି ପ୍ରକ୍ରିୟା ଏବଂ ଚାକିରି ସର୍ତ୍ତାବଳୀ ଅଧିନିୟମର ସଂଯୋଜନା କରାଯିବାର ଆବଶ୍ୟକତା ହୋଇଛି। ଏକ ନିର୍ଦ୍ଦିଷ୍ଟ ନିଯୁକ୍ତି ପ୍ରକ୍ରିୟା ଓ ଚାକିରି ସର୍ତ୍ତାବଳୀ ନିୟମର ଅନୁପସ୍ଥିତିରେ ପ୍ରତ୍ୟକ୍ଷ ଚୟନ, ନିଯୁକ୍ତି ପ୍ରକ୍ରିୟା ଏବଂ ପଦୋନ୍ନତି ଭଳି କାର୍ଯ୍ୟ ସମ୍ପାଦନ ନିମନ୍ତେ ବିଭିନ୍ନ ଔପଚାରିକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିଲା। ରାଜ୍ୟର ଆର୍ଥିକ ଅନ୍ତର୍ଭୁକ୍ତୀକରଣର ବ୍ୟାପକ ପ୍ରସାର, ଆର୍ଥିକ ସ୍ୱାକ୍ଷରତା ବୃଦ୍ଧି ଲାଗି କାର୍ଯ୍ୟାନୁଷ୍ଠାନ, ନଗଦ ଅର୍ଥବିହୀନ କାରବାରକୁ ପ୍ରୋତ୍ସାହନ ଓ ହିତାଧିକାରୀଙ୍କ ଜମା ଖାତାକୁ ସେମାନଙ୍କ ପ୍ରାପ୍ୟ ଅର୍ଥ ସିଧାସଳଖ ପ୍ରେରଣ ଉପରେ ବିଶେଷ ପ୍ରାଧାନ୍ୟ ଦେବାକୁ ନିଷ୍ପତ୍ତି ହୋଇଛି। ଏଥିଲାଗି ଉପରୋକ୍ତ କାର୍ଯ୍ୟ ସମ୍ପାଦନର ଦାୟିତ୍ୱ ସ୍ୱଳ୍ପ ସଞ୍ଚୟ ବିଭାଗରେ କାର୍ଯ୍ୟରତ ଅଧିକାରୀଙ୍କୁ ଅତିରିକ୍ତ କାର୍ଯ୍ୟଭାର ପ୍ରଦାନ କରାଯାଇଛି। ଉପରୋକ୍ତ ବିଷୟବସ୍ତୁକୁ ବିଚାରକୁ ନେଇ ଓଡ଼ିଶା ସ୍ୱଳ୍ପ ସଞ୍ଚୟ ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ସେବା ଅଧିନିୟମ ୨୦୨୧ ନାମରେ ଏକ ନୂତନ କ୍ୟାଡର ଅଧିନିୟମ କରାଯାଇଛି। ଏହାଦ୍ୱାରା ଅର୍ଥ ବିଭାଗ ଅଧୀନ ଓଡ଼ିଶା ସ୍ୱଳ୍ପ ସଞ୍ଚୟ ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ସେବା ଅଧିକାରୀ କ୍ୟାଡର କାର୍ଯ୍ୟାବଳୀ ସୁବ୍ୟବସ୍ଥିତ ଢଙ୍ଗରେ ପରିଚାଳିତ ହେବା ସଙ୍ଗେସଙ୍ଗେ ବିଶେଷ ତ୍ୱରାନ୍ୱିତ ମଧ୍ୟ ହୋଇପାରିବ।

# ହାତୀ ଦାନ୍ତ ପାଇଁ ବଢୁଛି ଶିକାର

ଭୁବନେଶ୍ୱର, ୯।୨(ବ୍ୟୁରୋ)

ହାତୀ-ମଣିଷ ଲଢ଼େଇରେ ଉଭୟ ହାତୀ ଓ ମଣିଷ ବଳି ପଡୁଛନ୍ତି। ହାତୀ ପରିବେଶପ୍ରେମୀ ଓ ବନ୍ୟପ୍ରାଣୀପ୍ରେମୀଙ୍କ ସମର୍ଥନ ପାଉଥିବାବେଳେ ମଣିଷ ଦଳମତ ନିର୍ବିଶେଷରେ ରାଜନେତାଙ୍କ ସମର୍ଥନ ପାଉଛି। ନିଜ ଫସଲକୁ ରକ୍ଷା କରିବା ପାଇଁ ଲୋକଙ୍କ ଦ୍ୱାରା ବିଛାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି କିମ୍ବା ରେଳ ଧକ୍କାରେ ଯଦିଓ ହାତୀ ମରୁଛନ୍ତି, କିନ୍ତୁ ଏହାର ଆଢୁଆଳରେ ରୀତିମତ ହାତୀଦାନ୍ତର ଚୋରା କାରବାର ବଢ଼ିବାରେ ଲାଗିଛି। ଦାନ୍ତ ପାଇଁ ମଧ୍ୟ ହାତୀ ଶିକାର ବଢ଼ିଚାଲିଛି, ଯାହା ଏବେ ବନ୍ୟପ୍ରାଣୀ ବିଶେଷଜ୍ଞଙ୍କୁ ବ୍ୟଥିତ କରୁଛି।



## ଚାଲିଛି ଚୋରା କାରବାର

ଭାରତ ତଥା ଓଡ଼ିଶାରେ ଯଦିଓ ଖୋଲାଖୋଲି ଭାବେ ହାତୀଦାନ୍ତ ନିର୍ମିତ ପ୍ରସାଧନ ସାମଗ୍ରୀ, ଗହଣା ବିକ୍ରି ବା ବ୍ୟବହାର କରାଯାଉନାହିଁ, କିନ୍ତୁ ହାତୀଦାନ୍ତ ଜବତ ହେବା ଘଟଣା ଦିନକୁ ଦିନ ବଢୁଥିବା କଥା ୱାଇଲ୍ଡ ଲାଇଫ୍ ସୋସାଇଟି (ଡବ୍ଲ୍ୟୁଏସ୍‌ଓ)ର ଏକ ପରିସଂଖ୍ୟାନରୁ ଜଣାପଡ଼ିଛି। ଓଡ଼ିଶାରେ ୨୦୧୨ ମସିହାରୁ ଏପର୍ଯ୍ୟନ୍ତ ଅର୍ଥାତ୍ ଗତ ୯ ବର୍ଷରେ ପ୍ରାୟ ୧୧୬ କିଲୋଗ୍ରାମରୁ ଊର୍ଦ୍ଧ୍ୱ ଓଜନର ହାତୀଦାନ୍ତ ଜବତ ହୋଇଛି। ଏହି ମାମଲାରେ ଜଡ଼ିତ ୬୯ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏଥିମଧ୍ୟରେ ୨୦୧୨ ଓ ୨୦୧୩ରେ ଗୋଟିଏ ଲେଖାଏ, ୨୦୧୬ରେ ୩ଟି, ୨୦୧୭ରେ ୫ଟି, ୨୦୧୮ରେ ୨ଟି ଏବଂ ୨୦୨୦ରେ ୫ଟି ମାମଲା ରହିଛି। କିନ୍ତୁ ୨୦୨୧ ଜାନୁୟାରୀ ୧୪ରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ସମ୍ବଲପୁରରୁ ୧୦ କେଜି ଓଜନର ୨ଖଣ୍ଡ ହାତୀଦାନ୍ତ ଜବତ କରିଥିଲା। ସେହିପରି ଫେବୃୟାରୀ ୭ତାରିଖରେ କେନ୍ଦୁଝର ସହର ଭିତରୁ ୨ଟି ପୂର୍ଣ୍ଣ ହାତୀଦାନ୍ତ ଜବତ କରାଯାଇଛି। ଏ ସମ୍ପର୍କରେ ଡବ୍ଲ୍ୟୁଏସ୍‌ଓ ସମ୍ପାଦକ ବିଶ୍ୱଜିତ ମହାନ୍ତି କହିଛନ୍ତି, ଓଡ଼ିଶାରେ ବନ୍ୟପ୍ରାଣୀ ଏବେ ବିପଦ ମୁଖରେ। ହାତୀଦାନ୍ତ ଠାରୁ ଆରମ୍ଭ କରି ବାଘଛାଲ ଓ ବଜ୍ରକାପ୍ତା ଚାଲାଣ ଦ୍ରୁତ ଗତିରେ ବଢ଼ି ଚାଲିଛି। ବନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଯାହା କେଉଁଠି ବି ଜବତ ହେଉଛି ତାହା କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ପକ୍ଷରୁ ହେଉଛି। ଏ ସବୁ ରୋକିବାରେ ବନ ବିଭାଗ ସମ୍ପୂର୍ଣ୍ଣ ଅସଫଳ। ବିଭାଗ ଏପରି କି ମନ୍ତ୍ରୀ ମଧ୍ୟ ଏ ଦିଗରେ ଧ୍ୟାନ ଦେଉ ନାହାନ୍ତି। ଯଦି ମନ୍ତ୍ରୀ ଏ ଦିଗରେ ଦୃଷ୍ଟି ଦିଅନ୍ତେ ଏବଂ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତେ, ତେବେ କିଛି ମାତ୍ରାରେ ଏହା ରୋକାଯାଇପାରନ୍ତା।

## ହାତୀଦାନ୍ତର ବ୍ୟବହାର

ହାତୀଦାନ୍ତର ଚାହିଦା ଏବେ ନୁହେଁ, କାହିଁ କେଉଁ ରାଜାରାଜୁଡ଼ା ଅମଳରୁ ରହିଆସିଛି। ଆଗକୁ ମଧ୍ୟ ଏହାର ଚାହିଦା କମିବାର ଲକ୍ଷଣ ଦେଖାଯାଉନାହିଁ। କାରଣ ଅନେକ କାମରେ ହାତୀଦାନ୍ତର ବ୍ୟବହାର ହୋଇଥାଏ। ହାତୀଦାନ୍ତରେ ମଣିଷର ସୌନ୍ଦର୍ଯ୍ୟବର୍ଦ୍ଧକ ସାମଗ୍ରୀ, ଗହଣା ସାଙ୍ଗକୁ ଘରକରଣା ଉପକରଣ ପ୍ରଭୃତି ତିଆରି କରାଯାଏ। ଯାହାକୁ ମଣିଷ ନିଜେ ବ୍ୟବହାର କରିବା ସହ ଓ ଘର ସଜେଇବା ପାଇଁ ବ୍ୟବହାର କରିଥାଏ। ହାତୀଦାନ୍ତର ଗହଣା ବିଶେଷକରି ଆଭିଜାତ୍ୟ ବା ଧନୀକ ବର୍ଗର ଅଧିକ ପସନ୍ଦ। ହାତୀଦାନ୍ତ ନିର୍ମିତ ଚାମଚ, ସିନ୍ଦୁକ, ବ୍ରେସ୍‌ଲେଟ, ମୁଦି, ମହିଳାଙ୍କ ହେୟାର ପିନ୍, ଚୁଡ଼ି, ଶଙ୍ଖା ଇତ୍ୟାଦି ଲକ୍ଷ ଲକ୍ଷ ଟଙ୍କାରେ ବିକ୍ରି ହୋଇଥାଏ। କେବଳ ସେତିକି ନୁହେଁ ଛୁରି ବା ଖଣ୍ଡାର ମୁଠା ହେଉ ବା ନିଜ ମନ ପସନ୍ଦର ଠାକୁର କିମ୍ବା କୌଣସି ଚରିତ୍ରର ମୂର୍ତ୍ତି ପାଇଁ ମଧ୍ୟ ହାତୀଦାନ୍ତକୁ ବ୍ୟବହାର କରାଯାଇଥାଏ।

## ଆନ୍ତର୍ଜାତିକ ବଜାରରେ ଚାହିଦା

ଆନ୍ତର୍ଜାତିକ ବଜାରରେ ହାତୀଦାନ୍ତର ମୂଲ୍ୟ ସୁନା ଭଳି ଅଧିକ। ୨୦୧୯ରେ ବିଶ୍ୱରେ ସବୁଠାରୁ ଅଧିକ ହାତୀଦାନ୍ତ ବ୍ୟବହାର କରୁଥିବା ଏକ ନମ୍ବର ଦେଶ ଥିଲା ଚାଇନା। ଏହା ପଛକୁ ପଛ ଥିଲେ ଜାପାନ, ଥାଇଲାଣ୍ଡ ଏବଂ ଯୁକ୍ତରାଷ୍ଟ୍ର ଆମେରିକା। ତେବେ ହାତୀଦାନ୍ତ ପାଇଁ ମୁଖ୍ୟତଃ ଆଫ୍ରିକୀୟ ଏବଂ ଏସୀୟ ଦେଶରେ ହାତୀ ଶିକାର କରାଯାଇଥାଏ। ଭାରତରୁ ବଜ୍ରକାପ୍ତା ଏବଂ ବାଘଛାଲ ଯେଉଁ ପଥ ଦେଇ ବିଦେଶକୁ ଚୋରାରେ ରପ୍ତାନି ହୁଏ, ସେହି ବାଟ ଦେଇ ମଧ୍ୟ ହାତୀଦାନ୍ତ ବିଦେଶକୁ ଚାଲାଣ କରାଯାଇଥାଏ ଏବଂ ସେହି ଏକା ର୍ୟାକେଟ ମାଧ୍ୟମରେ ଏହା ହୋଇଥାଏ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି।

ରିପୋର୍ଟ- ଅସମାପିକା ସାହୁ

# ଗଙ୍ଗାଧର ଉଠା ଜଳସେଚନ ପ୍ରକଳ୍ପ ଟେଣ୍ଡରକୁ ଅନୁମୋଦନ

ଭୁବନେଶ୍ୱର, ୯।୨(ବ୍ୟୁରୋ)

ହୀରାକୁଦ ଡ୍ୟାମ୍‌ର ବିସ୍ତୃତ ପ୍ରକଳ୍ପ ରିପୋର୍ଟରେ ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପ ପାଇଁ ଆବଶ୍ୟକ ହେଉଥିବା ଜଳ ବରଗଡ ମୁଖ୍ୟ କେନାଲର ଆର୍‌ଡି ୩୪.୧୦ କି.ମି.ରୁ ଉତ୍ତୋଳନ ପାଇଁ ପ୍ରାବଧାନ କରାଯାଇଥିଲା। ପ୍ରକଳ୍ପ ରିପୋର୍ଟରେ ଥିବା ପ୍ରାବଧାନକୁ କାର୍ଯ୍ୟକାରୀ କରିବାକୁ ହେଲେ ବରଗଡ ମୁଖ୍ୟ କେନାଲ ଆର୍‌ଡି ୩୪.୧୦ କି.ମି. ପର୍ଯ୍ୟନ୍ତ ଲାଇନିଂ କରିବା ସହିତ ତତ୍‌ସଂଲଗ୍ନ ଷ୍ଟ୍ରକ୍ଚରଗୁଡିକର ସମ୍ପ୍ରସାରଣ ଏବଂ ମରାମତି ଆବଶ୍ୟକ। ଏହି କାର୍ଯ୍ୟ କରିବା ପାଇଁ ବରଗଡ ମୁଖ୍ୟ କେନାଲକୁ ଅନ୍ୟୁନ ୨ ବର୍ଷ ବନ୍ଦ କରିବାକୁ ହେବ। ବରଗଡ ମୁଖ୍ୟ କେନାଲ ବନ୍ଦ ହେଲେ ଜଳସେଚନ ବାଧାପ୍ରାପ୍ତ ହେବ ଏବଂ କେନାଲ ଉପରେ ନିର୍ଭର କରୁଥିବା ଚାଷୀମାନେ ଅସନ୍ତୋଷ ହେବେ ବୋଲି ଆଶଙ୍କା କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଏକ ବିକଳ୍ପ ପ୍ରସ୍ତାବ ଯଥା ବରଗଡ ମୁଖ୍ୟ କେନାଲ ହେଡ୍ ରେଗୁଲେଟଠାରୁ ସିଧାସଳଖ ୩୪.୧୦ କି.ମି. ପର୍ଯ୍ୟନ୍ତ ପାଇପ ବିଛାଇ ଜଳ ଉତ୍ତୋଳନ କରି ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପ ଲାଗି ଆବଶ୍ୟକ ଜଳ ଯୋଗାଇ ଦେବା ପାଇଁ ପରିକଳ୍ପନା କରାଯାଇ ଏହି କାର୍ଯ୍ୟ କରିବାକୁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏହି ଟେଣ୍ଡର ପ୍ରକ୍ରିୟାରେ ୪ ଜଣ ଏଜେନ୍ସି ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ ଏକ କମ୍ପାନୀ ୩୪୦ କୋଟି ୩୬ ଲକ୍ଷ ଟଙ୍କା ବିନିମୟରେ ଏହି କାର୍ଯ୍ୟ କରିବାକୁ ଆବେଦନ କରି ସର୍ବନିମ୍ନ ବିଡ୍‌ର ଭାବେ ପରିଗଣିତ ହୋଇଛନ୍ତି। ରାଜ୍ୟ କ୍ୟାବିନେଟ୍ ଏହି ପ୍ରକଳ୍ପର ଟେଣ୍ଡରକୁ ଅନୁମୋଦନ କରିଛି। ଏହି ପ୍ରକଳ୍ପ କାମ ୩୦ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବା ଲାଗି ଲକ୍ଷ୍ୟଧାର୍ଯ୍ୟ ହୋଇଛି।

**ଜିଓଲୋଜିକାଲ କ୍ୟାଡର ପୁନର୍ଗଠନ**

ଜନସଂଖ୍ୟା ବୃଦ୍ଧି ଯୋଗୁ ଗତ କିଛି ବର୍ଷ ହେବ ଭୂତଳ ଜଳ ବ୍ୟବହାର ବହୁଗୁଣିତ ଭାବେ ବୃଦ୍ଧି ପାଇଛି। ଭୂତଳ ଜଳର ଅନୁସନ୍ଧାନ, ମନିଟରିଂ ଏବଂ ସମନ୍ୱିତ ପରିଚାଳନା ପାଇଁ ଉନ୍ନତ ବୈଜ୍ଞାନିକ କୌଶଳର ପ୍ରୟୋଗ ମାଧ୍ୟମରେ ଏହାର ସମାଧାନ କରିବା ପାଇଁ ରାଜ୍ୟ ସରକାର ୨୦୧୮ ନଭେମ୍ବର ୨ ତାରିଖରେ ଭୂତଳ ନିର୍ଦ୍ଦେଶାଳୟ ଅଧୀନରେ ଥିବା ଜିଓଲୋଜିକାଲ କ୍ୟାଡ୍‌ରକୁ ପୁନର୍ଗଠନ କରିଛନ୍ତି।

# ଆଜିଠୁ ପିଜି ପ୍ରଥମ, ୟୁଜି ଦ୍ୱିତୀୟ ବର୍ଷ ପାଠପଢ଼ା

ଭୁବନେଶ୍ୱର, ୯।୨(ବ୍ୟୁରୋ)

ରାଜ୍ୟରେ ବୁଧବାରଠାରୁ ପିଜି ପ୍ରଥମ ବର୍ଷ ଏବଂ ୟୁଜି ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଆରମ୍ଭ ହେବ। ପିଜିର ପ୍ରଥମ ସେମିଷ୍ଟର ପରୀକ୍ଷା ଜୁନ ୭ରୁ ୧୯ ତାରିଖ ମଧ୍ୟରେ ହେବ। ଜୁଲାଇ ୨୦ ସୁଦ୍ଧା ପିଜି ପ୍ରଥମ ସେମିଷ୍ଟର ପରୀକ୍ଷାଫଳ ପ୍ରକାଶ ପାଇବ। ସେହିପରି ୟୁଜି କୋର୍ସର ତୃତୀୟ ଓ ପଞ୍ଚମ ସେମିଷ୍ଟର ପରୀକ୍ଷା ଏପ୍ରିଲ ୧୯ରୁ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ମେ' ୩୧ରେ ପରୀକ୍ଷାଫଳ ପ୍ରକାଶ ପାଇବ। ଅନ୍ୟପକ୍ଷରେ କ୍ଲାସ୍ ଆରମ୍ଭ ହେବାକୁ ଥିବାରୁ ୮ତାରିଖରୁ କଲେଜ ଓ ବିଶ୍ୱବିଦ୍ୟାଳୟର ହଷ୍ଟେଲଗୁଡ଼ିକ ଖୋଲାଯାଇଛି। ଶ୍ରେଣୀଗୃହରେ କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ପାଠପଢ଼ା ହେବ। ମାସ୍କ ବାଧ୍ୟତାମୂଳକ କରାଯିବା ସହ ଶ୍ରେଣୀଗୃହ, ଲାଇବ୍ରେରି ଓ ପରୀକ୍ଷାଗାରରେ ୬ ଫୁଟର ସାମାଜିକ ଦୂରତା ରଖାଯିବ ବୋଲି ବିଭାଗ ପକ୍ଷରୁ କୁହଯାଇଛି। ଏନେଇ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି ଯେ, କୋଭିଡ୍ ଗାଇଡ୍‌ଲାଇନ ପାଳନ କରି ଆମର ପର୍ଯ୍ୟାୟକ୍ରମେ ବିଭିନ୍ନ ବର୍ଷର ଛାତ୍ରୀଛାତ୍ରଙ୍କ ପାଠପଢ଼ା ଆରମ୍ଭ ହେଉଛି। ପିଲାମାନେ ମଧ୍ୟ ହଷ୍ଟେଲରେ ଆସି ରହିଲେଣି। ତେବେ ଆମେ ଗୋଟେ କଥା ଅନୁମାନ କରୁଛୁ ଯେ, ଛାତ୍ରୀଛାତ୍ରଙ୍କ ଭିତରେ ପ୍ରବଳ ଉତ୍ସାହ ରହିଛି। କଲେଜ ଖୋଲିବା ଫଳରେ ସେମାନେ ସିଧାସଳଖ ଶିକ୍ଷା ପାଇପାରିବେ। ପିଲାମାନେ ହଷ୍ଟେଲରେ ଯେପରି ସୁସ୍ଥ ରହିବେ, କ୍ଲାସ୍‌ରେ ସାମାଜିକ ଦୂରତା ବଜାୟ ରଖିବା ସହିତ ଅନ୍ୟ କୋଭିଡ୍ ଗାଇଡ୍‌ଲାଇନ ପାଳନ କରିବେ ସେନେଇ ସମସ୍ତ କଲେଜ ଅଧ୍ୟକ୍ଷ ଏବଂ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ କୁହାଯାଇଛି। ଅଧ୍ୟାପକମାନେ କ୍ଲାସ୍ କରିବା ପାଇଁ ପ୍ରସ୍ତୁତ ଅଛନ୍ତି। ବହୁଦିନ ପରେ କ୍ଲାସ୍ ହେଉଥିବାରୁ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି।

## ଟୁଇଟରରେ ସବୁଠୁ ଲୋକପ୍ରିୟ ତାଲିକାରେ ଓବାମା, ମୋଦିଙ୍କ ସହ ରିହାନା

ନୂଆଦିଲ୍ଲୀ, ୯।୨



ଭାରତର ଚାଷୀ ଆନ୍ଦୋଳନକୁ ନେଇ ଫେବୃୟାରୀ ୨ରେ ଟୁଇଟ୍ କରିଥିବା ଅନ୍ତର୍ଜାତୀୟ ପପ୍ ଷ୍ଟାର ରିହାନା ଏବେ ଟୁଇଟରରେ ଅନ୍ୟତମ ସର୍ବାଧିକ ଲୋକପ୍ରିୟ। ତାଙ୍କ ଟୁଇଟ୍‌କୁ ରାତାରାତି ୪ ଲକ୍ଷରୁ ଅଧିକ ଥର ଲାଇକ୍ ହେବା ସହ ଦୁଇ ଲକ୍ଷ ଥର ରିଟୁଇଟ୍ କରାଯାଇଥିଲା। ବିଶ୍ୱବ୍ୟାପୀ ଟୁଇଟରରେ ସର୍ବାଧିକ ଫଲୋ ସେଲିବ୍ରିଟିଙ୍କ ମଧ୍ୟରେ ତାଙ୍କୁ ଚତୁର୍ଥ ସ୍ଥାନ ମିଳିଛି। ତାଲିକାର ଶୀର୍ଷରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମା ରହିଛନ୍ତି। ୧୨.୯ କୋଟି ଲୋକ ତାଙ୍କୁ ଟୁଇଟରରେ ଫଲୋ କରୁଛନ୍ତି। ଗାୟିକା ଜଷ୍ଟିନ୍ ବାଇବର ଏବଂ କେଟି ପେରି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଏହି ତାଲିକାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦ୍ୱାଦଶ ସ୍ଥାନରେ ରହିଛନ୍ତି।

# ଓଡ଼ିଶାକୁ ମିଳିବ ଅନ୍ତର୍ଜାତୀୟ ପୁରସ୍କାର

ଭୁବନେଶ୍ୱର, ୯।୨(ବ୍ୟୁରୋ)

ସହରାଞ୍ଚଳରେ କର୍ମନିଯୁକ୍ତି ଏବଂ ମଳ ପରିଚାଳନା ପାଇଁ ରାଜ୍ୟ ସରକାର ଗ୍ରହଣ କରିଥିବା ଅଭିନବ ପଦକ୍ଷେପ ନିମନ୍ତେ ଅନ୍ତର୍ଜାତୀୟ ପୁରସ୍କାର ଲାଗି ତାଲିକାଭୁକ୍ତ ହୋଇଛନ୍ତି । ଦେଶର ଏକମାତ୍ର ରାଜ୍ୟଭାବେ ଓଡ଼ିଶା ଏହି ତାଲିକାର ପ୍ରଥମ ୧୫ ସ୍ଥାନରେ ରହିଛି। ତାଲିକାରେ ଥିବା ସମସ୍ତ ୧୫ ରାଜ୍ୟ ମେଡାଲ ପାଇବାକୁ ଥିବାବେଳେ ଅନ୍ୟ ୩୦ଟିକୁ ସାର୍ଟିଫିକେଟ ପ୍ରଦାନ କରାଯିବ । ସହରାଞ୍ଚଳରେ ଓଡ଼ିଶା ସରକାର ଗ୍ରହଣ କରିଥିବା ୨ଟି ପଦକ୍ଷେପ ରାଜ୍ୟକୁ ଏହି ଆନ୍ତର୍ଜାତିକ ପୁରସ୍କାର ଆଣିଦେଇଛି । ସହରାଞ୍ଚଳ ମଜୁରିଭିତ୍ତିକ ନିଯୁକ୍ତି ପଦକ୍ଷେପ (ୟୁଡବ୍ଲ୍ୟୁଇଆଇ) ରାଜ୍ୟର ୧୧୪ଟି ପୌରସଂସ୍ଥାରେ କାର୍ଯ୍ୟକାରୀ ହେଉଥିବା ବେଳେ ବ୍ରହ୍ମପୁର ମହାନଗର ନିଗମକୁ ମଳ ପରିଚାଳନା(ଏଫ୍‌ଏସ୍‌ଏସ୍‌ଏମ୍) ପାଇଁ ସମ୍ମାନଜନକ ୨୦୨୦ ଗୁଆଙ୍ଗଝୋଉ ଆନ୍ତର୍ଜାତିକ ପୁରସ୍କାର ମିଳିବ। ଏହାବାଦ୍ ଓଡ଼ିଶା ସରକାରଙ୍କ ଅନ୍ୟତମ ପଦକ୍ଷେପ ଭାବେ ଜନସାଧାରଣଙ୍କ ପାଇଁ ସହରାଞ୍ଚଳରେ ବିଶୁଦ୍ଧ ପାନୀୟଜଳ ଯୋଗାଣ କାର୍ଯ୍ୟକ୍ରମ ରହିଛି । ଏହି କ୍ରମରେ ପୁରୀରେ କାର୍ଯ୍ୟକାରୀ ହେଉଥିବା 'ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ମିଶନ' 'ଡିଜର୍ଭିଂ ଇଣ୍ଟରଭେନଶନ' ବର୍ଗରେ ସର୍ବୋଚ୍ଚ ୩୦ଟି ତାଲିକାରେ ସ୍ଥାନ ପାଇଛି । ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଏଭଳି ପୁରସ୍କାର ପାଇଁ ବିଭାଗୀୟ ଅଧିକାରୀଙ୍କୁ ସେମାନଙ୍କ କଠିନ ପରିଶ୍ରମ ଓ ଉତ୍ସର୍ଗୀକୃତ ସେବା ଲାଗି ଅଭିନନ୍ଦନ ଜଣାଇଛନ୍ତି। ୨୦୨୦ ଗୁଆଙ୍ଗଝୋଉ ପୁରସ୍କାର ପାଇଁ ସାମାଜିକ, ଆର୍ଥିକ ଏବଂ ଦୀର୍ଘସ୍ଥାୟୀ ପରିବେଶ ଉପରେ ବିଶ୍ୱର ୬୦ ଦେଶରୁ ୧୭୫ ସହରରୁ ୨୭୨ଟି ଆବେଦନ ପତ୍ର ଦାଖଲ କରାଯାଇଥିଲା। ଏହି ପୁରସ୍କାର ଗୁଆଙ୍ଗଝୋଉ ସହର ଏବଂ ବିଭିନ୍ନ ସ୍ଥାନୀୟ ଆଞ୍ଚଳିକ ଏବଂ ମେଟ୍ରୋପଲିଟାନ ସହର ନେଟ୍‌ୱାର୍କକୁ ନେଇ ମିଳିତ ଭାବେ ପ୍ରଦାନ କରାଯାଉଛି।

**ସହରାଞ୍ଚଳ କର୍ମନିଯୁକ୍ତି, ମଳ ପରିଚାଳନାରେ ସଫଳତା**

# ୫୦୪ ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ପାଇଁ ବିଜ୍ଞପ୍ତି

ଭୁବନେଶ୍ୱର, ୯।୨(ବ୍ୟୁରୋ)

ରାଜ୍ୟରେ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ବିଶ୍ୱବିଦ୍ୟାଳୟରେ ୫୦୪ ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ପାଇଁ ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ବିଜ୍ଞପ୍ତି ପ୍ରକାଶ କରିଛି। ଇଚ୍ଛୁକ ପ୍ରାର୍ଥୀମାନେ ଓପିଏସ୍‌ସିର ୱେବ୍‌ସାଇଟ୍ www.opsc.gov.inରେ ଅନ୍‌ଲାଇନ୍ ମାଧ୍ୟମରେ ଅବେଦନ କରିପାରିବେ। ଫେବୃୟାରୀ ୧୫ରୁ ମାର୍ଚ୍ଚ ୧୪ତାରିଖ ମଧ୍ୟରେ ପ୍ରାର୍ଥୀମାନେ ଆବେଦନ କରିପାରିବେ। ଆବେଦନ ଫି' ମାର୍ଚ୍ଚ ୧୪ତାରିଖ ରାତି ୧୧ଟା ୫୦ ମିନିଟ୍ ଭିତରେ ଦାଖଲ କରିବାକୁ ପଡ଼ିବ। ପ୍ରାର୍ଥୀମାନେ ମାର୍ଚ୍ଚ ୨୨ତାରିଖ ରାତି ୧୧ଟା ୫୯ ପର୍ଯ୍ୟନ୍ତ ବିଭିନ୍ନ ବିଶ୍ୱବିଦ୍ୟାଳୟରେ ବିଷୟଭିତ୍ତିକ ଖାଲି ପଦବୀ ପାଇଁ ଅନ୍‌ଲାଇନ୍ ଆବେଦନ କରିପାରିବେ। ଉଲ୍ଲେଖଯୋଗ୍ୟ, ୫୦୪ ପଦବୀ ମଧ୍ୟରୁ ୧୪୮ଟି ମହିଳାଙ୍କ ପାଇଁ ସଂରକ୍ଷଣ ରହିଛି।


MAHESWARI NURSING COLLEGE
MNC
Approved by : Health & Family Welfare Deptt. & DMET, Govt. of Odisha
ADMISSION OPEN 2020-21
COURSE
B.SC. NURSING (Male / Female) 4 Years Course
ELIGIBILITY: +2 Science Passed with PCB from CHSE Odisha / CBSE / ICSE (45% Gen. & 40% SC/ST)
AGE LIMIT: 17 Years to 30 Years
ANM (HW/F) (Female) 2 Years Course
ELIGIBILITY: +2 Passed any Stream (40% Gen. & 35% SC/ST)
AGE LIMIT: 17 Years to 30 Years
Address: Infront of Vishal Mega Mart, Bhatli Chowk, Bargarh
Mob- 9437158472, 9937693555, 9438015943
Email-nlcattabira@gmail.com website : www.maheswarigroup.in

ଧରିତ୍ରୀ DHARITRI
ଆବଶ୍ୟକ କରୁଛି
ଖବରଦାତା
• ପ୍ରାର୍ଥୀଙ୍କର ସମ୍ପୃକ୍ତ କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ।
• ପ୍ରାର୍ଥୀ ରାଜ୍ୟର ଯେକୌଣସି ଜିଲାରେ କାର୍ଯ୍ୟ କରିବା ପାଇଁ ଇଚ୍ଛୁକ ଥିବେ।
ଅଭିଜ୍ଞତା ଓ ଦକ୍ଷତା ଅନୁଯାୟୀ ଦରମା ଧାର୍ଯ୍ୟ ହେବ।
ନିଯୁକ୍ତି ସ୍ଥାନ: ଭୁବନେଶ୍ୱର
Apply immediately to
Email: recruitment@dharitri.com

JOBS IN AIRPORT
(PERMANENT JOB) ରେ ଡାଇରେକ୍ଟ ଭର୍ତ୍ତି
Air Hostess, Ground Staffs, Supervisors, Checkers, Loaders, Drivers, Guards & Helpers
Quali : ୨।୦ ପଢ଼ିଥିବା + Graduate
Salary : 25000/- to 75000 + Bonus + Cab (ରହିବା + ଖାଇବା Free)
09910516680, 08800571120

ବ୍ଲକସ୍ତରୀୟ ନିଯୁକ୍ତି
ନିଜ ପଞ୍ଚାୟତ ଏବଂ ବ୍ଲକରେ କାମକରିବା ପାଇଁ 7th to 10th, +2, +3, ITI Diploma Candidate ଆବଶ୍ୟକ।
ଦରମା - 7,000/- ରୁ 42,000/-
7894509327

WANTED
PEON-CUM-WATCHMAN FOR OUR OFFICE AT JAGATPUR
Contact: 7381075901, 9437021279

LEPRA SOCIETY requires Programme Manager and One Female ORW for Target Intervention (IDU) Project, Bhubaneswar. Master in Social Science for PM & 8th Standard for ORW (2 Yrs. of experience). Salary Rs.15,000/- for PM and Rs.7,500/- for ORW. Apply to hrd@leprahealthinaction.in within 7 days. For detail visit www.leprasociety.org.

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER CUM DISTRICT MISSION DIRECTOR, NHM, BARGARH
Advt. No.1195/DPMU/NHM, Bargarh Date: 08.02.21
WALK-IN-INTERVIEW FOR IN-HOUSE REPOSITIONING
Walk in interview will be conducted for the contractual employees currently working under NHM in the same position of OSH & FW society in other district, desiring to be posted in BARGARH District against the vacant post mentioned below.

| Sl. No. | Name of the Post | Vacancy |
|---|---|---|
| 1 | Block Data Manager | 1 No. |

Interested In-house candidates of NHM may login www.bargarh.nic.in for details terms and conditions & application form etc. The eligible candidates may attend at Office of the Chief District Medical & Public Health Officer, Bargarh on dt.17.02.2021 from 10.30 A.M. to 12.00 P.M. along with the required documents. No candidates will be allowed beyond the schedule time. The undersigned reserves the right to cancel/reject any or all the applications without assigning any reason thereof.
Sd./- Chief District Medical & PHO cum DMD Bargarh

THE KOSALA SCHOOL, Estd-1979
English Medium Residential Public School, At-Nuakhairpali
P.O.-Larasara, Via-Attabira, Dist.- Bargarh, Pin-768027, Mob-7682032632
Email-thekosalaschool1979@gmail.com, Website-www.thekosalaschool.in
REQUIRES THE FOLLOWING TEACHING & NON TEACHING STAFF

| Sl. No. | Grade | Subject | Qualification | Salary |
|---|---|---|---|---|
| 1 | TGT | English/ Physics/ Chemistry/ Biology/ Mathematics/ Odia/ Hindi/ Social Science/ Odia | M.A./B.A./B.Sc., B.Ed./ Kobid/Ratna, OTET/ CTET | Salary will be paid on par with the state Govt. Sikshya Sahayak. (Salary is not a constraint for deserving candidates) |
| 2 | PRT | English/Mathematics/Science/ Social Science/Hindi/ Odia | B.A./B.Sc., NTT, Kobid, CT/B.Ed., OTET/CTET | |
| 3 | Hostel Warden (Male & Female), Age-35 to 40 yrs. | | +2/B.A. | |
| 4 | PET (Male & Female | | C.P.Ed./B.P.Ed., OSSTET | |

● Candidates having teaching experience in English Medium Schools, good Spoken English, Computer knowledge and not crossed 45 years of age will be preferred.
● Couples will be given preferencce and provided with rent free accommodation.
● Selected candidates shall have to stay inside the Hostel campus on free of rent. Selected temporary teachers will get free boarding and lodging.
● Photo copies of all Certificates, Marksheets, Aadhaar Card, filled up Boidata Form with recent passport size photo & Mobile Number should reach the undersigned in the above address latest by 25th February 2021.
● Original Certificates to be produced at the time of interview for verification.
● No TA/DA will be given for attending the interview.
● For any clarification candidates may call to the phone No. (given above) from 10.00 A.M. to 2.00 P.M.
Sd./- (Director cum Principal)

ମାତଃ ଦୁର୍ଗେ ! ସ୍ୱାର୍ଥ, ଭୟ, କ୍ଷୁଦ୍ରାଶୟତାରେ ମ୍ରିୟମାଣ ଭାରତ। ଆତ୍ମମାନଙ୍କୁ ମହତ୍ କର। ମହତ୍ ପ୍ରୟାସୀ କର। ଉଦାରଚେତା କର। ସତ୍ୟ ସଙ୍କଳ୍ପ କର – ଯେପରି ଆଉ ଅଳ୍ପାଶୀ, ନିଶ୍ଚେଷ୍ଟ, ଅଳସ ଭୟଭୀତ ନ ହେଉ। –ଶ୍ରୀଅରବିନ୍ଦ



# ବିପଦରେ ହିମାଳୟ

ଉତ୍ତରାଖଣ୍ଡର ୨୦୧୩ କେଦାରନାଥ ବିପର୍ଯ୍ୟୟ ପରେ ଏବେ ନନ୍ଦାଦେବୀ ପର୍ବତର ହିମସ୍ଖଳନ ଆମକୁ ଚେତାଇ ଦେଇଛି ଯେ ହିମାଳୟ ପରିବେଶଜନିତ ସଙ୍କଟ ଭିତରକୁ ଠେଲି ହୋଇଯାଉଛି। ବିରାଟ ହିମଖଣ୍ଡ ଧସି ଚାମୋଲି ଜିଲାର ଋଷିଗଙ୍ଗା ଓ ଧଉଳିଗଙ୍ଗାରେ ଯେଉଁଭଳି ବିପ୍ଳାତ ଆଣିଲା ତାହାର ମୁଖ୍ୟ କାରଣ ହେଉଛି ଜଳବାୟୁ ପରିବର୍ତ୍ତନ। ଏଥିରେ ୩୧ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଆହୁରି ଅନେକ ଏ ପର୍ଯ୍ୟନ୍ତ ନିଖୋଜ ଅଛନ୍ତି। ସେଠାରେ କାର୍ଯ୍ୟରତ ତପୋବନ ଜଳବିଦ୍ୟୁତ୍ ପ୍ରକଳ୍ପ ସମ୍ପୂର୍ଣ୍ଣ ଭାବେ ମାଟିରେ ମିଶିଯାଇଛି। ହିମାଳୟ ପର୍ବତାଞ୍ଚଳରେ ଜଳବିଦ୍ୟୁତ ଉତ୍ପାଦନ ଲକ୍ଷ୍ୟରେ ଡ୍ୟାମ ନିର୍ମାଣ ପାଇଁ ଭାରତ ସରକାର ବିପୁଳ ଅର୍ଥ ଲଗାଇଛନ୍ତି। ଏଭଳି ବିପର୍ଯ୍ୟୟ ସମୟ ବ୍ୟବଧାନରେ ଲାଗି ରହିବାର କାରଣ କେହି ବୁଝିବାକୁ ଚେଷ୍ଟା କରୁନାହାନ୍ତି। କେବଳ ବିକାଶ ନାମରେ ସବୁ ପ୍ରାକୃତିକ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ ଯେଉଁ ଚେଷ୍ଟା କରାଯାଉଛି, ତାହାର କୁପ୍ରଭାବ ସମ୍ପର୍କରେ ଗବେଷଣା କରାଯାଉଥିଲେ ମଧ୍ୟ ସରକାରୀ ଏବଂ ବ୍ୟବସାୟିକ ସ୍ୱାର୍ଥ ଅଧିକ ଶକ୍ତିଶାଳୀ ହୋଇପଡୁଛି। ଏକ ସୂଚନା ଅଧିକାର ଆଇନ ବଳରେ ମିଳିଥିବା ଉତ୍ତରରୁ ଜଣାପଡିଛି ଯେ, କେବଳ ଉତ୍ତରାଖଣ୍ଡରେ ୫୫୦ଟି ମଧ୍ୟମ ଓ ବଡ଼ ଡ୍ୟାମ ଗଢ଼ିବାର ଯୋଜନା ରହିଛି। ତନ୍ମଧ୍ୟରୁ ହାରାହାରି ୩୦୦ଟି ପ୍ରକଳ୍ପର କାର୍ଯ୍ୟ ଏବେ ଲାଗି ରହିଛି। ଏହିସବୁ ପ୍ରକଳ୍ପ ନିର୍ମାଣ ପାଇଁ ଅନେକ ପାହାଡ଼କୁ ଡାଇନାମାଇଟ ଲଗାଇ ଭାଙ୍ଗିବା ସହିତ ଅନେକ ଲକ୍ଷ ଗଛ ମଧ୍ୟ କଟାଯାଉଛି। ହିମାଳୟ ଅଞ୍ଚଳ ଜୈବବିବିଧତାପୂର୍ଣ୍ଣ ଅଞ୍ଚଳ। ଏଭଳି ପ୍ରକଳ୍ପ ଯୋଗୁ ପରିବେଶ ଧ୍ୱଂସ ହେବା ସହିତ ସ୍ଥାନୀୟ ଗ୍ରାମବାସୀଙ୍କ ଜୀବିକା ମଧ୍ୟ ନଷ୍ଟ ହୋଇଯାଉଛି। ଏହା ବ୍ୟତୀତ ହିମାଳୟ ଅଞ୍ଚଳ ଭୂମିକମ୍ପପ୍ରବଣ ଅଞ୍ଚଳ ଭାବେ ଜଣାଶୁଣା। ଯେତେବେଳେ ବିରାଟକାୟ ପାହାଡକୁ ଭାଙ୍ଗି ଶହ ଶହ ଜଳଭଣ୍ଡାର ସୃଷ୍ଟି କରିବା ପାଇଁ ଡାଇନାମାଇଟ ଫୁଟୁଛି ତାହାର ପ୍ରଭାବ କେବଳ ସେହି ଅଞ୍ଚଳରେ ସୀମିତ ରହୁନାହିଁ। ଆଗାମୀ ଦଶନ୍ଧି ମଧ୍ୟରେ ଭାରତ ସରକାରଙ୍କ ଦ୍ୱାରା ଯେଉଁସବୁ ଜଳବିଦ୍ୟୁତ୍ ପ୍ରକଳ୍ପର ଯୋଜନା ରହିଛି ତାହା କାର୍ଯ୍ୟକାରୀ ହେଲେ ଭାରତ ଅଧୀନରେ ଥିବା ହିମାଳୟ ଅଞ୍ଚଳରେ ପ୍ରତ୍ୟେକ ୩୨ କିଲୋମିଟରରେ ଗୋଟିଏ ଡ୍ୟାମ୍ ରହିବ। ତାହାହେଲେ ଏହି ଅଞ୍ଚଳ ବିଶ୍ୱର ସର୍ବାଧିକ ଜଳବିଦ୍ୟୁତ ପ୍ରକଳ୍ପ ଅଞ୍ଚଳ ହୋଇଯିବ। ବିଶ୍ୱତାପନ ଓ ପରିବେଶ ସନ୍ତୁଳନ ପ୍ରତି ଧ୍ୟାନ ଦିଆ ନ ଗଲେ ଡ୍ୟାମ୍ ନିର୍ମାଣର ସବୁ ଯୋଜନା ଯେ ଧରାଶାୟୀ ହୋଇଯିବ ଏଥିରେ କୌଣସି ସନ୍ଦେହ ନାହିଁ।

ଶକ୍ତି ଚାହିଦା ମେଣ୍ଟାଇବା ଲାଗି ଡ୍ୟାମ୍ ନିର୍ମାଣ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି, ଅପରପକ୍ଷେ ଏହା ପରିବେଶକୁ ନଷ୍ଟ କରୁଛି। ଡ୍ୟାମ୍ ନିର୍ମାଣ ଯୋଜନାରେ ୬୬୦ ବର୍ଗ ମାଇଲ ଜଙ୍ଗଲ ହିମାଳୟରୁ ନଷ୍ଟ ହେବ ବୋଲି ଆକଳନ କରାଯାଇଛି। ଜଣାପଡିଛି ଯେ, ଡ୍ୟାମ୍ ତଥା ପ୍ରତିରକ୍ଷା ଲାଗି ହିମାଳୟ ପର୍ବତାଞ୍ଚଳରେ ବିଭିନ୍ନ ଦେଶ ୧୯୬୦ରୁ ୧୯୮୦ ମଧ୍ୟରେ ୬,୨୦୦ ମାଇଲ ରାସ୍ତା ନିର୍ମାଣ କରିସାରିଛନ୍ତି ଓ ଏବେ ଏହା ପ୍ରତିଯୋଗିତାମୁଖୀ ହେବା ଲକ୍ଷ୍ୟ କରାଯାଉଛି। ଯଦି ବିଶ୍ୱତାପନର କାରଣ ପାଲଟୁଥିବା ଜୈବଇନ୍ଧନର ବ୍ୟବହାର ସହ ଅନ୍ୟ କାରଣଗୁଡ଼ିକୁ ନିୟନ୍ତ୍ରଣ କରା ନ ଯାଏ, ତେବେ ଯେଉଁ ବେଗରେ ଗ୍ଲେସିୟର ତରଳୁଛି ତାହା ଆଗକୁ ୧.୬ ଗୁଣ ବଢ଼ିଯିବ। ଏହାଦ୍ୱାରା ଗ୍ଲେସିୟର ଲେକ୍ ସୃଷ୍ଟି ହେବ ଓ ସମୟକ୍ରମେ ତାହା ଧସି ଅପ୍ରତ୍ୟାଶିତ ଭାବେ ବନ୍ୟା ବିପ୍ଳାତ ଆଣିବ, ଯାହା ଘଟିଲା ଉତ୍ତରାଖଣ୍ଡରେ। ଇଣ୍ଟରନ୍ୟାଶନାଲ ସେଣ୍ଟର ଫର୍ ଇଣ୍ଟିଗ୍ରେଟେଡ ମାଉଣ୍ଟେନ ଡେଭଲପ୍‌ମେଣ୍ଟ ଆକଳନ ଅନୁଯାୟୀ ୨୦୩୫ ସୁଦ୍ଧା ହିମାଳୟର ବହୁ ଗ୍ଲେସିୟର ବରଫଶୂନ୍ୟ ହେବା ସହ ଏହି ଶତାବ୍ଦୀ ମଧ୍ୟରେ ହିମାଳୟ ବି ଗ୍ଲେସିୟର ଶୂନ୍ୟ ହୋଇଯିବ। ମେରୁ ଅଞ୍ଚଳ ଏବଂ ଆର୍ଣ୍ଟାର୍କଟିକା ପରେ ଅଧିକ ବରଫ ଜମା ହୋଇଛି ହିମାଳୟରେ। ଦୀର୍ଘ ୪୦ ବର୍ଷର ସାଟେଲାଇଟ୍ ଛବିର ଅନୁଧ୍ୟାନ କରି ସାଇନ୍ସ ଆଡଭାନ୍ସେସ୍ ନାମକ ପତ୍ରିକାରେ ବାହାରିଥିବା ତଥ୍ୟ ଅନୁଯାୟୀ ହିମାଳୟର ଗ୍ଲେସିୟର ପ୍ରତ୍ୟେକ ବର୍ଷ ଦେଢ଼ଫୁଟ ବରଫ ହରାଉଛି। ଅଧିକ ଗ୍ଲେସିୟର ଲେକ୍ ବା ହ୍ରଦ ବି ସୃଷ୍ଟି ହୋଇଛି। ଇଣ୍ଟରନ୍ୟାଶନାଲ ରିଭର୍ସ ନେଟୱର୍କ ନାମକ ଏକ ଅନ୍ତର୍ଜାତୀୟ ସଂଗଠନର କହିବା ଅନୁଯାୟୀ ହିମାଳୟ ଅଞ୍ଚଳରେ ଶତାଧିକ ଡ୍ୟାମ୍ ନିର୍ମାଣ କରାଯାଉଛି। ଏହି କାର୍ଯ୍ୟ ମୁଖ୍ୟତଃ ଭାରତ, ନେପାଳ, ପାକିସ୍ତାନ ଏବଂ ଭୁଟାନ ଦ୍ୱାରା କରାଯାଉଥିବାରୁ ତାହାର ଉଚିତ ଅନୁଧ୍ୟାନ କରାଯାଉନାହିଁ। ଏ ସବୁର ମୁଖ୍ୟ କାରଣ ହେଉଛି, ଏହି ୪ଟି ଦେଶର ସରକାରଙ୍କ ପାଇଁ ପରିବେଶ ସୁରକ୍ଷା କୌଣସି ଗୁରୁତ୍ୱ ଧାରଣ କରେନାହିଁ। ଫଳସ୍ୱରୂପ ଦୀର୍ଘମିଆଦୀ ପରିବେଶ କ୍ଷତି ସହିତ ସ୍ଥାନୀୟ ଲୋକଙ୍କର ବଞ୍ଚିରହିବା ମଧ୍ୟ ବିପଜ୍ଜନକ ହୋଇପଡୁଛି। ୨୦୧୩ ମସିହାରେ ଭାରତ ସରକାରଙ୍କ ତରଫରୁ କେତେକ ତତ୍ପରତା ଦେଖାଯାଇଥିଲା। ଆଜି ସେହି ଆଭିମୁଖ୍ୟ ନ ଥିଲା ଭଳି ଜଣାପଡୁଛି। ନ୍ୟାଶନାଲ ଡିଜାଷ୍ଟର ମ୍ୟାନେଜ୍‌ମେଣ୍ଟ ଅଥରିଟି ବା ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଏନ୍‌ଡିଏମ୍‌ଏ) ହିମାଳୟରେ ଘଟିଚାଲିଥିବା ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ଗ୍ଲେସିୟର ଲେକ୍ ଆଉଟ୍‌ବ୍ରେଷ୍ଟ ଫ୍ଳଡ୍ (ଜିଏଲ୍‌ଓଏଫ୍)ଗୁଡ଼ିକୁ କିଭଳି ନିୟନ୍ତ୍ରଣ କରାଯାଇପାରିବ, ସେ ସମ୍ପର୍କରେ ଅକ୍ଟୋବର ୨୦୨୦ରେ ଏକ ଗାଇଡ୍‌ଲାଇନ ଜାରି କରିଥିଲା। ଏହି ସବୁ ହ୍ରଦକୁ ଚିହ୍ନଟ କରି ସେଗୁଡ଼ିକ କେଉଁ ସ୍ଥିତିରେ ରହିଛନ୍ତି, ତା'ଉପରେ ଅନୁଧ୍ୟାନ କରିବା ଲାଗି ଏଥିରେ ଗୁରୁତ୍ୱ ଦିଆଯାଇଥିଲା। ହଠାତ୍ ହିମସ୍ଖଳନ ଯୋଗୁ ଜନଜୀବନ କ୍ଷତିକୁ ଦୂରେଇବା ଲାଗି ଏଭଳି ଗାଇଡ୍‌ଲାଇନ ଜାରି କରାଯାଇଥିଲା। ଏହାବାଦ ଜଳବାୟୁ ପରିବର୍ତ୍ତନ ନିର୍ଦ୍ଦେଶାଳୟ, କେନ୍ଦ୍ର ଜଳ କମିଶନ ଏବଂ ନ୍ୟାଶନାଲ ରିମୋଟ ସେନ୍‌ସିଂ କେନ୍ଦ୍ରର ମିଳିତ ସହଯୋଗରେ ଗ୍ଲେସିୟର ଲେକ୍ ବା ଜଳ ଉତ୍ସକୁ ଚିହ୍ନଟ କରି ତା ଉପରେ ସମୀକ୍ଷା କରିବା ଲାଗି ୨୦୧୧–୧୫ ମଧ୍ୟରେ ମଧ୍ୟ ଅନୁଧ୍ୟାନ କରାଯାଇଥିଲା। ଏହିସବୁ କମିଟି ଦ୍ୱାରା କରାଯାଇଥିବା ଅନୁଧ୍ୟାନରୁ ଜଣାପଡୁଛି ଯେ, ଗୁଡାଏ ଲୋକ ବିଭିନ୍ନ ପଦପଦବୀରେ ଥଇଥାନ ହୋଇଥିବାବେଳେ ଅନୁଧ୍ୟାନର ଦୋହାଇ ଦେଇ ଦରମା ନେବାରେ ହେଳା କରିନାହାନ୍ତି। କିନ୍ତୁ ହିମାଳୟ ଅଞ୍ଚଳରେ ପରିବେଶ ସୁରକ୍ଷା ପ୍ରତି ଭାରତ ସରକାରଙ୍କର କୌଣସି ଆନ୍ତରିକତା ଅଛି ବୋଲି ମନେ ହେଉନାହିଁ। ଏଭଳି ହେଳା ଜାରି ରହିଲେ ହିମାଳୟ ଅଞ୍ଚଳରେ ଆହୁରି ଅନେକ ଦୁର୍ଘଟଣା ଘଟିବା ନିଶ୍ଚିତ ବୋଲି କୁହାଯାଇ ପାରିବ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | | | | | | C | D | | | A | | | | |
| | | | | A | | | 6 | | | | 1 | 2 | | 3 |
| | 9 | | | | | | 2 | 5 | D | E | 6 | 0 | | |
| E | 6 | | 8 | 7 | 1 | B | 9 | | | C | | | | |
| 3 | | | | | E | | | | | | | | C | 8 |
| | | | | | 5 | | | | 1 | | | C | | 4 |
| D | | 0 | | | C | | | 3 | | | 9 | | | |
| | | 1 | 0 | | 7 | | A | | | | | 3 | 6 | |
| | B | | | 3 | | E | | | | | D | A | | |
| | | 3 | | 9 | 6 | 5 | | B | | | C | | | |
| | | 4 | | 2 | | 9 | | 1 | | D | | | | |
| | 3 | 5 | | E | | | 0 | 6 | 7 | | | | 9 | |
| B | A | | 1 | | 4 | 8 | 5 | C | 6 | | | | | |
| | | 9 | | | A | | | | 8 | | | | | |
| | | | | | 0 | | E | | C | 1 | B | | | D |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | E | 5 | D | 9 | 3 | 1 | 4 | 8 | 2 | 6 | C | A | 7 | 0 |
| 8 | 9 | D | 1 | A | 7 | 5 | C | 2 | B | 0 | 3 | E | 6 | 4 |
| 1 | C | 7 | 6 | 0 | 4 | B | A | 9 | 5 | D | E | 2 | 3 | 8 |
| A | 0 | 2 | B | C | 8 | 3 | 6 | E | 1 | 7 | 4 | D | 9 | 5 |
| 3 | 6 | 4 | E | 2 | 5 | D | 7 | 0 | 8 | A | 9 | B | 1 | C |
| E | 5 | 1 | 0 | 8 | B | 6 | 9 | 7 | D | 2 | A | 4 | C | 3 |
| 2 | 8 | C | 9 | 7 | A | 4 | 0 | 1 | 3 | B | 6 | 5 | E | D |
| 6 | 3 | 9 | C | 5 | D | A | E | B | 0 | 4 | 7 | 1 | 8 | 2 |
| 7 | A | 0 | 4 | 1 | E | 2 | D | 3 | C | 8 | 5 | 6 | B | 9 |
| D | 4 | B | 2 | 3 | 6 | C | 8 | 5 | E | 9 | 1 | 0 | A | 7 |
| 0 | 1 | 8 | A | B | 9 | E | 3 | 4 | 7 | 5 | 2 | C | D | 6 |
| 5 | 2 | E | 3 | 6 | 0 | 9 | B | D | A | C | 8 | 7 | 4 | 1 |
| C | B | 3 | 8 | 4 | 2 | 7 | 5 | A | 6 | 1 | D | 9 | 0 | E |
| 9 | D | 6 | 7 | E | 1 | 0 | 2 | C | 4 | 3 | B | 8 | 5 | A |
| 4 | 7 | A | 5 | D | C | 8 | 1 | 6 | 9 | E | 0 | 3 | 2 | B |

ଗତ କାଲିର ଉତ୍ତର

# ବିଜ୍ଞାନ ଓ ଈଶ୍ୱର



ଉପେନ୍ଦ୍ର ବିଶ୍ୱାଳ

ଆ ଲେଖ୍ୟଟିକୁ ଆରମ୍ଭ କରିବା, ବିଶ୍ୱକବିଙ୍କ ବିଶ୍ୱାସ ଏବଂ ତତ୍‌ସଂକ୍ରାନ୍ତ ଗୋଟେ ଘଟଣାରୁ। ଏକଦା ରବୀନ୍ଦ୍ରନାଥ ଟାଗୋରଙ୍କ ମୁଣ୍ଡବିନ୍ଧାର କାରଣ ଥିଲେ ପାଖ ଇଲାକାରେ ରହୁଥିବା ଜଣେ ନାସ୍ତିକ। ବିଶ୍ୱକବିଙ୍କର ଭଗବାନଙ୍କ ପ୍ରତି ଭକ୍ତିଭାବ ଏବଂ ତଜ୍ଜନିତ ଈଶ୍ୱରଙ୍କ ପ୍ରତି ତାଙ୍କର ସମର୍ପିତ କବିତା, ଅତ୍ୟନ୍ତ ଅସହ୍ୟବୋଧ ହେଉଥିଲା ସେହି ଭଦ୍ରବ୍ୟକ୍ତିଙ୍କୁ। ଏପରି କି, ଶ୍ରୀ ଠାକୁରଙ୍କୁ ଅନେକ ସମୟରେ କଟାକ୍ଷ କରିବାକୁ ବି ପଛାଉ ନ ଥିଲେ ସେ। ପରିହାସ କରି ପଚାରନ୍ତି – ''ଈଶ୍ୱରଙ୍କୁ ତୁମେ କେବେ ଦେଖିଛ ? ଯଦି କେବେ ଦେଖିନାହଁ, ତେବେ ତାଙ୍କର ପ୍ରଶସ୍ତି ଗାନ/ରଚନା କରିଚାଲିଛ କେମିତି? ଏହା କ'ଣ ପ୍ରବଞ୍ଚନା ନୁହଁ କି?'' ଏଭଳି ବ୍ୟକ୍ତିମାନଙ୍କ ସହିତ କିଛି ଯୁକ୍ତି ନ କରି ନିରୁତ୍ତର ରହିବାକୁ ଉଚିତ ମଣୁଥିଲେ ଶ୍ରୀ ଠାକୁର। ବିଶ୍ୱଗୁରୁଙ୍କ ନୋବେଲ ପୁରସ୍କାରପ୍ରାପ୍ତିରେ ସାରା ଦେଶ ଆତ୍ମହରା ହୋଇ ଉଠୁଥିଲା ବେଳେ ସେ କିନ୍ତୁ ତାଚ୍ଛଲ୍ୟ କରିବାକୁ ପଛାଉ ନ ଥିଲେ– ଯାହା ହେଉ, ମିଛ ସତ୍ତାକୁ ଢୁଙ୍ଗାଚାରେ ପ୍ରଶଂସା କରି ଏତେ ବଡ଼ ପୁରସ୍କାର ଟିଏ ବି ହାତେଇ ନେଲ ? ଏହିପରି ଭାବରେ, ସାମାନ୍ୟ ଜ୍ଞାନ ବଳରେ ନିଜକୁ ଜଣେ ଜଣେ ଜ୍ଞାନୀ ବା ବିଜ୍ଞାନୀ ବୋଲି ବିଚାରୁଥିବା ଆମେ ମୂଢ଼ମତିମାନେ କେମିତି ବା ବିଶ୍ୱାସ କରନ୍ତେ ଭଗବାନଙ୍କ ଅଦୃଶ୍ୟ ସତ୍ତାକୁ। ଭୌତିକ ବିକାଶରେ ବିଭୋର ବ୍ୟକ୍ତି, ବିଜ୍ଞାନର ସାମାନ୍ୟ ବରଦାନକୁ ଦେଖି ଭୁଲିଯାଏ ଭଗବାନଙ୍କୁ। କିନ୍ତୁ ଏତାଦୃଶ ଭୌତିକ ବିକାଶର ଯେଉଁମାନେ ଅସଲ ବିନ୍ଧାଣୀ, ସେହି ବିଶ୍ୱକର୍ମାଙ୍କର ଈଶ୍ୱର ବିଶ୍ୱାସ ଦେଖିଲେ, ଅଜ୍ଞତା ଆଚ୍ଛନ୍ନ ଏହି ମଣିଷମାନଙ୍କ ପ୍ରତି ଦୟାଭାବ ଜାତ ହୁଏ। ଆସନ୍ତୁ ଜାଣିବା ଏମିତି କେତେକ ବରେଣ୍ୟ ବୈଜ୍ଞାନିକଙ୍କୁ, ଯେଉଁମାନଙ୍କ ଚିନ୍ତା ଓ ଚେତନା, ବିଶ୍ୱାସ ଓ ଭାବନା, କର୍ମ – ଧର୍ମରେ ସର୍ବବ୍ୟାପୀ, ସର୍ବଶକ୍ତିମାନ ସେହି ଅଦୃଶ୍ୟ ସତ୍ତାଙ୍କର ଉପସ୍ଥିତିକୁ କେବଳ ଅନୁଭବ କରି ନ ଥିଲେ ବରଂ ମୁକ୍ତକଣ୍ଠରେ ଘୋଷଣା ବି କରି ଯାଇଛନ୍ତି।

ବିବର୍ତ୍ତନବାଦର ଜନକ, ବିଶିଷ୍ଟ ବୈଜ୍ଞାନିକ ଚାର୍ଲ୍ସ ଦାରୁଇନଙ୍କ ମତରେ ''ଈଶ୍ୱରଙ୍କ ଅସ୍ତିତ୍ୱକୁ ମୁଁ କେବେ ଅବଜ୍ଞା କରିନାହିଁ। ମୋ ବିଚାରରେ ବିବର୍ତ୍ତନ ଧାରା ପଛରେ ଭଗବାନଙ୍କ ଇଚ୍ଛା ନିହିତ। ଈଶ୍ୱରଙ୍କ ଅସ୍ତିତ୍ୱ ସମ୍ବନ୍ଧେ ଦୃଢ଼ ଯୁକ୍ତି ହେଉଛି – ଅପରିମିତ, ମହିମାନ୍ୱିତ, ବିଶାଳକାୟ ଏହି ବ୍ରହ୍ମାଣ୍ଡ ; ଯାହାକୁ କଳନା କରିବା, ଆମ ପରି ସାମାନ୍ୟ ମଣିଷ ପକ୍ଷେ ଅସମ୍ଭବ।'' ପ୍ରସଙ୍ଗକ୍ରମେ ଏଠାରେ ଉଲ୍ଲେଖ କରିବା ଉଚିତ ହେବ ଯେ ଦାରୁଇନଙ୍କ ବିବର୍ତ୍ତନବାଦ ତ ଭାରତୀୟ ଦର୍ଶନ ଆଧାରିତ ବିବର୍ତ୍ତନ ଧାରାକୁ ହିଁ ଇଙ୍ଗିତ କରିଥାଏ। ତାଙ୍କ ମତରେ ମଣିଷର କ୍ରମ ବିକାଶର ଧାରା ଜଳରୁ ହିଁ ଆରମ୍ଭ। ସର୍ବ ପ୍ରଥମେ ଜଳଚର ଜୀବ, ତା'ପରେ ଉଭୟଚର ଓ ସ୍ଥଳଚର ଜୀବ ଏବଂ ପରେ ପରେ କ୍ରମବିକାଶ ହୋଇ ପୂର୍ଣ୍ଣାଙ୍ଗ ମଣିଷରେ ପରିଣତ ହୋଇଛି। ଆମ ଦର୍ଶନର ଦଶାବତାର ମଧ୍ୟ ସେହିଭଳି ବର୍ଣ୍ଣନା କରେ, ଆମର କ୍ରମ ପରିବର୍ତ୍ତନର ଧାରାକୁ। ପ୍ରଥମେ ମତ୍ସ୍ୟ ଅବତାର (ଜଳଚର), ୨ୟରେ କଚ୍ଛପ (ଉଭୟଚର), ୩ୟରେ ବରାହ(ସ୍ଥଳଚର), ୪ର୍ଥ ରେ ନୃସିଂହ (ପଶୁ ଓ ମଣିଷ ମିଶ୍ରିତ ଅବୟବ), ୫ମରେ ବାମନ(ସାମାନ୍ୟ ଅବୟବଧାରୀ ମାନବ), ୬ଷ୍ଠରେ ପର୍ଶୁରାମ (ହିଂସ୍ର ମାନବ), ୭ମରେ ଶ୍ରୀରାମ (ପୂର୍ଣ୍ଣ ମର୍ଯ୍ୟାଦାର ଚେତନଶୀଳ ମାନବ), ୮ମରେ ଶ୍ରୀକୃଷ୍ଣ (କଳି ବା କଳୁଷ ଆକ୍ରାନ୍ତ ଦୁନିଆରେ ସତ୍ୟ ଓ ଧର୍ମର ପ୍ରତିଷ୍ଠା ପାଇଁ ସଂଘର୍ଷରତ ମଣିଷ), ୯ମରେ ବୁଦ୍ଧ (ସମ୍ପୂର୍ଣ୍ଣ ଦୁନିଆକୁ କଳି କବ୍‌ଜା ନ କରୁ, ଏହି ଲକ୍ଷରେ ସତ୍ୟ, ଧର୍ମ ଓ ଶାନ୍ତିର ବାର୍ତ୍ତା ବାହକ) ଏବଂ ଶେଷରେ କଳ୍କୀ ଅବତାର (ସମ୍ପୂର୍ଣ୍ଣ ଭାବେ କଳିର କବ୍‌ଜାରେ ଥିବା ଦୁନିଆର ଶେଷ ନିର୍ଯାସର ପ୍ରତୀକ)।

ଭେଷଜ ବିଜ୍ଞାନ ଓ ଶରୀର ତତ୍ତ୍ୱର ଗବେଷକ, ନୋବେଲ ପୁରସ୍କାରପ୍ରାପ୍ତ ୱେର୍ଣ୍ଣର ଆର୍ବରଙ୍କ ମତରେ ''ଯଦିଓ ମୁଁ ଜଣେ ଜୀବ ବିଜ୍ଞାନୀ, ତଥାପି ମୁଁ ଜାଣିପାରୁନାହିଁ 'ଜୀବନ' କିପରି ସୃଷ୍ଟି ହେଲା। ନିଃସନ୍ଦେହରେ ମୁଁ ମୋର ଏହି ଅଜ୍ଞତାକୁ ସ୍ୱୀକାର କରି ନେଉଛି। ଜଣେ କେହି ସ୍ରଷ୍ଟା ଏହା ପଛରେ ଥିବାର ପ୍ରତୀୟମାନ ହୁଏ।'' ବିଶିଷ୍ଟ ବିଜ୍ଞାନୀ ନିଲସ ବୋରଙ୍କ ମତରେ ''ପଦାର୍ଥ ବିଜ୍ଞାନ ଓ ରସାୟନ ବିଜ୍ଞାନରେ 'ଚେତନା' ତତ୍ତ୍ୱର କୌଣସି ସନ୍ଧାନ ମିଳେ ନାହିଁ। ତଥାପି ଆମେ ଜାଣୁ ଯେ, 'ଚେତନା' ବୋଲି କିଛି ଗୋଟିଏ ଅଛି, ଯାହା କି ଆମେ ନିଜ ଭିତରେ ଧାରଣ କରିଥାଉ। ଏଣୁ ଚେତନା ମଧ୍ୟ ନିଶ୍ଚିତ ଭାବେ ପ୍ରକୃତିର ଏକ ଅଙ୍ଗ ହୋଇଥିବ। ଏ ସମ୍ବନ୍ଧେ ଗଭୀର ଅନୁଶୀଳନ ଲୋଡ଼ା। ନୋବେଲ ପୁରସ୍କାରପ୍ରାପ୍ତ ପଦାର୍ଥ ବିଜ୍ଞାନୀ ଚାର୍ଲସ ଟୋନ୍ସଙ୍କ କହିବା ଅନୁଯାୟୀ ''କେତେକ ବୈଜ୍ଞାନିକ କହନ୍ତି – 'ମୁଁ ଈଶ୍ୱର ବା ଧର୍ମରେ ବିଶ୍ୱାସ ସ୍ଥାପନ କରିପାରିବି ନାହିଁ।' ଯେବେ ତୁମେ ତାଙ୍କୁ ପ୍ରଶ୍ନ କର – 'ଆପଣ ଭାବୁଛନ୍ତି କି ଆପଣଙ୍କର ସ୍ୱାଧୀନ ଇଚ୍ଛାଶକ୍ତି ଅଛି, ଯେଉଁ ଦିଗକୁ ଇଚ୍ଛା କରିବେ ସେ ଦିଗରେ ବିକାଶ କରିପାରିବେ?' ସେମାନେ କିନ୍ତୁ ଏଥିରେ ସ୍ପଷ୍ଟ ଉତ୍ତର ଦେଇପାରନ୍ତି ନାହିଁ। ମୁଁ କିନ୍ତୁ ମୋ ଚାରିପାଖେ ଜଣେ କେହି ସୃଷ୍ଟିକର୍ତ୍ତାଙ୍କ ଉପସ୍ଥିତି ଓ ହସ୍ତକ୍ଷେପକୁ ଅନୁଭବ କରେ।'' ବିଶ୍ୱ ବିଖ୍ୟାତ ବୈଜ୍ଞାନିକ ସାର୍ ଆଇଜାକ ନିଉଟନଙ୍କ ଭାଷାରେ ''ଏପରି ଏକ ସୁନ୍ଦର ସୃଷ୍ଟି ପଛରେ ଜଣେ ସର୍ବଶ୍ରେଷ୍ଠ ବିଜ୍ଞ ଓ ସର୍ବଶକ୍ତିମାନ ସତ୍ତା (ପରମାତ୍ମା)ଙ୍କର ହାତ ନିଶ୍ଚିତ ଅଛି। ଉପରୁ ଖସୁଥିବା ଉଲ୍‌କାର ଗତିକୁ ବରଂ ମାପିପାରିବି କିନ୍ତୁ ମଣିଷର ପାଗଳପଣକୁ (ନାସ୍ତିକତା ସମ୍ବନ୍ଧେ) କଦାପି ନୁହଁ।'' ଆମ ସମୟର ବିଶିଷ୍ଟ ବୈଜ୍ଞାନିକ ଭାରତ ରତ୍ନ ଅବଦୁଲ କଲାମଙ୍କ ସ୍ୱୀକାରୋକ୍ତି ହେଉଛି 'ଏଠି, ସେଠି, ସବୁଠି ଅଛନ୍ତି ଈଶ୍ୱର।' ବିଶିଷ୍ଟ ବୈଜ୍ଞାନିକ ଥମାସ ଆଲଫା ଏଡିସନଙ୍କ ଅନୁଯାୟୀ ''ଦୁନିଆର ପ୍ରତିଟି ସ୍ରଷ୍ଟା ବା ବିନ୍ଧାଣୀଙ୍କ ପ୍ରତି ମୋର ଯଥେଷ୍ଟ ସମ୍ମାନବୋଧ ରହିଛି। ବିଶେଷକରି ଦୁନିଆର ଶ୍ରେଷ୍ଠ ସ୍ରଷ୍ଟା ଈଶ୍ୱରଙ୍କ ପ୍ରତି ତ ମୁଁ ଗଭୀର କୃତଜ୍ଞ।'' ନୋବେଲ ପୁରସ୍କାରପ୍ରାପ୍ତ ବିଶିଷ୍ଟ ବିଜ୍ଞାନୀ ମାର୍କୋନିତ କହୁଥିଲେ ''ମୁଁ ପ୍ରଚଣ୍ଡ ଈଶ୍ୱର ବିଶ୍ୱାସୀ ବୋଲି ଗର୍ବର ସହିତ ନିଜକୁ ଘୋଷଣା କରେ। କେବଳ ଜଣେ କ୍ୟାଥୋଲିକ ଭାବେ ନୁହେଁ, ଜଣେ ବୈଜ୍ଞାନିକ ହିସାବରେ ମଧ୍ୟ ପ୍ରାର୍ଥନାର ଶକ୍ତି ଉପରେ ମୁଁ ବିଶ୍ୱାସ ରଖେ।'' ନୋବେଲ ପୁରସ୍କାରପ୍ରାପ୍ତ, ଅପାରମାଣିକ ତତ୍ତ୍ୱର ଜନକ, ମ୍ୟାକ୍ସ ପ୍ଲାଙ୍କ ମତ ହେଉଛି – ''ବ୍ରହ୍ମାଣ୍ଡର ଶୃଙ୍ଖଳା ଓ ଭଗବାନଙ୍କ ସହିତ ଜଡିତ ହେବାକୁ, ଆମକୁ କୌଣସି ପ୍ରକାର କେହି ପ୍ରତିରୋଧ କରେନି। ବରଂ ଆମ ଜ୍ଞାନର ବେଗବଳ ତାହା ଚାହିଁଥାଏ। ଈଶ୍ୱର ବିଶ୍ୱାସୀଙ୍କ ପାଇଁ ଡାକ ମାତ୍ରେ ହିଁ ସେ ଆସି ପହଞ୍ଚି ଯାଉଥିଲା ବେଳେ, ଆମପରି ବୈଜ୍ଞାନିକମାନଙ୍କ ପ୍ରାର୍ଥନା/ ଗବେଷଣା ଶେଷରେ ସେ ଆସି ପହଞ୍ଚନ୍ତି।''

ବିଶିଷ୍ଟ ରକେଟ ବିଜ୍ଞାନୀ ତଥା ମହାକାଶ ସ୍ଥପତି ବ୍ରାଉନ କହିଥିଲେ – ''ସବୁକିଛିର ଉପରେ ଭଗବାନଙ୍କ ଗରିମା ଅଛି, ଯିଏ ଏହି ବିଶ୍ୱ ବ୍ରହ୍ମାଣ୍ଡକୁ ଖୁବ୍ ସୁନ୍ଦର ଭାବେ ସଂରଚନା କରିଛନ୍ତି ; ଯାହାକୁ ଜାଣିବାକୁ ବା କିଛି ଆବିଷ୍କାର କରିବାକୁ ବିଜ୍ଞାନ ଅହରହ ଉଦ୍ୟମ ଜାରି ରଖିଛି। ବିଶିଷ୍ଟ ଗଣିତଜ୍ଞ ତଥା ବୈଜ୍ଞାନିକ କାର୍ଲ ଫେଡରିଚ ଗସଙ୍କ କହିବା ଅନୁଯାୟୀ –''ଜୀବନର ପ୍ରତିଟି ଛନ୍ଦରେ ଯାହାଙ୍କ ଉଜ୍ଜ୍ୱଳ ଉପସ୍ଥିତି ଅନୁବାଦ କରୁଥିଲୁ, ଜୀବନର ଶେଷ ଘଣ୍ଟା ବାଜିଲେ, ସେହି ଲୀଳାମୟଙ୍କ ଦିବ୍ୟ ଦର୍ଶନରେ ଆମେ ବିଭୋର ହୋଇ ଉଠିବୁ।'' ପ୍ରଖ୍ୟାତ ରସାୟନ ବିଜ୍ଞାନୀ ଜୁଲିୟାସ ଲେବିଗଙ୍କ ମତରେ –''ପ୍ରକୃତି ହେଉଛି ବିରାଟ ପୁସ୍ତକଟିଏ। ଅପରିସୀମ ଜ୍ଞାନର ଗନ୍ତାଘର ଥିବା ପ୍ରକୃତିରୁ ଆମେ ପ୍ରଗାଢ଼ ଉଦ୍ୟୋଗ ବଳରେ ଯେବେ ସାମାନ୍ୟ କିଛି ଭେଦ ବା ରହସ୍ୟ ଜାଣିବାରେ ସକ୍ଷମ ହେଉ, ସେତେବେଳେ ସୃଷ୍ଟିକର୍ତ୍ତାଙ୍କ ମହାନତା ଓ କୁଶଳତା ସମ୍ବନ୍ଧେ ବୁଝାପଡେ। ମାର୍କୋନିଙ୍କ ପୂର୍ବରୁ ରେଡିଓ ତରଙ୍ଗର ଉଦ୍ଭାବକ, ଭାରତର ଯଶସ୍ୱୀ ବୈଜ୍ଞାନିକ,ଆଧ୍ୟାତ୍ମିକବାଦୀ ଜଗଦୀଶ ଚନ୍ଦ୍ର ବୋଷଙ୍କୁ ବିଶ୍ୱକବି ରବୀନ୍ଦ୍ର ନାଥ ଟାଗୋର 'ତପସ୍ୱୀ' ବୋଲି ସମ୍ବୋଧିତ କରୁଥିଲେ। ସେମିତି ବି ଶରୀର ତତ୍ତ୍ୱ ଉପରେ ନୋବେଲ ପୁରସ୍କାର ପାଇଥିବା ଭେଷଜ ବିଜ୍ଞାନୀ ଚାର୍ଲ୍ସ ରବର୍ଟ ରିଚେଟ ତ ପ୍ରଚଣ୍ଡ ଆଧ୍ୟାତ୍ମିକବାଦୀ ଥିଲେ, ଯିଏ କି ଅଧ୍ୟାତ୍ମ ବିଦ୍ୟାକୁ ମଧ୍ୟ ବିଜ୍ଞାନ ଭାବେ ସ୍ୱୀକୃତି ଦେବାକୁ ଦାବି କରୁଥିଲେ। ଆମର କଣାଦ, ଆର୍ଯ୍ୟଭଟ୍ଟ, ଚରକ, ଶୁଶ୍ରୁତ, ମହର୍ଷି ରମଣ, ବରାହ ମିହିର ପ୍ରମୁଖ ଆଧ୍ୟାତ୍ମିକତାର ଶିଖର ଛୁଇଁଥିବା ଭାରତର ଋଷିମାନେ ତ ଜଣେ ଜଣେ ସଫଳ ବିଜ୍ଞାନୀ ଥିଲେ।

ଅତଏବ, ଆମେ ସର୍ବଦା ସୃଷ୍ଟିର କଲ୍ୟାଣ ପାଇଁ ତାଙ୍କୁ ପ୍ରାର୍ଥନା କରିବା ଉଚିତ। କାରଣ, ଈଶ୍ୱରଙ୍କୁ ସ୍ୱୀକାର ଓ ତାଙ୍କ ଆଶୀର୍ବାଦ ବିନା ବିଜ୍ଞାନ ବି ବାଟବଣା ହେବା କିଛି ବିଚିତ୍ର ନୁହେଁ। ଏଇ ଯେମିତି, ସାମାନ୍ୟ ଭୂତାଣୁଟିଏ ବର୍ଷାଧିକ କାଳ ଆମ ବୁଦ୍ଧିବଣା କରି ଆମକୁ କନ୍ଦେଇ ଦେଲା। ସେଥିରୁ ବର୍ତ୍ତିବାକୁ ବିଜ୍ଞାନ ବି ବାଟ ପାଇଲା ନାହିଁ।

ଗୋଡିଶୂଳ, ସଜନାଗଡ଼, ବାଲେଶ୍ୱର
ମୋ– ୯୪୩୭୪୩୬୦୭୩
unbiswsl05@gmail.com

# ରାଜସ୍ଥାନ ପଲମରେ ଓଡ଼ିଶା ପିଠା



ଡ. ପ୍ରମୋଦ କୁମାର ପଣ୍ଡା

ହଁ ପାଠକ ବନ୍ଧୁ! ଶୀର୍ଷକଟି ଅଡୁଆ ଅଡୁଆ ଲାଗୁଥିଲେ ମଧ୍ୟ ନିରାଟ ସତକଥା। ଆଜି ଆମର ସ୍ଥିତି ଏହା ପାଖରେ ପହଞ୍ଚି ଯାଇଛି। ରାଜଧାନୀ ଭୁବନେଶ୍ୱରରେ ମାଳ ମାଳ ଲୋକ ମାଟି ପଲମ ରାସ୍ତା କଡ଼ରେ ବିକ୍ରି କରୁଛନ୍ତି। ଯଦି ସେ ବିକ୍ରେତାଙ୍କୁ ପଚାରିବେ, ତେବେ ସେମାନେ ସମସ୍ତେ କହିବେ ଆମେ ରାଜସ୍ଥାନରୁ ଆସି ବିକ୍ରି କରୁଛୁ। ବଡ଼ ଦୁଃଖ ଲାଗେ। ଆମ ରାଜ୍ୟ ଉତ୍କଳ–ଉତ୍କୃଷ୍ଟ କଳାର ରାଜ୍ୟ ଥିଲା। ଏଠି ନାନା ସୂକ୍ଷ୍ମାତିସୂକ୍ଷ୍ମ କାରିଗରି କାର୍ଯ୍ୟ କରାଯାଉଥିଲା। ଆମେ ମାଟିରେ ଦୀପ, ପଲମ, ହାଣ୍ଡି, ମାଠିଆ, କଳସୀ, କଳସ, ଘୁମ ଇତ୍ୟାଦି ଇତ୍ୟାଦି କ'ଣ ତିଆରି କରୁ ନ ଥିଲୁ। ମାତ୍ର ସମୟ ବଦଳି ଯାଇଛି। ଆମର କୁମ୍ଭାର ଭାଇ ହାତ ବାନ୍ଧି ବସିଛନ୍ତି। ହଜାର ହଜାର କିଲୋମିଟର ଦୂରରୁ ମାଟି ପଲମ ଆସି ଆମ ଦାଣ୍ଡ ଦୁଆରେ ବିକ୍ରି ହେଉଛି। ଏହି କିଛିଦିନ ହେବ ମାଟି ପତଲା ମଧ୍ୟ ଆଣି ବିକ୍ରି କଲେଣି। ଏହା ଧୀରେ ଧୀରେ ସହରରୁ ଆମ ଗ୍ରାମାଞ୍ଚଳକୁ ବ୍ୟାପିଯିବ । ଆମେ ଅନ୍ୟ ରାଜ୍ୟର ପ୍ରସ୍ତୁତ ସାମଗ୍ରୀ କିଣି ଚଳିବା। ଆମର ହସ୍ତଶିଳ୍ପ ଓ କୁଟୀରଶିଳ୍ପ ବନ୍ଦ ହୋଇଯିବ। ଆମ ଲୋକ ବେକାର ହୋଇ ବୁଲିବେ। ଧୀରେ ଧୀରେ ଦରିଦ୍ର ହେବେ। ବିପିଏଲ୍ ହେବା ପାଇଁ ପ୍ରତିଯୋଗିତା କରିବେ। ସରକାରଙ୍କର ମାଗଣା ଜିନିଷକୁ ଅନେଇ ବଞ୍ଚିବେ ? ଦାରିଦ୍ର୍ୟ ବଢ଼ିଲେ ଅସାମାଜିକ କାର୍ଯ୍ୟକଳାପ ବଢ଼ି ଚାଲିବ। ସମାଜରେ ବିଶୃଙ୍ଖଳା ଓ ଅତ୍ୟାଚାର ବଢ଼ିବ। ନିଶାଦ୍ରବ୍ୟ କାରବାର ମଧ୍ୟ ବଢ଼ିଯିବ। ପରିଶେଷରେ ଓଡ଼ିଶା ସମୃଦ୍ଧିର ବିପରୀତ ଦିଗରେ ଗତିକରିବ। ହଁ! ପାଠକ ବନ୍ଧୁ! ଯୁବାଗୋଷ୍ଠୀ ପାଖରେ ଯଦି କର୍ମ ସଂସ୍ଥାନ ନ ରହିବ, ସେମାନେ କ'ଣ କରିବେ ?

ଆମ ରାଜ୍ୟରେ ପ୍ରତିବର୍ଷ ୫.୫ ଲକ୍ଷ ପିଲା ଦଶମ ଶ୍ରେଣୀ ପରୀକ୍ଷା ଦିଅନ୍ତି। ଆମେ ସରକାରୀ ଓ ବେସରକାରୀ ସ୍ତରରେ ଅତି ବେଶିରେ ବର୍ଷକୁ ଏକ ଲକ୍ଷ ପିଲାଙ୍କୁ ରୋଜଗାର ଯୋଗାଇବାରେ ବି ସକ୍ଷମ ହୋଇ ନ ଥାନ୍ତି। ଯଦି ବି ଦେଇ ଦିଅନ୍ତି, ଆଉ ୪ ଲକ୍ଷ ପିଲା କରିବେ କ'ଣ ? ଦୁଃଖ ଲାଗେ ଆମ ରାଜ୍ୟର ଗ୍ରାମାଞ୍ଚଳରେ ଥିବା ବଜାରରେ ବି ଉତ୍ତରପ୍ରଦେଶରୁ ଆସି ବାଦାମ ଭାଜି ବିକ୍ରି କଲେଣି। କିଛିଦିନ ତଳେ ନିଶ୍ଚିନ୍ତକୋଇଲି ବଜାରରେ ଜଣେ ଉତ୍ତରପ୍ରଦେଶର ମୁରଦାବାଦରୁ ଆସି ବାଦାମ ଭାଜି ବିକୁଥିବାର ଦୃଶ୍ୟ ମୋତେ ଯେତିକି ଆଶ୍ଚର୍ଯ୍ୟ ଲାଗୁଥିଲା ଦୁଃଖ ବି ତାଠୁ ଅଧିକ ଲାଗୁଥିଲା। ବାହାର ରାଜ୍ୟରୁ ଆସି ଏଠାରେ ସାଣ୍ଟାକ୍ଲଜ ବିକ୍ରିକରୁଛନ୍ତି। ଏଠି ବଜାରରେ ଗରମ ଗରମ ଜିଲାପି ବିକୁଛନ୍ତି ରାଜସ୍ଥାନରୁ ଆସି, ମାତ୍ର ଆମ ଓଡ଼ିଆ ଯୁବାଗୋଷ୍ଠୀ ମଦ ନିଶାରେ ମସ୍‌ଗୁଲ। ସେ ଆଜି ସମ୍ପୂର୍ଣ୍ଣ ଅଳସୁଆ ? ତାକୁ ମାଗଣା ଜିନିଷ ଦରକାର। ପରିଶ୍ରମ କରି ଟଙ୍କା ରୋଜଗାର କରିବାରେ ତା'ର ସ୍ପୃହା ନାହିଁ। ସେ ଖାଉଟି ହେବ କିମ୍ବା ଲାଞ୍ଚ ଦେଇ ସରକାରୀ ଚାକିରି କରିବ ? ପ୍ରଶ୍ନ ଉଠେ ସୁଦୂର ରାଜସ୍ଥାନରୁ ଲୋକ ଆସି ଆମ ଏଠି ମାଟିର ପଲମ ଓ ପତଲା ବିକ୍ରି କରିପାରୁଛନ୍ତି, କିନ୍ତୁ ଆମର ଲୋକ ନିଜ ଜିନିଷ ନିଜ ରାଜ୍ୟରେ ବିକ୍ରି ପରିପାରୁନାହାନ୍ତି। ଏଥିପାଇଁ ମୋ ମତରେ ୨ ଜଣ ଦାୟୀ। ପ୍ରଥମତଃ ଜନସାଧାରଣ। ଜନସାଧାରଣ ଯଦି କିଛି କରିବାକୁ ଚାହିଁବେ ନାହିଁ, ତା' ହେଲେ କ'ଣ କରାଯିବ ? ଦ୍ୱିତୀୟତଃ ସରକାର– ସରକାର ଲୋକ ବା ଜନସାଧାରଣଙ୍କୁ ମାଗଣା ବଣ୍ଟା ଦ୍ୱାରା ଅଳସୁଆ କରିଦେଲେ, ପୁଣି ସେ କର୍ମ କରି ଆଉ ଖାଇପାରିବେ ନାହିଁ। କଥାରେ ଅଛି ପରା, ଯେ ମାଗି ଖାଇଲାଣି ସେ କ'ଣ ନାଗି ଖାଇପାରିବ ?

ଆମର ପ୍ରଶାସନକୁ ମଧ୍ୟ ଜଣାପଡିବା ଦରକାର ଯେ କେଉଁ କୁଟୀରଶିଳ୍ପ ପାଇଁ କି ପ୍ରକାର ଜ୍ଞାନକୌଶଳ ଉପଲବ୍ଧ କଲେ ତାହା ଉତ୍ପାଦନ ଖର୍ଚ୍ଚ ବି କମିପାରିବ, ଯାହାଦ୍ୱାରା ବଜାର ଚାହିଦା ବୃଦ୍ଧି ପାଇବ। ସେହିପରି ଆମର ହସ୍ତଶିଳ୍ପ ଉତ୍ପାଦିତ ସାମଗ୍ରୀକୁ ବାହାର ରାଜ୍ୟ ଓ ବିଦେଶରେ ବିକ୍ରି ପାଇଁ ବିଭିନ୍ନ ପ୍ରକାର ଭିତ୍ତିଭୂମି ବିକାଶର ଆବଶ୍ୟକତା ରହିଛି ; ଯାହା କି ଆମେ ଠିକ ରୂପେ ଧ୍ୟାନ ଦେଉ ନାହାନ୍ତି। ଏ ସବୁ ବିଷୟରେ ଆମର ପ୍ରଶାସକ ଚେତୁ ନାହାନ୍ତି କିମ୍ବା ଆବଶ୍ୟକ ମୁତାବକ କାର୍ଯ୍ୟ କରୁନାହାନ୍ତି। ଆମକୁ ଅନୁଧ୍ୟାନ କରିବାକୁ ପଡ଼ିବ ଯେ ବାହାର ରାଜ୍ୟର ଲୋକ ଏଠାକୁ ଆସି ତାଙ୍କର ରାଜ୍ୟର ଜିନିଷ ବିକ୍ରି କରିପାରୁଛନ୍ତି, ମାତ୍ର ଆମ ଲୋକ କାହିଁକି ଆମ ଜିନିଷକୁ ନେଇ ଅନ୍ୟ ରାଜ୍ୟରେ ବିକ୍ରିକରିପାରୁ ନାହାନ୍ତି ? ଏହାର କାରଣ ଖୋଜି ତା'ର ସମାଧାନର ରାସ୍ତା ବାହାର କରିବାକୁ ପଡିବ।

ଆମ ସାମାଜିକ ବ୍ୟବସ୍ଥାରେ ଏକ ଧାରଣା ଅଛି ଯେ, ଛୋଟ କାମ କଲେ ସମ୍ମାନ ବା ପ୍ରେଷ୍ଟିଜ ଚାଲିଯିବ। ସେଥିପାଇଁ ନୂତନ ଯୁବାଗୋଷ୍ଠୀ ଛୋଟ ଛୋଟ ଧନ୍ଦା ଦ୍ୱାରା ରୋଜଗାର ବଢ଼ାଇବା ପାଇଁ ଇଚ୍ଛା ପ୍ରକାଶ କରୁନାହାନ୍ତି। ସରକାରୀ ସ୍ତରରେ ପ୍ରଶାସକ ତଥା ବ୍ୟକ୍ତିଗତ ସ୍ତରରେ ସଚେତନ ନାଗରିକମାନେ ମିଳିତ ଭାବରେ ସମାଜରୁ ଉପରୋକ୍ତ ଭ୍ରାନ୍ତ ଧାରଣାକୁ ଦୂରୀଭୂତ କରିବା ପାଇଁ ଚେଷ୍ଟା କରିବା ଉଚିତ, ନ ହେଲେ ଆମ ନୂତନ ପିଢି ଧୀରେ ଧୀରେ କର୍ମ କୋଢ଼ିରେ ପରିଣତ ହେବେ। ବର୍ତ୍ତମାନ ବିଶ୍ୱ ସ୍ଥିତି ଅନୁସାରେ ସିଧାସଳଖ ସରକାରୀ ଓ ବେସରକାରୀ ଚାକିରି ମାତ୍ରାଧିକ ସଂଖ୍ୟକ ମିଳିବା ସମ୍ଭବ ନୁହେଁ। ମାତ୍ର ବିଭିନ୍ନ ପ୍ରକାର ଧନ୍ଦାମୂଳକ ଶିକ୍ଷା, ବେପାର ବଣିଜ, ମେକାନିକ, ଆମର ଉତ୍ପାଦର ରପ୍ତାନି, ଆବଶ୍ୟକ ପଦାର୍ଥର ଆମଦାନୀ, ଅନ୍ୟ ରାଜ୍ୟରେ ବେପାର ବଣିଜ ଇତ୍ୟାଦି ଇତ୍ୟାଦି କାର୍ଯ୍ୟ ଦ୍ୱାରା ଆମେ ନିଶ୍ଚିତ ରୂପେ ପ୍ରଚୁର ଅର୍ଥ ରୋଜଗାର କରିପାରିବା ଏବଂ ଆମର ଯୁବାଗୋଷ୍ଠୀଙ୍କୁ କର୍ମ ସଂସ୍ଥାନ ଯୋଗାଇବାରେ ସମର୍ଥ ହେବା ; ଯଦ୍ୱାରା ବେକାରି ସମସ୍ୟା ଦୂର ହୋଇଯିବ। ଏକଦା ଆମେ ରପ୍ତାନିକାରୀ ରାଜ୍ୟ ଥିଲେ। ଏଠାରୁ ଧାନ, ଚାଉଳ, ଚୁଡ଼ା, ଲୁଣ, ବିଭିନ୍ନ ପ୍ରକାର କପଡ଼ା, କଂସା ଓ ପିତଳ ବାସନ, ଶିଙ୍ଗକାମ, କାଠ କାମ, ପଥର ମୂର୍ତ୍ତି, ଅନ୍ୟାନ୍ୟ ହସ୍ତଶିଳ୍ପଜାତ ଦ୍ରବ୍ୟ, ପନିପରିବା ଇତ୍ୟାଦି ଅନ୍ୟ ରାଜ୍ୟ ଓ ବିଦେଶକୁ ରପ୍ତାନି ହେଉଥିଲା। ବର୍ତ୍ତମାନ ସବୁକିଛି ବାହାରୁ ଓଡ଼ିଶାକୁ ଆସୁଛି। ସମୟ ଆସିଛି ଯେ ପ୍ରତ୍ୟେକ ଜିନିଷରେ ଆମଦାନୀ ଓ ରପ୍ତାନି ତାରତମ୍ୟକୁ ଠିକ୍‌ରୂପେ ନିର୍ଦ୍ଧାରଣ କରି, ଉତ୍ପାଦନ ବୃଦ୍ଧି ଓ ରପ୍ତାନି କୈନ୍ଦ୍ରିକ ନୀତି ନିର୍ଦ୍ଧାରଣ କରିବା ଏବଂ ଭିତ୍ତିଭୂମିର ବିକାଶ କରିବା। ଆମର ନେତୃବୃନ୍ଦ ଓ ଜନସାଧାରଣ ରାଜ୍ୟରେ ବ୍ୟବସାୟିକ ପରିବର୍ତ୍ତନକୁ ଲକ୍ଷ୍ୟ କରି କିପରି ଶିକ୍ଷିତ ବେକାର ଯୁବତୀଯୁବକଙ୍କୁ ବିଭିନ୍ନ ପ୍ରକାର ବେପାର ବଣିଜ ଦ୍ୱାରା କର୍ମ ସଂସ୍ଥାନରେ ନିଯୁକ୍ତ କରାଯାଇପାରିବ, ସେ ବିଷୟରେ କାର୍ଯ୍ୟକରିବା ଦରକାର। ଆସନ୍ତୁ ସମସ୍ତେ ମିଶି ଆମ ସମାଜରୁ ଛଦ୍ମ ସମ୍ଭ୍ରାନ୍ତ ପଣିଆ ଓ ଛୋଟ କାମ ଦ୍ୱାରା ସମ୍ମାନ ହାନି ମାନସିକତାକୁ ଦୂରେଇ ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ପ୍ରୟାସ କରିବା।

ପ୍ରଧାନ ବୈଜ୍ଞାନିକ, ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ (ଭାରତ ସରକାର),
ଭୁବନେଶ୍ୱର, ମୋ:୮୯୧୭୪୨୬୫୪୦

## ଏଇ ଭାରତରେ

ଗ୍ରୀଡ୍‌ବିଦ୍ୟୁତ୍ ଉପରେ ଆଉ ନିର୍ଭର କରିବାକୁ ପଡ଼ିବ ନାହିଁ। ଏମିତି ଏକ ଭଲ ଖବର ନେଇ ଆସିଛନ୍ତି ଉତ୍ତରପ୍ରଦେଶର ମୟଙ୍କ ଚୌଧୁରୀ। ଗାଜିଆବାଦରେ ରହନ୍ତି ମୟଙ୍କ। ସେ ତାଙ୍କ ଘରେ ବିଗତ ଦୁଇ ବର୍ଷ ହେବ ଅନ୍–ଗ୍ରୀଡ୍ ସୋଲାର ପ୍ୟାନେଲ ଲଗାଇ ବିଦ୍ୟୁତ ଉତ୍ପାଦନ କରୁଛନ୍ତି ଓ ବିଦ୍ୟୁତ ବିଲ୍ ବାବଦରେ ୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ସଞ୍ଚୟ କରିପାରିଛନ୍ତି। ତାଙ୍କ ଅଗଣାରେ ଲଗାଯାଇଥିବା ଦୁଇଟି ପ୍ୟାନେଲରୁ ଉତ୍ପାଦିତ ବିଦ୍ୟୁତ୍‌ରେ ତାଙ୍କ ଘରର ଆବଶ୍ୟକ ବିଦ୍ୟୁତ୍ ଭରଣା କରୁଛନ୍ତି। ଏଥିରୁ ସେ ୬,୫୦୦ ୱାଟ୍ ବିଦ୍ୟୁତ୍ ଉତ୍ପାଦନ କରୁଛନ୍ତି। ପ୍ରଥମ ପ୍ୟାନେଲ୍‌ରେ ୮ଟି ଓ ଦ୍ୱିତୀୟରେ ୧୨ଟି ସୋଲାର ପ୍ଲେଟ୍ ସେ ଲଗାଇଛନ୍ତି। ଏଥିରେ କୌଣସି ବ୍ୟାଟେରି ବି ବ୍ୟବହାର କରାଯାଇନାହିଁ। ସବୁଠୁ ବଡ଼କଥା ହେଉଛି ଏହା ବର୍ଷସାରା ବିଦ୍ୟୁତ ଯୋଗାଇ ଦେଉଛି। ପ୍ୟାନେଲ୍‌ର ୱାରେଣ୍ଟି ୨୫ ବର୍ଷ ଓ ଇନ୍‌ଭର୍ଟର୍‌ର ୱାରେଣ୍ଟି ୭ ବର୍ଷ ବୋଲି କହନ୍ତି ମୟଙ୍କ। ସୋଲାର ସେଟ୍ ପାଇଁ ୩.୫ ଲକ୍ଷ ବ୍ୟୟ କରିବାକୁ ପଡୁଛି। ପାଞ୍ଚଦିନରେ ଏହା ସମ୍ପୂର୍ଣ୍ଣ ହୋଇଯାଉଛି। ମିଟର ଇଲେକ୍ଟ୍ରି ବୋର୍ଡ ବସାଉଛି ଓ ଏଥିରୁ ଉତ୍ପାଦିତ ବିଦ୍ୟୁତ୍ ଇଲେକ୍ଟ୍ରି ଗ୍ରୀଡ୍‌ରେ ଷ୍ଟୋର ହେଉଛି। ଏଭଳି ସୋଲାର ପ୍ୟାନେଲ ତାଙ୍କ ବନ୍ଧୁ ଓ ସମ୍ପର୍କୀୟମାନେ ବସାଇସାରିଛନ୍ତି ଓ ଏହାକୁ ସେ ବ୍ୟାପକ କରିବାକୁ ଲକ୍ଷ୍ୟ ରଖିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୦ ଫେବୃୟାରୀ ୧୯୯୬

- କାଶ୍ମୀର ଉପତ୍ୟକାର ପବିତ୍ର ହଜରତବଲ ଦର୍ଘା ଅଞ୍ଚଳରେ ବ୍ୟାପକ ହିଂସାକାଣ୍ଡ ଘଟି ୬ ଜଣ ଉଗ୍ରବାଦୀଙ୍କ ସମେତ ୧୦ ନିହତ।
- ଇସ୍ପାତ ଓ ଯାନବାହନ ଉତ୍ପାଦନ କ୍ଷେତ୍ରରେ ଦେଶର ବୃହତ୍ତମ ସରକାରୀ ସଂସ୍ଥା ଟିସ୍‌କୋ ଏବଂ ଟେଲ୍‌କୋ ଇଞ୍ଜିନିୟରିଂ ରପ୍ତାନି ଉନ୍ନୟନ ପରିଷଦ ପକ୍ଷରୁ ଜାତୀୟ ପୁରସ୍କାର ଲାଭ କରିଛି।
- ପରିବେଶ ପ୍ରଦୂଷଣରେ ଜଡ଼ିତ ଯୋଗୁ ଦିଲ୍ଲୀର ଶିଳ୍ପମନ୍ତ୍ରୀ ହରସରଣ ସିଂ ବାଲିଙ୍କୁ ସୁପ୍ରିମ୍‌କୋର୍ଟ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି।

## ଚିରନ୍ତନୀ

ସେ ଗୀତେ ମୁଁ ତ ଯାଇନି ହଜି
ନିଜକୁ ତହିଁ ପାଇଲି ଖୋଜି,
ସେ ଗୀତେ ମୋର ପରାଣ ଭରି
ଝରିଲା କି ଅମିଅ,
ମରଣ ହେଲା ମଧୁରତର ଜୀବନ ହେଲା ପ୍ରିୟ।
–(କୁହୁ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରାଯାଉ

ମହାଶୟ,

ନିକଟରେ କେନ୍ଦ୍ର ସରକାର କହିଥିଲେ ଯେ, ନିର୍ମାଣ ଶ୍ରମିକଙ୍କ ନାମ ଅଧିକମାତ୍ରାରେ ପଞ୍ଜୀକରଣ କରାଯାଉ। କିନ୍ତୁ ଅନେକ ନିର୍ମାଣ ଶ୍ରମିକଙ୍କ ନାମ ପଞ୍ଜୀକରଣ ହୋଇପାରୁନାହିଁ। ଏ ପର୍ଯ୍ୟନ୍ତ ଅଧିକାଂଶ ଶ୍ରମିକଙ୍କୁ ଅତ୍ୟାବଶ୍ୟକ ବଣ୍ଟନ ବ୍ୟବସ୍ଥା ସାଇକେଲ ସହ ବିଭିନ୍ନ କର୍ମ ସାମଗ୍ରୀ ମିଳୁନାହିଁ। ୨ ବର୍ଷ ହେବ ନିର୍ମାଣ ଶ୍ରମିକଙ୍କ ପୁଅଝିଅଙ୍କୁ ଛାତ୍ରୀଛାତ୍ର ବୃତ୍ତି ମିଳୁନାହିଁ। ନିର୍ମାଣ ଶ୍ରମିକଙ୍କ ଝିଅ ବାହାଘର ପାଇଁ ମିଳୁଥିବା ରାଶିକୁ ଏଜେଣ୍ଟମାନେ ହଡ଼ପ କରି ନେଉଛନ୍ତି। ପ୍ରତ୍ୟେକ ଜିଲାରେ ଥିବା ନିର୍ମାଣ ଶ୍ରମିକଙ୍କ କାର୍ଯ୍ୟାଳୟ ସହିତ ଏଜେଣ୍ଟମାନଙ୍କ ଲାଞ୍ଚ କାରବାର ଜୋର୍‌ରେ ଚାଲୁଛି। ଏଜେଣ୍ଟମାନେ ଲାଞ୍ଚ ନ ପାଇଲେ ଶ୍ରମିକଙ୍କ ପଞ୍ଜୀକରଣ କରାଇ ଦେଉନାହାନ୍ତି। ଏଜେଣ୍ଟ ବ୍ୟବସ୍ଥା ଉଠାଯାଇ ଅନ୍‌ଲାଇନ୍ ମାଧ୍ୟମରେ ସମସ୍ତ ଆବେଦନ ଓ ପଞ୍ଜୀକରଣ କରାଯାଉ। ଅନ୍ୟପଟେ ରାଜ୍ୟ ସରକାର ନିର୍ମାଣ ଶ୍ରମିକଙ୍କ ରାଶିକୁ ଅନ୍ୟ ସାମାଜିକ କଲ୍ୟାଣ କାର୍ଯ୍ୟରେ ଲଗାଇ ଦେଉଛନ୍ତି ବୋଲି ଜନସାଧାରଣରେ ଆଲୋଚନା ହେଉଛି। କେନ୍ଦ୍ର ଓ ରାଜ୍ୟ ସରକାର ନିର୍ମାଣ ଶ୍ରମିକଙ୍କ ଏଜେଣ୍ଟ ବ୍ୟବସ୍ଥା ଉଠାଇ ଅନ୍‌ଲାଇନ୍ ମାଧ୍ୟମରେ ସମସ୍ତ କାର୍ଯ୍ୟ କରିବାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅନୁରୋଧ।

–ସଂଗ୍ରାମ ସେନାପତି, ଭିଆଇପି ରୋଡ୍, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପୁଣି ପୋତାଗଲା ଅପମିଶ୍ରିତ ସାମଗ୍ରୀ

- ନଷ୍ଟ କରାଗଲା ସସ୍, ଘିଅ, ହଳଦୀ ଓ ଲଙ୍କାଗୁଣ୍ଡ
- ନମୁନା ପରୀକ୍ଷାରୁ ଖାଦ୍ୟ ଅନୁପଯୋଗୀ ଜଣାପଡିଥିଲା
- ଗତ ୭ ତାରିଖରେ ମଧ ନକଲି ସାମଗ୍ରୀ ପୋତା ଯାଇଥିଲା

କଟକ ଅଫିସ, ୯।୨

କଟକ ସହରର ବିଭିନ୍ନ ସ୍ଥାନରେ ଗତ କିଛିମାସ ମଧ୍ୟରେ ଚଢାଉ କରାଯାଇ ଅନେକ ନକଲି ଓ ଅପମିଶ୍ରିତ କାରଖାନା ଠାବ କରାଯାଇଛି। ସେଠାରୁ ଘିଅ, ତେଲ, ମସଲାଗୁଣ୍ଡ, ଚା, ନକଲି ଜର୍ଦ୍ଦା, ହଳଦୀଗୁଣ୍ଡ ଜବତ କରାଯାଇଛି। ତେବେ କଟକରେ ପ୍ରସ୍ତୁତ ହେଉଥିବା ଏହି ସାମଗ୍ରୀକୁ ରାଜ୍ୟର ବିଭିନ୍ନ ସ୍ଥାନକୁ ବିକ୍ରି ପାଇଁ ପଠାଯାଉଛି। ଲୋକମାନେ କମ୍ ମୂଲ୍ୟରେ ଏଭଳି ସାମଗ୍ରୀକୁ ଆପଣାଉଛନ୍ତି। ଏହି ସାମଗ୍ରୀକୁ ବିକ୍ରି କରି କାରଖାନା ମାଲିକ ମାଲାମାଲ ହେଉଥିବାବେଳେ ଲୋକଙ୍କ ଜୀବନ ସହ ଖେଳ ଖେଳାଯାଉଛି। ପରବର୍ତ୍ତୀ ସମୟରେ ଏହା ଜଣାପଡିବା ପରେ ଜନଅସନ୍ତୋଷ ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ପୋଲିସ ଓ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ମିଳିତ ଚଢାଉ କରାଯାଇ ବିପୁଳ ପରିମାଣର ନକଲି ଓ ଅପମିଶ୍ରିତ ସାମଗ୍ରୀ ଜବତ କରାଯାଇଛି। ଏହାର ନମୁନା ପରୀକ୍ଷା ପାଇଁ ପଠାଯାଉଛି। ପରେ ଏହା ଖାଦ୍ୟ ଅନୁପଯୋଗୀ ଜଣାପଡିବାରୁ ତାହାକୁ ନଷ୍ଟ କରାଯାଉଛି। ଏହି କ୍ରମରେ ଜଗତ୍‌ପୁର ଶିଳ୍ପାଞ୍ଚଳସ୍ଥିତ ସୁବାସ କମ୍ପାନୀରୁ ଜବତ ବିପୁଳ ଅପମିଶ୍ରିତ ସାମଗ୍ରୀକୁ ପୋଲିସ ରବିବାର ନଷ୍ଟ କରିଥିବାବେଳେ ମଙ୍ଗଳବାର ପୁଣି ୩ଟି କମ୍ପାନୀର ଅପମିଶ୍ରିତ ସାମଗ୍ରୀକୁ ନଷ୍ଟ କରିଛି। ସ୍ୱାତୀ ସସ୍ କମ୍ପାନୀ, ମନ୍ଦିର ମସଲା ଓ ସୁବାସ କମ୍ପାନୀରୁ ଜବତ ହୋଇଥିବା ୫ଟନ୍‌ରୁ ଅଧିକ ନକଲି ସସ୍, ମସଲା ଓ ଘିଅକୁ ଜଗତ୍‌ପୁର ଶିଳ୍ପାଞ୍ଚଳ ପରିସରସ୍ଥ ଏକ ପଡିଆରେ ମଙ୍ଗଳବାର କଟକ ମହାନଗର ନିଗମ(ସିଏମ୍‌ସି) ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର, ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରତୀକ୍ଷା ଦାସମହାପାତ୍ର, ଫୁଡ୍ ଏସ୍‌ଆଇ ଭଗବାନ ଲେଙ୍କାଙ୍କ ଉପସ୍ଥିତିରେ ନଷ୍ଟ କରାଯିବା ସହ ଗାତ ଖୋଳି ପୋତିଦିଆଯାଇଥିଲା। ଏହି ସାମଗ୍ରୀର ମୂଲ୍ୟ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଜଗତ୍‌ପୁର ଥାନା ଅଧିକାରୀ ରବୀନ୍ଦ୍ରନାଥ ମେହେର କହିଛନ୍ତି।


ଜବତ ସାମଗ୍ରୀକୁ ଜେସିବି ସହାୟତାରେ ପୋତାଯାଉଛି।

ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ସାମଗ୍ରୀ ନଷ୍ଟ କରାଯାଇଥିବା ଏସିପି ଅମରେନ୍ଦ୍ର ପଣ୍ଡା କହିଛନ୍ତି।

ସୂଚନାଯୋଗ୍ୟ, ୨୦୨୦ ସେପ୍ଟେମ୍ବର ୯ରେ ଜଗତ୍‌ପୁର ଥାନା ଅଧୀନ ଆଇବି ରୋଡ୍ ଅଞ୍ଚଳରେ ଥିବା ଏକ ଅପମିଶ୍ରିତ ସସ୍ କାରଖାନାରେ ପୋଲିସ ଚଢାଉ କରିଥିଲା। ସେଠାରୁ ୮୨୪ ବୋତଲରୁ ଊର୍ଦ୍ଧ୍ୱ ଟମାଟୋ ଓ ଚିଲି ସସ୍, ବୋତଲରେ ଲାଗିବାକୁ ଥିବା ଷ୍ଟିକର ଓ ଅନ୍ୟ ସାମଗ୍ରୀକୁ ଜବତ କରିଥିଲା। ସେହିପରି ୨୦୨୦ ନଭେମ୍ବର ୧୧ରେ ଜଗତ୍‌ପୁର ଥାନା ଅଧୀନ ଜଗନ୍ନାଥ ଇଣ୍ଡଷ୍ଟ୍ରି ଅଞ୍ଚଳରେ ଥିବା ମନ୍ଦିର ମସଲା ନାମକ କମ୍ପାନୀରେ ପୋଲିସ ଚଢାଉ କରି ଲକ୍ଷାଧିକ ଟଙ୍କାର ଅପମିଶ୍ରିତ ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ଜିରାଗୁଣ୍ଡ, ମସଲା ଜବତ କରିଥିଲା। ଏହି ଘଟଣାରେ କମ୍ପାନୀର ୨ ଜଣ କର୍ମଚାରୀଙ୍କୁ ପୋଲିସ ଗିରଫ କରିଥିଲା। ୨୦୨୦ ନଭେମ୍ବର ୩୦ରେ ଜଗତ୍‌ପୁର ଥାନା ଅଞ୍ଚଳରେ ସୁବାସ କମ୍ପାନୀରେ ପୋଲିସ ଚଢାଉ କରି ଅପମିଶ୍ରିତ ଆଚାର, ଘିଅ, ସସ୍‌କୁ ଜବତ କରିଥିଲା। ତେବେ ଉକ୍ତ ସାମଗ୍ରୀକୁ ଗତ ୭ ତାରିଖରେ ଗାତ ଖୋଳି ପୋତାଯାଇଥିବାବେଳେ ବାକି ଥିବା ଆଉ କିଛି ସାମଗ୍ରୀ ମଙ୍ଗଳବାର ପୋତାଯାଇଥିବା ଥାନାଧିକାରୀ ମେହେର କହିଛନ୍ତି।

## ଟ୍ୟୁଶନ ସାର୍‌ଙ୍କ ମାଡ଼ରେ ଛାତ୍ର ଗୁରୁତର

**ନିଶ୍ଚିନ୍ତକୋଇଲି,୯।୨(ସ୍ୱ.ପ୍ର.):** କଟକ ଜିଲା ମାହାଙ୍ଗା ଥାନା କୋଲିଆଠା ଗ୍ରାମର ଜଣେ ଚତୁର୍ଥ ଶ୍ରେଣୀ ଛାତ୍ର ମଙ୍ଗଳବାର ଟ୍ୟୁଶନ ସାର୍‌ଙ୍କ ମାଡ଼ରେ ଛାତ୍ରଙ୍କ ହାଡ଼ ଭାଙ୍ଗିଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ମାହାଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ତାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି।


THE KOSALA SCHOOL, Estd. - 1979
ENGLISH MEDIUM RESIDENTIAL PUBLIC SCHOOL
At: Nuakhairpali, P.O.- Larasara, Via: Attabira, Dist.- Bargarh, PIN - 768027
E-mail: thekosalaschool1979@gmail.com, Website: www.thekosalaschool.in
Mob.: 6371537828 / 6371532877 / 6370708544

KOSALA ENTRANCE TEST 2021-2022

- Admissions open for Classes UKG to Std.-IX for **BOARDERS ONLY**.
- Interested candidates are to appear entrance test in English, Mathematics and General Awareness on the 28th February or 7th March 2021.
- Entrance Test will be conducted by strictly adhering to Covid-19 safety guidelines.
- Candidates qualified in Entrance Test will get admission strictly on merit basis.
- Enquiry time over Phone - 10.00 A.M. to 2.00 P.M.
- Entrance Test Timings - 10.30 A.M. to 12.30 P.M.
- Selling of Admission forms will start from 10th Feburary 2021.

Sd./- (Director-cum-Principal)



cmpdi
CENTRAL MINE PLANNING & DESIGN INSTITUTE LIMITED
(A Subsidiary of Coal India Limited)
Gondwana Place, Kanke Road, Ranchi-834031, Jharkhand, India

NOTICE

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in** /respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in.** In addition, procurement is also done through GeM Portal **https://gem.gov.in**"


## ଏଥର ହେବନି ଖଣ୍ଡଗିରି ମେଳା

ଭୁବନେଶ୍ୱର, ୯।୨(ବ୍ୟୁରୋ): ଖଣ୍ଡଗିରି ମେଳାକୁ ନେଇ ଯେଉଁ ଦ୍ୱନ୍ଦ୍ୱ ଲାଗି ରହିଥିଲା ସେଥିରେ ଅନ୍ତ ଘଟିଛି। ଏ ବର୍ଷ ଖଣ୍ଡଗିରି ମେଳା ବନ୍ଦ କରାଯିବାକୁ ନିଷ୍ପତ୍ତି ହୋଇଛି। କୌଣସି ଯାତ୍ରା ପେଣ୍ଡାଲ ବା ମେଳା ପାଇଁ ଷ୍ଟଲ ପଡ଼ିବ ନାହିଁ। କୋଭିଡ୍ ଗାଇଡ୍‌ଲାଇନ୍ ମୁତାବକ କେବଳ ପରମ୍ପରା ପାଳନ ହେବ। ଏନେଇ ମଙ୍ଗଳବାର ବିଏମ୍‌ସି ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ଜାରି କରାଯାଇଛି। ଚଳିତବର୍ଷ ଖଣ୍ଡଗିରି ମେଳାକୁ ନେଇ ଦ୍ୱନ୍ଦ୍ୱ ଲାଗି ରହିଥିଲା। ନିର୍ଦ୍ଧାରିତ ସ୍ଥାନରେ ଖଣ୍ଡଗିରି ମେଳା ହେବ କି ନାହିଁ ସେ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ହୋଇ ନ ଥିଲା। ମେଳାରେ ପ୍ରାୟ ୫୦ହଜାରରୁ ଅଧିକ ଲୋକଙ୍କ ସମାଗମ ହେବାକୁ ଥିବାବେଳେ ସେହି ସ୍ଥାନରେ କୋଭିଡ୍ କଟକଣା ଭିତରେ ଯାତ୍ରା ପାଇଁ ଅନୁମତି ଦେବା ଅସମ୍ଭବ ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଥିଲେ। ସୋମବାର କମିଶନର କହିଥିଲେ ଯେ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୋଭିଡ୍ ଗାଇଡ୍‌ଲାଇନ୍‌କୁ ଆମେ ଉଲ୍ଲଂଘନ କରିପାରିବୁ ନାହିଁ। ଗାଇଡ୍‌ଲାଇନ୍ ମାନି ଏହି ଉତ୍ସବ କରାଯାଇପାରିବ। କିନ୍ତୁ ବିଭିନ୍ନ ଆଲୋଚନା ପର୍ଯ୍ୟାଲୋଚନା ପରେ ଏହି ମେଳା ଏଥର ନ କରିବା ପାଇଁ ବିଏମ୍‌ସି ନିଷ୍ପତ୍ତି ନେଇଛି।

# ଏବର୍ଷ ହେବନି ନାଗାର୍ଜୁନ ବେଶ


ବୈଠକରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ଏବଂ ଅନ୍ୟମାନେ।

- ପଞ୍ଜିକାରେ ପଡୁନାହିଁ: ଶ୍ରୀମନ୍ଦିର ନୀତି ପ୍ରଶାସକ
- ଭୁଲ୍ ତଥ୍ୟ ପ୍ରଦାନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ: ମୁକ୍ତିମଣ୍ଡପ ପଣ୍ଡିତ ସଭା

ପୁରୀ ଅଫିସ, ୯।୨

ଚଳିତ ବର୍ଷ ମହାପ୍ରଭୁଙ୍କର ଦୁର୍ଲ୍ଲଭ ନାଗାର୍ଜୁନ ବେଶ ହେବ ନାହିଁ। କାରଣ ଚଳିତବର୍ଷର ପଞ୍ଜିକାରେ ଏହା ପଡୁନାହିଁ। ମଙ୍ଗଳବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଆୟୋଜିତ ନୀତିକାନ୍ତି ନିର୍ଦ୍ଧାରଣ ବୈଠକ ପରେ ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ଏହି ସୂଚନା ଦେଇଛନ୍ତି। ଫଳରେ ଏ ନେଇ ଦୀର୍ଘଦିନ ଧରି ଚାଲିଥିବା ସମସ୍ତ କଳ୍ପନାଜଳ୍ପନାର ଅବସାନ ଘଟିଛି।

ଚଳିତବର୍ଷ ପଣାସଂକ୍ରାନ୍ତିଠାରୁ ବର୍ଷସାରା ହେବାକୁ ଥିବା ଦାରୁଦିଅଁଙ୍କ ନୀତିକାନ୍ତି ସଂକ୍ରାନ୍ତ ବୈଠକରେ ଶ୍ରୀମନ୍ଦିର ନୀତି ପ୍ରଶାସକ ସଭାପତିତ୍ୱ କରିଥିଲେ। ଏଥିରେ ମୁକ୍ତିମଣ୍ଡପ ପଣ୍ଡିତ ସଭାର ସଦସ୍ୟ, ପଞ୍ଜିକାର, ପୂଜାପଣ୍ଡା ନିଯୋଗ, ଶ୍ରୀମନ୍ଦିର ପରିଚାଳନା କମିଟି ଏବଂ ଦେଉଳ କରଣର ସଦସ୍ୟମାନେ ଉପସ୍ଥିତ ଥିଲେ। ସମସ୍ତଙ୍କ ସହମତି କ୍ରମେ ମେଷ ମାସଠାରୁ ମୀନ ମାସ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ନୀତିକାନ୍ତି ଓ ପର୍ବପର୍ବାଣି ନୀତି ନିର୍ଘଣ୍ଟ ହୋଇଛି। ଏହି ନିର୍ଦ୍ଧାରିତ ନୀତିକାନ୍ତି ଆଧାରରେ ହିଁ ପଞ୍ଜିକା ପ୍ରସ୍ତୁତ କରିବା ପାଇଁ ପଞ୍ଜିକାରମାନଙ୍କୁ ପରାମର୍ଶ ଦିଆଯାଇଛି। ପ୍ରତିବର୍ଷ ଏଭଳି ଭାବେ ପଞ୍ଜିକାରମାନେ ପଞ୍ଜିକା ପ୍ରସ୍ତୁତ ପରେ ପାଣ୍ଡୁଲିପି ପ୍ରଦାନ କରିଥାଆନ୍ତି। ତାହାକୁ ମୁକ୍ତିମଣ୍ଡପ ପଣ୍ଡିତ ସଭାକୁ ଦିଆଯାଇଥାଏ। ପଣ୍ଡିତମାନେ ଏହାର ଅନୁଶୀଳନ କରିବା ପରେ ପଞ୍ଜିକା କମିଟିର ସଦସ୍ୟମାନେ ଏ ନେଇ ଚୂଡ଼ାନ୍ତ ମୋହର ମାରିଥାନ୍ତି। ତେବେ ଚଳିତବର୍ଷ ପଞ୍ଜିକାରେ ନାଗାର୍ଜୁନ ବେଶ ପଡୁ ନ ଥିବା ମୁକ୍ତିମଣ୍ଡପ ପଣ୍ଡିତ ସଭା କହିଛି। ପୂର୍ବରୁ କେତେକ କ୍ୟାଲେଣ୍ଡର ଓ ପଞ୍ଜିକାରେ ଚଳିତବର୍ଷ ନାଗାର୍ଜୁନ ବେଶ ପଡୁଥିବା ନେଇ ଦର୍ଶାଯାଇଥିଲା। ତେବେ ଏହା ସତ୍ୟ ନୁହେଁ ବୋଲି ମୁକ୍ତିମଣ୍ଡପ ପଣ୍ଡିତ ସଭା ପ୍ରକାଶ କରିଛି। ଏଭଳି ଭୁଲ ତଥ୍ୟ ଦେଉଥିବା ପଞ୍ଜିକା ଓ କ୍ୟାଲେଣ୍ଡର ଛପା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପଣ୍ଡିତ ସଭା ଦାବି କରିଛି।

## କନ୍ଦରପୁର ତତ୍କାଳୀନ ଆଇଆଇସିଙ୍କୁ ୨୫ହଜାର ଜରିମାନା

**ଥାନାକୁ ଡକାଇ ମାଡ଼ ମାରିବା ଘଟଣା**

**କଟକ ଅଫିସ୍, ୯।୨:** ଏକ ମିଥ୍ୟା ମାମଲାରେ ଜଣେ ବ୍ୟକ୍ତିଙ୍କୁ ଥାନାକୁ ଡକାଇ ମାଡ଼ ମାରିବା ଏବଂ ଜୋର ଜବରଦସ୍ତ ତାଙ୍କଠାରୁ ବୟାନ ଲେଖାଇବା ଅଭିଯୋଗରେ କଟକ ଜିଲା କନ୍ଦରପୁର ଥାନା ପୂର୍ବତନ ଥାନା ଅଧିକାରୀ ମୃଣାଳକାନ୍ତି ସେନାପତିଙ୍କୁ ରାଜ୍ୟ ମାନବାଧିକାର ଆୟୋଗ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦଣ୍ଡ ସ୍ୱରୂପ ୨୫ହଜାର ଟଙ୍କା ଜରିମାନା ଏବଂ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆଦେଶ ଦେଇଛନ୍ତି। ପ୍ରକାଶ ଯେ, ୨୦୧୬ ଅକ୍ଟୋବର ୨୭ରେ କନ୍ଦରପୁର ଥାନା ଅନ୍ତର୍ଗତ ହଂସନାଥ ଗ୍ରାମର ଚନ୍ଦ୍ରଶେଖର ନାୟକଙ୍କୁ ତତ୍କାଳୀନ ଥାନା ଅଧିକାରୀ ସେନାପତି ଥାନାକୁ ଡାକି ଜଣେ ନିରୁଦ୍ଦିଷ୍ଟ ମହିଳାଙ୍କ ସମ୍ପର୍କରେ ପଚାରିଥିଲେ। ନାୟକ ଏନେଇ କିଛି ଜାଣି ନ ଥିବା ପ୍ରକାଶ କରିବା ପରେ ତାଙ୍କୁ ଥାନାଧିକାରୀ ନିଷ୍ଠୁର ମାଡ଼ ମାରିଥିଲେ। ଏପରି କି ତାଙ୍କ ନିକଟରୁ ଏକ ମିଥ୍ୟା ବୟାନରେ ଦସ୍ତଖତ କରିବା ସହ ସମ୍ପୂର୍ଣ୍ଣ ସୁସ୍ଥ ଅବସ୍ଥାରେ ଥାନାରୁ ଘରକୁ ଫେରିଥିବା ନେଇ ଏକ ବୟାନ ରେକର୍ଡ କରିଥିଲେ। ନାୟକ ଆହତ ଅବସ୍ଥାରେ ଥାନାରୁ ଫେରି ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ପରେ ଏନେଇ ଉଚ୍ଚ ପୋଲିସ ଅଧିକାରୀ ଏବଂ ରାଜ୍ୟ ମାନବାଧିକାର ଆୟୋଗଙ୍କ ଦ୍ୱାରସ୍ଥ ହୋଇଥିଲେ। ଉକ୍ତ ମାମଲାର ବିଚାର କରି ଆୟୋଗ ଏହି ଦଣ୍ଡାଦେଶ ଶୁଣାଇଛନ୍ତି।


ଭାରତୀୟ ରିଜର୍ଭ ବ୍ୟାଙ୍କ
ମାନବ ସଂସାଧନ ପ୍ରବନ୍ଧ ବିଭାଗ
ଭୁବନେଶ୍ୱର

ଭୁବନେଶ୍ୱର ନୟାପଲ୍ଲୀ ସ୍ଥିତ ଭାରତୀୟ ରିଜର୍ଭ ବ୍ୟାଙ୍କର ଅଫିସରସ୍ କଲୋନୀର ୧୮ଟି **V.O.F**ର ସଫେଇ**,** ଖାଦ୍ୟପେୟ ଏବଂ ରକ୍ଷଣାବେକ୍ଷଣ ତଥା ଭାରତୀୟ ରିଜର୍ଭ ବ୍ୟାଙ୍କ ଷ୍ଟାଫ୍ କଲୋନୀ**,** ବିଦ୍ୟୁତ୍ ମାର୍ଗ**,** ଭୁବନେଶ୍ୱର ସ୍ଥିତ ୪ଟି ଟ୍ରାଞ୍ଜିଟ୍ ହଲିଡେ ହୋମ (ଟି.ଏଚ୍.ଏଚ୍) ଓ ୨ଟି ମେଡ଼ିକାଲ ଫ୍ଲାଟ୍‌ର ସଫେଇ ଏବଂ ରକ୍ଷଣାବେକ୍ଷଣ ନିମନ୍ତେ ଅନୁଭବୀ ସଂସ୍ଥାମାନଙ୍କଠାରୁ ଭାରତୀୟ ରିଜର୍ଭ ବ୍ୟାଙ୍କ**,** ଭୁବନେଶ୍ୱର ଇ-ନିବିଦା ଆହ୍ୱାନ କରୁଅଛି।
ଇଚ୍ଛୁକ ପ୍ରତିଷ୍ଠିତ ଏବଂ ଅନୁଭବୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ (**www.rbi.org.in**) ମାଧ୍ୟମରେ ନିବିଦା ବିଭାଗକୁ ଦେଖିପାରିବେ ଅଥବା ବ୍ୟାଙ୍କର ମାନବ ସଂସାଧନ ପ୍ରବନ୍ଧନ ବିଭାଗ ସହ ଯୋଗାଯୋଗ କରିପାରିବେ। ଏମ୍‌ଏସ୍‌ଟିସି ପୋର୍ଟାଲ (**https://www.mstcecommerce.com/eprochome/rbi**)ରେ ଇ-ଟେଣ୍ଡର ଆବେଦନର ଶେଷ ତାରିଖ ୧୫ ମାର୍ଚ୍ଚ ୨୦୨୧ ଦିନ ୧୨ ଘଟିକା ଅଟେ।

**କ୍ଷେତ୍ରୀୟ ନିର୍ଦ୍ଦେଶକ**



ODISHA CONSTRUCTION CORPORATION LTD.
(A Government of Odisha Undertaking)
UNIT - VIII, Gopabandhu Nagar, Bhubaneswar, Pin-751012
Tel No.: (0674) 2562020, E-mail: theoccltd@odishaconstruction.com
GSTIN - 21AAACO2571K2ZM

"e" Procurement Notice No. 30/OCCL/2020-21 (on-line)

Type of Work :- **River Training Work**
Total No of Works :- **01 (One) No.**
Period of completion :- **03 (Three) Calendar Months**

| Procurement officer | Bid Identification No. | Amount put to Tender (Approx.) (Rs. in Lakhs) | Bid Security (Rs. in Lakhs) | Availability of Tender (On-line) | Submission of Tender (On-line) |
|---|---|---|---|---|---|
| Managing Director, OCC Ltd., Bhubaneswar | OCCL-RIP/02/2020-21 | Rs.169.79 Lakhs | Rs.1.70 Lakhs | From 11.02.2021, 10.00 A.M to 25.02.2021 up to 5.30 P.M. | From 11.02.2021, 10.00 A.M to 25.02.2021 up to 5.30 P.M. |

Date of opening of the Technical Bid: **26.02.2021, 12.00 Noon.**
Further detail can be seen from the e-procurement portal:
**https://www.tendersodisha.gov.in**

**S/d- dtd. 09.02.2021**
**Managing Director**


## ବଢ଼ିପାରେ ମାଟ୍ରିକ ପରୀକ୍ଷା ଫର୍ମ ପୂରଣ ଅବଧି

ଭୁବନେଶ୍ୱର, ୯।୨(ବ୍ୟୁରୋ): ମାଟ୍ରିକ ପରୀକ୍ଷା ଫର୍ମ ପୂରଣ ଅବଧି ବଢ଼ିପାରେ। ବୁଧବାର ଫର୍ମ ପୂରଣ ପାଇଁ ଶେଷ ତାରିଖ ଥିବାବେଳେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ତାହାକୁ ଆଉ ଦୁଇରୁ ତିନିଦିନ ବୃଦ୍ଧି କରାଯିବ ବୋଲି ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ସୂଚନା ଦେଇଛନ୍ତି। ୨୦୧୯-୨୦ ଶିକ୍ଷାବର୍ଷରେ ନବମ ଶ୍ରେଣୀରେ ଅଧ୍ୟୟନ କରୁଥିବା ସମସ୍ତ ପିଲାଙ୍କୁ ଚଳିତ ମେ' ମାସରେ ମାଟ୍ରିକ ବୋର୍ଡ ପରୀକ୍ଷା ଦେବା ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିବା ପରେ ଫର୍ମ ପୂରଣ ତାରିଖ ବଢ଼ାଇବାର ଆବଶ୍ୟକତା ରହିଛି। ତେଣୁ ବୁଧବାର ଗୋଟିଏ ଦିନରେ ଯଦି ସମ୍ପୂର୍ଣ୍ଣ ଫର୍ମ ପୂରଣ ହୋଇ ନ ପାରିଲା ତେବେ ମାଧମିକ ଶିକ୍ଷା ପରିଷଦ ସହ ଆଲୋଚନା କରି ଆଉ ଦୁଇ ଦିନ ବୃଦ୍ଧି କରାଯିବା ଲାଗି ପଦକ୍ଷେପ ନିଆଯାଇପାରେ ବୋଲି ମନ୍ତ୍ରୀ କହିଛନ୍ତି।

# ବୟସ ଅତିକ୍ରାନ୍ତ ପ୍ରାର୍ଥୀଙ୍କୁ ସୁଯୋଗ ଦେବାକୁ କେନ୍ଦ୍ର ଅରାଜି

**ୟୁପିଏସ୍‌ସି ସିଭିଲ୍ ସର୍ଭିସ୍ ପରୀକ୍ଷା**

ନୂଆଦିଲ୍ଲୀ, ୯।୨

ବୟସ ଅତିକ୍ରାନ୍ତ ପ୍ରାର୍ଥୀଙ୍କୁ ୟୁପିଏସ୍‌ସି ପରୀକ୍ଷା ଲାଗି ଆଉ ଏକ ସୁଯୋଗ ଦେବା ସପକ୍ଷରେ ସରକାର ନାହାନ୍ତି। ଏ ସମ୍ପର୍କରେ ମଙ୍ଗଳବାର ସୁପ୍ରିମକୋର୍ଟଙ୍କୁ କେନ୍ଦ୍ର ସରକାର ଜଣାଇ ଦେଇଛନ୍ତି। ବୟସ ଅତିକ୍ରାନ୍ତ ଆଶାୟୀଙ୍କୁ ସୁଯୋଗ ଦେବା ଅନ୍ୟମାନଙ୍କ ପ୍ରତି ପକ୍ଷପାତ ହେବ ବୋଲି ସରକାର କହିଛନ୍ତି। କରୋନା ମହାମାରୀ ଯୋଗୁ ଗତବର୍ଷ ଅକ୍ଟୋବରରେ ସିଭିଲ୍ ସର୍ଭିସ ପରୀକ୍ଷା ହୋଇପାରି ନ ଥିଲା। ଶେଷ ସୁଯୋଗରୁ ବଞ୍ଚିତ ହୋଇଥିବା କେତେଜଣ ସିଭିଲ୍ ସର୍ଭିସ ଆଶାୟୀ ଆଉ ଥରେ ସୁଯୋଗ ଦେବା ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ ଏ.ଏମ୍. ଖନୱିଲକରଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠଙ୍କୁ ଅତିରିକ୍ତ ସଲିସିଟର ଜେନେରାଲ ଏସ୍.ଭି. ରାଜୁ ଜଣାଇଥିଲେ, ଆଉ ଏକ ସୁଯୋଗ ଦେବାକୁ ସରକାର ଚାହୁଁନାହାନ୍ତି। ବୟସ ଅତିକ୍ରାନ୍ତ ପ୍ରାର୍ଥୀଙ୍କ ପାଇଁ ସରକାର ତାଙ୍କ ଆଭିମୁଖ୍ୟ କୋହଳ କରିବା ସପକ୍ଷରେ ନାହାନ୍ତି, କାରଣ ଏହା ନୀତିଗତ ପ୍ରସଙ୍ଗ, ଯାହା ଅଦାଲତଙ୍କ ବିଚାର ପରିସର ବାହାରେ ବୋଲି ରାଜୁ କହିଥିଲେ।

ଅନ୍ୟପକ୍ଷରେ ବରିଷ୍ଠ ଆଇନଜୀବୀ ଶ୍ୟାମ ଦିୱାନ ଯୁକ୍ତି ଦର୍ଶାଇଥିଲେ, କୋଭିଡ୍-୧୯ ଯୋଗୁ ଶେଷ ସୁଯୋଗ ହରାଇଥିବା ଆଶାୟୀଙ୍କୁ ଆଉ ଏକ ସୁଯୋଗ ନ ଦେବା ସମ୍ପୂର୍ଣ୍ଣ ଅନୈତିକ। ସର୍ବାଧିକ ବୟସ ସୀମାରେ କୋହଳ ଏକ ନୀତିଗତ ନିଷ୍ପତ୍ତି ବୋଲି ସେ ସ୍ୱୀକାର କରିବା ସହ ଏହାକୁ କୋହଳ କରିବା କ୍ଷମତା ଓ କର୍ତ୍ତବ୍ୟ ଅଦାଲତଙ୍କର ରହିଛି ବୋଲି ଦିୱାନ କହିଥିଲେ। କରୋନା ମହାମାରୀ ପାଇଁ ଚଳିତ ବର୍ଷ ବିଚାରର ମାନଦଣ୍ଡ ଭିନ୍ନ ହେବା ଉଚିତ ବୋଲି ସେ ଯୁକ୍ତି ଦର୍ଶାଇଥିଲେ। ଉଭୟ ପକ୍ଷଙ୍କ ଜବାବ ସୁଆଲ ଶୁଣିବା ପରେ ଅଦାଲତ ରାୟ ସଂରକ୍ଷିତ ରଖିଛନ୍ତି।


ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା
(ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ-୮
ଭୁବନେଶ୍ୱର-୭୫୧୦୧୨

ସଂଖ୍ୟା ୧୭୦୩/IND-II-PH-848 ତାରିଖ ୫।୨।୨୦୨୧
CAD-1204

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମେସର୍ସ ଓଡ଼ିଶା ଖଣି ନିଗମ ଲିମିଟେଡ, ଓଡ଼ିଶାର କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଦୁବୁନା ଏବଂ ସାକ୍ରାଡିହି ଗ୍ରାମରେ ୧୩୩୨.୦୧୯ ହେକ୍ଟର ପରିମିତ ଖଣି ଲିଜ୍ ଅଞ୍ଚଳରେ ଅବସ୍ଥିତ ଦୁବୁନା ସାକ୍ରାଡିହି ଲୌହ ଏବଂ ମାଙ୍ଗାନିଜ୍ ଖଣିରୁ ବାର୍ଷିକ ୩.୦ ନିୟୁତ ଟନ୍ ଲୌହ ଏବଂ ୦.୦୫ ନିୟୁତ ଟନ୍ ମାଙ୍ଗାନିଜ୍ ଉତ୍ପାଦନ କରିବା ନିମନ୍ତେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ଅନୁୟାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥି ନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୧୫।୦୩।୨୦୨୧ରିଖ ଦିବା ୧୧.୦୦ ଘଟିକା ସମୟରେ କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ପୁରୁଣାଡିହି ଗ୍ରାମରେ ସ୍ଥିତ ଖାତା ନଂ. ୯୦ (ରଖିତ) ଅନ୍ତର୍ଗତ ପ୍ଲଟ ନଂ. ୧୧/୬୪୩ ଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ ଉପସ୍ଥାପନ କରିପାରିବେ। ଉକ୍ତ ସର୍ବସାଧାରଣ ଶୁଣାଣି କଠୋର ଭାବରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ Covid-19 ମହାମାରୀ ପ୍ରତିବନ୍ଧକ ମାର୍ଗଦର୍ଶିକା ନଂ.୨୨-୨୫-IA.III, ତା୧୪।୦୯।୨୦୨୦ରିଖ ତଥା ଓଡ଼ିଶା ସରକାରଙ୍କ ଅନୁୟାୟୀ କାର୍ଯ୍ୟକାରୀ କରାଯିବ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, କେନ୍ଦୁଝର।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, କେନ୍ଦୁଝର।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧ ୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, କେନ୍ଦୁଝର।
୬. ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, କେନ୍ଦୁଝରସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

OIPR-08012/11/0004/2021 ସ୍ୱା./-ସଦସ୍ୟ ସଚିବ


# ଏଓଆର୍ ନିଯୁକ୍ତ, ଦିଲ୍ଲୀ ଗଲା ରାଜସ୍ୱ ଟିମ୍

**ଆଜି କୋଟିଆ ଯିବ ଭାଜପା ପ୍ରତିନିଧି ଦଳ**

ଭୁବନେଶ୍ୱର, ୯।୨(ବ୍ୟୁରୋ)

ଆନ୍ଧ୍ରପ୍ରଦେଶ ସରକାର କୋଟିଆରେ ପଞ୍ଚାୟତ ନିର୍ବାଚନ କରାଇବା ପ୍ରସଙ୍ଗରେ ଓଡ଼ିଶା ସରକାର ସୁପ୍ରିମକୋର୍ଟରେ ରିଟ୍ ପିଟିଶନ କରିବାକୁ ପ୍ରସ୍ତୁତି ଚଳାଇଛନ୍ତି। ରାଜ୍ୟ ଆଇନ ବିଭାଗ ପକ୍ଷରୁ ଶିବଶଙ୍କର ମିଶ୍ରଙ୍କୁ ଆଡଭୋକେଟ୍ ଅନ୍ ରେକର୍ଡ (ଏଓଆର୍) ନିଯୁକ୍ତ କରାଯାଇଛି। ଇତିମଧ୍ୟରେ ତାଙ୍କୁ ଚିଠି ହୋଇଛି। ସେହିପରି କୋରାପୁଟ ଏଡିଏମ୍‌ଙ୍କ ନେତୃତ୍ୱରେ ରାଜସ୍ୱ ବିଭାଗର ଏକ ଟିମ୍ ଦିଲ୍ଲୀ ଗସ୍ତ କରଛି। ସୁପ୍ରିମକୋର୍ଟରେ କିଭଳି ମାମଲା ଲଢ଼ାଯିବ ସେନେଇ ଏମାନେ ଆଲୋଚନା କରିବେ ବୋଲି ଜଣାପଡିଛି।

ଏହି ଘଟଣାକୁ ନେଇ ରାଜ୍ୟ ରାଜନୀତି ମଧ ଜୋର ଧରିଛି। ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି, ୧୯୩୬ ମସିହାରୁ କୋରାପୁଟ ଜିଲା ପଟ୍ଟାଙ୍ଗୀ ଅଞ୍ଚଳରେ କୋଟିଆ ପଞ୍ଚାୟତ ଓଡ଼ିଶା ଭୂଖଣ୍ଡରେ ରହିଛି। ହେଲେ ବର୍ତ୍ତମାନ ଆନ୍ଧ୍ର ସରକାର ସେଠାରେ ପଞ୍ଚାୟତ ନିର୍ବାଚନ କରିବାକୁ ମସୁଧା ଚଳାଇଛନ୍ତି। ଦୀର୍ଘଦିନ ଧରି ଦୁଇ ରାଜ୍ୟ ଭିତରେ ଏହି ବିବାଦ ଲାଗି ରହିଥିବା ବେଳେ ରାଜ୍ୟ ସରକାର କୋଟିଆରେ ସରକାରୀ ସୁବିଧା ପହଞ୍ଚାଇବାରେ ବିଫଳ ହୋଇଛନ୍ତି। ତେଣୁ ଏଭଳି ସମୟରେ ଓଡ଼ିଶା ସହ କୋଟିଆବାସୀଙ୍କ ଭାବାବେଗକୁ ସୁଦୃଢ଼ କରିବାକୁ ଏକ ପ୍ରତିନିଧିମଣ୍ଡଳୀ ବୁଧବାର କୋଟିଆ ଗସ୍ତ କରିବ ବୋଲି ସେ କହିଛନ୍ତି। ସେହିଭଳି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ଟୁଇଟ୍ ଯୋଗେ କହିଛନ୍ତି, ବୁଧବାର ସାରା ଦିନ କୋଟିଆ ଅଞ୍ଚଳବାସୀଙ୍କ ସହ କଟାଇବେ। ଲୋକଙ୍କ ସମସ୍ୟା କଥା ବୁଝିବେ ବୋଲି ସେ କହିଛନ୍ତି। ଏହାପରେ ସେଠାରେ ଭାଜପା ଟିମ୍ ଖବରଦାତା ସମ୍ମିଳନୀ କରିବେ ବୋଲି ସୂଚନା ଦେଇଛନ୍ତି।

କୋଟିଆରେ ଆନ୍ଧ୍ର ସରକାର ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି କରିବା ପରେ ରାଜ୍ୟ ପ୍ରଶାସନ ତତ୍ପରତା ଦେଖାଇଛି। ଗତ ସୋମବାର ଓଡ଼ିଶା ଗସ୍ତରେ ଆସିଥିବା ଆନ୍ଧ୍ର ବିଧାନସଭା କମିଟି ଏହି ଘଟଣାରେ ଉଭୟ ରାଜ୍ୟ ଆପୋସ ଆଲୋଚନା କରିବାର ଆବଶ୍ୟକତା ଥିବା କହିଯାଇଛନ୍ତି। ତେବେ ଏସବୁ ଭିତରେ କୋଟିଆ ପ୍ରସଙ୍ଗ କେଉଁଠି ପହଞ୍ଚିଛି ତାକୁ ନେଇ ସାଧାରଣରେ ନାନା ପ୍ରକାର କଳ୍ପନାଜଳ୍ପନା ଆରମ୍ଭ ହୋଇଗଲାଣି।

କୋଟିଆ ପ୍ରସଙ୍ଗରେ ଗତ ସୋମବାର କଟକରେ ଆଡଭୋକେଟ ଜେନେରାଲଙ୍କ ସହ କୋରାପୁଟ ଏଡିଏମ୍ ଏବଂ ସରକାରୀ ଓକିଲ ମଧ ଆଲୋଚନା କରିଥିଲେ। ଏନେଇ ସରକାର ସୁପ୍ରିମକୋର୍ଟ ଯାଇପାରନ୍ତି ବୋଲି ଯାହା ଅନୁମାନ କରାଯାଉଥିଲା ତାହା ସତ ହୋଇଛି। ସୂଚନାଯୋଗ୍ୟ ଯେ, ଓଡ଼ିଶାର ୩ଟି ଗାଁରେ ଆନ୍ଧ୍ରପ୍ରଦେଶ ପଞ୍ଚାୟତ ନିର୍ବାଚନ ପାଇଁ ୩ଗାଁରୁ ୧୫ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିଲେ।

**୧୦୫୮ ଜଣଙ୍କୁ କୋଭିଡ୍ ଟିକା ପ୍ରଦାନ**

ଝାରସୁଗୁଡ଼ା,(ଡି.ଏନ.ଏ.): ଝାରସୁଗୁଡା ଜିଲାରେ ମଙ୍ଗଳବାର ୧୦୫୮ ଜଣଙ୍କୁ କୋଭିଡ୍ ଟିକା ପ୍ରଦାନ କରାଯାଇଛି। ଜିଲା କାର୍ଯ୍ୟାଳୟରେ ୧୧୬, ଝାରସୁଗୁଡା ପୌରପାଳିକାରେ ୧୦୯, ବେଲପାହାଡ଼ ପୌରପାଳିକାରେ ୭୯, ବ୍ରଜରାଜନଗର ପୌରପାଳିକାରେ ୧୨୦, ଲଖନପୁର ବ୍ଲକ କାର୍ଯ୍ୟାଳୟରେ ୯୯, ଲଇକେରା ବ୍ଲକରେ ୧୦୧, କୋଲାବିରା ବ୍ଲକରେ ୧୦୧, କିର୍ମିରା ବ୍ଲକରେ ୯୩, ଝାରସୁଗୁଡ଼ା ରିଜର୍ଭ ପୋଲିସ ଲାଇନରେ ୧୨୦, ବିଏସ୍ଏପି ୨ୟ ବାଟାଲିୟନରେ ୧୨୦ଜଣ କୋଭିଡ୍ ଟିକା ନେଇଛନ୍ତି।

## ସଂକ୍ଷେପରେ

### କୁତ୍ରା ବସ୍ତିରେ ହାତୀପଲ, ଭାଙ୍ଗିଲେ ସ୍କୁଲ ପାଚେରି

କୁତ୍ରା, ୯।୨(ଡି.ଏନ.ଏ.): ସୁନ୍ଦରଗଡ ଜିଲା କୁତ୍ରା ଗ୍ରାମରେ ହାତୀପଲ ମଙ୍ଗଳବାର ବିଳମ୍ବିତ ରାତିରେ ପଶି ନୋଡାଲ ସ୍କୁଲର ପାଚେରି ଭାଙ୍ଗି ପକାଇଛି। ଏଥିସହିତ ସ୍ୱର୍ଗତ ବିଲେଶ୍ୱର ନାଏକଙ୍କ ଘର ପାଚେରି ଭାଙ୍ଗିଛି। ହାତୀପଲ ବିଳମ୍ବିତ ରାତ୍ରିରେ ବସ୍ତିରେ ଆତଙ୍କ ଖେଳାଇଥିବା ବେଳେ ଲୋକେ ଭୟରେ ଘରୁ ବାହାରି ନ ଥିଲେ। ସକାଳେ କୁତ୍ରା ଚୁନିପଡା ଦେଇ ସମ୍ବଲପୁର ଜିଲା ପଟକୁ ହାତୀପଲ ଚାଲି ଯାଇଥିବା ଜଣାପଡିଛି। ବନ ବିଭାଗ ପକ୍ଷରୁ ରାତ୍ରି ପାଟ୍ରୋଲିଂ ପାଇଁ ସାଧାରଣରେ ଦାବି ହେଉଛି।

### ଏନ୍ଏସ୍ଏସ୍ ଛାତ୍ରୀଛାତ୍ରଙ୍କ ମଠପାଲିରେ ସଚେତନତା

ସମ୍ବଲପୁର,୯।୨ (ବ୍ୟୁରୋ): ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜ ଏନ୍ଏସ୍ଏସ୍ ଛାତ୍ରୀଛାତ୍ର ମଙ୍ଗଳବାର ମଠପାଲି ଅଞ୍ଚଳରେ ସଚେତନତା ସୃଷ୍ଟି କରିଥିଲେ। ସେମାନେ ଲୋକଙ୍କୁ କ୍ଲିନ୍ ସମ୍ବଲପୁର ଓ ଗ୍ରୀନ୍ ସମ୍ବଲପୁର ବିଷୟରେ ବୁଝାଇଥିଲେ। ସେହିପରି ପ୍ଲାଷ୍ଟିକ ବ୍ୟବହାର ନ କରିବା ପାଇଁ ଲିଫ୍ଲେଟ ପ୍ରଦାନ କରିଥିଲେ। ଡା. ବିଶ୍ୱମୋହନ ଜେନାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିର୍ଜୁ ବାଗ, ଅଂଶୁମାନ ବାରିକ, ଭବାନୀଶଙ୍କର ସିଂ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

### ବିଜେଡିର ୱାର୍ଡ କମିଟି ଗଠନ

ସମ୍ବଲପୁର,୯।୨ (ବ୍ୟୁରୋ): ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଡକରା ପଞ୍ଚାୟତରେ ବିଜେଡି ପକ୍ଷରୁ ୱାର୍ଡ କମିଟି ଗଠନ କରାଯାଇଛି। ବ୍ଲକ ବିଜେଡି ସଭାପତି ଗୋପୀରଞ୍ଜନ ବେହେରଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରେଢ଼ାଖୋଲ ବିଧାୟକ ତଥା ଉପମୁଖ୍ୟ ସଚେତକ ରୋହିତ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଦଳୀୟ କର୍ମୀମାନେ ପ୍ରଶାସନ ଓ ଲୋକଙ୍କ ସହ ସୁସମ୍ପର୍କ ସ୍ଥାପନ କରି ଯେଭଳି ପ୍ରତ୍ୟେକ ସମସ୍ୟାର ସମାଧାନ ହେବ ସେ ନେଇ କାର୍ଯ୍ୟ କରିବାକୁ ମୁଖ୍ୟଅତିଥି ପୂଜାରୀ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାନେଶ୍ୱର ବ୍ଲକ ଯୁବ ବିଜେଡି ସଭାପତି ସମୀର ପାଢ଼ୀ, ଗଣେଶ ପ୍ରଧାନ, ମହେଶ ଅଗ୍ରୱାଲ, ହରେକୃଷ୍ଣ ପ୍ରଧାନ, ସୀତାରାମ କୁଅଁର, ସନ୍ତୋଷ ପ୍ରଧାନ, ଲକ୍ଷ୍ମଣ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

### ନିକ୍ତିମାଲରେ ହାତୀ ଉପଦ୍ରବ

ଦେବଗଡ଼,୯।୨(ଡି.ଏନ.ଏ): ଦେବଗଡ ବନଖଣ୍ଡ ଅଧୀନ ନିକ୍ତିମାଲ ଗ୍ରାମରେ ପଶି ସୋମବାର ରାତିରେ ଏକ ଦନ୍ତାହାତୀ ବ୍ୟାପକ କ୍ଷୟକ୍ଷତି କରିଛି। ଗୋଠଛଡା ଦନ୍ତାହାତୀ ଗ୍ରାମର ସନ୍ତୋଷ ପ୍ରଧାନ ଓ ସୋମନାଥ ପ୍ରଧାନଙ୍କ ବଗିଚାରେ ପଶି ଟମାଟୋ ଏବଂ କୋବି ଫସଲ ମାଡିଦଳି ନଷ୍ଟ କରିଥିବା ଉଭୟ ଚାଷୀ ଅଭିଯୋଗ କରିଛନ୍ତି। ସେହିପରି ପଙ୍କଜ ପ୍ରଧାନଙ୍କ ଘର ଭାଙ୍ଗି ଧାନ ଚାଉଳ ଆଦି ଶସ୍ୟ ଖାଇବା ସହ ଫିଙ୍ଗା ଫେପଡା କରିଛି। ଗ୍ରାମବାସୀ ଦନ୍ତାକୁ ଘଉଡାଇବାକୁ ଚେଷ୍ଟାକରି ବିଫଳ ହେବାପରେ ବନ ବିଭାଗକୁ ଖବର ଦେଇଥିଲେ। ଫରେଷ୍ଟର ପ୍ରସନ୍ନ ସାହୁ, ସୀମା ପ୍ରଧାନ ଓ ଏଲିଫ୍ୟାଣ୍ଟ ସ୍କ୍ୱାଡ ଗ୍ରାମବାସୀଙ୍କ ସହାୟତାରେ ହାତୀକୁ ନିକଟସ୍ଥ ପ୍ରଧାନପାଟ ସଂରକ୍ଷିତ ଜଙ୍ଗଲକୁ ଘଉଡାଇ ଦେଇଥିଲେ। ଅନ୍ୟପକ୍ଷରେ ବନ ବିଭାଗ ଟିମ୍ ମଙ୍ଗଳବାର ଉକ୍ତ ଗ୍ରାମକୁ ଯାଇ କ୍ଷୟକ୍ଷତିର ଆକଳନ କରିଥିଲେ।

# ବିନା ରସିଦରେ ଟଙ୍କା ଅସୁଲ

ସମ୍ବଲପୁର,୯।୨(ବ୍ୟୁରୋ)


ବୁର୍ଲାର ନର୍ସିଂ କଲେଜ ଛାତ୍ରୀମାନେ।

**ଭିମସାର ନର୍ସିଂ କଲେଜ**
- ଅଭିଯୋଗ ଆଣିଲେ ଛାତ୍ରୀଛାତ୍ର
- ଅଭିଯୋଗ ଭିତ୍ତିହୀନ: ଅଧକ୍ଷା

ସମ୍ବଲପୁର ଜିଲା ବୁର୍ଲାର ଭିମସାର ନର୍ସିଂ କଲେଜରେ ବିନା ରସିଦରେ ଟଙ୍କା ଅସୁଲ କରାଯାଉଥିବା ଅଭିଯୋଗ ହୋଇଛି। ଛାତ୍ରୀଛାତ୍ର ଏ ନେଇ ଭିମସାର ଅଧକ୍ଷା ଜୟଶ୍ରୀ ଡୋରାଙ୍କୁ ଅଭିଯୋଗ କରିବା ପରେ ଘଟଣାର ତଦନ୍ତ ଆରମ୍ଭ ହୋଇଛି।

ଛାତ୍ରୀଛାତ୍ରଙ୍କ ଅଭିଯୋଗ ଅନୁଯାୟୀ ଦାଖଲା ସମୟରେ ପ୍ରଥମେ ୧୮ ହଜାର ଓ ପରେ ୧୦ ହଜାର ଟଙ୍କା ନିଆଯାଇଥିଲା। ଏହି ଅର୍ଥ ୟୁନିଫର୍ମ ଓ ଅନ୍ୟ ସାମଗ୍ରୀ ପାଇଁ ନିଆଯାଉଥିବା କୁହାଯାଇଥିଲା। ଏବେ ସିଏଚ୍ଏସ୍ଇ ଛାତ୍ରୀଛାତ୍ରଙ୍କଠାରୁ ୧ ହଜାର ଓ ସିବିଏସ୍ଇ ଛାତ୍ରୀଛାତ୍ରଙ୍କଠାରୁ ୧୫ ଶହ ଟଙ୍କା ଲେଖାଏ ନିଆଯାଇଛି। ସାର୍ଟିଫିକେଟ ଯାଞ୍ଚ ପାଇଁ ଏହି ଟଙ୍କା ନିଆଯାଉଥିବା କହୁଛନ୍ତି। ହେଲେ ଏ ବାବଦରେ ରସିଦ ମାଗିଲେ ଦିଆଯାଉ ନାହିଁ। ଅଭିଯୋଗକୁ ଭିତ୍ତିକରି ଭିମସାର ଅଧକ୍ଷା ଡୋରା ଏକ ଟିମ୍ ଗଠନ କରି ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ରିପୋର୍ଟ ଆସିଲା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଅଧକ୍ଷା କହିଥିଲେ। ଏ ସମ୍ପର୍କରେ ନର୍ସିଂ କଲେଜ ଅଧକ୍ଷା ଲିଲା ରାନୀ ସ୍ୱାଇଁ କହିଛନ୍ତି, ଏହି ଅଭିଯୋଗ ଭିତ୍ତିହୀନ। ମୋ ବିରୋଧରେ ଏହା ଏକ ଷଡଯନ୍ତ୍ର। କିଛି ବାହାର ଲୋକ କେତେଜଣ ଛାତ୍ରଙ୍କୁ ଧରି ଏଭଳି ଅଭିଯୋଗ କରୁଛନ୍ତି। ନୂତନ ଭାବେ କଲେଜ ଖୋଲାଯାଇଛି। ପରିଚାଳନା ପାଇଁ ସରକାରୀ ଅନୁଦାନ ଆସୁ ନାହିଁ। ଏହା ଛାତ୍ରୀଛାତ୍ର ଓ ଅଭିଭାବକ ଭଲ ଭାବେ ଜାଣିଛନ୍ତି। ଅଭିଭାବକମାନେ କିଛି ଟଙ୍କା ଦେଇଛନ୍ତି। ଡିମାଣ୍ଡ ଡ୍ରାଫ୍ଟ ଭାବେ ଏହା ନିଆଯାଉଛି। ଟଙ୍କାଟିଏ ମଧ୍ୟ ଏପଟସେପଟ କରାଯାଉ ନାହିଁ। ଅଭିଭାବକମାନେ ଲିଖିତ ଭାବେ ସମସ୍ୟା ନ ଥିବା ଜଣାଇଛନ୍ତି। କଲେଜ ସମସ୍ୟା ନେଇ ଜିଲା ପ୍ରଶାସନ, ଭିମସାର ନିର୍ଦ୍ଦେଶକ ଓ ବରିଷ୍ଠ ଅଧିକାରୀମାନଙ୍କୁ ଚିଠି ଲେଖି ଜଣାଇ ଦିଆଯାଇଛି।

# ବିଦ୍ୟୁତ୍ ଉପଭୋକ୍ତା ଠକାମିର ଶିକାର

ରେଢାଖୋଲ,୯।୨ (ଡି.ଏନ.ଏ.)

**ୱେଷ୍କୋ ରସିଦ ଦେଇ ଆଦାୟ କରୁଛନ୍ତି ବିଲ୍**

ଅନ୍ଲାଇନ ଓ ଏଟିଏମ୍ ଠକେଇ ପରେ ଏବେ ରେଢାଖୋଲରେ ଏକ ଠକଦଳ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ୱେଷ୍କୋର ରସିଦ୍ ଦେଇ ବିଲ୍ ଆଦାୟ କରୁଥିବା ଅଭିଯୋଗ ହୋଇଛି। ଉପଭୋକ୍ତାଙ୍କଠାରୁ ସୂଚନା ପାଇ ସହକାରୀ ଯନ୍ତ୍ରୀ ଦୀପକ ରାଉତ ଏ ନେଇ ପୋଲିସରେ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ ଏକ ଠକଦଳ ସୋମବାର ରେଢାଖୋଲ ଥାନା ଲୁହାପଙ୍କ ପଞ୍ଚାୟତର ଚାରବାଟି ଓ ବୁର୍ଡା ପଞ୍ଚାୟତର କାଣ୍ଡତୈଳା ଗ୍ରାମରେ ବିଦ୍ୟୁତ୍ ବିଲ୍ ବକେୟା ଥିବା କହି ନିରୀହ ଆଦିବାସୀଙ୍କ ଘରକୁ ଯାଇ ଅର୍ଥ ଆଦାୟ କରିଥିଲେ। ତେବେ ସନ୍ଦେହ ହେବାରୁ ଲୋକେ ଏ ନେଇ ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ। ଗ୍ରାହକମାନଙ୍କ ବକେୟା ଥିବା ବିଲ୍ କହି ଏହି ଠକଦଳ ୨/୩ଟି ଗ୍ରୁପରେ ବିଭିନ୍ନ ଗ୍ରାମକୁ ଯାଇ ୱେଷ୍କୋର ରସିଦ ଦେଇ ପଇସା ଆଦାୟ କରୁଛନ୍ତି। ଘଟଣା ଜଣାପଡିବା ପରେ ସହକାରୀ ଯନ୍ତ୍ରୀ ଓ କର୍ମଚାରୀ ଉକ୍ତ ଗ୍ରାମକୁ ଯାଇ ଗ୍ରାହକଙ୍କଠାରୁ ନକଲି ରସିଦ ଆଣିବା ସହ ଏ ନେଇ ପୋଲିସକୁ ସୂଚନା ଦେଇଛନ୍ତି। ଗ୍ରାମାଞ୍ଚଳ ବିଦ୍ୟୁତ୍ ଗ୍ରାହକମାନେ ପୂର୍ବରୁ ମଧ୍ୟ ୱେଷ୍କୋ ଦ୍ୱାରା ନିଯୁକ୍ତ କର୍ମଚାରୀଙ୍କୁ ବିଲ୍ ଦେଇଆସୁଥିବାରୁ ଜାଣିପାରି ନ ଥିଲେ। ତେବେ କେତେଜଣ ଉପଭୋକ୍ତା ଠକଦଳ ଦେଉଥିବା ରସିଦକୁ ନେଇ ସନ୍ଦେହ କରି ସହକାରୀ ଯନ୍ତ୍ରୀଙ୍କୁ ଅଭିଯୋଗ କରିବା ପରେ ଘଟଣା ଜଣାପଡିଥିଲା। ରେଢାଖୋଲ ପୋଲିସ ଘଟଣାର ତଦନ୍ତ କରୁଥିବା ବେଳେ ଉକ୍ତ ଠକଦଳକୁ ଧରିବା ପାଇଁ ତନାଘନା ଚଳାଇଛି। ତେବେ ୱେଷ୍କୋ ପକ୍ଷରୁ ଏ ନେଇ ଜନସାଧାରଣଙ୍କୁ ସଚେତନ କରାଯିବାକୁ ବିଦ୍ୟୁତ୍ ଉପଭୋକ୍ତା ଦାବି କରିଛନ୍ତି।

# ଡାକ୍ତରଙ୍କ ସହ ଆଲୋଚନା କଲେ ବିଧାୟକ

ସମ୍ବଲପୁର,୯।୨(ବ୍ୟୁରୋ)


ପଡିଆବାହାଲ ଡାକ୍ତରଖାନାରେ ବିଧାୟକ ଆଲୋଚନା କରୁଛନ୍ତି।

**ପଡ଼ିଆବାହାଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟା**

ସରକାରୀ ଉପମୁଖ୍ୟ ସଚେତକ ତଥା ରେଢାଖୋଲ ବିଧାୟକ ରୋହିତ ପୂଜାରୀ ମଙ୍ଗଳବାର ଅଚାନକ ପଡିଆବାହାଲ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଥିଲେ। ସେଠାରେ ସେ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ନେଇ ଉପସ୍ଥିତ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ଡାକ୍ତର ଓ କର୍ମଚାରୀ ସମସ୍ୟା, ବାଉଣ୍ଡରି କାନ୍ଥ, ପାନୀୟଜଳ, ପୁରୁଣା କୋଠା ମରାମତି ଆବଶ୍ୟକ ଥିବା ନେଇ ଡାକ୍ତର ତାଙ୍କୁ ସୂଚନା ଦେଇଥିଲେ। ବାଉଣ୍ଡରି କାନ୍ଥ ନିର୍ମାଣ ପାଇଁ ଜମି ଚିହ୍ନଟ କରାଗଲେ ବିଧାୟକ ପାଣ୍ଠିରୁ ଟଙ୍କା ଦିଆଯିବ ବୋଲି ବିଧାୟକ ପୂଜାରୀ କହିଥିଲେ। ସେହିପରି କୋଠାଗୁଡିକ ମରାମତି କରିବା ପାଇଁ ଜିଲାପାଳଙ୍କ ସହ ଆଲୋଚନା କରିବେ ବୋଲି କହିଥିଲେ। ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତରଙ୍କ ବଦଳି ପରେ ଏହା ଖାଲି ପଡିଛି। ତେଣୁ ପ୍ରସୂତି ପାଇଁ ଆସୁଥିବା ମହିଳାମାନେ ସମସ୍ୟା ଭୋଗୁଛନ୍ତି। ଷ୍ଟାଫ୍ନର୍ସ ନ ଥିବାରୁ ଡେଲିଭରି ହୋଇ ପାରୁନାହିଁ। ତେଣୁ ଶୀଘ୍ର ସମସ୍ତ ବିଭାଗର ଡାକ୍ତର ନିଯୁକ୍ତି ପାଇଁ ଦାବି ହୋଇଥିଲା। ୧୦୮ ଆମ୍ବୁଲାନ୍ସ ସେବା ଯୋଗାଇବାରେ ଅବହେଳା ହେଉଥିବା ନେଇ ଲୋକମାନେ ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ବ୍ଲକ ସଭାପତି ବିନୋଦ ବଡପଣ୍ଡା, ହରିହର ନାଏକ, ଆନନ୍ଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ପାରମ୍ପରିକ କୃଷି, ଖାଦ୍ୟ ମହୋତ୍ସବ

ଦେବଗଡ଼, ୯।୨(ଡି.ଏନ.ଏ)

ତିଲେଇବଣି ବ୍ଲକ ଛେପିଲିପାଲି ପଞ୍ଚାୟତ ଅନ୍ତର୍ଗତ ଦନାର୍ଦ୍ଦନପାଲି ଗ୍ରାମରେ ମଙ୍ଗଳବାର ପାରମ୍ପରିକ କୃଷି ଓ ଖାଦ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ସେବା ସଂସ୍ଥା ସହଯୋଗ ଓ ଆଶା କିରନ ଲୋକ ସଂଗଠନ ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସମ୍ବଲପୁର ସେବା ସଂସ୍ଥା ସଂଯୋଜିକା ଭାରତୀ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଉଦ୍ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଦେବଗଡ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡକ୍ଟର ସୁଜିତ କୁମାର ନାଥ, ତିଲେଇବଣି ବ୍ଲକ ଅଧକ୍ଷା ସୁବାସିନୀ ଦେହୁରୀ,ଦେବଗଡ ଏଗ୍ରୋ ଇଣ୍ଡଷ୍ଟ୍ରିଜର ଡି.ଏମ୍. ବିଷ୍ଣୁଚରଣ ଭୋଇ, ତିଲେଇବଣି ବ୍ଲକ ସହ କୃଷି ଅଧିକାରୀ ଟିକେଶ୍ୱର ବେହେରା, ଜିଲା ପରିଷଦ ସଦସ୍ୟା ବୃନ୍ଦାବତୀ ଭୋଇ, ତିଲେଇବଣି ଆଇଟିଡିଏର ବିକାଶ ସିଂ ଓ ଗ୍ରାମ୍ୟ କୃଷି କର୍ମୀ ସଚଳା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ବିଭିନ୍ନ କୃଷିଭିତ୍ତିକ ସରକାରୀ ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପାରମ୍ପରିକ ଖାଦ୍ୟ ଓ ଜୈବିକ କୃଷି ସାମଗ୍ରୀ ଓ ଜଙ୍ଗଲଜାତ ଦ୍ରବ୍ୟର ପ୍ରଦର୍ଶନୀ ଷ୍ଟଲ ଖୋଲାଯାଇଥିଲା। କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରିବା ପାଇଁ ପାଲା, ସଂକୀର୍ତ୍ତନ ଓ ପାରମ୍ପରିକ ନୃତ୍ୟ ପରିବେଷଣ କରାଯାଇଥିଲା। ଆଶା କିରନ ସଂଗଠନ ସଭାପତି ଦିଗାମ୍ବର ଭୋଇ, ଉପସଭାପତି ଗୋବର୍ଦ୍ଧନ ବିଶ୍ୱାଳଙ୍କ ସହ ବାସୁଦେବପୁର, ବଲଣ୍ଡା, ଗାଡପାଳ, କଦମଦର୍ହ, ଦନାର୍ଦ୍ଦନପାଲିର ବହୁ ଚାଷୀ ମହୋତ୍ସବରେ ଯୋଗଦେଇଥିଲେ।

# ବକେୟା ଦରମା, ଫଡି ଘର କାର୍ଯ୍ୟକ୍ଷମ ଦାବି


ପିସିସିଏଫ୍ଙ୍କୁ ଭେଟିବାକୁ ଆସିଥିବା କେନ୍ଦୁପତ୍ର କର୍ମଚାରୀ ସଂଘ କର୍ମକର୍ତ୍ତାମାନେ।

**ପିସିସିଏଫ୍ଙ୍କୁ ଭେଟିଲା କେନ୍ଦୁପତ୍ର କର୍ମଚାରୀ ସଂଘ**

ସମ୍ବଲପୁର,୯।୨ (ବ୍ୟୁରୋ)

ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଏକ ପ୍ରତିନିଧି ଦଳ ମଙ୍ଗଳବାର ପିସିସିଏଫ୍ ପ୍ରଭାକର ବେହେରାଙ୍କୁ ଭେଟି ବିଭିନ୍ନ ଦାବି ଉପସ୍ଥାପନ କରିଛନ୍ତି। ଚପରାସୀ, ମୁନ୍ସୀ, ସର୍କଲ ଚେକରମାନଙ୍କ ୨୦୨୦ ମସିହାରୁ ଦରମା ବକେୟା ପଡିଛି। ସେମାନଙ୍କୁ ଶୀଘ୍ର ଦରମା ପ୍ରଦାନ ସହ ଖାଲି ପଡିଥିବା ପଦବୀ ପୂରଣ, କେନ୍ଦୁପତ୍ର ସଂଗ୍ରହ ପରିମାଣ ବୃଦ୍ଧି, ଗୋଛା କଟେଇ କାର୍ଯ୍ୟ ଉପରେ ଗୁରୁତ୍ୱ, ଗୋଛା କଟେଇ ଏରିଆ ପରିମାଣ ବୃଦ୍ଧି, ପାଟଣାଗଡ ଡିଭିଜନରେ ଗତବର୍ଷ ଉଚ୍ଛେଦ ହୋଇଥିବା ୩୬ ଫଡିଘରକୁ ପୁନଃ କାର୍ଯ୍ୟକ୍ଷମ, ସିଜନାଲ କର୍ମଚାରୀଙ୍କୁ ବର୍ଦ୍ଧିତ ମାସିକ ମଜୁରି, ବକେୟା ୧୪ କୋଟି ଟଙ୍କା ମଞ୍ଜୁର କରିବା ଆଦି ଦାବି ନେଇ ସଂଘ ପ୍ରତିନିଧି ଆଲୋଚନା କରିଥିଲେ। ପିସିସିଏଫ୍ ବେହେରା ୧୦ ପ୍ରତିଶତ ଗୋଛା କଟେଇ ପରିମାଣ ବୃଦ୍ଧି କରିବାକୁ ସୂଚନା ଦେଇଥିଲେ। ଏହାସହ ଯଦି ଆବଶ୍ୟକ ପଡେ ଆହୁରି ବୃଦ୍ଧି କରାଯାଇ ପାରିବ। ଅନ୍ୟାନ୍ୟ ଦାବି ଉପରେ ମଧ୍ୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିନିଧି ଦଳକୁ ପ୍ରତିଶ୍ରୁତି ଦେଇଥିଲେ। କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ସଭାପତି ବିଜୟ କୁମାର ମହାନ୍ତି, ଉପସଭାପତି ଗୋକୁଳ ମେହେର, ଝାରସୁଗୁଡା ଡିଭିଜନ ସମ୍ପାଦକ ଦୀନବନ୍ଧୁ ବେହେରା, ସଞ୍ଜିତ ମହାନ୍ତି, ମହମ୍ମଦ ମୁସ୍ତାଜା, ସୁନ୍ଦରଗଡ ଡିଭିଜନ ସମ୍ପାଦକ କ୍ଷେତ୍ରମୋହନ ବାରିକ, ରେଢ଼ାଖୋଲ ଡିଭିଜନ ସମ୍ପାଦକ କିଶୋର ପ୍ରଧାନ, ଭକ୍ତ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ଏମ୍ସିଏଲ୍ ଅଧକ୍ଷଙ୍କ ତାଳଚେର କୋଇଲା ଖଣି ପରିଦର୍ଶନ


ଏମ୍ସିଏଲ୍ ଅଧକ୍ଷ ତାଳଚେର କୋଇଲା ଖଣି ପରିଦର୍ଶନ କରୁଛନ୍ତି।

ସମ୍ବଲପୁର,୯।୨ (ବ୍ୟୁରୋ)

ମହାନଦୀ କୋଇଲା କମ୍ପାନୀ (ଏମ୍ସିଏଲ୍) ପରିଚାଳନା ନିର୍ଦ୍ଦେଶକ ତଥା ଅଧକ୍ଷ ପ୍ରଭାତ କୁମାର ସିହ୍ନା ମଙ୍ଗଳବାର ତାଳଚେରସ୍ଥିତ ଲିଙ୍ଗରାଜ ଖୋଲା ଖଣି ପରିଦର୍ଶନ କରିଛନ୍ତି। ଏଥିସହ କୋଇଲା ଉତ୍ପାଦନର ସ୍ଥିତି ଉପରେ ଅନୁଧ୍ୟାନ କରିଛନ୍ତି। ଏହାପରେ ସେ କୋଇଲା ଉତ୍ପାଦନ କିପରି ବଢ଼ିବ ସେ ନେଇ ସମୀକ୍ଷା କରିଥିଲେ। ବୈଷୟିକ ସଞ୍ଚାଳନ ନିର୍ଦ୍ଦେଶକ ଓ.ପି. ସିଂ ଉପସ୍ଥିତ ଥିଲେ। ଅଧକ୍ଷ ସିହ୍ନା ଢେଙ୍କାନାଳ ଲୋକ ସଭା ସଦସ୍ୟ ମହେଶ ସାହୁଙ୍କ ସହ ମଧ୍ୟ ଆଲୋଚନା କରିଥିଲେ।

# କୁଳପତିଙ୍କୁ ଭେଟିଲା ଜିଲା ଓକିଲ ସଂଘ


ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତିଙ୍କ ସହ ସଂଘ ସଦସ୍ୟ।

ସମ୍ବଲପୁର,୯।୨(ବ୍ୟୁରୋ)

**ଆଇନ କଲେଜ ସମସ୍ୟା ସମାଧାନ ଦାବି**

ଲଜପତ ରାୟ ଆଇନ କଲେଜ ସମସ୍ୟା ସମାଧାନ ପାଇଁ ମଙ୍ଗଳବାର ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୀବ ମିତ୍ତଲଙ୍କୁ ଜିଲା ଓକିଲ ସଂଘର ପ୍ରତିନିଧି ଦଳ ଭେଟି ଆଲୋଚନା କରିଛନ୍ତି। ସଂଘ କର୍ମକର୍ତ୍ତାଙ୍କ ଅଭିଯୋଗ ଅନୁଯାୟୀ, କଲେଜକୁ ଇତିମଧ୍ୟରେ ୫୫ବର୍ଷ ବିତିଯାଇଛି। ହେଲେ ଏ ପର୍ଯ୍ୟନ୍ତ ଜମି ଚିହ୍ନଟ କରାଯାଇ ବାଉଣ୍ଡରି କାନ୍ଥ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଫଳରେ ଅନେକ ସମୟରେ କଲେଜ ପରିସର ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟୁଛି। ଜମି ସମସ୍ୟା ଯୋଗୁ ମୁଖ୍ୟ ଗେଟ୍ ନିର୍ମାଣ ହୋଇପାରୁ ନାହିଁ। ଏହାକୁ ନେଇ ପୂର୍ବରୁ ଜିଲା ପ୍ରଶାସନ ପାଖରେ ଅଭିଯୋଗ କରାଯାଇଥିଲା। ସେହିପରି ସଭା କାର୍ଯ୍ୟ ଠିକ୍‌ରେ ହୋଇପାରୁ ନ ଥିବାରୁ ନୂତନ କାର୍ଯ୍ୟକାରୀ ପରିଷଦ ଗଠନ କରିବାକୁ ଦାବି କରିଥିଲେ। ଓକିଲ ସଂଘ ସଭାପତି ଡ. ପ୍ରମୋଦ ରଥ, ଉପସଭାପତି ଚନ୍ଦ୍ର କୁମାର ମହାନ୍ତି, ସମ୍ପାଦକ ରବିରଞ୍ଜନ ପୁଜାରୀ, ଯୁଗ୍ମ ସମ୍ପାଦକ ଅନୁପ ତରିଆ, କାର୍ଯ୍ୟକାରୀ ସଦସ୍ୟ ଆଶିଷ ପଣ୍ଡା ଉପସ୍ଥିତ ଥିବାବେଳେ ଆଲୁମ୍ନି ସଂଘର ଦୁର୍ଗା ପ୍ରାସାଦ ପାଢୀ, ସତ୍ୟନାରାଣ ପଣ୍ଡା, ପ୍ରକାଶ ଶତପଥୀ, ଭଗତ ସିଂ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# ଫାଇଲେରିଆ ନିରାକରଣ ଅଭିଯାନ

ଲଖନପୁର,୯।୨(ଡି.ଏନ୍.ଏ.)

ଝାରସୁଗୁଡା ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଫାଇଲେରିଆ ନିରାକରଣ ଅଭିଯାନ ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ମୁଖ୍ୟ ଚିକିତ୍ସକ ଡା. ଲାଲମୋହନ ରାଉତରାୟ ଯୋଗଦେଇ ଫାଇଲେରିଆ ରୋଗ ସମ୍ପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟି ପାଇଁ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ଏହି ରୋଗର ପ୍ରତିରୋଧ ଓ ନିରାକରଣ ସମ୍ପର୍କରେ ସେ ବିସ୍ତୃତ ଭାବେ ଉପସ୍ଥାପନ କରିଥିଲେ। ସେହିପରି ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସକ ଡା. ଡୋଲାମଣି ପଟେଲ ଫାଇଲେରିଆ ରୋଗର ଲକ୍ଷଣ, ସଂକ୍ରମଣ, ରୋଗ ଚିହ୍ନଟ, ଔଷଧ ସେବନ ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ଏପିଡେମିଓଲୋଜିଷ୍ଟ ଡା.ରତ୍ନାକର ଚୌଧୁରୀ, ଡା.ମଧୁଲିତା ସାହୁ, ଡିପିଏମ୍ ବୁଲୁନାଥ ସାହୁ, ଜିଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ବିରାଟରାଜା ପ୍ରଧାନ ଓ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ଏହି ଅଭିଯାନ ଫେବୃୟାରୀ ୧୦ରୁ ୧୯ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କୁହାଯାଇଛି।


ବୈଠକରେ ଉପସ୍ଥିତ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ।

# ଗଡ଼ିଲା ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷାଗାର ଭ୍ୟାନ୍

ଲଖନପୁର,୯।୨(ଡି.ଏନ୍.ଏ.)


ମୃତ୍ତିକା ପରୀକ୍ଷାଗାର ଭ୍ୟାନ୍‌କୁ ଜିଲାପାଳ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

**ଝାରସୁଗୁଡ଼ା ଜିଲା**
- କୃଷକମାନଙ୍କୁ ସଚେତନ କରାଇବ
- ବର୍ଷକୁ ୫ ହଜାର ମୃତ୍ତିକା ନମୁନା ପରୀକ୍ଷା ଯୋଜନା

ଓଡ଼ିଶା ସରକାରଙ୍କ ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା ଯୋଜନାରେ ଏକ ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷାଗାର ଭ୍ୟାନ୍‌କୁ ମଙ୍ଗଳବାର ଝାରସୁଗୁଡ଼ା ଜିଲାପାଳ ସରୋଜ କୁମାର ସାମଲ ତାଙ୍କ କାର୍ଯ୍ୟାଳୟ ପରିସରରେ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ଭ୍ୟାନ୍ ମାଟି ପରୀକ୍ଷାକୁ ବ୍ୟାପକ କରିବା ସହିତ ଗ୍ରାମାଞ୍ଚଳରେ କୃଷକମାନଙ୍କୁ ମାଟିର ମାନ ନିର୍ଦ୍ଧାରଣ ଓ ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା ସମ୍ପର୍କରେ ସଚେତନ କରାଇବ। ଏହି ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷାଗାର ମାଧ୍ୟମରେ ବର୍ଷକୁ ୫ହଜାର ମୃତ୍ତିକା ନମୁନା ପରୀକ୍ଷା କରିବାକୁ ଯୋଜନା କରାଯାଇଛି। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ କୃଷି ଅଧିକାରୀ ବଲବୀର ସିଂହ ପୌରୋହିତ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୃତ୍ତିକା ରସାୟନବିତ୍ ତିଳୋତ୍ତମା ମହାକୁଡ, ଝାରସୁଗୁଡା ବ୍ଲକ କୃଷି ଅଧିକାରୀ ନୀଳମଣି ଦାସ, ଲଖନପୁର ବ୍ଲକ କୃଷି ଅଧିକାରୀ ଗୌରୀଶଙ୍କର ସିଂହ, ମୃତ୍ତିକା ପରୀକ୍ଷାଗାର ଗବେଷକ ରାଜେଶ କୁମାର ପଟେଲଙ୍କ ସମେତ ଜିଲାର ବହୁ କୃଷି ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ୨ ମୋବାଇଲ ଲୁଟେରା ଗିରଫ

ରାଉରକେଲା ଅଫିସ : ରଘୁନାଥପାଲି ଥାନା ଅଞ୍ଚଳରେ ମୋବାଇଲ ଲୁଟ୍ କରି ଫେରାର ଥିବା ୨ଜଣ ଯୁବକଙ୍କୁ ପୋଲିସ ମଙ୍ଗଳବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଗଙ୍ଗାଧରପାଲିର ଶମ୍ଭୁ ବାରିକ(୨୫) ଓ ଏଫ୍‌ସିଆଇ ବସ୍ତିର ଅମିତ ସାଗର(୨୪)। ଅଭିଯୁକ୍ତଙ୍କଠାରୁ ଲୁଟ୍ ମୋବାଇଲ ଜବତ ହୋଇଛି । ସୂଚନା ଅନୁସାରେ, ଛେଣ୍ଡ ଅଞ୍ଚଳର ବିଶ୍ୱ ରଞ୍ଜନ ଦାସ ଗତ ୬ ତାରିଖ ରାତି ସାଢ଼େ ୯ଟାରେ ଏସ୍‌ଟିଆଇ ଓଭରବ୍ରିଜ ଦେଇ ବାଇକ୍ ଯୋଗେ ଘରକୁ ଯାଉଥିଲେ। ଏହି ସମୟରେ ଅମିତ ଓ ଶମ୍ଭୁ ତାଙ୍କୁ ଅଟକାଇ ମୋବାଇଲ ଲୁଟ୍ କରି ଫେରାର ହୋଇ ଯାଇଥିଲେ। ଏ ନେଇ ବିଶ୍ୱ ରଞ୍ଜନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇଥିଲା।

**ସଂକ୍ଷେପରେ**

### ମଦ ଖାଇ ଗାଡ଼ି ଚାଳନା ଅଭିଯୋଗ: ଦୁଇ ଗିରଫ

ରାଉରକେଲା ଅଫିସ,୯।୨ ; ରାଉରକେଲା ସେକ୍ଟର-୧୫ ଥାନା ଅନ୍ତର୍ଗତ ସ୍ୱେଶ୍ ଛକରେ ମଦ୍ୟପାନ କରି ଗାଡ଼ି ଚଳାଇବା ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ କୁଲୁଙ୍ଗା ଅଞ୍ଚଳରେ ଚୈତୁ ବାର୍ଲା(୩୩) ଓ କିଷାନଟୋଲା ବସ୍ତିର ପ୍ରସାଦ ରାଜନ(୪୩) । ଉଭୟ ଆମ୍ବବାଗାନ ପଟୁ ବାଇକ୍ ଯୋଗେ ଫେରୁଥିଲେ। ଅପରାହ୍ନ ସାଢ଼େ ୧ଟାରେ ସ୍ୱେଶ୍ ଛକରେ ଗାଡ଼ି ଯାଞ୍ଚ ଚାଲିଥିବାବେଳେ ଚୈତୁ ପୋଲିସଙ୍କୁ ଗାଳି ଗୁଲଜ କରିଥିଲେ। ସେହିପରି ପ୍ରସାଦ ୩ ଜଣ ଯୁବକଙ୍କୁ ବାଇକରେ ବସାଇ ଦ୍ରୁତଗତିରେ ଯାଉଥିବାବେଳେ ଧରାପଡିଥିଲେ ବୋଲି ପୋଲିସ କହିଛି।

### ବେକରେ ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ରାଉରକେଲା ଅଫିସ,୯।୨: ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ଥାନା ଅନ୍ତର୍ଗତ ଲାଲଟାଙ୍କି ଅଞ୍ଚଳରେ ଜଣେ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି । ମୃତକ ହେଲେ ସତ୍ୟଜିତ ସ୍ୱାଇଁ(୨୪)। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି । ସୂଚନା ଅନୁସାରେ, ଲାଲଟାଙ୍କି ଅଞ୍ଚଳରେ ସତ୍ୟଜିତ ପରିବାର ସହ ବାସ କରନ୍ତି। ସୋମବାର ରାତି ସାଢ଼େ ୧୦ଟାରେ ସେ ଶୋଇବାକୁ ନିଜ ରୁମ୍‌କୁ ଯାଇଥିଲେ ଏବଂ କୌଣସି କାରଣରୁ ବେକରେ ରଶି ଲଗାଇ ଝୁଲି ପଡ଼ିଥିଲେ। ମଙ୍ଗଳବାର ସକାଳ ୯ଟା ପର୍ଯ୍ୟନ୍ତ ସତ୍ୟଜିତ ଶୋଇଥିବା ଘର କବାଟ ନ ଖୋଲିବାରୁ ତାଙ୍କ ବାପା ସୁଦର୍ଶନ ଝରକାରେ ପୁଅ ବେକରେ ରଶି ଲଗାଇ ଝୁଲୁଥିବା ଦେଖିବାକୁ ପାଇଥିଲେ। ଖବର ପାଇ ପୋଲିସ ମୃତଦେହକୁ ଉଦ୍ଧାର କରି ରାଉରକେଲା ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ବର୍ଦ୍ଧିତ ସ୍କୁଲ ଫି ବିରୋଧରେ ବିକ୍ଷୋଭ

ରାଉରକେଲା ଅଫିସ,୯।୨

ବର୍ଦ୍ଧିତ ସ୍କୁଲ ଫି ବିରୋଧରେ ସୁନ୍ଦରଗଡ଼ ଜିଲା କଂଗ୍ରେସ ପକ୍ଷରୁ ମଙ୍ଗଳବାର ରାଉରକେଲା ଅତିରିକ୍ତ ଜିଲାପାଳ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା ଜର୍ଜ ତିର୍କୀଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ। ସ୍କୁଲ ଫି ଉପରେ ଉଚ୍ଚତମ ନ୍ୟାୟାଳୟର ରାୟ ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ଅନୁପାଳନ କରିବା ପାଇଁ ଜିଲା କଂଗ୍ରେସ ଓ ଅଭିଭାବକମାନେ ଦାବି କରିଛନ୍ତି। ଏହି ବିକ୍ଷୋଭରେ କଂଗ୍ରେସ ନେତା ବିରେନ ସେନାପତି, ପ୍ରଭାତୀ ମିଶ୍ର, କୀର୍ତ୍ତନ ଦାସ, କୈଳାସ ସାହୁ, ନିରୂପମା


ରାଉରକେଲା ଏଡିଏମ୍ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ବଳିଆରସିଂ, ପ୍ରଶାନ୍ତ ସେଠୀଙ୍କ ସହ ବହୁ କର୍ମକର୍ତ୍ତା ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, କରୋନା ମହାମାରି ସମୟରେ ସାଧାରଣ ଲୋକଙ୍କ ଆର୍ଥିକ ଅବସ୍ଥା ଭଲ ନାହିଁ। ଏଭଳି ସ୍ଥିତିରେ ଘରୋଇ ସ୍କୁଲରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ର ଏବଂ ଅଭିଭାବକ ବର୍ଦ୍ଧିତ ସ୍କୁଲ ଫି ଦେବା ଅବସ୍ଥାରେ ନାହାନ୍ତି। ତେଣୁ ସେମାନେ ଏହି ଫି ଛାଡ଼ କରିବା ପାଇଁ ଦାବି କରିଛନ୍ତି। କିନ୍ତୁ ସହରରେ ଥିବା ବିଭିନ୍ନ ଘରୋଇ ସ୍କୁଲର କର୍ତ୍ତୃପକ୍ଷ ସେମାନଙ୍କ ଦାବିକୁ କର୍ଣ୍ଣପାତ କରୁନାହାନ୍ତି।

## ତାଳଚେର-ବିମଳାଗଡ଼ ରେଳପଥ ଅନୁଦାନ ସମୁଦ୍ରକୁ ଶଙ୍ଖେ

ରାଉରକେଲା ଅଫିସ,୯।୨

ତାଳଚେର-ବିମଳାଗଡ଼ ରେଳପଥ ସଂଗ୍ରାମ ସମିତି ପକ୍ଷରୁ ସଭାପତି ଅଦ୍ୱୈତ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ମଙ୍ଗଳବାର ରାଉରକେଲା ପ୍ରେସ କ୍ଲବଠାରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ବଜେଟ୍‌ରେ ତାଳଚେର-ବିମଳାଗଡ଼ ରେଳପଥ ପାଇଁ କେନ୍ଦ୍ର ସରକାର ମାତ୍ର ୧୦କୋଟି ଟଙ୍କା ବରାଦ କରିଛନ୍ତି। ଏହି ଅନୁଦାନ ସମୁଦ୍ରକୁ ଶଙ୍ଖେ ବୋଲି ସମିତି ପକ୍ଷରୁ କୁହାଯାଇଛି। ତାଳଚେର-ବିମଳାଗଡ଼ ସଂଗ୍ରାମ ସମିତିର ଚେଷ୍ଟା ଯୋଗୁ ଓଡ଼ିଶା ହାଇକୋର୍ଟରେ ପିଆଇଏଲ ଫାଇଲ କରିବା ପରେ ରାଜ୍ୟ ସରକାର ସମସ୍ତ ଜିଲାପାଳଙ୍କୁ ତୁରନ୍ତ ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୧୬ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁନ୍ଦରଗଡ଼ ଜିଲା ଗସ୍ତରେ ଆସୁଥିବାରୁ ସମିତି ପକ୍ଷରୁ ତାଙ୍କୁ ଭେଟି ଉକ୍ତ ରେଳପଥ କାମ ପାଇଁ ଅଧିକ ଅର୍ଥ କେନ୍ଦ୍ର ନିକଟରେ ଦାବି କରିବାକୁ ସ୍ମାରକପତ୍ର ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏହାସହ ଏହି ରେଳପଥ ନିର୍ମାଣ ପାଇଁ ସମସ୍ତ ଶ୍ରମିକ ସଙ୍ଗଠନ, ରାଜନୈତିକ ଦଳ, ସାମାଜିକ, ସାହିତ୍ୟିକ ଓ ସାଂସ୍କୃତିକ ଅନୁଷ୍ଠାନମାନଙ୍କୁ ଏକତ୍ରିତ କରି ସ୍ୱର ଉତ୍ତୋଳନ କରିବାକୁ ବୈଠକରେ ସ୍ଥିର କରାଯାଇଛି। ସମିତି ପକ୍ଷରୁ ହରିହର ରାଉତରାୟ, ବିଷ୍ଣୁ ମହାନ୍ତ. ବିମଳ ବିଶି, ପ୍ରମୋଦ ସାମଲ, ସୁଧୀର ସୁନ୍ଦର ରାୟ, ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

## ୬ଦିନିଆ ମକ୍ ଡ୍ରିଲ୍ ପ୍ରଶିକ୍ଷଣ ଶିବିର

ରାଉରକେଲା ଅଫିସ,୯।୨

ରାଉରକେଲା ଇସ୍ପାତ କାରଖାନାର ବିପର୍ଯ୍ୟୟ ପରିଚାଳନାରେ ଜରୁରୀକାଳୀନ ପ୍ରତିକ୍ରିୟା ସନ୍ଦର୍ଭରେ ଏନଡ଼ିଆରଫ ପକ୍ଷରୁ ୬ ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଏନ୍‌ଡ଼ିଆରଏଫର ନବମ ବାଟାଲିୟନ ଡେପୁଟି କମାଣ୍ଡାଣ୍ଟ ଆଲୋକ କୁମାରଙ୍କ ନେତୃତ୍ୱରେ ମକ୍ ଡ୍ରିଲ ତାଲିମ ପ୍ରଦାନ କରାଯାଇଥିଲା। ଏଥିରେ ଆରଏସ୍‌ପିର ଇଡ଼ି ୱାର୍କ୍ସଙ୍କ ଅତିରିକ୍ତ ଦାୟିତ୍ୱ ବହନ କରୁଥିବା ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପଙ୍କଜ କୁମାର ଅଧ୍ୟକ୍ଷତା କରି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପ୍ଲେଟ ମିଲ ଓ ଆନୁଷଙ୍ଗିକ ମିଲ୍ ସହ ସୁରକ୍ଷା ଅଗ୍ନିଶମ ସେବା ବିଭାଗର ମୁଖ୍ୟ ମହାପ୍ରବନ୍ଧକ ଅରୁଣ ପ୍ରଧାନ, ଏଚ୍‌ଆରଡ଼ି ବିଭାଗର ଭାରପ୍ରାପ୍ତ ମହାପ୍ରବନ୍ଧକ ରାଜଶ୍ରୀ ବାନାର୍ଜୀ, ଏନ୍‌ଡିଆରଏଫ୍ ଡେପୁଟି କମାଣ୍ଡାଣ୍ଟ ଅଭିଷେକ କୁମାର ରାୟ, କାରଖାନାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସୁରକ୍ଷା, ମେଡିକାଲ, ଅଗ୍ନିଶମ ସେବା ଓ ଅପରେଶନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ମୋଟ ୬୧ ଜଣ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଇସ୍ପାତ କାରଖାନାର ବିପର୍ଯ୍ୟୟ ଜରୁରୀକାଳୀନ ପ୍ରତିକ୍ରିୟା ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ତାଲିମ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଏ. କେ. ପ୍ରଧାନ ସ୍ୱାଗତ ଭାଷଣ, ଆଲୋକ କୁମାର ଏନ୍‌ଡିଆରଏଫ ବିଷୟରେ ଆଲୋଚନା କରିଥିଲେ। ପି.ଏସ୍ ଠାକରେ ଶିବିର ପରିଚାଳନା ଏବଂ ଅଗ୍ନିଶମ ବିଭାଗର ଡିଜିଏମ ଜେ. ପି ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



ଏନ୍‌ଡ଼ିଆର୍‌ଏଫ୍ ପକ୍ଷରୁ ମକ୍ ଡ୍ରିଲ୍ ପ୍ରଶିକ୍ଷଣ ଚାଲିଛି।

## ପ୍ରକାଶ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ: ୱାଇସିସି ବିଜୟୀ

ରାଉରକେଲା ଅଫିସ,୯।୨

ରାଉରକେଲା ବାସନ୍ତୀ କଲୋନୀସ୍ଥିତ ଡିଏଭି ଖେଳ ପଡ଼ିଆରେ ଚାଲିଥିବା ୧୪ତମ ପ୍ରକାଶ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏହି ମ୍ୟାଚ୍ ୱାଇସିସି ଓ ଆରପିସିସି କୁଲୁଙ୍ଗା ଦଳ ମଧ୍ୟରେ ଖେଳା ଯାଇଥିଲା। ୱାଇସିସି ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୩୦ ଓଭରରେ ୧୦ ଉଇକେଟ ହରାଇ ୧୬୦ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୁବେନ୍ଦୁ ମହାପାତ୍ର ୩୫ଟି ବଲ ଖେଳି ସର୍ବାଧିକ ୫୨ ରନ ସଂଗ୍ରହ କରିଥିଲେ। ଜବାବରେ ଆରପିସିସି କୁଲୁଙ୍ଗା ଦଳ ୧୩୦ ରନ୍‌ରେ ଅଲ ଆଉଟ ହୋଇଯାଇଥିଲା। ୱାଇସିସି ଦଳର ସୁବେନ୍ଦୁ ମହାପାତ୍ରଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ମ୍ୟାନେଜର ପିୟୁଷ ସାମଲ ଅତିଥି ଭାବେ ଯୋଗ ଦେଇଥିଲେ।

# ପ୍ରଶାସନର ମିଥ୍ୟା ପ୍ରଚାରକୁ ବିରୋଧ


ସ୍ମାରକପତ୍ର ପ୍ରଦାନ କରିବା ପରେ ଆପ୍ କର୍ମକର୍ତ୍ତା।

ରାଉରକେଲା ଅଫିସ,୯।୨

**ହିତାଧିକାରୀଙ୍କୁ ପକ୍କାଘର ଆବଣ୍ଟନ**

ବସ୍ତିବାସିନ୍ଦାଙ୍କୁ ଉଚ୍ଛେଦ କରି ପକ୍କାଘର ପ୍ରଦାନ କରାଯାଉଥିବା ନେଇ କିଛି ପ୍ରଶାସନିକ ଅଧିକାରୀ ବସ୍ତିଅଞ୍ଚଳ ଗୁଡ଼ିକରେ ସଭା ସମିତି କରି ପ୍ରଚାର କରୁଛନ୍ତି। ଏଭଳି ଅଭିଯୋଗ କରି ଆମ୍ ଆଦ୍‌ମୀ ପାର୍ଟି (ଆପ୍) ପକ୍ଷରୁ ଏହାକୁ ବିରୋଧ କରାଯାଇଛି। ପାର୍ଟିର ରାଜ୍ୟ ସମ୍ପାଦକ ବିନୟ ତିୱାରୀଙ୍କ ଅଧ୍ୟକ୍ଷତାରେ ବହୁ କର୍ମକର୍ତ୍ତା ମଙ୍ଗଳବାର ରାଉରକେଲା ଅତିରିକ୍ତ ଜିଲାପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଗଣମାଧ୍ୟମରେ ବସ୍ତିବାସିଙ୍କୁ ପକ୍କା ଘର ଆବଣ୍ଟନର କୌଣସି ଇସ୍ତାହାର ନ ଦେଇ ବସ୍ତି ଅଞ୍ଚଳରେ ସାଧାରଣ ସଭା କରିବା, ବସ୍ତି ଅଞ୍ଚଳରେ କେତେ ଲୋକ ବସବାସ କରୁଛନ୍ତି ଓ ପ୍ରକୃତ ପକ୍କାଘର ପାଇବା ପାଇଁ ହିତାଧିକାରୀଙ୍କୁ ସୂଚିତ କରିବା ସହ ବସ୍ତିବାସୀଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କେଉଁ କେଉଁ ସ୍ଥାନରେ କେତେ ପକ୍କାଘର ନିର୍ମାଣ ହୋଇଛି ତାହା ଜନସାଧାରଣଙ୍କୁ ଅବଗତ ନ କରାଇବା ପଛରେ କଣ ସ୍ୱାର୍ଥ ରହିଛି ବୋଲି ପାର୍ଟିର ରାଜ୍ୟ ସମ୍ପାଦକ ତିୱାରୀ ପ୍ରଶ୍ନ କରିଛନ୍ତି। ଆଗାମୀ ଦିନରେ ଯେଉଁ ପକ୍କାଘର ଆବଣ୍ଟନ କରାଯିବ ତାହା ଠିକ୍ ଭାବେ ଜନସାଧାରଣଙ୍କୁ ଅବଗତ କରାଇବା ସହ ପ୍ରକୃତ ହିତାଧିକାରୀଙ୍କୁ ଉକ୍ତ ଘର ଦେବା ପାଇଁ ପାର୍ଟି ପକ୍ଷରୁ ଦାବି ହୋଇଛି। ସ୍ମାରକପତ୍ର ପ୍ରଦାନ ବେଳେ ଦଳର ବରିଷ୍ଠ ନେତା ନବୀନ ବାଙ୍କରା, ମନୋଜ ଗୁରୁୱାରା, ସନ୍ତୋଷ କୁମାର ବେହେରା, ରାଜ କୁମାର ସିଂହ, ଶତ୍ରୁଘ୍ନ ସାହୁଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବଡ ଭାଇକୁ ହତ୍ୟା କରି ସାନ ଭାଇ ଗିରଫ

ବଡଗାଁ, ୯।୨(ଡି.ଏନ.ଏ)

ବଡଭାଇଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିବା ଅଭିଯୋଗରେ ପୋଲିସ ସରୋଜ ଲାକ୍ରା (୩୩)ଙ୍କୁ ଗିରଫ କରିଛି । ଘରୋଇ କଳହକୁ କେନ୍ଦ୍ର କରି ସୋମବାର ରାତିରେ ସୁନ୍ଦରଗଡ ଜିଲା ବଡଗାଁ ଥାନା ଅଞ୍ଚଳରେ ଏହି ଅଭାବନୀୟ ଘଟଣା ଘଟିଛି।

ପ୍ରକାଶ ଯେ, ବଡଗାଁ ଥାନା ଅନ୍ତର୍ଗତ ଟିମନା ପଞ୍ଚାୟତର ଘୁଗରିବେର୍ଣ୍ଣା ଗ୍ରାମର ଜର୍ଜ ଲାକ୍ରା (୪୦) ରାତ୍ରି ଭୋଜନ ପାଇଁ ବିଲାତି ଧୋଇ ପୋଡିବାକୁ ଯାଉଥିଲେ। ଏହି ସମୟରେ ତାଙ୍କ ସାନ ଭାଇ ସରୋଜ ହଠାତ୍ ଘର ଭିତରକୁ ପଶି ଆସି ଧରିଥିବା ଟାଙ୍ଗିଆରେ ବେକକୁ ଚୋଟ ମାରିଥିଲେ। ଫଳରେ ଘଟଣାସ୍ଥଳରେ ଜର୍ଜଙ୍କର ମୃତ୍ୟୁ ଘଟିଥିଲା । ପରେ ସାନଭାଇ ବଡଭାଇଙ୍କ ଦୁଇ ଗୋଡକୁ ହାଣି ଖଣ୍ଡ ଖଣ୍ଡ କରି ଫିଙ୍ଗି ଦେଇଥିଲେ । ଖବର ପାଇ ପୋଲିସ ରାତିରେ ଅଭିଯୁକ୍ତ ସାନଭାଇ ସରୋଜଙ୍କୁ ଗାଁରୁ ଗିରଫ କରିଥିଲା। ମଙ୍ଗଳବାର ପୂର୍ବାହ୍ନରେ ସାଇଣ୍ଟିଫିକ୍ ଟିମ ସହିତ ରାଜଗାଙ୍ଗପୁର ଏସଡିପିଓ ଏସ. ବେଉରା, ବଡଗାଁ ଏସଆଇ ଭଗବାନ ପୂଜାରୀ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି ।

## ବଡ଼ଗାଁ କଲେଜରେ ଯୁବ ରେଡକ୍ରସ୍ ଶିକ୍ଷା ତାଲିମ ଶିବିର


ସଭାରେ ଯୋଗ ଦେଇଥିବା ଅତିଥିବୃନ୍ଦ ।

ବଡଗାଁ, ୯।୨ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ବଡଗାଁ ପିଏସ ଯୁକ୍ତ ୨ କଲେଜରେ ତ୍ରିଦିବସୀୟ କ୍ଲଷ୍ଟରସ୍ତରୀୟ ଯୁବ ରେଡକ୍ରସ ଶିକ୍ଷା ତାଲିମ ଶିବିର ସୋମବାର ଆରମ୍ଭ ହୋଇଛି । ଏଥିରେ ବଡଗାଁ ଡିଗ୍ରୀ କଲେଜ, କୁତ୍ରା ସାଇନ୍ସ କଲେଜ, ବରଙ୍ଗାକଛାର କଲେଜ, ବିରବିରା କଲେଜ ଓ ସ୍ଥାନୀୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମୋଟ ୨୦ ଜଣ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ରେଡକ୍ରସ ପତାକା ଉତ୍ତୋଳନ ପରେ ସଭା ହୋଇଥିଲା। ରେଡକ୍ରସ କାଉନସେଲରମାନଙ୍କୁ ନେଇ ଆୟୋଜିତ ସଭାରେ ବଡଗାଁ ଯୁକ୍ତ ୨ କଲେଜର ଅଧକ୍ଷ ସୁଶାନ୍ତ କୁମାର ଚୌଧୁରୀ ସଭାପତିତ୍ୱ କରିଥିଲେ। ଏହାପରେ ଅଧକ୍ଷ ଚୌଧୁରୀ ଯୁବ ରେଡକ୍ରସର ଉଦ୍ଦେଶ୍ୟ ଓ ହଜି ଯାଉଥିବା ମଣିଷପଣିଆ ଉପରେ ବୁଝାଇଥିଲେ। ଦର୍ଶନ ଶାସ୍ତ୍ର ଅଧାପକ ଏକଲବ୍ୟ ନାଏକ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବିରବିରା କଲେଜର ସ୍ୱେଚ୍ଛାସେବୀମାନେ ପାଳା ପରିବେଷଣ କରିଥିଲେ । ଶେଷରେ ଅଧାପକ ନିରୋଜ ପଟେଲ ଧନ୍ୟବାଦ ଦେଇଥିଲେ ।

## 'ବଜେଟରେ କୃଷି, ସ୍ୱାସ୍ଥ୍ୟକ୍ଷେତ୍ରକୁ ଅଗ୍ରାଧିକାର'

ସୁନ୍ଦରଗଡ, ୯।୨ (ଡି.ଏନ୍.ଏ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଦ୍ୱିତୀୟ ପାଳିର ତୃତୀୟ ଆର୍ଥିକ ବଜେଟରେ ଦେଶର କୃଷି ଓ ସ୍ୱାସ୍ଥ୍ୟ କ୍ଷେତ୍ରକୁ ବିଶେଷ ଅଗ୍ରାଧିକାର ଦିଆଯାଇଛି । ଦେଶର ସବୁ ବର୍ଗର ଲୋକଙ୍କ ଆକାଂକ୍ଷାକୁ ପୂରଣ କରିବା ଦିଗରେ ଏହି ବଜେଟ ଆଗାମୀ ଦିନରେ ପ୍ରମୁଖ ଭୂମିକା ନେବ ବୋଲି ସୁନ୍ଦରଗଡ ଏମପି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ପ୍ରକାଶ କରିଛନ୍ତି ।

ଜିଲା ଭାଜପା କାର୍ଯ୍ୟାଳୟ ଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ କେନ୍ଦ୍ର ବଜେଟର ବିଭିନ୍ନ ଲୋକାଭିମୁଖୀ ପଦକ୍ଷେପ ସଂପର୍କରେ ସୂଚନା ଦେଇ ଓରାମ ଏହା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଦେଶର ଚାଷ ଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ମହାକାଶ ଗବେଷଣା ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ର ପ୍ରତି ଧ୍ୟାନ ଦିଆଯାଇଛି। ଏହି ବଜେଟରେ ଚାଷୀମାନଙ୍କୁ ସହଜରେ ଋଣ ପ୍ରଦାନ ଓ ମଣ୍ଡିଗୁଡ଼ିକର ଭିତ୍ତିଭୂମିର ବିକାଶ କରାଯିବାର ବ୍ୟବସ୍ଥା ରହିଛି। ସେହିପରି ଚାଷୀଙ୍କୁ ଦେଢ ଗୁଣା ଏମଏସପି ସୁନିଶ୍ଚିତ କରିଆସନ୍ତା ୨୦୨୨ ସୁଦ୍ଧା ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରାଯିବ । ସ୍ୱାସ୍ଥ୍ୟ କ୍ଷେତ୍ରର ଉନ୍ନତି ପାଇଁ ୨.୨୩ ଲକ୍ଷ କୋଟି ଟଙ୍କା ଘୋଷଣା ହୋଇଛି । ଦେଶରେ ୭୫ ହଜାର ନୂତନ ସ୍ୱାସ୍ଥ୍ୟକେନ୍ଦ୍ର , ୬୦୨ ବ୍ଲକରେ କ୍ରିଟିକାଲ କେୟାର ସେଣ୍ଟର ନିର୍ମାଣ କରାଯିବ। ପ୍ରଧାନମନ୍ତ୍ରୀ ଆତ୍ମ ନିର୍ଭର ସ୍ୱାସ୍ଥ୍ୟ ଭାରତ ଯୋଜନାରେ ୬୪.୧୮୦ କୋଟି ଟଙ୍କା ଖର୍ଚ୍ଚ ହେବ । କୋଭିଡ ଟିକାକରଣ ପାଇଁ ୩୫ହଜାର କୋଟି ଟଙ୍କା ଖର୍ଚ୍ଚ ହେବ । ଶିକ୍ଷା କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ୧୦୦ଟି ନୂତନ ସୈନିକ ସ୍କୁଲ , ଆଦିବାସୀ ଅଞ୍ଚଳରେ ୭୫୮ଟି ଏକଲବ୍ୟ ସ୍କୁଲ ଖୋଲିବା ପାଇଁ ପଦକ୍ଷେପ ନିଆଯାଇଛି। ରେଳ କ୍ଷେତ୍ରର ବିକାଶ ପାଇଁ ଜାତୀୟ ରେଳ ଯୋଜନା ପ୍ରସ୍ତୁତ ହୋଇଛି ବୋଲି ସେ ସୂଚନା ଦେଇଥିଲେ। ଏମ୍‌ପି ଓରାମ ସୁନ୍ଦରଗଡ ମନ୍ତ୍ରୀ ବିହୀନ ଜିଲା ହୋଇଥିବାରୁ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଏଠାରେ ଥିବା ଆଦିବାସୀ ନେତାଙ୍କୁ ଗୁରୁତ୍ୱ ନ ଦେଇ ବିକାଶ ନାଁରେ ଭୁଆଁ ବୁଲାଉଥିବା କହିଥିଲେ ।

## ସମାଜ ବିକାଶରେ ପ୍ରଗତିଶୀଳ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ



ସାହିତ୍ୟ ଆସରରେ ମଞ୍ଚାସୀନ ଅତିଥି ।

ରାଉରକେଲା ଅଫିସ,୯।୨

ନୀଳଶୈଳ ମହାବିଦ୍ୟାଳୟ ସଭାଗୃହରେ ମଙ୍ଗଳବାର କଲଚରାଲ ଏକାଡମୀ ଓ ନୀଳଶୈଳ ମହାବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ସାହିତ୍ୟ ଆସର ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଶ୍ରୀକାନ୍ତ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବାବେଳେ କଲଚରାଲ ଏକାଡେମୀର ସାଧାରଣ ସମ୍ପାଦକ ଅକ୍ଷୟ ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। କଲଚରାଲ ଏକାଡେମୀ ସଭାପତି ପ୍ରଭାତ କୁମାର ମଲ୍ଲିକ ପ୍ରଗତିଶୀଳ ସାହିତ୍ୟ ଓ ତାର ଭୂମିକା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଡ. ନଗେନ ଦାସ, ବିଶିଷ୍ଟ ସାହିତ୍ୟିକ ଭୂପେନ ମହାପାତ୍ର, କେଦାର ନାଥ ପ୍ରଧାନ, ଲୋପାମୁଦ୍ରା ମହାନ୍ତି ଅତିଥି ଭାବେ ଯୋଗଦେଇ ସମାଜର ଅଗ୍ରଗତିରେ ପ୍ରଗତିଶୀଳ ସାହିତ୍ୟର ଭୂମିକା ଓ ଆବଶ୍ୟକତା ଉପରେ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ କବିତା ଓ ଗଳ୍ପ ପାଠୋତ୍ସବ ଆୟୋଜିତ ହୋଇଥିଲା। ଏଥିରେ ଡ. କୃପାସିନ୍ଧୁ ନାୟକ ଅଧ୍ୟକ୍ଷତା କରିଥିଲେ। ଏକାଡେମୀର ବିଜୟ ରାୟ, ଓଡିଆ ଅଧ୍ୟାପିକା ପ୍ରଭା ସୁଚିତା ଏକ୍କା, ରାହୁଲ ତନ୍ତୀ, ସଞ୍ଜିତ ଭୂୟାଁ, ପ୍ରଭାତ କୁମାର ରାଉତ, ନିତୁ ମାରାଣ୍ଡି, ମନୀଷା ଦାଶ, ତୃପ୍ତିମୟୀ ପାତ୍ର, କମଳାକାନ୍ତ ଦାସ, ଦେବେନ୍ଦ୍ର ନାଥ ପାଢ଼ୀ, କମଳାକାନ୍ତ ଦାସ ପ୍ରମୁଖ ନିଜସ୍ୱ କବିତା ପାଠ କରିଥିଲେ। ଶେଷରେ ସଞ୍ଜିତ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।

## ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନାଙ୍କ କୁତ୍ରା ଗସ୍ତ

କୁତ୍ରା, ୯।୨ (ଡି.ଏନ.ଏ)

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକକୁ ମଙ୍ଗଳବାର ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଦିନିକିଆ ଗସ୍ତ କରିଥିଲେ। ସେ କୁତ୍ରା ବ୍ଲକର ସଭାଗୃହରେ ଉପସ୍ଥିତ ରହି ଏକ ସମୀକ୍ଷା ବୈଠକରେ ଭାଗ ନେଇଥିଲେ ଏବଂ ବିଡିଓ ମାନସ ରଞ୍ଜନ ରାୟଙ୍କ ସହିତ ସରକାରଙ୍କ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ବିଷୟରେ ଆଲୋଚନା କରିବା ପରେ ସୁନ୍ଦରଗଡ ଯାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡେଇ, ସ୍ୱତନ୍ତ୍ର ବିକାଶ ପରିଷଦ ଅଧକ୍ଷ ବିନୟ ଟପ୍ପୋ, ଜିଲା ଯୋଜନା ବୋର୍ଡ ଅଧକ୍ଷ ସାରଦା ନାୟକ, ଜିଲା ପରିଷଦ ଅଧକ୍ଷା ଏମା ଏକ୍କା, ପୂର୍ବତନ ବିଧାୟକ ମଙ୍ଗଳା କିଶାନ ପ୍ରମୁଖ ଉପସ୍ଥିତ ଥିଲେ ।

# ସୁନ୍ଦରଗଡ଼ ବିକାଶ ପାଇଁ ୪ ହଜାର କୋଟିର ପ୍ୟାକେଜ୍

କୁଆଁରମୁଣ୍ଡା,୯।୨(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲାର ବିକାଶ ପାଇଁ ରାଜ୍ୟ ସରକାର ସଙ୍କଳ୍ପ ନେଇଛନ୍ତି । ଏଥିପାଇଁ ୪ ହଜାର କୋଟିର ସ୍ୱତନ୍ତ୍ର ପ୍ୟାକେଜ ବ୍ୟବସ୍ଥା କରାଯାଇଛି । ମଙ୍ଗଳବାର କୁଆଁରମୁଣ୍ଡା ବ୍ଲକରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ରାଜ୍ୟ ପଞ୍ଚାୟତିରାଜ ଓ ଆଇନମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ଏହା ପ୍ରକାଶ କରିଛନ୍ତି।

ମନ୍ତ୍ରୀ ଜେନା ଆହୁରି କହିଥିଲେ ଯେ, ସୁନ୍ଦରଗଡ଼କୁ ବିଶ୍ୱସ୍ତରରେ ପରିଚିତ କରିବା ପାଇଁ ବିଶ୍ୱସ୍ତରୀୟ ହକି ଷ୍ଟାଡିୟମ ରାଉରକେଲାରେ ନିର୍ମାଣ ହେବାକୁ ଯାଉଛି। ଆସନ୍ତା ୧୬ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁନ୍ଦରଗଡ଼ ଜିଲା ଗସ୍ତ କରି ଉକ୍ତ ଷ୍ଟାଡିୟମ ଏବଂ ଅନ୍ୟାନ୍ୟ ମେଗା ପ୍ରକଳ୍ପଗୁଡିକର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ । ଏହି ଅବସରରେ ମନ୍ତ୍ରୀ ଜେନା ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିବା ସହ ବ୍ଲକର ସମସ୍ତ କର୍ମଚାରୀ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ଜିଲା ପରିଷଦ ଅଧକ୍ଷା ଏମ୍ମା ଏକ୍କା, ପିଡି ଡିଆରଡିଏ ଭୈରବ ସିଂ ପଟେଲ, ବିଡିଓ ମେଥେଡିୟୁସ ଲାକ୍ରା, ବୀରମିତ୍ରପୁର ପୌରପାଳିକା ନିର୍ବାହୀ ଅଧିକାରୀ ସସ୍ମିତ ଦାଶ, ପଞ୍ଚାୟତ ସମିତି ଅଧକ୍ଷା ମାଗଦାଲି କୋନଗାଡି, ଜିଲା ପରିଷଦ ସଭ୍ୟ ସୁନିତା ଅହିର ଯୋଗ ଦେଇଥିଲେ। ଏହାଛଡା ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ନିତ୍ୟାନନ୍ଦ ସିଂ, ଏବିଡିଓ ଭବାନୀଶଙ୍କର ପାଢୀ, ସିଡିପିଓ ଆନାସ୍ତେସିଆ ଲାକ୍ରା, କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକ୍ଷକ ଡା.ଶ୍ରୀମନ୍ତ ପଟ୍ଟନାୟକ, ଗୋଷ୍ଠୀ ଶିକ୍ଷାଧିକାରୀ ସଦାନନ୍ଦ ପଧାନଙ୍କ ସମେତ ବ୍ଲକର ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀମାନେ ଉପସ୍ଥିତ ଥିଲେ। ସମୀକ୍ଷା ବୈଠକ ଶେଷ ପରେ ଚନ୍ଦ୍ରଚୂଡ଼ ମନ୍ଦିର ସମ୍ମୁଖରେ ବିଜେଡ଼ି କର୍ମୀମାନଙ୍କ ଦ୍ୱାରା ଆୟୋଜିତ ସଭାରେ ମନ୍ତ୍ରୀ ଜେନାଙ୍କ ସମେତ ସୁକିନ୍ଦା ବିଧାୟକ ତଥା ସୁନ୍ଦରଗଡ଼ ଜିଲା ବିଜେଡ଼ି ପର୍ଯ୍ୟବେକ୍ଷକ ପ୍ରୀତିରଞ୍ଜନ ଘଡେଇ, ସୁନ୍ଦରଗଡ଼ ଜିଲା ଯୋଜନା ବୋର୍ଡ ଅଧକ୍ଷ ତଥା ରାଉରକେଲା ବିଧାୟକ ସାରଦା ନାୟକ, ଜିଲା ପରିଷଦ ଅଧକ୍ଷା ଏକ୍କା ପ୍ରମୁଖ ଯୋଗ ଦେଇଥିଲେ।


ମନ୍ତ୍ରୀ ପ୍ରତାପ ଜେନା ବିଭିନ୍ନ ଯୋଜନାର ସମୀକ୍ଷା କରୁଛନ୍ତି ।

# ଭାରତ ୨୨୭ ରନ୍‌ରେ ପରାସ୍ତ

**ପ୍ରଥମ ଟେଷ୍ଟ**
- ଇଂଲଣ୍ଡ ୧-୦ରେ ଅଗ୍ରଣୀ
- ରୁଟ୍ ପ୍ଲେୟର ଅଫ୍ ଦି ମ୍ୟାଚ୍

ଚେନ୍ନାଇ,୯।୨(ପି.ଟି.)

ଅଭିଜ୍ଞ ଇଂଲଣ୍ଡ ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନଙ୍କ ରିଭର୍ସ ସୁଇଙ୍ଗ୍ ଆଗରେ ଘରୋଇ ଭାରତୀୟ ବ୍ୟାଟ୍ସମ୍ୟାନ ଆତ୍ମସମର୍ପଣ କରିଛନ୍ତି। ସ୍ଥାନୀୟ ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମରେ ଭାରତ ମଙ୍ଗଳବାର ମ୍ୟାଚ୍‌ର ଅନ୍ତିମ ତଥା ପଞ୍ଚମ ଦିବସରେ ଲଜ୍ଜାଜନକ ଭାବେ ୨୨୭ ରନରେ ପରାସ୍ତ ହୋଇଛି। ଏହି ବିଜୟ ସହ ଇଂଲଣ୍ଡ ୪ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୧-୦ରେ ଅଗ୍ରଣୀ ହାସଲ କରିଛି। ପ୍ରଥମ ଇନିଂସରେ ୨୧୮ ରନର ଦ୍ୱିଶତକୀୟ ଇନିଂସ ଖେଳିଥିବା ଇଂଲଣ୍ଡ ଅଧିନାୟକ ଜୋ ରୁଟ୍ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଦ୍ୱିତୀୟ ଟେଷ୍ଟ ଚେନ୍ନାଇର ଏହି ଗ୍ରାଉଣ୍ଡରେ ଫେବୃୟାରୀ ୧୩ ତାରିଖରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି।

ପ୍ରଥମ ଇନିଂସରେ ଇଂଲଣ୍ଡ ୧୯୦.୧ ଓଭରରେ ୫୭୮ ରନ ସଂଗ୍ରହ କରି ଅଲ୍‌ଆଉଟ ହୋଇଥିଲା। ଜବାବରେ ଭାରତ ପ୍ରଥମ ଇନିଂସରେ ୯୫.୫ ଓଭରରେ ୩୩୭ ରନ କରି ଅଲ୍‌ଆଉଟ ହେବା ପରେ ଇଂଲଣ୍ଡ ୨୪୧ ରନର ବୃହତ୍ ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଇଂଲଣ୍ଡ ୪୬.୩ ଓଭରରେ ୧୭୮ ରନ କରି ଅଲ୍‌ଆଉଟ ହୋଇଥିଲା। ଫଳରେ ଭାରତ ସମ୍ମୁଖରେ ୪୨୦ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଭାରତ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ୫୮.୧ ଓଭରରେ ୧୯୨ ରନ କରି ଅଲ୍‌ଆଉଟ ହୋଇ ପରାସ୍ତ ହେବା ସହ ଆତ୍ମସମର୍ପଣ କରିଥିଲା। ଗତ ବ୍ରିସ୍‌ବେନ୍ ଓ ସିଡ୍‌ନୀ ଟେଷ୍ଟର ଚମତ୍କାରିତାକୁ ଭାରତ ଦୋହରାଇବ ବୋଲି ଆଶା କରାଯାଉଥିଲା। କିନ୍ତୁ କଥା ଓଲଟା ହୋଇଥିଲା। ଜେମ୍ସ ଆଣ୍ଡରସନଙ୍କ ମ୍ୟାଜିକ୍ ସ୍ପେଲ ଭାରତୀୟ ବ୍ୟାଟିଂ ଲାଇନ୍‌କୁ ଧ୍ୱସ୍ତ କରିଥିଲା। ୧୧ ଓଭର ବୋଲିଂ କରି ମାତ୍ର ୧୭ ରନ ବ୍ୟୟ କରି ସେ ମୂଲ୍ୟବାନ ୩ ଉଇକେଟ ଅକ୍ତିଆର କରିଥିଲେ। ଘରୋଇ ବ୍ୟାଟ୍ସମ୍ୟାନଙ୍କ ପାଖରେ ଆଣ୍ଡରସନଙ୍କ ରିଭର୍ସ ସୁଇଙ୍ଗ୍‌ର ଉତ୍ତର ନ ଥିଲା।



ପ୍ରଥମ ଟେଷ୍ଟରେ ବିଜୟ ପରେ ଉଲ୍ଲସିତ ଇଂଲଣ୍ଡ ଦଳର ଖେଳାଳିମାନେ।

**ଇଂଲଣ୍ଡ ଅଧିନାୟକଙ୍କ ସର୍ବାଧିକ ଟେଷ୍ଟ ବିଜୟ**

| | | |
|---|---|---|
| ୨୬ | ଜୋ ରୁଟ | (୪୭ ଟେଷ୍ଟ)* |
| ୨୬ | ମାଇକେଲ ଭନ | (୫୧) |
| ୨୪ | ଆଣ୍ଡ୍ରୁ ଷ୍ଟ୍ରସ୍ | (୫୦) |
| ୨୪ | ଅଲିଷ୍ଟର କୁକ | (୫୯) |
| ୨୦ | ପିଟର ମେ | (୪୧) |

ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୩୯/୧ରୁ ଭାରତ ଖେଳ ଆରମ୍ଭ କରିଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ତଥା ଟେଷ୍ଟ ସ୍ପେଶାଲିଷ୍ଟ କୁହାଯାଉଥିବା ଚେତେଶ୍ୱର ପୂଜାରା ୧୨ ରନରୁ ଖେଳ ଆରମ୍ଭ କରି ଆଉ ମାତ୍ର ଅଧିକ ୩ ରନ ସଂଗ୍ରହ କରି ୧୫ ରନରେ ପ୍ୟାଭିଲିୟନ ଫେରିଥିଲେ। ରୋହିତ ଶର୍ମାଙ୍କୁ ପ୍ୟାଭିଲିୟନ ଫେରାଇଥିବା ସ୍ପିନର ଜ୍ୟାକ୍ ଲିଚ୍‌ଙ୍କ ଏକ ବଲ ଲେଗ୍‌ରେ ପଡି ଅଫ୍ ଷ୍ଟମ୍ପ ବାହାରକୁ ଯାଉଥିଲା। ଏହାକୁ ପୂଜାର ବୁଝିବାରେ ବିଫଳ ହୋଇଥିଲେ ଓ ବଲ୍ ବ୍ୟାଟ୍‌ର ଏଜ୍ ନେଇଥିଲା ଓ ସ୍ଲିପ୍‌ରେ ବେନ୍ ଷ୍ଟୋକ୍ସ ସୁନ୍ଦର କ୍ୟାଚ୍ ନେଇଥିଲେ। ଫଳରେ ପୂଜାରାଙ୍କୁ ପ୍ୟାଭିଲିୟନ ଫେରିବାକୁ ହୋଇଥିଲା। ଯୁବ ଓପନର ଶୁବମନ ଗିଲ୍ ୫୦ ରନର ଚିତ୍ତାକର୍ଷକ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିବା ବେଳେ ଲାଇନ୍‌ମିସ୍ କରି ଆଣ୍ଡରସନଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ଏହାର ଠିକ୍ ଦୁଇଟି ବଲ୍ ପରେ ଉପଅଧିନାୟକ ଅଜିଙ୍କ୍ୟ ରାହାନେଙ୍କ ପାଳି ପଡିଥିଲା। ବ୍ୟାଟ୍ ଓ ପ୍ୟାଡ୍‌ରେ ଥିବା ଗ୍ୟାପ୍ ରାହାନେଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା ଓ ସେ ଖାତା ଖୋଲିବା ପୂର୍ବରୁ ଆଣ୍ଡରସନଙ୍କ ରିଭର୍ସ ସୁଇଙ୍ଗର ଶିକାର ହୋଇଥିଲେ। ଗୋଟିଏ ଓଭରରେ ଗିଲ୍ ଓ ରାହାନେ ଆଉଟ ହେବା ପରେ ଭାରତର ମ୍ୟାଚ୍ ଡ୍ର ରଖିବା ଆଶା ଏକ ପ୍ରକାର ସମାପ୍ତ ହୋଇଥିଲା। ପ୍ରଥମ ଇନିଂସରେ ଦ୍ରୁତ ୯୧ ରନର ଲଢୁଆ ଇନିଂସ ଖେଳିଥିବା ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଏଥର ବିଫଳ ହୋଇଥିଲେ। ୧୧ ରନ କରିଥିବା ବେଳେ ସେ ଆଣ୍ଡରସନଙ୍କ ଅଫ୍ ଷ୍ଟମ୍ପ ଉପରେ ଥିବା ବଲକୁ ହାଲୁକା ଭାବେ ମାରିଥିଲେ। ତେବେ ବଲ ସ୍ଲୋ ଥିବାରୁ ସେ ଶର୍ଟ କଭରରେ ରୁଟ୍‌ଙ୍କୁ ସିଧାସଳଖ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ପ୍ରଥମ ଇନିଂସରେ ଅପରାଜିତ ୮୫ ରନର ଉପଯୋଗୀ ଇନିଂସ ଖେଳିଥିବା ଅଲ୍‌ରାଉଣ୍ଡର ୱାଶିଂଟନ ସୁନ୍ଦର କିନ୍ତୁ ଏଥର ଖାତା ଖୋଲିପାରି ନ ଥିଲେ। ସେ ସ୍ପିନର ଡୋମିନିକ ବେସ୍‌ଙ୍କ ଅଫ୍ ଷ୍ଟମ୍ପ ବାହାରେ ଏକ କୁଇକ୍ ଲେନ୍ଥ ବଲ୍‌କୁ ଖେଳିବାକୁ ଯାଇ ବିଟ୍ ହୋଇଥିଲେ। ବଲ୍ ବ୍ୟାଟର ଏଜ୍ ନେଇଥିଲା ଓ ଉଇକେଟକିପର ଜୋଶ ବଟଲର କ୍ୟାଚ ନେଇଥିଲେ। ୪୬ଟି ବଲ୍ ଖେଳି ୯ ରନ୍ କରି କ୍ରିଜ୍‌ରେ ଜମି ଆସୁଥିବା ରବିଚନ୍ଦ୍ରନ ଅଶ୍ୱିନ ଲିଚ୍‌ଙ୍କ ଏକ ଏକ୍ସଟ୍ରା ବାଉନ୍ସ ବଲ୍‌ରେ ବିଟ୍ ହୋଇ ବଟଲରଙ୍କୁ କ୍ୟାଚ୍ ଦେଇଥିଲେ। ଏହାପରେ ଅଧିନାୟକ ବିରାଟ କୋହଲି ମଧ୍ୟ ତ୍ରୁଟି କରି ବେନ୍ ଷ୍ଟୋକ୍ସଙ୍କ ରିଭର୍ସ ସୁଇଙ୍ଗ୍ ଶୁଟରର ଶିକାର ହୋଇ ଲାଇନ୍ ମିସ୍ କରିବା ସହ କ୍ଲିନ୍ ବୋଲ୍ଡ ହୋଇଥିଲେ। ଦ୍ୱିତୀୟ ସ୍ଲିପ୍‌ରେ କ୍ୟାଚ୍ ଦେଇ ଶାହାବଜ ନଦିମ ଖାତା ଖୋଲିବା ପୂର୍ବରୁ ଲିଚ୍‌ଙ୍କ ଚତୁର୍ଥ ଶିକାର ହୋଇଥିଲେ। ଶେଷରେ ଯଶପ୍ରୀତ ବୁମ୍ରା ୪ ରନ କରି ବଟଲରଙ୍କୁ କ୍ୟାଚ୍ ଦେଇ ଦ୍ରୁତ ବୋଲର ଜୋଫ୍ରା ଆର୍ଚରଙ୍କ ଶିକାର ହୋଇଥିଲେ। ୫ ରନ କରି ଇଶାନ୍ତ ଶର୍ମା ଅପରାଜିତ ରହିଥିଲେ। ସୋମବାର ପ୍ରଥମ ଉଇକେଟ ଭାବେ ରୋହିତ ୧୨ ରନ କରିଥିବା ବେଳେ ଲାଇନ୍ ମିସ କରି ବୋଲ୍ଡ ହୋଇଥିଲେ। ବୋଲିଂରେ ଇଂଲଣ୍ଡ ତରଫରୁ ଲିଚ୍ ସର୍ବାଧିକ ୪, ଆଣ୍ଡରସନ ୩, ଆର୍ଚର, ବେସ୍ ଓ ବେନ୍ ଷ୍ଟୋକ୍ସ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସ୍କୋର ବୋର୍ଡ**

**ଇଂଲଣ୍ଡ ପ୍ରଥମ ଇନିଂସ: ୫୭୮**
**ଭାରତ ପ୍ରଥମ ଇନିଂସ: ୩୩୭**
**ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୧୭୮**
**ଭାରତ ଦ୍ୱିତୀୟ ଇନିଂସ**
ରୋହିତ-ବୋ-ଲିଚ୍-୧୨
ଶୁବମନ-ବୋ-ଆଣ୍ଡରସନ-୫୦
ପୂଜାରା-କ-ଷ୍ଟୋକ୍ସ-ବୋ-ଲିଚ୍-୧୫
କୋହଲି-ବୋ-ଷ୍ଟୋକ୍ସ-୭୨
ରାହାନେ-ବୋ-ଆଣ୍ଡରସନ-୦
ପନ୍ତ-କ-ରୁଟ୍-ବୋ-ଆଣ୍ଡରସନ-୧୧
ସୁନ୍ଦର-କ-ବଟଲର-ବୋ-ବେସ୍-୦
ଅଶ୍ୱିନ-କ-ବଟଲର-ବୋ-ଲିଚ୍-୯
ନଦିମ-କ-ବର୍ନ୍ସ-ବୋ-ଲିଚ୍-୦
ଇଶାନ୍ତ-ନଟଆଉଟ-୫
ବୁମ୍ରା-କ-ବଟଲର-ବୋ-ଆର୍ଚର-୪
ଅତିରିକ୍ତ-୧୪
ମୋଟ(୫୮.୧ଓଭର, ଅଲ୍‌ଆଉଟ) ୧୯୨
ଉଇକେଟ ପତନ:୧/୨୫, ୨/୫୮, ୩/୯୨, ୪/୯୨, ୫/୧୧୦, ୬/୧୧୭, ୭/୧୭୧, ୮/୧୭୯, ୯/୧୭୯।
ବୋଲିଂ(ଇଂଲଣ୍ଡ)
ଆର୍ଚର ୯.୧-୪-୨୩-୧
ଲିଚ୍ ୨୬-୪-୭୬-୪
ଆଣ୍ଡରସନ ୧୧-୪-୧୭-୩
ବେସ୍ ୮-୦-୫୦-୧
ଷ୍ଟୋକ୍ସ ୪-୧-୧୩-୧।

# କଳ୍ପତରୁ ଦାସ ସ୍ମାରକୀ କ୍ରିକେଟ ଉଦ୍‌ଘାଟିତ


ଟୁର୍ନାମେଣ୍ଟକୁ ବ୍ଲକ୍ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଉଦ୍‌ଘାଟନ କରି ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

ଧର୍ମଶାଳା, ୯।୨ (ଡି.ଏନ.ଏ.)

ଧର୍ମଶାଳା ବ୍ଲକ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମଠାରେ କଳ୍ପତରୁ ଦାସ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଅନୁଷ୍ଠିତ ଦୁଇଟି ମ୍ୟାଚ୍‌ରେ ୧୪ ଓ ୧୫ ନମ୍ବର ଜୋନ୍ ବିଜୟୀ ହୋଇଛନ୍ତି। କଳ୍ପତରୁ ଦାସ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟକୁ ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚରେ ୧୫ ନମ୍ବର ଜୋନ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୬ ଉଇକେଟ ହରାଇ ୧୮୨ରନ କରିଥିଲା। ଦଳ ପକ୍ଷରୁ ତାରାପ୍ରକାଶ ଦଳାଇ ୬୧ ଓ ସିପୁନ ସେଠୀ ୫୫ ରନ କରିଥିଲେ। ବିପକ୍ଷ ଦଳର ସୁଶାନ୍ତ ସାହୁ ୩ ଓ ସିପୁନ ବେହେରା ୨ ଉଇକେଟ ନେଇଥିଲେ। ଜବାବରେ ୧୨ ନମ୍ବର ଜୋନ ୧୦.୨ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୮୪ ରନ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ସଂଗ୍ରାମ ପାତ୍ର ୪୭ ରନ କରିଥିଲେ। ବିପକ୍ଷ ଦଳର ସୂର୍ଯ୍ୟପ୍ରକାଶ ଦାସ ୪ ଓ ମନୋଜ ନନ୍ଦ ୨ ଉଇକେଟ ନେଇଥିଲେ। ଦ୍ୱିତୀୟ ମ୍ୟାଚରେ ୧୩ ନମ୍ବର ଜୋନ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭର ମଧ୍ୟରୁ ୧୨.୧ ଓଭରରେ ସମସ୍ତ ଉଇକେଟ ହରାଇ ୮୯ ରନ କରିଥିଲା। ଦଳପକ୍ଷରୁ ରୋସନ ରାୟ ଓ ଏମ୍ଡି ଚନ୍ଦନ ୨୧ ଲେଖାଏ ରନ କରିଥିଲେ। ବିପକ୍ଷ ଦଳ ପକ୍ଷରୁ ସନ୍ତୋଷ ଓ ମନୋରଞ୍ଜନ ସେଠୀ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ୧୪ ନମ୍ବର ଜୋନ ୧୨.୪ ଓଭରରେ ୫ ଉଇକେଟ ବିନିମୟରେ ୯୩ ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ସତ୍ୟସାଗର ମହାନ୍ତି ୩୬ ଓ ଆନନ୍ଦ ବେହେରା ୨୧ ରନ କରିଥିଲେ। ବିପକ୍ଷ ଦଳର ଜିତେନ୍ଦ୍ର ଜେନା ୨ ଓ ସୌମ୍ୟ ରଞ୍ଜନ ଜେନା ଗୋଟିଏ ଉଇକେଟ ନେଇଥିଲେ। ଉଭୟ ମ୍ୟାଚ୍‌କୁ ସୁବ୍ରତ ଜେନା, ଇନ୍ତେକାବ ଆଲାମ, ପ୍ରତାପ ନାୟକ ଓ ଉତ୍ତମ ସାମଲ ପରିଚାଳନା କରିଥିଲେ। ବୁଧବାର ପ୍ରଥମ ମ୍ୟାଚ୍ କୋରେଇ ଜୋନ ସହିତ ଧର୍ମଶାଳା ୧୧ ନମ୍ବର ଜୋନ ଓ ଦ୍ୱିତୀୟ ମ୍ୟାଚ ରସୁଲପୁର ଜୋନ ଓ ବରୀ ଜୋନ ମଧ୍ୟରେ ହେବ ବୋଲି ଫାଉଣ୍ଡେଶନ ଉପାଧ୍ୟକ୍ଷ ରଶ୍ମିରଞ୍ଜନ ରାୟ ସୂଚନା ଦେଇଛନ୍ତି।

# ବନ୍ଧୁକ ଚାଳନା ପ୍ରତିଯୋଗିତା

**ଭୁବନେଶ୍ୱର,୯।୨(ସ୍ପୋର୍ଟ୍ସ ବ୍ୟୁରୋ):** ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ଶୁଟିଂ ରେଞ୍ଜରେ ପଞ୍ଚମ ଲକ୍ଷ୍ୟ ଓଡ଼ିଶା ବନ୍ଧୁକ ଚାଳନା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗୀମାନେ ନିଜର ରାଇଫଲ ଓ ପିସ୍ତଲ ଶୁଟିଂରେ ଦକ୍ଷତା ଓ ପାରଦର୍ଶିତା ଦେଖାଇଥିଲେ। ସିନିୟର ବାଳକ ବର୍ଗ ରାଇଫଲରେ ଆଶିଷ ନାୟକ ସର୍ବାଧିକ ୬୧୨.୬ ସ୍କୋର କରି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ମୋହିତ କୁମାର ପାଶ୍ୱାନ ଦ୍ୱିତୀୟ ଓ ପୀତବାସ ବେହେରା ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ସିନିୟର ବାଳିକା ବର୍ଗ ଏୟାର ରାଇଫଲ ପ୍ରତିଯୋଗିତାରେ ବିନୀତା ପଟ୍ଟନାୟକ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଜୁନିୟର ବାଳକ ବର୍ଗ ଏୟାର ରାଇଫଲରେ ସୁଜଳ କୁମାର ପ୍ରଥମ, ଶ୍ରେୟଶ ଦିବ୍ୟଦର୍ଶନ ଦ୍ୱିତୀୟ ଓ ସୋମେଶ ବିନ୍ଧାଣୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏୟାର ପିସ୍ତଲ ପ୍ରତିଯୋଗିତା ଜୁନିୟର ବାଳିକା ବର୍ଗରେ ଶ୍ରୁତି ପାତ୍ରୋ ପ୍ରଥମ ହୋଇଛନ୍ତି। ଜୁନିୟର ବାଳକ ବର୍ଗ ଏୟାର ପିସ୍ତଲରେ ଅମିତ ହୋତା ପ୍ରଥମ ଓ ପୁନ୍ୟୋ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ସିନିୟର ବାଳକ ବର୍ଗ ଏୟାର ପିସ୍ତଲରେ ଅର୍ଜୁନ ସିଂ ପ୍ରଥମ, ଅର୍ଦ୍ଧେନ୍ଦୁ ପାଢ଼ୀ ଦ୍ୱିତୀୟ ଓ ଦିଲୀପ ପାଢ଼ୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ପ୍ରତିଯୋଗିତା ପ୍ରତି ୩ ମାସରେ ଥରେ ଦୁଇଦିନ ଧରି ଆୟୋଜିତ ହୋଇଥାଏ। ଏଥିରେ ଉତ୍ତମ ପ୍ରଦର୍ଶନ କରିଥିବା ପ୍ରତିଯୋଗୀମାନଙ୍କୁ ବର୍ଷ ଶେଷ ପର୍ଯ୍ୟାୟ ଲକ୍ଷ୍ୟ ଓଡ଼ିଆ ପ୍ରତିଯୋଗିତାରେ ମାନପତ୍ର ସହ ଓଡ଼ିଶା ରାଇଫଲ ଆସୋସିଏଶନ ତରଫରୁ ଜାତୀୟ ପ୍ରତିଯୋଗିତା ପାଇଁ ସହାୟତା ପ୍ରଦାନ କରାଯାଇଥାଏ। ଉଦ୍‌ଯାପନୀ ଉତ୍ସବରେ ଆସୋସିଏଶନ ସଭାପତି ହରିପ୍ରସାଦ ପଟ୍ଟନାୟକ, ବଳଭଦ୍ର ଦାସ, ଗୌରୀ ମହାନ୍ତି ସଫଳ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ


ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଖେଳାଳିମାନେ।

ଭୁବନେଶ୍ୱର, ୯।୨

ଭଦ୍ରକ ଜିଲାର ଅଗ୍ରଣୀ କ୍ରୀଡା ଅନୁଷ୍ଠାନ ନେତାଜୀ ସ୍ପୋର୍ଟିଂ ଓ ନେତାଜୀ ସାଂସ୍କୃତିକ ଯୁବ ପରିଷଦ, କରଣ ପୋଖରୀ ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ନିକଟରେ ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ମୋଟ ୮ଟି ଦଳ ଅଂଶ ଗ୍ରହଣ କରିଥିଲେ। ଟୁର୍ନାମେଣ୍ଟର ଫାଇନାଲ ଧାମରା (ମା' ଧାମରାଇ ଯୁବ ପ୍ରତିଭା) ଏବଂ ବାଂଶଡା (ୟୁଥ ଭଲିବଲ ଷ୍ଟାର) ସହିତ ହୋଇଥିଲା। ଏଥିରେ ବାଂଶଡା ୨୫-୨୨ ପଏଣ୍ଟରେ ବିଜୟୀ ହୋଇଥିଲା। ସ୍ଥାନୀୟ ସରପଞ୍ଚ ଇଂ. ଆଶୁତୋଷ ଭୋଇ, ସାମାଜିକ କର୍ମୀ ବିଶିଷ୍ଟ ଶିଳ୍ପପତି ଟୁକୁରାମ ଭୋଇ, ଶିକ୍ଷାବିତ୍ ପ୍ରତାପ ମହାନ୍ତି, ଯୁବ ନେତା ଶରତ ଧଳ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ଗ୍ରାମାଞ୍ଚଳର ଯୁବ ପ୍ରତିଭାମାନଙ୍କୁ ଏଭଳି ଟୁର୍ନାମେଣ୍ଟ ଜରିଆରେ ଖୋଜି ବାହାର କରିବା ଏବଂ ସେମାନଙ୍କ ପ୍ରତିଭାକୁ ରାଜ୍ୟସ୍ତରରେ ବିକଶିତ କରାଇବା ଲକ୍ଷ୍ୟରେ ଟୁକୁରାମ ଭୋଇ ଓ ପ୍ରତାପ ମହାନ୍ତି ପ୍ରତିବର୍ଷ ଟୁର୍ନାମେଣ୍ଟ ସହିତ ବିଭିନ୍ନ କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରି ଆସୁଛନ୍ତି। ଏହି ଟୁର୍ନାମେଣ୍ଟକୁ ନେତାଜୀ ସ୍ପୋର୍ଟିଂର ସଦସ୍ୟ ବିକାଶ ବଳ, ଆନନ୍ଦ ସାହୁ, ଆନନ୍ଦ ପରିଡା, ଟୁଲିଆ ପରିଡା, ମନୋରଞ୍ଜନ ଭୋଇ (ସିପୁ), ସୋମନାଥ ପରିଡା, ସୁରେଶ ସ୍ୱାଇଁ, ଜଗନ୍ନାଥ ଦାସ, ବିଜୟ ଦାସ, ମନୋଜ ଦାସ, ଶୁଭମ୍ ଭୋଇ, ସଂଗ୍ରାମ ଭୋଇ, ବିପ୍ଳବ ଭୋଇ ଏବଂ ଅନ୍ୟମାନେ ପରିଚାଳନା ଓ ସହଯୋଗ ପ୍ରଦାନ କରିଥିଲେ।

# ପ୍ରଗତି ସ୍ପୋର୍ଟିଂ ସେମିରେ

ରାଜନଗର, ୯।୨(ଡି.ଏନ.ଏ.)

ରାଜନଗର ବ୍ଲକ ବଡପଲ୍ଲୀସ୍ଥିତ ଚଞ୍ଚଳା ମିନି ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫିର ୩ୟ କ୍ୱାର୍ଟର ଫାଇନାଲ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପାରାଦୀପ କ୍ରିକେଟ ଏକାଡେମୀକୁ ୧୭ ରନରେ ହରାଇ ଭୁବନେଶ୍ୱରର ପ୍ରଗତି ସ୍ପୋର୍ଟିଂ ତୃତୀୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ପ୍ରଗତି ସ୍ପୋର୍ଟିଂ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୮ ଉଇକେଟ ହରାଇ ୧୮୩ ରନ କରିଥିଲା। ଦଳର ସୋମ୍ୟ ସୌରଭ କୁମାର ୫୭ ବଲରୁ ୨ ଛକା ଓ ୮ ଚଉକା ସହାୟତାରେ ୬୩ ରନ ଓ ଚିନ୍ମୟ ସାହୁ ୩୨ ବଲରୁ ୨୮ ରନ କରିଥିଲେ। ପାରାଦୀପର ସୂର୍ଯ୍ୟକାନ୍ତ ୩ଟି ଉଇକେଟ ନେଇଥିଲେ। ଜବାବରେ ପାରାଦୀପ ନିର୍ଦ୍ଧାରିତ ୨୫ ଓଭରରେ ୯ ଉଇକେଟ ହରାଇ ୧୬୬ ରନ କରିଥିଲା। ଦଳର କେଶୁ ମେଘି ୩୪ ବଲରୁ ୬ଟି ଛକା ଓ ୨ଟି ଚଉକା ସହାୟତାରେ ୫୬ ରନ ଓ ଝାମେଲା ଭଜନ ମହାପାତ୍ର ୨୧ ବଲରୁ ୫ଟି ଛକା ସହାୟତାରେ ୩୯ ରନ କରିଥିଲେ ମଧ୍ୟ ଦଳକୁ ବିଜୟୀ କରାଇ ପାରି ନ ଥିଲେ। ଭୁବନେଶ୍ୱରର ମାନସ ମହାପାତ୍ର ୫ ଓଭରରେ ୧୫ ରନ ଦେଇ ୩ ଉଇକେଟ ନେଇଥିଲେ। ପ୍ରାଧ୍ୟାପକ ଶଶଧର ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଲିକଣା ସରପଞ୍ଚ ବିଜୟ କୁମାର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୌମ୍ୟ ସୌରଭ କୁମାରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ନିରଞ୍ଜନ ଦାସ, ନିରୋଦ ବଳ ଅମ୍ପାୟାରିଂ କରିଥିବା ବେଳେ ବିଜୟ କୁମାର ବଳ ଦାୟିତ୍ୱ ତୁଲାଇଥିଲେ। ବୁଧବାର ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂ ସହ ଯାଜପୁରର ଇଲେଭେନ ଷ୍ଟାର ମଧ୍ୟରେ ମୁକାବିଲା ହେବ।


ସୌମ୍ୟ ସୌରଭ କୁମାରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

# ଜଗତ୍‌ସିଂହପୁର ସେମିଫାଇନାଲରେ

ଭୁବନେଶ୍ୱର, ୯।୨(କ୍ରୀଡ଼ା ପ୍ରତିନିଧି)

ପିଜେ ମେମୋରିଆଲ ଟ୍ରଷ୍ଟ ଓ ଫ୍ରେଣ୍ଡ୍ସ କ୍ଲବ ଆନୁକୂଲ୍ୟରେ କେଶୁରା ପଡ଼ିଆରେ ଚାଲିଥିବା ପଞ୍ଚାନନ ଜେନା ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ତୃତୀୟ କ୍ୱାର୍ଟର ଫାଇନାଲରେ ଢେଙ୍କାନାଳକୁ ହରାଇ ଜଗତ୍‌ସିଂହପୁର ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଜଗତ୍‌ସିଂହପୁର ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୨୨୬ ରନ କରିଥିଲା। ଜବାବରେ ଢେଙ୍କାନାଳ ୧୮ ଓଭରରେ ୧୮୫ ରନ କରି ଅଲ୍‌ଆଉଟ ହୋଇଥିଲା। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ବିଜୟୀ ଦଳର ଯେସ୍ ଖଟୁଆ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଥିଲେ। ଚୈତନ୍ୟ ପରିଡ଼ା ଅତିଥିରୂପେ ଯୋଗ ଦେଇଥିଲେ। ସୋମବାର ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ କଟକର ନଡ଼ିଆଗୁରୁଡ଼ି ଭୁବନେଶ୍ୱରର ମେଣ୍ଟୋଶାଳକୁ ପରାସ୍ତ କରିଥିଲା। ୪୪ ବଲ୍‌ରୁ ୧୪୭ ରନ କରିଥିବା ବିଜୟୀ ଦଳର ପ୍ରଦୀପ ରାଉତ ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ। ଶହୀଦ ସ୍ପୋର୍ଟିଂ ସମ୍ପାଦକ ପଙ୍କଜ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ବୁଧବାର ମଞ୍ଚେଶ୍ୱର ଓ କଟକ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

# ନାଡାଲ, ବାର୍ଟି ଦ୍ୱିତୀୟ ରାଉଣ୍ଡରେ

ମେଲବୋର୍ନ, ୯।୨ (ଏପି)

ରାଫାଲ ନାଡାଲ ଓ ଆସ୍‌ଲେ ବାର୍ଟି ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୨୦ ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ନାଡାଲ ୫୬ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ଲାସ୍‌ଲୋ ଡିଜେରେଙ୍କୁ ୬-୩, ୬-୪, ୬-୧ ସେଟ୍‌ରେ ହରାଇ ଦେଇଛନ୍ତି। ଏହି ମ୍ୟାଚ ଦୁଇ ଘଣ୍ଟା ପାଖାପାଖି ଚାଲିଥିଲା। ସୂଚନାଯୋଗ୍ୟ, ପିଠିରେ ଯନ୍ତ୍ରଣା ଯୋଗୁ ନାଡାଲ ଗତ ସପ୍ତାହରେ ସ୍ପେନ ତରଫରୁ ଏଟିପି କପ୍ ଖେଳିପାରି ନ ଥିଲେ। ଏହି ସମସ୍ୟା ସମ୍ପୂର୍ଣ୍ଣ ଦୂର ହୋଇ ନ ଥିଲେ ହେଁ କ୍ରମେ ଉନ୍ନତି କରିବାରେ ଲାଗିଛନ୍ତି ବୋଲି ସେ କହିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ସେ ଆମେରିକାର କ୍ୱାଲିଫାୟର ମାଇକେଲ ମୋ'ଙ୍କୁ ଭେଟିବେ। ମାଇକେଲ ଏକ ସଂଘର୍ଷପୂର୍ଣ୍ଣ ପ୍ରଥମ ରାଉଣ୍ଡ ମ୍ୟାଚରେ ଭିକ୍ଟର ଟ୍ରୋଇକିଙ୍କୁ ୭-୬ (୩), ୬-୭ (୩), ୩-୬, ୭-୬ (୩), ୭-୬ ସେଟ୍‌ରେ ହରାଇ ଦେଇଛନ୍ତି। ଚତୁର୍ଥ ସିଡ୍ ଡାନିଲ ମେଦଭେଦେଭ ୬-୨, ୬-୨, ୬-୪ ସେଟ୍‌ରେ ଭାସେକ୍ ପପ୍‌ସିଲଙ୍କୁ ପରାସ୍ତ କରିଛନ୍ତି। ଏହାକୁ ମିଶାଇ ସେ ତାଙ୍କର କ୍ରମାଗତ ଭାବେ ୧୫ ମ୍ୟାଚରେ ବିଜୟ ହାସଲ କରିଛନ୍ତି। ଗତଥରର ମହିଳା ସିଙ୍ଗଲ୍ସ ଚାମ୍ପିୟନ ସୋଫିଆ କେନିନ୍ କିନ୍ତୁ ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରିଛନ୍ତି। ସେ ୧୩୩ତମ ର୍‍ୟାଙ୍କିଙ୍ଗ ୱାଇଲ୍ଡ କାର୍ଡ ଏଣ୍ଟ୍ରି ମାଡିସନ ଇଂଲିଶଙ୍କୁ ୭-୫, ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। ବର୍ଷକ ପରେ ଏକ ଗ୍ରାଣ୍ଡସ୍ଲାମ ମ୍ୟାଚ ଖେଳୁଥିବା ଶୀର୍ଷ ର୍‍ୟାଙ୍କିଙ୍ଗପ୍ରାପ୍ତ ବାର୍ଟି କିନ୍ତୁ ସହଜ ବିଜୟ ସହ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଡାନକା କୋଭିନିଚ୍‌ଙ୍କ ବିପକ୍ଷରେ ସେ ୬-୦, ୬-୦ ସେଟ୍‌ରେ ବିଜୟ ହାସଲ କରିଛନ୍ତି। ଏଠାରେ ଗତବର୍ଷ ସେମିଫାଇନାଲରେ କେନିନ୍‌ଙ୍କଠାରୁ ବାର୍ଟି ହାରିଯାଇଥିଲେ। ପରେ କୋଭିଡ୍ ବେଳେ ସେ ୟୁଏସ ଓପନ୍‌ରୁ ଓହରିଯାଇଥିଲେ। ଫ୍ରେଞ୍ଚ୍ ଓପନ୍‌ରେ ସେ ଟାଇଟଲ ବଜାୟ ରଖିବା ଲାଗି ଏଥିରେ ଖେଳିବାକୁ ମଧ୍ୟ ଚାହିଁ ନ ଥିଲେ ବରଂ ଅଷ୍ଟ୍ରେଲିଆରେ ରହିବାକୁ ପସନ୍ଦ କରିଥିଲେ। ଦୁଇଥର ଅଷ୍ଟ୍ରେଲିଆନ ଓପନ ଚାମ୍ପିୟନ ତଥା ଗତଥରର ୟୁଏସ୍ ଓପନ ରନର ଅପ୍ ଭିକ୍ଟୋରିଆ ଆଜାରେଙ୍କା ଯୁକ୍ତରାଷ୍ଟ୍ର ଆମେରିକାର ଜେସିକା ପେଗୁଲାଙ୍କ ନିକଟରୁ ୭-୫, ୬-୪ ସେଟ୍‌ରେ ହାରିଯାଇଛନ୍ତି। ଦ୍ୱିତୀୟ ଦିବସରେ ଖେଳାଯାଇଥିବା ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ଅଷ୍ଟ୍ରେଲୀୟ ୱାଇଲ୍ଡକାର୍ଡ ଏଣ୍ଟ୍ରି ଆଲେକ୍ସି ପପିରିନ୍ ୧୩ନମ୍ବର ର୍‍ୟାଙ୍କିଙ୍ଗପ୍ରାପ୍ତ ଡେଭିଡ ଗଫିନଙ୍କୁ ୩-୬, ୬-୪, ୬-୭ (୪), ୭-୬ (୬), ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ୧୬ ବର୍ଷୀୟା କୋକୋ ଗଫ୍ ମଧ୍ୟ ତାଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ଅନ୍ୟ ଯେଉଁ ସିଡ୍ ଖେଳାଳିମାନେ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି ସେମାନଙ୍କ ମଧ୍ୟରେ ଅଛନ୍ତି ୬ନମ୍ବର ଖେଳାଳି କାରୋଲିନା ପ୍ଲିସ୍‌କୋଭା, ୨୧ନମ୍ବର ଖେଳାଳି ଆନେଟ୍ କୋଣ୍ଟାଭିଟ୍ ଏବଂ ୨୫ ନମ୍ବର ମାନ୍ୟତାପ୍ରାପ୍ତ କରୋନଲିନା ମୁଚୋଭା।


ପ୍ରଥମ ରାଉଣ୍ଡ ମ୍ୟାଚ୍ ଅବସରରେ ରାଫାଲ ନାଡାଲ।

**ସଂକ୍ଷେପରେ**

## ସେନ୍‌ସେକ୍ସ ୧୯ ପଏଣ୍ଟ ଖସିଲା

ନୂଆଦିଲ୍ଲୀ,୯।୨: ଗତ ୬ ସେସନ ହେବ ଭାରତୀୟ ପୁଞ୍ଜିବଜାରର କାରବାର ଉର୍ଦ୍ଧ୍ୱଗାମୀ ହୋଇ ଚାଲିଥିବା ବେଳେ ମଙ୍ଗଳବାର ଏଥିରେ ସାମାନ୍ୟ ପ୍ରଭାବ ପଡିଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ)ର ସେନ୍‌ସେକ୍ସ ୧୯.୬୯ ପଏଣ୍ଟ(0.04%) ନିମ୍ନରେ ରହିବା ଯୋଗୁ ଏହା ୫୧,୩୨୯ ପଏଣ୍ଟ ସ୍ତରକୁ ଖସିଛି। ସୋମବାର ମଧ୍ୟରେ କାରବାର ୪୮୭ ପଏଣ୍ଟ ବଢ଼ିବା ଯୋଗୁ ୩0 ଶେୟାର ବିଶିଷ୍ଟ ସେନ୍‌ସେକ୍ସ ୫୧,୮୩୫.୮୬ ପଏଣ୍ଟ ସ୍ତର ଛୁଇଁଥିଲା। ହେଲେ କାରବାର ଶେଷ ବେଳକୁ ଏଥିରେ ୧୯.୬୯% ହ୍ରାସ ହୋଇଛି। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍‌ଏସ୍‌ଇ)ର ନିଫ୍ଟି ୬.୫0 ପଏଣ୍ଟ(0.04%) ନିମ୍ନରେ ରହିବା ଯୋଗୁ ୧୫,୧୦୯.୩0 ପଏଣ୍ଟରେ କାରବାର ବନ୍ଦ ହୋଇଛି। ସୋମବାର ନିଫ୍ଟି କାରବାର ୧୫,୨୫୭. ୧୦ ପଏଣ୍ଟ ସ୍ତରରେ ପହଞ୍ଚିଥିଲା। କାରବାର ଶେଷ ବେଳକୁ ଏଥିରେ ପ୍ରଭାବ ପରିଲକ୍ଷିତ ହୋଇଛି।

## ବ୍ୟାଙ୍କ ଗ୍ରାହକଙ୍କ ସେବା ସଂକ୍ରାନ୍ତ ଅଭିଯୋଗ ୫୭% ବୃଦ୍ଧି

ନୂଆଦିଲ୍ଲୀ,୯।୨: ବ୍ୟାଙ୍କଗୁଡିକ ପକ୍ଷରୁ ପ୍ରଦାନ କରାଯାଉଥିବା ସେବାରେ ଗ୍ରାହକ ବିଭିନ୍ନ ସମସ୍ୟା ସାମ୍ନା କରୁଥିବା ନଜରକୁ ଆସିଛି। ଫଳରେ ଗ୍ରାହକଙ୍କ ସେବା ସଂକ୍ରାନ୍ତ ଅଭିଯୋଗ ୫୭% ବୃଦ୍ଧି ପାଇ ୩.0୮ ଲକ୍ଷ ଛୁଇଁଛି। ୨୦୨୦ ଜୁନ୍ ୩0 ସୁଦ୍ଧା ଗ୍ରାହକ ଏଭଳି ଅଭିଯୋଗ କରିଥିବା ରିଜର୍ଭ ବ୍ୟାଙ୍କ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। କେନ୍ଦ୍ରୀୟ ବ୍ୟାଙ୍କ ଏହାର ଅମ୍ବୁଡସମ୍ୟାନ ସ୍କିମ୍ ରିପୋର୍ଟରେ କହିଛି, ମୋଟ ଅଭିଯୋଗ ମଧ୍ୟରୁ ପ୍ରାୟ ଏକ ପଞ୍ଚମାଂଶ ଏଟିଏମ୍ କିମ୍ବା ଡେବିଟ୍ କାର୍ଡ ସହ ସମ୍ପର୍କ ରହିଛି। ସେହିଭଳି ୧୩.୩୮% ମାମଲା ମୋବାଇଲ କିମ୍ବା ଇଲେକ୍ଟ୍ରୋନିକ୍ସ ବ୍ୟାଙ୍କିଙ୍ଗ୍ ସହ ଜଡିତ ରହିଛି।

## ଡିଏଲ୍ ନବୀକରଣ ଲାଗି ଆଧାର ପ୍ରମାଣନ

ନୂଆଦିଲ୍ଲୀ,୯।୨: ଅନ୍‌ଲାଇନରେ ଡ୍ରାଇଭିଂ ନବୀକରଣ ଏବଂ ୧୫ ଅନ୍ୟ ସେବା ଲାଗି ଆଧାର ଅଥେଣ୍ଟିକେଶନ(ପ୍ରମାଣନ)ର ଆବଶ୍ୟକତା ରହିଛି। ପରିବହନ ବିଭାଗର କାର୍ଯ୍ୟାଳୟକୁ ନ ଦୌଡ଼ି ଲୋକଙ୍କୁ ଅନ୍‌ଲାଇନ ଏବଂ କଣ୍ଟାକ୍ଟଲେସ୍ ସେବା ଯୋଗାଣ ଦିଗରେ ଏଭଳି ସୁବିଧାକୁ ଗୁରୁତ୍ୱ ଦିଆଯାଉଛି। ଏହି ସେବାଗୁଡିକ ମଧ୍ୟରେ ଲର୍ନର ଲାଇସେନ୍ସ, ଡିଏଲ୍ ନବୀକରଣ, ଠିକଣା ପରିବର୍ତ୍ତନ ଏବଂ ପଞ୍ଜୀକରଣ ସାର୍ଟିଫିକେଟ, ଅନ୍ତର୍ଜାତୀୟ ଡ୍ରାଇଭିଂ ଲାଇସେନ୍ସ ଇସ୍ୟୁ, ନୋଟିସ ଅଫ୍ ଟ୍ରାନ୍ସଫର, ଭେଇକିଲ ଓନରଶିପ ଟ୍ରାନ୍ସଫର ଆପ୍ଲିକେଶନ ରହିଛି। ସଡ଼କ ପରିବହନ ମନ୍ତ୍ରଣାଳୟର ଡ୍ରାଫ୍ଟ ନିର୍ଦ୍ଦେଶାବଳୀ ମୁତାବକ, ପୋର୍ଟାଲ ଦ୍ୱାରା କଣ୍ଟାକ୍ଟଲେସ୍ ସେବା ନେବାକୁ ଚାହୁଁଥିବା ବ୍ୟକ୍ତିବିଶେଷଙ୍କୁ ଆଧାର ଅଥେଣ୍ଟିକେଶନ ପ୍ରକ୍ରିୟା ଦେଇ ଯିବାକୁ ହେବ। ଡ୍ରାଫ୍ଟ ଅର୍ଡର ନେଇ ମନ୍ତ୍ରଣାଳୟ ବର୍ତ୍ତମାନ ଅଂଶୀଦାରଙ୍କ ପରାମର୍ଶ ଲୋଡ଼ିଛି। ସେହିଭଳି ଯେଉଁ ବ୍ୟକ୍ତି ଆଧାର ପ୍ରମାଣନ କରାଇବାକୁ ଚାହୁଁନାହାନ୍ତି ସେମାନେ ଅଫ୍‌ଲାଇନରେ କାର୍ଯ୍ୟାଳୟ ଯାଇ ଏହି ସେବାଗୁଡିକ ଲାଭ କରିପାରିବେ।

# ଯାନ ନିର୍ମାତାଙ୍କୁ ସରକାରଙ୍କ ତାଗିଦ

- ସୁରକ୍ଷା ମାନକ କମ୍ କରାଯାଇଥିବା ଯାନ ବିକନାହିଁ
- ଜାଣିଶୁଣି ସୁରକ୍ଷା ସିଷ୍ଟମ ଢିଲା କରିଛନ୍ତି କମ୍ପାନୀ



ନୂଆଦିଲ୍ଲୀ,୯।୨

ଘରୋଇ ବଜାରରେ ଅଟୋମୋବାଇଲ କମ୍ପାନୀଗୁଡିକ ସୁରକ୍ଷା ମାନକ(ସେଫ୍ଟି ଷ୍ଟାଣ୍ଡାର୍ଡ) ପ୍ରଦାନରେ ଅବହେଳା କରୁଥିବା ରିପୋର୍ଟ ପ୍ରକାଶ ପାଇଥିଲା। ଏହାକୁ ନେଇ ସରକାର ମଙ୍ଗଳବାର ଚିନ୍ତା ପ୍ରକଟ କରିଛନ୍ତି। ଏଭଳି କାମକୁ ସରକାର ଉତ୍ସାହିତ କରିବେ ନାହିଁ। ଅଟୋମୋବାଇଲ କମ୍ପାନୀଗୁଡିକ ଜାଣିଶୁଣି ଏଭଳି କରୁଥିବାରୁ ଏହାକୁ ବନ୍ଦ କରିବା ଲାଗି ସରକାର ନିର୍ଦ୍ଦେଶ ଦେଇଛନ୍ତି।

ଅଟୋ ଶିଳ୍ପ ସଂଘ ସିଆମର ଏକ କାର୍ଯ୍ୟକ୍ରମରେ ସଡ଼କ ପରିବହନ ଏବଂ ରାଜପଥ ସଚିବ ଗିରିଧର ଅରମାନେ କହିଛନ୍ତି, ମାତ୍ର କିଛି ଯାନ ନିର୍ମାତା ଭେହିକଲ ସେଫ୍ଟି ରେଟିଂ ସିଷ୍ଟମ ବ୍ୟବହାର କରୁଛନ୍ତି। କେବଳ ହାଇଏଣ୍ଡ ମଡେଲଗୁଡିକରେ ଏହା ବ୍ୟବହାର କରାଯାଉଛି। ଦେଶ ମଧ୍ୟରେ ନିରାପତ୍ତା ମାନକକୁ ଜାଣିଶୁଣି ଅଟୋମୋବାଇଲ ନିର୍ମାତା ଉଲ୍ଲଂଘନ କରୁଥିବାରୁ ଏହାକୁ ନେଇ ସେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହା ବନ୍ଦ ହେବାର ଆବଶ୍ୟକତା ରହିଥିବା ସେ ମତ ପ୍ରକାଶ କରିଛନ୍ତି।

ସେ ପୁଣି କହିଛନ୍ତି, ଯାନ ନିର୍ମାତାମାନେ ସଡ଼କ ନିରାପତ୍ତା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ସୁରକ୍ଷା ମାନକ ଢିଲା କରି ବିକ୍ରି ବଢାଇବାକୁ ଚାହୁଁଥିବା ଯାନ ନିର୍ମାତାଙ୍କୁ କ୍ଷମା ଦିଆଯିବ ନାହିଁ। ସବୁ ଯାନ ନିର୍ମାତା ସେମାନଙ୍କ ଯାନରେ ନିରାପତ୍ତା ରେଟିଂକୁ ବ୍ୟବହାର କରିବା ଉଚିତ। ଗ୍ରାହକ କ'ଣ କିଣୁଛନ୍ତି ଏବଂ ଏହାଦ୍ୱାରା କ'ଣ ଲାଭ ମିଳିବ ତାହା ମଧ୍ୟ ସେମାନଙ୍କୁ ଜଣାଇବା ଆବଶ୍ୟକ ବୋଲି ସେ ମତ ରଖିଛନ୍ତି। ଏକ ରିପୋର୍ଟ ମୁତାବକ, କମ୍ପାନୀଗୁଡିକ ସମାନ ମଡେଲରେ ରପ୍ତାନି ହେଉଥିବା ଯାନ ତୁଳନାରେ ଭାରତରେ ବିକ୍ରି ହେଉଥିବା ଯାନ କ୍ଷେତ୍ରରେ ମଧ୍ୟ ତାରତମ୍ୟ ରଖୁଛନ୍ତି।

### ଦୁର୍ଘଟଣା କମ୍, ଯାଉଛି ଅଧିକ ଲୋକଙ୍କ ଜୀବନ

୨୦୧୮ରେ ଆମେରିକାରେ ୪୫ ଲକ୍ଷ ସଡ଼କ ଦୁର୍ଘଟଣାରେ ୩୬,୫୬୦ ଜଣ ବ୍ୟକ୍ତି ମୃତ୍ୟୁ ମୁଖରେ ପଡ଼ିଥିଲେ। ଏହି ସମୟରେ ଭାରତରେ ୪.୫ ଲକ୍ଷ ସଡ଼କ ଦୁର୍ଘଟଣାରେ ୧.୫ ଲକ୍ଷ ଲୋକଙ୍କ ଜୀବନ ଚାଲିଯାଇଛି। ଭାରତରେ ଦୁର୍ଘଟଣା ସଂଖ୍ୟା ପ୍ରାୟ ଆମେରିକା ତୁଳନାରେ ୧୦ ଗୁଣରୁ କମ୍ ରହିଥିଲେ ମଧ୍ୟ ମୃତ୍ୟୁ ସଂଖ୍ୟା ୫ ଗୁଣ ଅଧିକ ରହିଛି। କାର୍‌ର ଗତି ଏବଂ ରୋଡ୍ ଏତେ ଦ୍ରୁତ ହୋଇ ନ ଥିଲେ ମଧ୍ୟ ଅଧିକ ଲୋକ ମୃତ୍ୟୁ ମୁଖରେ ପଡୁଛନ୍ତି। ଏହାକୁ ଦେଖିଲେ ଭାରତରେ ସୁରକ୍ଷା ସିଷ୍ଟମ ଦୃଢ କଲେ ଏହାର ଲାଭ ଗ୍ରାହକ ପାଇବେ ବୋଲି ସେ ମତ ପ୍ରକାଶ କରିଛନ୍ତି।




# ରେନୋ କାଇଗରର ଉତ୍ପାଦନ ଆରମ୍ଭ

ନୂଆଦିଲ୍ଲୀ,୯।୨

ପ୍ରମୁଖ ଯାନ ନିର୍ମାତା ରେନୋ ପକ୍ଷରୁ ଏହାର କାଇଗର ମଡେଲର ଉତ୍ପାଦନ ଆରମ୍ଭ କରାଯାଇଛି। ଏହି କମ୍ପାକ୍ଟ ଏସ୍‌ୟୁଭି ମଡେଲ କମ୍ପାନୀର ଚେନ୍ନାଇସ୍ଥିତ ଫାସିଲିଟିରୁ ଉତ୍ପାଦନ ହେଉଛି। ସେହିଭଳି ସାରା ଦେଶରେ ରହିଥିବା କମ୍ପାନୀର ୫୦୦ରୁ ଉର୍ଦ୍ଧ୍ୱ ଡିଲରଶିପ ଏହାର ଡେସ୍‌ପ୍ୟାଚ୍ ମଧ୍ୟ ଆରମ୍ଭ କରାଯାଇଛି। କମ୍ପାନୀର ସଦ୍ୟତମ ପ୍ରଡକ୍ଟ ରେଞ୍ଜରେ ଏହା ସାମିଲ ରହିଛି। ଭାରତ ବଜାରରେ ଆରମ୍ଭ ପରେ ଏହା ଅନ୍ୟ ବଜାରରେ ପ୍ରବେଶ କରିବ। କାର୍ଯ୍ୟକ୍ରମ ଅବସରରେ କମ୍ପାନୀର କଣ୍ଟ୍ରି ସିଇଓ ଭେଙ୍କଟରାମ ମାମିଲାପାଲେ, ଆର୍‌ଏନ୍‌ଏଆଇପିଏଲ୍ ସିଇଓ ବିଜୁ ବାଲେନ୍ଦ୍ରନ, ଆର୍‌ଏନ୍‌ଟିବିସିଆଇ ଏମ୍‌ଡି କ୍ରିଷ୍ଣନ ସୁନ୍ଦରରାଜନ, ଆର୍‌ଏନ୍‌ଏଆଇପିଏଲ୍ ଡିଏମ୍‌ଡି ସିଲ୍‌ଭିଓ ରୋକା ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାହକଙ୍କ ଏସ୍‌ୟୁଭି ଚାହିଦାକୁ ନଜରରେ ରଖି ଏହି ମଡେଲକୁ କମ୍ପାନୀ ବଜାରକୁ ଛାଡ଼ିଛି। ପୂର୍ବର ମଡେଲଗୁଡିକ ଭଳି ଏହା ମଧ୍ୟ ଲୋକଙ୍କ ଦ୍ୱାରା ଆଦୃତ ହେବ ବୋଲି କମ୍ପାନୀ ଆଶାବାଦୀ । ନିକଟରେ ଏହା ଭର୍ଚୁଆଲ ଭାବେ ସାରା ଦେଶରେ ଶୁଭାରମ୍ଭ କରାଯାଇଥିଲା।

# ଗାଡ଼ି ପଞ୍ଜୀକରଣ ୯.୬୬% କମିଲା

ନୂଆଦିଲ୍ଲୀ,୯।୨

ଜାନୁୟାରୀ ମାସରେ ଯାନ ପଞ୍ଜୀକରଣ ୯.୬୬% ହ୍ରାସ ହୋଇଛି। ଡିସେମ୍ବରରେ ଏଥିରେ ଉନ୍ନତି ଆସିଥିଲା। ଟ୍ରାକ୍ଟରକୁ ଛାଡିଦେଲେ ଅନ୍ୟ ସବୁ ବର୍ଗରେ ଯାନ ବିକ୍ରି ନକାରାତ୍ମକ ରହିଛି। ୨ ଚକିଆ, ୩ ଚକିଆ, ବାଣିଜ୍ୟିକ ଯାନ ଏବଂ ପାସେଞ୍ଜର ଯାନ ବିକ୍ରି ଯଥାକ୍ରମେ ୮.୭୮%, ୫୧.୩୧%, ୨୫% ଏବଂ ୪.୪୭% ନିମ୍ନରେ ରହିଛି। ଟ୍ରାକ୍ଟର ବିକ୍ରି ଧାରା ଅବ୍ୟାହତ ରହିଛି। ଜାନୁୟାରୀରେ ଏଥିରେ ୧୧.୧୪% ବୃଦ୍ଧି ହୋଇଛି। ଚାହିଦା ହ୍ରାସ, ସେମି କଣ୍ଡକ୍ଟର ଅଭାବ, ମୂଲ୍ୟ ବୃଦ୍ଧି ଏବଂ ପାର୍ବଣ ସମୟ ନ ଥିବାରୁ ଏହା ଯାନ ବିକ୍ରି ଉପରେ ପ୍ରଭାବ ପକାଇଛି ବୋଲି ଫେଡେରେଶନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ୍ସ (ଫାଡା) ପକ୍ଷରୁ ସୂଚନା ରହିଛି।

ସଂଘ ପକ୍ଷରୁ କୁହାଯାଇଛି ଯେ, କେନ୍ଦ୍ର ସରକାର ବଜେଟରେ ଘୋଷଣା କରିଥିବା ସ୍କ୍ରାପେଜ ନୀତି ଅଟୋମୋବାଇଲ ଶିଳ୍ପର ଉନ୍ନତୀକରଣ ଦିଗରେ ସହାୟକ ହେବ। ଭିତ୍ତିଭୂମି ପ୍ରକଳ୍ପ ଯଥା– ସଡ଼କ ଏବଂ ପରିବହନ ବ୍ୟବସ୍ଥାରେ ଖର୍ଚ୍ଚ ଯୋଗୁ ବାଣିଜ୍ୟିକ ଯାନ ବିକ୍ରି ଆଗାମୀ ଦିନରେ ବେଶ୍ ଉନ୍ନତ ରହିବ ବୋଲି ସଂଘ ପକ୍ଷରୁ ଆଶା କରାଯାଉଛି। ଫାଡାର ସଭାପତି ଭିଙ୍କେଶ ଗୁଲାଟି କହିଛନ୍ତି, ୨ ଚକିଆ ଯାନ ମୂଲ୍ୟ ବଢିବା ଯୋଗୁ ନିମ୍ନ ଏବଂ ମଧ୍ୟବିତ୍ତ ପରିବାରଗୁଡିକୁ ପ୍ରଭାବିତ କରିବ। ବିଏସ୍–୬ ଏବଂ ଅନ୍ୟ କାରଣ ଯୋଗୁ ବାଣିଜ୍ୟିକ ଯାନ ପଞ୍ଜୀକରଣ ନିମ୍ନରେ ରହିଥିବା ଗୁଲାଟି ମତ ରଖିଛନ୍ତି।

# ଓରିଏଣ୍ଟ ଇଲେକ୍ଟ୍ରିକ ପକ୍ଷରୁ ଏମର୍ଜେନ୍ସି ଏଲ୍‌ଇଡି ଲାଇଟ

ଭୁବନେଶ୍ୱର,୯।୨

ଓରିଏଣ୍ଟ ଇଲେକ୍ଟ୍ରିକ ଲିମିଟେଡ୍ ପକ୍ଷରୁ ନୂତନ ରେଞ୍ଜର ଏମର୍ଜେନ୍ସି ଏଲ୍‌ଇଡି ଲାଇଟିଙ୍ଗ୍ ସଲ୍ୟୁସନ୍ସର ଶୁଭାରମ୍ଭ କରାଯାଇଛି। ଏହି ଲାଇଟ ବିଦ୍ୟୁତ୍‌କାଟ ସମୟରେ ପ୍ରାୟ ୪ ଘଣ୍ଟା ପର୍ଯ୍ୟନ୍ତ ବ୍ୟାକ୍‌ଅପ୍ ପ୍ରଦାନ କରିଥାଏ। ଏହି ରେଞ୍ଜରେ ଏଲ୍‌ଇଡି ବଲ୍‌ବ, ଏଲ୍‌ଇଡି ବ୍ୟାଟେନ୍, ଏଲ୍‌ଇଡି ରେସେସ୍ ପ୍ୟାନେଲ ଓ ବଲ୍‌କ ହେଡ୍ ଆଦି ସାମିଲ ରହିଛି । ଏହାକୁ ନିୟମିତ ଆଲୋକ ଉତ୍ସ ଭାବେ ବ୍ୟବହାର କରାଯାଇପାରିବ ଏବଂ ବିଦ୍ୟୁତ୍‌କାଟ୍ ହେବା ସମୟରେ ଆପଣଙ୍କ ସ୍ଥାନକୁ ଆଲୋକିତ କରିବା ପାଇଁ ଏଗୁଡିକ ସ୍ୱୟଂଚାଳିତ ଭାବେ ଏମର୍ଜେନ୍ସି ମୋଡ୍‌କୁ ପରିବର୍ତ୍ତିତ ହୋଇଥାନ୍ତି। ଏ ସମ୍ପର୍କରେ ଓରିଏଣ୍ଟ ଇଲେକ୍ଟ୍ରିକ୍‌ର କାର୍ଯ୍ୟକାରୀ ଉପାଧ୍ୟକ୍ଷ, ପୁନିତ୍ ଧୱନ କହିଛନ୍ତି, ବାରମ୍ବାର ବିଦ୍ୟୁତ୍‌କାଟ ହେବା ଦ୍ୱାରା ସାଧାରଣ ଜୀବନରେ ଅନେକ ବାଧା ସୃଷ୍ଟି କରିଥାଏ। ସେହିଭଳି ଛୋଟ ଖୁଚୁରା ଦୋକାନ, ସେଲୁନ୍, ଖାଦ୍ୟ ଦୋକାନ, ମୋବାଇଲ ଦୋକାନ ଆଦି ବ୍ୟବସାୟଗୁଡିକ ବ୍ୟାପକ ରୂପେ ପ୍ରଭାବିତ ହୋଇଥାଏ। ଏଭଳି ପରିସ୍ଥିତିରେ ଆମର ନୂତନ ରେଞ୍ଜର ଏମର୍ଜେନ୍ସି ଏଲ୍‌ଇଡି ଲାଇଟ୍‌ର ବ୍ୟବହାର ଫଳରେ ସମସ୍ୟାର ସମାଧାନ ହୋଇପାରିବ। ସେହିପରି ଘର, ଛୋଟ ଅଫିସ୍ ଓ ଖୁଚୁରା ଦୋକାନଗୁଡିକ ପାଇଁ ବଲ୍‌ବ, ବ୍ୟାଟେନ, ରେସେସ୍ ପ୍ୟାନେଲ ଓ ବଲ୍‌କହେଡ୍ ଆଦି ସାମିଲ ରହିଛି। ଓରିଏଣ୍ଟର ନୂତନ ଏମର୍ଜେନ୍ସି ଏଲ୍‌ଇଡି ଲାଇଟ୍‌ଗୁଡିକରେ ଇନ୍–ବିଲ୍ଟ ବ୍ୟାଟେରୀ ରହିଛି ବୋଲି ସେ କହିଛନ୍ତି।

# ସପ୍ତାହରେ ୪ ଦିନ ହୋଇପାରେ କାର୍ଯ୍ୟଦିବସ

ନୂଆଦିଲ୍ଲୀ,୯।୨

ସପ୍ତାହରେ ୪ ଦିନ କାମ କରିବା ଲାଗି ନିୟମ ଆସିପାରେ। ଏ ନେଇ କମ୍ପାନୀଗୁଡ଼ିକୁ ସରକାର ଅନୁମତି ପ୍ରଦାନ କରିପାରନ୍ତି। ଏହା କାର୍ଯ୍ୟକାରୀ ହେଲେ କର୍ମଚାରୀଙ୍କୁ ଶିଫ୍ଟ ସମୟ ବଢ଼ାଯାଇପାରିବ। ସପ୍ତାହରେ ୪୮ ଘଣ୍ଟା କାର୍ଯ୍ୟ ସମୟ ଜାରି ରହିବ। ଦୈନିକ ୧୨ ଘଣ୍ଟା ହିସାବରେ ୪ ଦିନ, ୧୦ ଘଣ୍ଟା ହିସାବରେ ୫ ଦିନ କିମ୍ବା ୮ ଘଣ୍ଟା ହିସାବରେ ୬ ଦିନ କାମ କରିବାର ସୁଯୋଗ ମିଳିବ ବୋଲି ଶ୍ରମ ସଚିବ ଅପୂର୍ବ ଚନ୍ଦ୍ରା ସୋମବାର କହିଛନ୍ତି। କର୍ମଚାରୀ କିମ୍ବା ନିଯୁକ୍ତିଦାତାଙ୍କୁ ଏ ନେଇ ବାଧ୍ୟ କରାଯିବ ନାହିଁ। ଏ ନେଇ ନମନୀୟତା ରଖାଯିବ। ପରିବର୍ତ୍ତିତ କାର୍ଯ୍ୟଶୈଳୀକୁ ନେଇ ଏଭଳି ବ୍ୟବସ୍ଥା କରାଯାଉଛି। ଶ୍ରମ କୋଡ୍‌ର ଅଂଶ ବିଶେଷ ଭାବେ ଏହାକୁ ଆରମ୍ଭ କରାଯାଉଛି। ନୂଆ ସାପ୍ତାହିକ କାର୍ଯ୍ୟଦିବସ ନିୟମ ଲାଗୁହେବା ଆଗରୁ କେଉଁଟିକୁ ଗ୍ରହଣ କରିବାକୁ ହେବ ସେ ନେଇ ନିଯୁକ୍ତିଦାତାଙ୍କୁ ନିଶ୍ଚିତ କରାଇବାକୁ ହେବ ବୋଲି ଚନ୍ଦ୍ରା କହିଛନ୍ତି।

# ଆସିବ କ୍ରିପ୍ଟୋ କରେନ୍ସି ବିଲ୍




ନୂଆଦିଲ୍ଲୀ,୯।୨

କ୍ରିପ୍ଟୋ କରେନ୍ସିକୁ ନେଇ ସରକାର ଶୀଘ୍ର ଏକ ବିଲ୍ ଆଣିବେ। ବର୍ତ୍ତମାନ ଥିବା ଆଇନରେ ଏ ସଂକ୍ରାନ୍ତ କୌଣସି ବ୍ୟବସ୍ଥା ନ ଥିବାରୁ ଏହାକୁ ନେଇ ଆଶଙ୍କା ପ୍ରକାଶ ପାଉଥିବା ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି। କ୍ରିପ୍ଟୋ କରେନ୍ସିକୁ ନିୟନ୍ତ୍ରିତ କରିବା ଲାଗି ଆର୍‌ବିଆଇ ଏବଂ ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ(ସେବି) ନିକଟରେ କୌଣସି ଆଇନଗତ ପ୍ରକ୍ରିୟା ନାହିଁ ବୋଲି ରାଜ୍ୟ ସଭାକୁ ଠାକୁର କହିଛନ୍ତି। ଏହି ପ୍ରସଙ୍ଗକୁ ବିଚାର କରିବା ଲାଗି ବର୍ତ୍ତମାନର ନିୟମ ପର୍ଯ୍ୟାପ୍ତ ନୁହେଁ। ଏ ସଂକ୍ରାନ୍ତରେ ଏକ ରିପୋର୍ଟ ପ୍ରଦାନ କରିବା ଲାଗି ସରକାର ଆନ୍ତଃ ମନ୍ତ୍ରୀ ସ୍ତରୀୟ କମିଟି ଗଠନ କରିଛନ୍ତି। ଏହାକୁ ନେଇ ଏମ୍ପାୱାର୍ଡ ଟେକ୍ନୋଲୋଜି ଗ୍ରୁପ୍‌ର ଏକ ବୈଠକ ମଧ୍ୟ ଆୟୋଜନ କରାଯିବା କାର୍ଯ୍ୟକ୍ରମ ରହିଛି। ସେହିଭଳି କ୍ୟାବିନେଟ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଏହାର ରିପୋର୍ଟ ମଧ୍ୟ ଦେବ। ବିଲ୍ ଚୂଡ଼ାନ୍ତ ହେବା ପରେ ଏହାକୁ କ୍ୟାବିନେଟ୍‌କୁ ପଠାଯିବ। ବିଟ୍ କଏନ ସମେତ ଅନ୍ୟ ଭର୍ଚୁଆଲ କରେନ୍ସିକୁ ନେଇ ରିଜର୍ଭ ବ୍ୟାଙ୍କ ୨୦୧୮ରେ ଏକ ସର୍କୁଲାର ଜାରି କରିଥିଲା। ଏହାର କାରବାର ନ କରିବାକୁ ଅଂଶୀଦାର ସଂସ୍ଥାଗୁଡିକୁ କୁହାଯାଇଥିଲା। ୪ ମାର୍ଚ୍ଚ ୨୦୨୦ରେ ଆର୍‌ବିଆଇ ସର୍କୁଲାରକୁ ସୁପ୍ରିମକୋର୍ଟ ରଦ୍ଦ କରିଦେଇଥିଲେ। ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ବର୍ତ୍ତମାନ ୯୧ ଚାଇନା କମ୍ପାନୀ ଭାରତରେ ପଞ୍ଜୀକୃତ ଥିବା ବେଳେ ୮୦ଟି କାର୍ଯ୍ୟକ୍ଷମ ହେଉଛନ୍ତି।

# ସରକାରଙ୍କ ଡେଭଲପମେଣ୍ଟ ମଡେଲକୁ ରାହୁଲଙ୍କ କଟାକ୍ଷ



ନୂଆଦିଲ୍ଲୀ,୯।୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଡେଭଲପମେଣ୍ଟ ମଡେଲକୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଙ୍ଗଳବାର କଟାକ୍ଷ କରିଛନ୍ତି। ରାଷ୍ଟ୍ରାୟତ୍ତ ଉଦ୍ୟୋଗ ସଂଖ୍ୟା ହ୍ରାସ ଦ୍ୱାରା ସରକାର ଅର୍ଥ ବ୍ୟବସ୍ଥାକୁ କ୍ଷତି ପହଞ୍ଚାଉଥିବା ରାହୁଲ କହିଛନ୍ତି। ମୋଦିଙ୍କ ବିକାଶ ଯୋଜନାରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ସଂଖ୍ୟା ୧୦ରୁ ଗୋଟିଏ ଭାଗକୁ କମିବ। ଦେଶର କ୍ଷତି ସାଧନ ହେବାକୁ ଥିବା ବେଳେ ପୁଞ୍ଜିପତି ମାନେ ଏହାର ଲାଭ ପାଇବେ। ସରକାରଙ୍କ ପାଖ ଲୋକମାନେ ବର୍ତ୍ତମାନ ଲାଭାନ୍ୱିତ ହେଉଥିବା ବେଳେ ଦେଶ କ୍ଷତି ସହୁଛି। ରାହୁଲ ଏଭଳି ବିଭିନ୍ନ ଆରୋପ ସରକାରଙ୍କ ଉପରେ ଲଗାଇବା ସହ ଘେରିଛନ୍ତି। ବଜେଟରେ ସରକାର କୃଷକ ଏବଂ ଯୁବବର୍ଗଙ୍କୁ ଠକିଥିବା ରାହୁଲ ପୂର୍ବରୁ ସରକାରଙ୍କୁ ସମାଲୋଚନା କରିଥିଲେ। କେନ୍ଦ୍ର ସରକାରଙ୍କ ୩ରୁ ୪ ଶିଳ୍ପପତି ବନ୍ଧୁ ରହୁଛନ୍ତି ଯେଉଁମାନେ ଲାଭବାନ ହେଉଥିବା ରାହୁଲ ଆରୋପ ଲଗାଇଛନ୍ତି।

# ମାର୍ଚ୍ଚ ୧୫ରୁ ୨ ଦିନିଆ ବ୍ୟାଙ୍କ ଧର୍ମଘଟ

ନୂଆଦିଲ୍ଲୀ,୯।୨

୯ ବ୍ୟାଙ୍କ ସଂଘର ସଙ୍ଗଠନ ୟୁନାଇଟେଡ୍ ଫୋରମ ଅଫ୍ ବ୍ୟାଙ୍କ ୟୁନିୟନ୍ସ (ୟୁଏଫ୍‌ବିୟୁ) ମାର୍ଚ୍ଚ ୧୫ରୁ ୨ ଦିନିଆ ଧର୍ମଘଟ ଡାକରା ଦିଆଯାଇଛି। ନିକଟରେ ଆସିଥିବା ସାଧାରଣ ବଜେଟରେ ୨ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଘରୋଇକରଣ ନେଇ ସରକାର ଘୋଷଣା କରିଛନ୍ତି। ଏହି ପ୍ରସ୍ତାବକୁ ବିରୋଧକରି ସଂଘଗୁଡିକ ଧର୍ମଘଟକୁ ଓହ୍ଲାଉଥିବା ଜଣାପଡିଛି। ସରକାର ବର୍ତ୍ତମାନ ଘରୋଇକରଣ ଯୋଜନାକୁ ଜୋର୍‌ଦାର କରିଛନ୍ତି। ଏହା ଅନ୍ତର୍ଗତ ବିଭିନ୍ନ ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ଅଂଶଧନ ପ୍ରତ୍ୟାହାର ଏବଂ ଘରୋଇକରଣକୁ ତ୍ୱରାନ୍ୱିତ କରାଯାଉଛି। ସରକାର ଆଇଡିବିଆଇ ବ୍ୟାଙ୍କକୁ ଘରୋଇକରଣ କରି ଦେଇଛନ୍ତି। ଏହି ବ୍ୟାଙ୍କରେ ରହିଥିବା ସରକାରଙ୍କ ଅଂଶଧନକୁ ଏଲ୍‌ଆଇସିକୁ ବିକ୍ରି କରାଯାଇଛି। ଗତ ୪ ବର୍ଷରେ ୧୪ ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ମିଶ୍ରଣ କରାଯାଇଛି।

**ବ୍ୟାଙ୍କ ଘରୋଇକରଣକୁ ବିରୋଧ**

ୟୁଏଫ୍‌ବିୟୁ ପକ୍ଷରୁ ସରକାରଙ୍କ ବ୍ୟାଙ୍କ ଘରୋଇକରଣ ପ୍ରସ୍ତାବକୁ ବିରୋଧ କରାଯିବ ବୋଲି ଅଲ୍ ଇଣ୍ଡିଆ ବ୍ୟାଙ୍କ ଏମ୍ପ୍ଲଇ ଆସୋସିଏଶନ(ଏଆଇବିଇଏ) ସାଧାରଣ ସମ୍ପାଦକ ସି.ଏଚ୍.ଭେଙ୍କଟଚଲମ କହିଛନ୍ତି। ସଂଘ ପକ୍ଷରୁ ମଙ୍ଗଳବାର ବସିଥିବା ବୈଠକରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଘୋଷଣା ଉପରେ ଆଲୋଚନା କରାଯିବ ସହ ଏହାର ବିରୋଧ କରିବା ନେଇ ନିଷ୍ପତ୍ତି ହୋଇଛି। ଧର୍ମଘଟକୁ ଓହ୍ଲାଉଥିବା ସଂଘ ମଧ୍ୟରେ ଏଆଇବିଇଏ, ଏଆଇବିଓସି, ଏନ୍‌ସିବିଇ, ଏଆଇବିଓଏ, ବିଇଏଫ୍‌ଆଇ, ଆଇଏନ୍‌ବିଇଏଫ୍, ଆଇଏନ୍‌ବିଓସି, ଏନ୍‌ଓବିଡବ୍ଲ୍ୟୁ ଏବଂ ଏନ୍‌ଓବିଓ ରହିଛି।



idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
**OFFICE OF THE DIVISIONAL HEAD (ELECTRICAL) IDCO, IDCO TOWER, BHUBANESWAR**
Tender Call Notice No. BBSR/ELECT/E-3629/15-16/312 Dated: 04.02.2021
No. CAD-1220
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**
Name of the Work : Supply and delivery of 125KVA Silent type DG set for Hostel at CIME, Mancheswar, Bhubaneswar.

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect.), IDCO, IDCO Tower, Janpath, Bhubaneswar | Bid Id No. BBSR/ ELECT/e-15/20-21 | 12.02.2021 at 12.00 hrs. | 22.02.2021 at 17.00 hrs. |

Further details can be seen from the e-Procurement Portal: **www.tendersorissa.gov.in.** Corrigendum or Addendum if any will not be published in Newspapers and can be seen in e-Procurement portal as well as in IDCO website.
Sd./- Divisional Head (Elect), IDCO, Bhubaneswar
OIPR-14003/11/0125/2021

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବସାଇଟ୍: www.oshb.org
ପତ୍ର ସଂଖ୍ୟା: ୧୧ ତା: ୧୩।୦୧।୨୦୨୧
**ବିଜ୍ଞାପନ**
No.CAD-1216: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।

| କ୍ର.ନଂ. | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ୰ପ୍ରତିମା ସେଠୀ, ସ୍ୱା.: ବିଜୟ କୁମାର ସେଠୀ, ଗ୍ରା: ସନ୍‌ସିଧା, ପୋ: ଏସ୍.ମଙ୍ଗରାଜପୁର, ଥା: ଆଳି, ଜିଲ୍ଲା: କେନ୍ଦ୍ରାପଡ଼ା | ଏମ୍.ଆଇ.ଜି.–୨–୩୦୬ ଛେଣ୍ଡ କଲୋନୀ ତୃତୀୟ ପର୍ଯ୍ୟାୟ ରାଉରକେଲା | ୧. ବିଜୟ କୁମାର ସେଠୀ (ସ୍ୱାମୀ) ୨. ଦିଲ୍ଲୀପ କୁମାର ସେଠୀ (ପୁତ୍ର) ୩. ମନୋଜ କୁମାର ସେଠୀ (ପୁତ୍ର) |

ସ୍ୱା./– ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0007/2021

GOVERNMENT OF ODISHA No. O-1052
**OFFICE OF THE SUPERINTENDING ENGINEER SOUTHERN CIRCLE, RURAL WORKS, SUNABEDA**
email: serwsbd2003@yahoo.com
No. 589 **E-Procurement Notice** Date: 4.2.2021
1. Name of the Work : Maintenance of 5 years completed PMGSY road
(A) Kandulabeda to Siribeda (0/00 KM to 6.99 KM) of Package No. OR-19-110
(B) Kandulabeda to Siribeda (14.00 to 20.99 KM) of Package No. OR-19-112.
2. Class of Contractor : "B", "A" Class of (Odisha PWD) or relevant class of other licensing authority.
3. Estimated Cost : Rs.149.88 lakhs (Approximately)
4. Details Projects as per Annexure attached :

| Procurement Officer | Bid Identification No. | Availability of Tender Online for bidding | | Last date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works, Southern Circle, Sunabeda | SERWSCSBD-Online - 07/2020-21 | 11.02.2021 at 11.00 A.M. | 17.02.2021 upto 5.00 P.M. | 15.02.2021 upto 2.00 P.M. | 18.02.2021 at 11.00 A.M. | To be intimated separately |

5. Further details can be seen from the website **www.tendersodisha.gov.in.**
6. Any Corrigendum/Addendum will be displayed in the above e-tender websites.
OIPR-25045/11/0008/2021 Sd./- Superintending Engineer, Southern Circle, R.W. Sunabeda

**The Odisha Small Industries Corporation Ltd.**
( A Government of Odisha Undertaking) )
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-1208 OSIC GST No. 21AAACO2101M1Z1
**TENDER CALL NOTICE**
Tender Notice No.384 Dt.25.01.2021
The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for the works "House hold tap water connection to 41 villages of directly affected areas of Kashipur Block by 10000 Ltr. & 15000 Ltr. through Solar hybrid water supply (One Tap One House) in the District of Rayagada".
Tender details can be downloaded from the OSIC website www.osicltd.in . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/ modifications will appear in OSIC Ltd. website www.osicltd.in only.
OIPR-14073/11/0007/2021 MANAGING DIRECTOR



**୨୦୨୧ ଜାନୁୟାରୀ ୬:** କଟକ ସଦର ଥାନା ଅନ୍ତର୍ଗତ ମୁକାମେଶ୍ୱର ଅଞ୍ଚଳରୁ ଜବତ ହୋଇଥିବା ନକଲି ଚା' ପତି।



**୨୦୨୧ ଫେବୃୟାରୀ ୯:** କଟକ ଜଗତ୍‌ପୁର ଅଞ୍ଚଳରୁ ଜବତ ହୋଇଥିବା ଘିଅକୁ ପୋଲିସ୍ ନଷ୍ଟ କରୁଛି।



**୨୦୨୦ ନଭେମ୍ବର ୨୬:** କଟକ ସଦର ଅଞ୍ଚଳରେ ଠାବ ହୋଇଥିବା ନକଲି ଘିଅ ପ୍ୟାକିଂ ମେଶିନ୍‌କୁ ପୋଲିସ ଯାଞ୍ଚ କରୁଛି



**୨୦୨୦ ଡିସେମ୍ବର ୨୨:** କଟକ ଜଗତ୍‌ପୁର ଅଞ୍ଚଳରେ ଠାବ ହୋଇଥିବା ଏକ ନକଲି ସିମେଣ୍ଟ ଗୋଦାମ

# ଏଠି ସବୁ ନକଲି

ବଜାରରେ ବଢ଼ିଚାଲିଛି ନକଲି ସାମଗ୍ରୀର କାରବାର। ଗତ ୩ ମାସ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଜବତ ହୋଇଥିବା ନକଲି ସାମଗ୍ରୀକୁ ଅନୁଧ୍ୟାନ କଲେ ଏବେ ଯେକୌଣସି ସାମଗ୍ରୀ କିଣିବା ପୂର୍ବରୁ ଏହାର ମାନକୁ ନେଇ ମନରେ ଉଠୁଛି ଅନେକ ପ୍ରଶ୍ନ। ନାମୀଦାମୀ ବ୍ରାଣ୍ଡର ଲୋଗୋକୁ ସାମାନ୍ୟ ପରିବର୍ତ୍ତନ କରାଯାଇ ଚାଲିଛି ଅବାଧ କାରବାର। ପୂର୍ବରୁ ନକଲି ସାମଗ୍ରୀ କେବଳ ଡିଜେଲ ଓ ମୋବିଲ୍ ପ୍ରସ୍ତୁତରେ ସୀମିତ ଥିବାବେଳେ ଏବେ ଖାଦ୍ୟ ସାମଗ୍ରୀକୁ କରାଯାଉଛି ଟାର୍ଗେଟ। ଏହି ନକଲି ଖାଦ୍ୟ ସାମଗ୍ରୀ ମନୁଷ୍ୟ ଶରୀର ପାଇଁ ବହୁ କ୍ଷତିକାରକ ହୋଇଥିଲେ ମଧ୍ୟ କେତେକ ଅସାଧୁ ବ୍ୟବସାୟୀ ସେମାନଙ୍କ ଲାଭଖୋର ଲାଳସାକୁ ପୂରଣ କରିବା ପାଇଁ ଲୋକଙ୍କ ଜୀବନ ସହ ଖେଳ ଖେଳୁଛନ୍ତି। ଇତିମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରୁ ନକଲି ସସ୍, ସିନ୍ଥେଟିକ ପନିର, ମସଲା, ଘିଅ, ତେଲ, ଚା'ପତି, ମୃଦୁ ପାନୀୟ, ମିକ୍ଚର, ଜର୍ଦ୍ଦା ଆଦି ଅନେକ ନକଲି ସାମଗ୍ରୀ ବିପୁଳ ପରିମାଣରେ ଜବତ ହେଲାଣି। ବିଶେଷକରି କଟକ ଜିଲା ଜଗତ୍‌ପୁର ଅଞ୍ଚଳ ନକଲି କାରଖାନାର ଏକ ପେଣ୍ଠସ୍ଥଳୀ ପାଲଟିଯାଇଛି। ସେହିପରି ଭୁବନେଶ୍ୱର, ବ୍ରହ୍ମପୁର, ଭଦ୍ରକ, ବଲାଙ୍ଗୀରର ବିଭିନ୍ନ ଅଞ୍ଚଳରୁ ମଧ୍ୟ ଅପମିଶ୍ରିତ ଖାଦ୍ୟପଦାର୍ଥ ଜବତ ହୋଇଛି। ଏଭଳି ସ୍ଥିତିରେ ନକଲି ସାମଗ୍ରୀ ପ୍ରସ୍ତୁତ କରୁଥିବା ଲୋକଙ୍କ ବିରୋଧରେ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଲୋକମାନଙ୍କୁ ଖାଦ୍ୟ ପଦାର୍ଥ କିଣିବା ସମୟରେ ସଚେତନ ହେବା ଜରୁରୀ ହୋଇପଡ଼ିଛି।



**୨୦୨୦ ଡିସେମ୍ବର ୨୧:** କଟକ ବାଦାମବାଡ଼ି ଥାନା ଅନ୍ତର୍ଗତ ମୁନ୍‌ଲାଇଟ୍ ଗଳିରେ ଠାବ ହୋଇଥିବା ନକଲି ଘିଅ କାରଖାନା।



**୨୦୨୦ ଡିସେମ୍ବର ୩୦:** କଲିକତାରୁ ବସ୍ ଯୋଗେ ଆସିଥିବା ବିପୁଳ ପରିମାଣର ନକଲି ପନିରକୁ କଟକ ଚାଉଳିଆଗଞ୍ଜ ଥାନା ପୋଲିସ ଓଏମ୍‌ପି ଛକଠାରେ ଜବତ କରିଛି।



**୨୦୨୦ ନଭେମ୍ବର ୧୨:** କଟକ ମାଲଗୋଦାମ ଅଞ୍ଚଳରେ ଥିବା ଏକ ଅପମିଶ୍ରିତ ହଳଦୀ ଓ ଲଙ୍କାଗୁଣ୍ଡ କାରଖାନାକୁ ଠାବ କରାଯାଇଛି।

## ଶସ୍ତାଠାରୁ ଦୂରେଇ ରହି ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହୁଅନ୍ତୁ



ବର୍ତ୍ତମାନ ସମୟରେ ବଜାରରେ ଅସଲି କମ୍ପାନୀ ନାମରେ ନକଲି ସାମଗ୍ରୀ ବିକ୍ରି ବ୍ୟାପକ ମାତ୍ରାରେ ବୃଦ୍ଧି ପାଇଛି। ସାଧାରଣ ଲୋକ ଖାଦ୍ୟ ସାମଗ୍ରୀ କିଣିବା ସମୟରେ ସେ ସବୁର ସ୍ୱାଦ, ବାସ୍ନା ଓ ରଙ୍ଗ ଏପରିକି ତା'ର କ୍ୱାଲିଟି ମଧ୍ୟ ଜାଣିବା ଜରୁରୀ। ଅସଲି ସାମଗ୍ରୀ ସାଧାରଣତଃ ମାନଦଣ୍ଡ ଓ ସମସ୍ତ ନିୟମାବଳୀ ଅନୁସାରେ ପ୍ରସ୍ତୁତ କରାଯାଇଥାଏ କିନ୍ତୁ ଅପମିଶ୍ରିତ ସାମଗ୍ରୀ ପ୍ରସ୍ତୁତକାରୀଙ୍କ ପକ୍ଷରେ ତାହା ସମ୍ଭବ ହୋଇ ନଥାଏ। ଅସାବଧାନତା କାରଣରୁ ନକଲି ଖାଦ୍ୟ ସାମଗ୍ରୀ କିଣିବା ଏବଂ ସେ ସବୁର ବ୍ୟବହାର କରିବା ଫଳରେ ଅନେକ ପ୍ରକାରର ରୋଗ ଯଥା- ଗ୍ୟାସ, ଆଖି ରୋଗ, ହାର୍ଟ, କିଡ଼ନୀ, ଲିଭର ସମସ୍ୟା ସହିତ କେଶ ଝଡିବା, ବାନ୍ତି ଲାଗିବା ,ପେଟ ରୋଗ ଆଦି ସୃଷ୍ଟି ହୋଇଥାଏ। ନକଲି ଖାଦ୍ୟ ପଦାର୍ଥରେ ପ୍ରାକୃତିକ ସାମଗ୍ରୀ ବ୍ୟବହାର କମ ହେବା ଏବଂ ରାସାୟନିକ ସାମଗ୍ରୀ ଆବଶ୍ୟକତାଠାରୁ ବେଶୀ ବ୍ୟବହାର କରାଯିବା ଦ୍ୱାରା ଖାଦ୍ୟର ମାନ ଖରାପ ହୋଇଥାଏ। ଏ ସବୁ ପ୍ରାୟ ଲାଭଖୋର ଓ ଅସାଧୁ ବ୍ୟବସାୟୀମାନେ କରିଥାନ୍ତି। ଆଇନର ଗଳା ବାଟ ଦେଇ ଏମାନେ ଖସି ଯାଉଥିବାରୁ ନକଲି ସାମଗ୍ରୀର ବ୍ୟବହାର ଓ ପ୍ରସ୍ତୁତି ବର୍ତ୍ତମାନ ସମୟରେ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ସରକାର ଓ ଏହା ସହ ଜଡିତ ସମସ୍ତ ବିଭାଗ ଦୃଢ ଆଇନ ଓ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନକଲି କାରବାର କମିପାରନ୍ତା।

**-ଡ. ଲକ୍ଷ୍ମୀଧର ସାହୁ, କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ**

## ଯାଞ୍ଚ କଡ଼ାକଡ଼ି ସହ କାର୍ଯ୍ୟାନୁଷ୍ଠାନ ଚାଲିଛି



ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ନକଲି ଖାଦ୍ୟପଦାର୍ଥ ବିକ୍ରି ଓ ବ୍ୟବହାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ସେ ସବୁ ନକଲି ସାମଗ୍ରୀର ବିକ୍ରି ଏବଂ ବ୍ୟବହାରକୁ ରୋକିବା ପାଇଁ ବିଏମ୍‌ସି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ସେହିଭଳି ନକଲି ସାମଗ୍ରୀ ପ୍ରସ୍ତୁତ କରାଯାଉଥିବା କାରଖାନଗୁଡିକ ଉପରେ ନଜର ରଖାଯାଇଛି। ସରକାରଙ୍କ ଗାଇଡଲାଇନ ଅନୁସାରେ ପ୍ରତିଦିନ ବିଏମ୍‌ସିର ୩ ଜୋନରେ ୩ଟି ଟିମ କାର୍ଯ୍ୟ କରୁଛି। ସରକାରୀଙ୍କ ନିର୍ଦ୍ଦେଶାବଳୀ ଅନୁସାରେ ଆମେ କେବଳ ବଜାରରେ ବିକ୍ରି କରାଯାଉଥିବା ଖାଦ୍ୟ ପଦାର୍ଥର ମାନ ଯାଞ୍ଚ ସହ ଏହାର ହାଇଜେନିଂ, ଖାଦ୍ୟର ସ୍ୱାଦ ପରୀକ୍ଷା ସହ ପରିବେଶ ଆଦି ଉପରେ ତଦାରଖ କରାଯାଇଥାଏ। ଯାଞ୍ଚ ସମୟରେ ଯଦି କୌଣସି ପ୍ରକାରର ଅପମିଶ୍ରିତ କିମ୍ବା ଅଭିଯୋଗ ସାମ୍ନାକୁ ଆସେ, ତା'ହେଲେ ନିୟମ ଅନୁସାରେ ଦଣ୍ଡବିଧାନ ଓ ଜରିମାନା କଟାଯିବା ସହିତ ଖାଦ୍ୟଗୁଡିକୁ ନଷ୍ଟ କରାଯାଇଥାଏ। ଗତ ୧୫ ଦିନ ମଧ୍ୟରେ ବିଏମସି ଅଞ୍ଚଳରୁ ୮୦ ହଜାର ଟଙ୍କା ଫାଇନ କଟାଯିବା ସହିତ ୫ରୁ ୭ ଟି ସ୍ଥାନରେ ନକଲି କାରଖାନ ଚାଲୁଥିବାର ଖବର ପାଇ ଚଢ଼ାଉ ମଧ କରାଯାଇଛି।

**-ସତ୍ୟଜିତ ପଟେଲ,ଖାଦ୍ୟ ସୁରକ୍ଷା ଅଧିକାରୀ, ଭୁବନେଶ୍ୱର ମହାନଗର ନିଗମ**



**୨୦୨୧ ଜାନୁୟାରୀ ୧୭:** ଭଦ୍ରକ ପୁରୁଣା ବଜାର ପୋଲିସ ଦ୍ୱାରା ଜବତ ହୋଇଥିବା ନକଲି ଜର୍ଦ୍ଦା।



**୨୦୨୧ ଫେବୃୟାରୀ ୨:** ଭୁବନେଶ୍ୱର ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ଚାଲିଥିବା ଏକ ନକଲି କାରଖାନାରୁ ଜବତ ହୋଇଥିବା ମୃଦୁପାନୀୟ।



**୨୦୨୧ ଜାନୁୟାରୀ ୨୪:** ବ୍ରହ୍ମପୁର ବଡ଼ବଜାର ଥାନା ଲକ୍ଷ୍ମୀବିହାର ଅଞ୍ଚଳରେ ଠାବ ହୋଇଥିବା ନକଲି ପାଣି ପ୍ୟାକିଂ କାରଖାନାରୁ ଜବତ ପାଣି ବୋତଲ।



**୨୦୨୧ ଫେବୃୟାରୀ ୭:** କଟକ ଜଗତ୍‌ପୁର ଅଞ୍ଚଳରୁ ଜବତ ହୋଇଥିବା ନକଲି ସସ୍‌କୁ ଜେସିବି ଚଢ଼ାଇ ନଷ୍ଟ କରାଯାଉଛି।



**୨୦୨୧ଜାନୁୟାରୀ ୧୧:** ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି-ବଙ୍ଗୋମୁଣ୍ଡା ଅଞ୍ଚଳରେ ଠାବ ହୋଇଥିବା ନକଲି ମସଲା ପ୍ୟାକିଂ ମେଶିନ।



**୨୦୨୦ ଡିସେମ୍ବର ୧୬:** କଟକ ଜଗତ୍‌ପୁର ଅଞ୍ଚଳରେ ଥିବା ଏକ କାରଖାନାରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ନକଲି ଜର୍ଦ୍ଦା ଜବତ କରାଯାଇଛି।

# ‘ଲିଙ୍ଗରାଜଙ୍କ ପାଇଁ ହୋଇନି ବାଇ-ଲ ପ୍ରତ୍ୟାହାର’

ଭୁବନେଶ୍ୱର, ୯।୨(ବ୍ୟୁରୋ)



କେବଳ ପୁରୀ ଶ୍ରୀମନ୍ଦିର ପାଇଁ ବାଇ-ଲ ପ୍ରତ୍ୟାହାର ହୋଇଛି। ଲିଙ୍ଗରାଜ ମନ୍ଦିର ପାଇଁ ହୋଇନାହିଁ। ଜାତୀୟ କୀର୍ତ୍ତିରାଜି ପ୍ରାଧିକରଣ (ଏନ୍ଏମ୍ଏ)ର ପ୍ରସ୍ତାବିତ ଚିଠା ଉପନିୟମ (ବାଇ-ଲ) ପ୍ରତ୍ୟାହାର ସମ୍ପର୍କରେ ପ୍ରତିକ୍ରିୟା ରଖି ମଙ୍ଗଳବାର କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲ ଏହା କହିଛନ୍ତି। ପଟେଲ କହିଛନ୍ତି, ଲିଙ୍ଗରାଜ ମନ୍ଦିର ନିମନ୍ତେ ପ୍ରସ୍ତାବିତ ବାଇ-ଲ ସମ୍ପର୍କିତ ସର୍ବସାଧାରଣ ନୋଟିସ ବଜାୟ ରହିଛି। ବିଭିନ୍ନ ମନ୍ଦିରର ଖନନ କାର୍ଯ୍ୟ ଯେଭଳି ଜେସିବି ଦ୍ୱାରା ଖୋଳାଚାଲିଛି, ତାହା ଠିକ୍ ନୁହେଁ। ଏଏସ୍ଆଇର ଗୋଟିଏ ଟିମ୍ ଏହାର ତଦନ୍ତ କରିଛନ୍ତି। ତା’ର ରିପୋର୍ଟ ଆସିବାପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ପୁରାତନ ସଂସ୍କୃତିର କୀର୍ତ୍ତିରାଜିକୁ ଏଭଳି ନଷ୍ଟ କରିବା ଠିକ୍ ନୁହେଁ ବୋଲି କେନ୍ଦ୍ର ସଂସ୍କୃତି ମନ୍ତ୍ରୀ କହିଛନ୍ତି। ଅନ୍ୟପଟେ ଏନ୍ଏମ୍ଏକୁ ନେଇ ବିଜେଡି-ଭାଜପା ଭିତରେ ଶ୍ରେୟ ରାଜନୀତି ଆରମ୍ଭ ହୋଇଯାଇଛି।

ଶ୍ରୀମନ୍ଦିର ପାଇଁ ପ୍ରସ୍ତାବିତ ଏନ୍ଏମ୍ଏର ବାଇ-ଲ ପ୍ରତ୍ୟାହାର କରିଥିବାରୁ ମଙ୍ଗଳବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଶ୍ରୀଜଗନ୍ନାଥ ମନ୍ଦିରର ସେବାୟତ ଏବଂ ଓଡ଼ିଶା ଭାଜପାର ଏକ ପ୍ରତିନିଧିମଣ୍ଡଳୀ କେନ୍ଦ୍ରମନ୍ତ୍ରୀ ପଟେଲଙ୍କୁ ଭେଟି ଧନ୍ୟବାଦ ଜଣାଇଛନ୍ତି। ପୁରୀ ଶ୍ରୀମନ୍ଦିର ଏବଂ ତା’ର ଚତୁଃପାର୍ଶ୍ୱକୁ ସୌନ୍ଦର୍ଯ୍ୟକରଣ ଏବଂ ସଂରକ୍ଷଣ ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ଯାହା ବ୍ୟବସ୍ଥା କରାଯିବ, ତାହା ସମସ୍ତ ନିଯୋଗ, ସେବାୟତ, ସ୍ଥାନୀୟ ବାସିନ୍ଦା ଓ ଷ୍ଟେକ ହୋଲ୍ଡରଙ୍କ ସହ ଚର୍ଚ୍ଚା ଆଲୋଚନା କରି ନିଷ୍ପତ୍ତି ନିଆଯିବ। ଏଥିପାଇଁ କେନ୍ଦ୍ରମନ୍ତ୍ରୀ ବ୍ୟକ୍ତିଗତ ଭାବେ ପୁରୀ ଆସି ସମସ୍ତଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି । ଏହାପରେ ଭାଜପା ସଦସ୍ୟ ଓ ଶ୍ରୀମନ୍ଦିର ସେବାୟତମାନେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଭେଟି ଧନ୍ୟବାଦ ଜଣାଇଛନ୍ତି। ପୁରୀ ଶ୍ରୀମନ୍ଦିର ଏବଂ ତା’ର ନୀତିକାନ୍ତି, ପରମ୍ପରା, ସେବାୟତ ଓ ଭକ୍ତ ସମସ୍ତଙ୍କ ଭାବାବେଗ ଓ ଆବଶ୍ୟକତାକୁ ଅକ୍ଷୁଣ୍ଣ ରଖିବା ପାଇଁ ମୋଦି ସରକାର ସଂକଳ୍ପବଦ୍ଧ । ମୋଦି ସରକାର ଥିବା ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥ ମନ୍ଦିର ଉପରେ କୌଣସି ଆଞ୍ଚ ଆସିବ ନାହିଁ ବୋଲି ଶାହା ପ୍ରତିନିଧି ଦଳକୁ ପ୍ରତିଶ୍ରୁତି ଦେଇଥିବା ଦଳର ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର କହିଛନ୍ତି। ଏହି ଅବସରରେ ପ୍ରତିନିଧି ଦଳ ଜଗନ୍ନାଥ ମନ୍ଦିର, ସୂର୍ଯ୍ୟ ମନ୍ଦିର ଏବଂ ଲିଙ୍ଗରାଜ ମନ୍ଦିରର ସଂରକ୍ଷଣ ସମ୍ପର୍କରେ ଆଲୋଚନା ହୋଇଛି।

ଅନ୍ୟପକ୍ଷରେ ବରିଷ୍ଠ ଭାଜପା ନେତା ବିଜୟ ମହାପାତ୍ର କହିଛନ୍ତି, ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ପୁରୀକୁ ଶ୍ରୀହୀନ କରିବାକୁ କିଏ ଚକ୍ରାନ୍ତ କରୁଛି, କିଏ ଏଭଳି ସର୍କୁଲାର ଜାରି କରିଥିଲା, ତାହାର ତଦନ୍ତ ହେବା ଦରକାର। ଶ୍ରୀମନ୍ଦିର ବାଇ-ଲ ଇସ୍ୟୁ ହେବାର ୩ ଦିନ ପରେ ପ୍ରତ୍ୟାହୃତ ହେଲା। ହେଲେ କାହାର ଅନୁମତିରେ ଏପରି ହେଲା। ଭାଜପା ନେତା ଗୋଲକ ମହାପାତ୍ର କହିଛନ୍ତି, ଏନଏମ୍ଏ ଅଧିକାରୀ ଯେତେବେଳେ ଆସିଥିଲେ ରାଜ୍ୟ ସରକାରଙ୍କ ଲୋକ ସେତେବେଳେ ସେମାନଙ୍କୁ ନେଇକି ଗଲେ। ସେତେବେଳେ କହିବା ଦରକାର ଥିଲା। ସେତେବେଳେ ରାଜ୍ୟ ସରକାରଙ୍କ ଯେଉଁ ଅଫିସରମାନେ ଯାଇଥିଲେ ସେମାନଙ୍କର ଜ୍ଞାନର ଅଭାବ ରହିଛି। ତେଣୁ ଘଟଣାର ତଦନ୍ତ ହେବା ଦରକାର ବୋଲି ସେ କହିଛନ୍ତି। ବିଜେଡି ନେତା ସଞ୍ଜୟ ଦାସବର୍ମା କହିଛନ୍ତି, ମହାପ୍ରଭୁଙ୍କ କାର୍ଯ୍ୟରେ କେହି ଶ୍ରେୟ ନେବା ଠିକ୍ ନୁହେଁ। ମୁଖ୍ୟମନ୍ତ୍ରୀ ଯାହା କହିଛନ୍ତି, ଶ୍ରୀମନ୍ଦିର କାମ କେବେ ଅଟକିବ ନାହିଁ ତାହା ପ୍ରମାଣିତ ହୋଇଛି ବୋଲି ସଞ୍ଜୟ କହିଛନ୍ତି।



ପୁରୀ ସେବାୟତମାନଙ୍କର ପ୍ରତିନିଧି ଦଳ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସଠାରେ ଧନ୍ୟବାଦ ଜଣାଇବା ପାଇଁ ଭେଟିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଧନ୍ୟବାଦ ଦେଲେ ସେବାୟତ

ଭୁବନେଶ୍ୱର, ୯।୨(ବ୍ୟୁରୋ)

**ଶ୍ରୀମନ୍ଦିରରୁ ବାଇ-ଲ ପ୍ରତ୍ୟାହାର ପ୍ରସଙ୍ଗ**

ପୁରୀ ସେବାୟତମାନଙ୍କ ଏକ ପ୍ରତିନିଧି ଦଳ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସଠାରେ ଭେଟିଛନ୍ତି। ଜଗନ୍ନାଥ ମନ୍ଦିର ପାଇଁ ଜାତୀୟ ସ୍ମାରକୀ କର୍ତ୍ତୃପକ୍ଷଙ୍କ ଉପନିୟମ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଯୋଗୁକେନ୍ଦ୍ର ସରକାର ବାତିଲ କରିଛନ୍ତି। ଏଥିଲାଗି ମୁଖ୍ୟମନ୍ତ୍ରୀଙ୍କୁ ସେବାୟତମାନେ ଭେଟି ଧନ୍ୟବାଦ ଜଣାଇଛନ୍ତି। ମହାପ୍ରଭୁଙ୍କ ଆଶୀର୍ବାଦରୁ ହିଁ ସବୁକିଛି ସମ୍ଭବ ହୋଇଥିବା ମତ ରଖି ଶ୍ରୀମନ୍ଦିର ବିକାଶ କାର୍ଯ୍ୟ ଆହୁରି ତ୍ୱରାନ୍ୱିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶ୍ରୀମନ୍ଦିର ବିକାଶ ପାଇଁ ପୁରୀବାସୀଙ୍କ ତ୍ୟାଗ କେବେ ହେଲେ ବ୍ୟର୍ଥ ଯିବନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିବା ସହିତ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ(୫-ଟି) ଭି.କେ ପାଣ୍ଡିଆନ ଉପସ୍ଥିତ ଥିଲେ।

# ଷ୍ଟାଣ୍ଡିଂ କମିଟି ୩ର ବୈଠକ

ଭୁବନେଶ୍ୱର, ୯।୨(ବ୍ୟୁରୋ)

ଓଡ଼ିଶା ବିଧାନସଭା ବିଭାଗୀୟ ଷ୍ଟାଣ୍ଡିଂ କମିଟି-୩ର ବୈଠକ ମଙ୍ଗଳବାର ବିଧାନସଭା ପରିସରସ୍ଥ ୫୪ ନମ୍ବର ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର କାର୍ଯ୍ୟାବଳୀ ସମ୍ପର୍କରେ ଆଲୋଚନା ହୋଇଛି। ବିଧାନସଭା ଷ୍ଟାଣ୍ଡିଂ କମିଟି ତରଫରୁ ଗତବର୍ଷ ମାର୍ଚ୍ଚ ୧୧ ତାରିଖରେ ପ୍ରଦାନ କରାଯାଇଥିବା ରିପୋର୍ଟ ଉପରେ ବିଭାଗ ତରଫରୁ କେଉଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ସେନେଇ ବିସ୍ତୃତ ଆଲୋଚନା କରାଯାଇଛି। ଉକ୍ତ ବୈଠକରେ କମିଟି ସଦସ୍ୟମାନଙ୍କ ସହ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପଦସ୍ଥ ଅଧିକାରୀ ଓ ବିଧାନସଭା ସଚିବ ଦାଶରଥୀ ଶତପଥୀ ପ୍ରମୁଖ ଯୋଗଦେଇଛନ୍ତି।

# ଆଜିଠୁ ଫାଇଲେରିଆ ଔଷଧ ସେବନ

ଭୁବନେଶ୍ୱର, ୯।୨(ବ୍ୟୁରୋ)

**୧୭ ଜିଲାରେ ହେବ ଏହି କାର୍ଯ୍ୟକ୍ରମ**

ଭାରତରେ ୫୦କୋଟିରୁ ଊର୍ଦ୍ଧ୍ୱ ଫାଇଲେରିଆ ରୋଗୀ ରହିଛନ୍ତି। ଦେଶରେ ୧୪ଟି ରାଜ୍ୟ ଫାଇଲେରିଆପ୍ରବଣ। ଏଥିମଧ୍ୟରେ ଓଡ଼ିଶା ରହିଛି। ୨୦୩୦ ସୁଦ୍ଧା ଭାରତରେ ଫାଇଲେରିଆ ମୂଳୋତ୍ପାଟନ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ତେଣୁ ଓଡ଼ିଶା ସରକାର ୧୭ଟି ଜିଲାରେ ଲସିକା ଫାଇଲେରିଆ (ଲିମ୍ଫାଟିକ ଫାଇଲେରିଆସିସ୍)ର ମୂଳୋତ୍ପାଟନ ପାଇଁ ସାମୂହିକ ଔଷଧ ସେବନ (ଏମ୍ଡିଏ) କାର୍ଯ୍ୟକ୍ରମ ଆରମ୍ଭ କରିବେ। କୋଭିଡ-୧୯ ନିୟମାବଳୀ ପାଳନ କରାଯାଇ ଏହା କାର୍ଯ୍ୟକାରୀ ହେବ। ପ୍ରଥମ ପର୍ଯ୍ୟାୟ ଏମ୍ଡିଏ କାର୍ଯ୍ୟକ୍ରମ ୧୦ତାରିଖ ଅର୍ଥାତ୍ ବୁଧବାରଠାରୁ ୧୯ତାରିଖ ଏବଂ ଦ୍ୱିତୀୟ ପର୍ଯ୍ୟାୟ ୨୫ରୁ ମାର୍ଚ୍ଚ ୬ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ପର୍ଯ୍ୟାୟରେ ଭଦ୍ରକ, ବାଲେଶ୍ୱର, କଟକ, ଢେଙ୍କାନାଳ, ଝାରସୁଗୁଡ଼ା, ଖୋର୍ଦ୍ଧା, ନୂଆପଡ଼ା ଓ ନୟାଗଡ଼ ଜିଲାରେ ଔଷଧ ଦିଆଯିବ। ଦ୍ୱିତୀୟ ପର୍ଯ୍ୟାୟରେ ଅନୁଗୋଳ, ଗଞ୍ଜାମ, ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝର, କନ୍ଧମାଳ, ସୋନପୁର, ବରଗଡ଼ ଓ ସମ୍ବଲପୁର ଜିଲାରେ ଏହି କାର୍ଯ୍ୟକ୍ରମ ହେବ। ଏ ନେଇ ମଙ୍ଗଳବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ତଥା ଭେକ୍ଟର ବର୍ନ ଡିଜିଜ୍‌ର ରାଜ୍ୟ ପ୍ରୋଗ୍ରାମ ଅଫିସର ଡା. ଶୁଭାଶିଷ ମହାନ୍ତି ସୂଚନା ଦେଇଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଓ ଗ୍ଲୋବାଲ ହେଲ୍‌ଥ ଷ୍ଟ୍ରାଟେଜିର ମିଳିତ ଆନୁକୂଲ୍ୟରେ ଆୟୋଜିତ ଗଣମାଧ୍ୟମ କର୍ମଶାଳାରେ ଏହି ସୂଚନା ଦିଆଯାଇଛି।

ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ମଶା କାମୁଡ଼ିବା ଦ୍ୱାରା ଫାଇଲେରିଆ ରୋଗ ହୋଇଥାଏ। ଦୀର୍ଘକାଳୀନ ଶାରୀରିକ ଅକ୍ଷମତା କ୍ଷେତ୍ରରେ ଫାଇଲେରିଆ ଅନ୍ୟତମ ମୁଖ୍ୟ କାରଣ। ଏହି ସଂକ୍ରମଣ ଲିମ୍ଫାଟିକ୍ ବ୍ୟବସ୍ଥାକୁ ନଷ୍ଟ କରିଦିଏ ଏବଂ ଯଦି ତା’ର ଚିକିତ୍ସା କରା ନ ଯାଏ ତେବେ ଶରୀରର ବିଭିନ୍ନ ଅଙ୍ଗରେ ଅସ୍ୱାଭାବିକ ଫୁଲା ସୃଷ୍ଟି କରେ। ଫାଇଲେରିଆରେ ସଂକ୍ରମିତ ଲୋକ ଅନେକ ସମୟରେ ଇସନଫୁଲିଆ, ଚର୍ମ କୁଣ୍ଡେଇ ହେବା, ହାଇଡ୍ରୋସିଲ୍, ଲିମ୍ଫୋଡେମା (ଅଙ୍ଗ ପ୍ରତ୍ୟଙ୍ଗରେ ଫୁଲା), କାଇଲୁରିଆ (ଦୁଗ୍ଧଭଳି ଧଳା ପରିସ୍ରା)ରେ ଆକ୍ରାନ୍ତ ହୋଇଥାନ୍ତି। ଫାଇଲେରିଆର କୌଣସି ଚିକିତ୍ସା ଉପଲବ୍ଧ ନାହିଁ, କିନ୍ତୁ ଏହାକୁ ଔଷଧ ସେବନ ଦ୍ୱାରା ରୋକାଯାଇପାରିବ। ଔଷଧ ସେବନ ପରେ ସାମାନ୍ୟ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଏ। ତେଣୁ ଏହି ଔଷଧ ସେବନକୁ ଅବହେଳା କରିବା ଅନୁଚିତ। ବିଭାଗର ସ୍ୱତନ୍ତ୍ର ସଚିବ ଡା. ଅଜିତ କୁମାର ମହାନ୍ତି କହିଥିଲେ, ଏହି ଅଭିଯାନରେ ୧୭ଟି ଜିଲାରେ ଆଶାକର୍ମୀଙ୍କ ସମେତ ୬୦ହଜାର ତାଲିମପ୍ରାପ୍ତ ସାମାଜିକ କର୍ମୀଙ୍କୁ ନିୟୋଜିତ କରାଯିବ। ଉକ୍ତ କର୍ମଶାଳାରେ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନ ନିର୍ଦ୍ଦେଶକ ଡା. ଅମରେନ୍ଦ୍ରନାଥ ମହାନ୍ତି, ଗ୍ଲୋବାଲ ହେଲ୍‌ଥ ଷ୍ଟ୍ରାଟେଜିର ନିର୍ଦ୍ଦେଶକ ଅନୁଜ ଘୋଷ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଏକ ଜନଆନ୍ଦୋଳନରେ ପରିଣତ କରାଯିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି।

## ଝରାଫୁଲ ନାୟକ ସନ୍ଦେହଜନକ ମୃତ୍ୟୁ ଘଟଣା
# ଭିସେରା ରିପୋର୍ଟ ପୋଲିସର ହସ୍ତଗତ

ରସୁଲପୁର, ୯।୨(ଡି.ଏନ.ଏ.)

ଭୁବନେଶ୍ୱର ରମାଦେବୀ ବିଶ୍ୱବିଦ୍ୟାଳୟ ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ରୀ ଝରାଫୁଲ ନାୟକ(୨୧)ଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାର ତଦନ୍ତ ଆଉ ପାଦେ ଆଗେଇଛି। ବହୁ ପ୍ରତୀକ୍ଷିତ ଭିସେରା ରିପୋର୍ଟ ମଙ୍ଗଳବାର ତଦନ୍ତ ଅଧିକାରୀଙ୍କ ହସ୍ତଗତ ହୋଇଥିବା ସୂଚନା ମିଳିଛି। ତେଣୁ ଆଗକୁ ଏହି ସନ୍ଦେହଜନକ ମୃତ୍ୟୁ ଘଟଣାର ରହସ୍ୟ ଉନ୍ମୋଚନ ହେବ ବୋଲି ଆଶା କରାଯାଉଛି। ରିପୋର୍ଟରେ କ’ଣ ଅଛି ତାହାକୁ ପ୍ରଘଟ କରିବାକୁ ପୋଲିସ ଉଚିତ୍ ମଣୁନାହିଁ। ତଦନ୍ତରେ ବାଧା ଉପୁଜିବା ଆଳରେ ପୋଲିସ ଏହି ତଥ୍ୟକୁ ଗୋପନ ରଖିଛି। ତେବେ ରାକେଶଙ୍କ ସହଯୋଗୀଙ୍କୁ କାହିଁକି ଧରାଯାଉନି ତାହାକୁ ନେଇ ଭୁବନେଶ୍ୱର କମିଶନରେଟ୍ ପୋଲିସ ଓ ଯାଜପୁର ପୋଲିସର ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୋଲିସ ମାମଲାକୁ ନେଇ ଚାପଗ୍ରସ୍ତ ଅଛି କି ବୋଲି ସାଧାରଣରେ ପ୍ରଶ୍ନ ଉଙ୍କି ମାରୁଛି। ଘଟଣାର ସବୁକିଛି ଭୁବନେଶ୍ୱରରେ ଘଟିଥିଲେ ବି କମିଶନରେଟ୍ ପୋଲିସ ଏହି ମାମଲାକୁ ନେଇ ତତ୍ପର ଜଣାପଡୁ ନାହିଁ। ଏନେଇ ଯାଜପୁର ଏସ୍‌ପି ରାହୁଲ ପିଆର୍ ଧରିତ୍ରୀକୁ କହିଛନ୍ତି, ମୁଖ୍ୟ ଅଭିଯୁକ୍ତଙ୍କ ସହଯୋଗୀ ଏବେ ବି ଫେରାର ଅଛନ୍ତି। ତାଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରିରହିଛି। ଅନ୍ୟପକ୍ଷରେ ଭିସେରା ରିପୋର୍ଟ କ’ଣ ଆସିଛି ତାହାକୁ ସେ ଦେଖିନାହାନ୍ତି।

**ସଂକ୍ଷେପରେ**

## ଶ୍ରୀମନ୍ଦିରର ଗୌରବ ବଢ଼ାଇବାକୁ ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତିବଦ୍ଧ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୯।୨(ବ୍ୟୁରୋ): ଶ୍ରୀମନ୍ଦିର ପାଇଁ ଏନ୍ଏମଏର ପ୍ରସ୍ତାବିତ ଉପନିୟମ ପ୍ରତ୍ୟାହାର କରାଯାଇଛି। ଏଥିଲାଗି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ମଙ୍ଗଳବାର ଭାଜପା ରାଜ୍ୟ ପ୍ରତିନିଧି ଦଳ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଭେଟି ଧନ୍ୟବାଦ ଜଣାଇଛନ୍ତି। ମହାପ୍ରଭୁ ଜଗନ୍ନାଥଙ୍କ ଭକ୍ତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡିଶାର କଳା, ସଂସ୍କୃତି ଓ ପରମ୍ପରାକୁ ସର୍ବଦା ସମ୍ମାନ ଦେଇ ଆସୁଛନ୍ତି ବୋଲି ଧର୍ମେନ୍ଦ୍ର ଟୁଇଟ୍‌ରେ ଦର୍ଶାଇଛନ୍ତି। ସେ ତାଙ୍କ ଟୁଇଟରରେ ଆହୁରି କହିଛନ୍ତି, ଶ୍ରୀଜଗନ୍ନାଥ ଶ୍ରଦ୍ଧାଳୁ ଏବଂ ଓଡିଆ ଲୋକଙ୍କ ଭାବାବେଗକୁ ଦୃଷ୍ଟିରେ ରଖି ତତ୍‌କ୍ଷଣାତ ପ୍ରସ୍ତାବିତ ଐତିହ୍ୟ ଉପନିୟମ ପ୍ରତ୍ୟାହାର କରିଥିବାରୁ ଶାହାଙ୍କୁ ପୁନର୍ବାର ଧନ୍ୟବାଦ ଦେଲୁ। ଏହାସହ ଏହି ପ୍ରସଙ୍ଗରେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ପ୍ରହ୍ଲାଦ ସିଂହ ପଟେଲଙ୍କୁ ଭେଟି ଧନ୍ୟବାଦ ଦେଇଛୁ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ପୁରୀ ଶ୍ରୀମନ୍ଦିରର ପ୍ରତିଷ୍ଠା ଓ ଗୌରବ ବଢାଇବା ପାଇଁ ସର୍ବଦା ପ୍ରତିଶୃତିବଦ୍ଧ ବୋଲି ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି।

## କାର୍‌ରୁ ଗଞ୍ଜେଇ ଜବତ, କନ୍‌ଷ୍ଟେବଲଙ୍କ ସମେତ ୨ ଗିରଫ

ଫୁଲବାଣୀ ଅଫିସ, ୯।୨: ଫୁଲବାଣୀ ସଦର ଥାନା ପୋଲିସ ମଙ୍ଗଳବାର ଏକ କାର୍‌ରୁ ୮୦ କେଜି ୯୦୦ ଗ୍ରାମ ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ଜଣେ ପୋଲିସ କନଷ୍ଟେବଲଙ୍କ ସମେତ ୨ ଜଣଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ପକନାଗାଁର ତାପସ ଦିଗାଲ ଓ ବିଶ୍ୱମ୍ଭର ବେହେରା । ବିଶ୍ୱମ୍ଭର ବାଲିଗୁଡା ଥାନାରେ କନଷ୍ଟେବଲ ଭାବେ କାର୍ଯ୍ୟରତ ଥିଲେ । ଏକ କାର୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ପୋଲିସକୁ ଖବର ମିଳିଥିଲା । ଖଜୁରିପଡା-ବଲସକୁମ୍ପା ରାସ୍ତାରେ ଏହି କାର୍‌କୁ ଗୋଟିଏ ବାଇକ୍ ଏସକର୍ଟ ଦେଇ ଆସୁଥିଲା । ପୋଲିସ ଉଭୟ ଗାଡ଼ିକୁ ଅଟକାଇ ଯାଞ୍ଚ କରିବାରେ କାର୍‌ରୁ ଗଞ୍ଜେଇ ମିଳିଥିଲା । ଏ ନେଇ ଥାନାରେ ନଂ.୧୦/୨୧ରେ ମାମଲା ରୁଜୁ ହୋଇଛି ।

## କୋଭିଡ୍ ଟିକା ନେବା ପରେ ୨ନର୍ସିଂ ଛାତ୍ରୀ ଅସୁସ୍ଥ

ବଲାଙ୍ଗୀର ଅଫିସ,୯।୨: କୋଭିଡ ଟିକା ନେବା ପରେ ବଲାଙ୍ଗୀର ସଦାଇପାଲି ସାଇଟ୍ ନର୍ସିଂ କଲେଜର ଦୁଇଜଣ ଜିଏନ୍ଏମ୍ ଛାତ୍ରୀ ତଥା କରୋନା ଯୋଦ୍ଧା ଅସୁସ୍ଥ ହୋଇପଡିଛନ୍ତି। ଉଭୟଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ମଙ୍ଗଳବାର ପୂର୍ବାହ୍ନରେ ଭର୍ତ୍ତି କରାଯାଇଥିଲା । ସେମାନଙ୍କ ମଧ୍ୟରୁ ଜଣେ ସୁସ୍ଥ ହେବା ପରେ ଘରକୁ ଫେରିଥିବାବେଳେ ଅନ୍ୟଜଣଙ୍କୁ ଡାକ୍ତରଖାନାରେ ଅବ୍‌ଜରଭେସନ୍‌ରେ ରଖାଯାଇଛି। କନ୍ଧପାଲିପଡା କଲ୍ୟାଣ ମଣ୍ଡପ କ୍ୟାମ୍ପରେ ସୋମବାର ୭୦ଜଣ ନର୍ସିଂ ଛାତ୍ରୀଙ୍କୁ କୋଭିଡ ଟୀକା ଦିଆଯାଇଥିଲା । ଟୀକା ନେଇଥିବା ଛାତ୍ରୀ ସୁନୀତା ସାହୁ ଓ ସ୍ମିତା ସୁନା ମଙ୍ଗଳବାର କଲେଜ ହେଷ୍ଟେଲରେ ଅସୁସ୍ଥ ହୋଇପଡିଥିଲେ । ଅସୁସ୍ଥ ସୁନିତାଙ୍କ ଘର ଅନୁଗୋଳ ଓ ସ୍ମିତାଙ୍କ ଘର କଳାହାଣ୍ଡି ଜିଲାରେ ବୋଲି ଜଣାପଡିଛି । ଏନେଇ ଜିଲା ମୁଖ୍ୟ ଚିକିତ୍ସା ତଥା ସ୍ୱାସ୍ଥ୍ୟ ଅଧିକାରୀ ଡା. ଭୀମ ସାହୁଙ୍କୁ ପଚାରିବାରୁ କୋଭିଡ ଟୀକା ନେଇଥିବା ଦୁଇଜଣ ନର୍ସିଂ ଛାତ୍ରୀ ଅସୁସ୍ଥ ହୋଇଥିବା ଖବର ମିଳିଛି । ପ୍ରାଥମିକ ଚିକିତ୍ସା ପରେ ଜଣକୁ ଛାଡି ଦିଆଯାଇଛି ଓ ଅନ୍ୟ ଜଣକୁ ଅବ୍‌ଜରଭେସନ୍‌ରେ ରଖାଯାଇଛି ବୋଲି ସେ କହିଛନ୍ତି ।

## ପୋଲିସ ସବ୍‌ଇନ୍ସପେକ୍ଟରଙ୍କୁ କାମୁଡ଼ି ଦେଲେ ଅଭିଯୁକ୍ତ

ବଲାଙ୍ଗୀର ଅଫିସ,୯।୨: ଏକ ମାରପିଟ୍ ଘଟଣାର ଅଭିଯୁକ୍ତଙ୍କୁ ଧରିବା ପାଇଁ ବଲାଙ୍ଗୀର ଟାଉନ ଥାନା ପୋଲିସ ଟିମ୍ ସୋମବାର ସ୍ଥାନୀୟ ସର୍କିଟ ହାଉସ-ସାଲେପାଲି ରାସ୍ତାରେ ଚଢ଼ାଉ କରିଥିଲେ। ସବ୍‌ଇନ୍ସପେକ୍ଟର ରମାକାନ୍ତ ସାହୁ ଜଣେ ଅଭିଯୁକ୍ତଙ୍କୁ ଗୋଡାଇ ଧରିବା ବେଳେ ଅଭିଯୁକ୍ତ ତାଙ୍କ ହାତ କାମୁଡି ଦେଇ ଫେରାର ହେବାକୁ ଚେଷ୍ଟା କରିଥିଲେ। ତେବେ ସବ୍‌ଇନ୍ସେପକ୍ଟର ସାହୁ ଅଭିଯୁକ୍ତଙ୍କୁ କାବୁ କରି ନେଇଥିଲେ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଥାନାଧିକାରୀ ସଂଗ୍ରାମ ପଟ୍ଟନାୟକ କହିଛନ୍ତି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମନ ପୋଡ଼ିଗଲେ କେହି ନ ଜାଣନ୍ତି**
**ବନସ୍ତ ପୋଡ଼ିଲେ ସମସ୍ତେ ଜାଣନ୍ତି।**

ବଣ ପୋଡିଗଲେ ଦୂରରୁ ଜଣାପଡିଯାଇଥାଏ। ଫଳରେ ଆଖପାଖରେ ଥିବା ଲୋକ ଦେଖିପାରି ସତର୍କ ହୋଇଯିବା ସହ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥାନ୍ତି। ପରନ୍ତୁ ମନ ଖରାପ ଥିଲେ ନ କହିଲେ ଅନ୍ୟ କେହି ଜାଣିପାରିନଥାନ୍ତି। ନିଜ ମନର ଦୁଃଖ କଷ୍ଟ ବା ବେଦନା ନିଜକୁ କେବଳ ଜଣା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମାଇପ ଆଗରେ ପାଇକ ପଣ**
**ଦାଣ୍ଡକୁ ଯିବାକୁ ନ ଥାଏ ଟାଣ।**

କେତେଜଣ ବ୍ୟକ୍ତି ନିଜ ସ୍ତ୍ରୀ ତଥା ଘର ଉପରେ ଅଯଥା ଟାଣପଣ ଦେଖେଇ ହୋଇଥାନ୍ତି। ତୁଚ୍ଛା ବାହାଦୁରି ଦେଖାଇ ବଡ଼ ବଡ଼ କଥା କହିଥାନ୍ତି। ପରନ୍ତୁ ଅନ୍ୟ ଆଗରେ ମୁହଁ ଫିଟାଇ କଥା କହିବାକୁ ସାହସ ଜୁଟାଇ ପାରି ନ ଥାନ୍ତି। ଦୁର୍ବଳ ବ୍ୟକ୍ତି ନିଜ ଘରେ ଟାଣପଣ ଦେଖାଇବା ଭଳି ଅନ୍ୟ ସାମ୍ନାରେ ଭୀରୁତା ପ୍ରଦର୍ଶନ କରୁଥିବା କାପୁରୁଷ ବ୍ୟକ୍ତିଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ସାନ ଚକ୍ରାନ୍ତରେ ବଡ଼ଭାଇ ମୃତ

ମାଲକାନଗିରି,୯।୨ (ଡି.ଏନ୍.ଏ.)

ଆଶା ରଖିଥିଲେ ଅନିଶ୍ଚିତତାରେ ବିତୁଥିବା ମାଓବାଦୀ ଜୀବନ ବଦଳାଇ ସମାଜର ମୁଖ୍ୟ ସ୍ରୋତକୁ ଫେରି ସାଧାରଣ ଜୀବନଟିଏ ବଞ୍ଚିବେ। ସେଥିପାଇଁ ସେ ମାଓବାଦୀ ସଙ୍ଗଠନ ମଧ୍ୟ ଛାଡିଥିଲେ। ମାତ୍ର ସାନଭାଇ ତାଙ୍କ ପାଇଁ କଣ୍ଟା ସାଜିଲେ। ମାଓବାଦୀ ସଙ୍ଗଠନ ମୋହରେ ପଡି ଆତ୍ମସମର୍ପଣ କରିଥିବା ବଡଭାଇଙ୍କୁ ସୁପାରି ଦେଇ ମାଓବାଦୀଙ୍କ ଦ୍ୱାରା ହତ୍ୟା କରାଇଲେ। ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲାରେ ଏପରି ହୃଦୟହୀନ ଘଟଣା ଦେଖିବାକୁ ମିଳିଛି। ଏବେ ହତ୍ୟାକାରୀ ଭାଇ ଏବଂ ହତ୍ୟାକାଣ୍ଡରେ ଜଡିତ ମାଓବାଦୀଙ୍କୁ ପୋଲିସ ଖୋଜୁଛି ।

ବିଜାପୁର ଜିଲା କଡ୍ରାପାଲ ମାଓବାଦୀ ସଙ୍ଗଠନର ସହକାରୀ କମାଣ୍ଡର ଭାବେ କାର୍ଯ୍ୟ କରୁଥିଲେ ମାଲେସ୍। ୨୦୧୪ରେ ସେ ସାଧାରଣ ଜୀବନ ବଞ୍ଚିବା ଲାଗି ମାଓବାଦୀ ସଙ୍ଗଠନ ଛାଡି ପୋଲିସ ନିକଟରେ ଆତ୍ମସମର୍ପଣ କରିଥିଲେ। ମାଲେସଙ୍କୁ ସରକାରଙ୍କ ଥଇଥାନ ନୀତି ଅନୁସାରେ ଡିଆରଜି ଯବାନଭାବେ ନିଯୁକ୍ତି ମିଳିଥିଲା। ମାତ୍ର ମାଲେସଙ୍କ ସାନଭାଇ ମାଓବାଦୀ ସଙ୍ଗଠନ ସହ ରହିଥିଲେ। ସାନଭାଇଙ୍କୁ ପୋଲିସ ନିକଟରେ ଆତ୍ମସମର୍ପଣ କରିବାକୁ ବଡଭାଇ ଅନେକ ଥର ବୁଝାଇଥିଲେ, ମାତ୍ର ମାଲେସଙ୍କ କଥା ଶୁଣୁ ନ ଥିଲେ। ଗତ ୨୮ ତାରିଖରେ ସାନଭାଇ ଛଳନାର ଆଶ୍ରୟ ନେଇ ମାଲେସଙ୍କ ନିକଟକୁ ଚିଠିମାଧ୍ୟମରେ ଖବର ପଠାଇଥିଲେ। ସେଥିରେ ସେ ଲେଖିଥିଲେ, ଭାଇ! ତୁମେ ଗାଁକୁ ଆସ, ମୁଁ ପୋଲିସ ନିକଟରେ ଆତ୍ମସମର୍ପଣ କରିବାକୁ ଚାହୁଁଛି। ମାଲେସ ଏହା ଜାଣି ବହୁତ ଖୁସି ହୋଇ ଗାଁକୁ ଯାଇଥିଲେ। ଏହି ସମୟରେ ବାଟରେ ସାନଭାଇ ଜଣେ ମାଓବାଦୀ କମାଣ୍ଡର ମାଙ୍ଗେସଙ୍କୁ ଜଣାଇ ତାଙ୍କୁ ସୁପାରି ଦେଇ ମାଲେସଙ୍କୁ ଗୁଳି କରି ହତ୍ୟା କରିଥିଲେ।

# ମହିଳାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

କୁଆଁରମୁଣ୍ଡା,୯।୨(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଗୋବିରାରେ କଳାହାଣ୍ଡି ଜିଲାରୁ ଆସି ସପରିବାର ରହୁଥିବା ଜଣେ ବିବାହିତା ମହିଳା ବଳାତ୍କାରର ଶିକାର ହୋଇଛନ୍ତି। ପୀଡିତାଙ୍କ ଅଭିଯୋଗ ପରେ ପୋଲିସ କୁଆଁରମୁଣ୍ଡା ମୁସଲିମ୍ ବସ୍ତିରେ ରହୁଥିବା ଅଭିଯୁକ୍ତ ଏମ.ଡି.ନୌସାଦ(୨୩)ଙ୍କୁ ମଙ୍ଗଳବାର ଗିରଫ କରିଛି। ଏ ନେଇ ବୀରମିତ୍ରପୁର ଥାନାରେ ଦଫା ୩୭୬ରେ ଏକ ମାମଲା(ନଂ.୨୬/୨୧) ରୁଜୁ କରି ପୋଲିସ ନୌସାଦ ଓ ପୀଡିତାଙ୍କ ଡାକ୍ତରୀ ମାଇନା କରିଛି। ପରେ ନୌସାଦଙ୍କୁ ରାଉରକେଲା କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଫାଣ୍ଡି ଅଧିକାରୀ ଶ୍ୟାମଲାଲ ଓରାମ ସୂଚନା ଦେଇଛନ୍ତି।

# କିଡ୍‌ନୀ ଆକ୍ରାନ୍ତ ନିର୍ମାଣ ଶ୍ରମିକଙ୍କ ମୃତ୍ୟୁ

ଅମରପାଲି, ୯।୨ (ଡି.ଏନ.ଏ)

ଆବଶ୍ୟକ ଚିକିତ୍ସା ଓ ଆର୍ଥିକ ସମସ୍ୟା ଯୋଗୁଁ ଜଣେ କିଡନୀ ଆକ୍ରାନ୍ତ ନିର୍ମାଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଭାଲୁଡୁଙ୍ଗୁରୀ ଗ୍ରାମର ମହେଶ୍ୱର ସାହୁ (୫୧)। ସେ ତିନି ମାସ ତଳେ କିଡନୀ ରୋଗରେ ଆକ୍ରାନ୍ତ ହୋଇଥିଲେ। ମାତ୍ର ଆର୍ଥିକ ସମସ୍ୟା ଯୋଗୁଁ ସେ ଉଚ୍ଚ ଚିକିତ୍ସା କରି ପାରି ନ ଥିଲେ। ଶେଷରେ ତାଙ୍କର ମୃତ୍ୟୁ ଘଟିଥିଲା। ରାଜମିସ୍ତ୍ରୀ ଭାବେ କାମ କରି ପରିବର ଚଳାଉଥିବା ମହେଶ୍ୱରଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଏବେ ବେସାହାରା ହୋଇପଡିଛନ୍ତି। ସୂଚନାମତେ ମୁର୍ଷୁଣ୍ଡୀ, ବହଳପଦର, ଦୁର୍ଜନତୈଲା ଆଦି ପଞ୍ଚାୟତରେ ଏବେ ଶତାଧିକ କିଡନୀ ରୋଗୀ ଅଛନ୍ତି । ସରକାରୀ ସହାୟତା ପାଉ ନ ଥିବାରୁ ସେମାନେ ଧାରକରଜ କରି କଟକ, ଭୁବନେଶ୍ୱରରେ ଚିକିତ୍ସିତ ହେଉଛନ୍ତି। ଏନେଇ ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ କୌଣସି ପ୍ରକାର ସହାୟତା କିମ୍ବା ପରାମର୍ଶ ମିଳୁ ନ ଥିବା ଅଭିଯୋଗ ହେଉଛି ।

**ପ୍ରଥମ ପୃଷ୍ଠାରୁ...**

## ଥରୁର, ସର୍ଦ୍ଦେଶାଇଙ୍କ...

ଏନେଇ ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଏ.ଏସ୍. ବୋପାନ୍ନା ଏବଂ ଭି. ରାମସୁବ୍ରମନ୍ୟନଙ୍କୁ ନେଇ ଗଠିତ ଖଣ୍ଡପୀଠ କେନ୍ଦ୍ର ସରକାର ଓ ଅନ୍ୟମାନଙ୍କଠାରୁ ଜବାବ ମାଗିଛନ୍ତି। ଏତଲା ଉପରେ ପୋଲିସ ଯେକୌଣସି ସମୟରେ କାର୍ଯ୍ୟାନୁଷ୍ଠାନ ନେଇପାରେ। ସେଥିରୁ ସୁରକ୍ଷା ଦେବା ପାଇଁ ଥରୁରଙ୍କ ଓକିଲ କପିଲ ସିବଲ ଖଣ୍ଡପୀଠଙ୍କୁ ଅନୁରୋଧ କରିଥିଲେ। ପୋଲିସ ଥରୁର ଓ ଅନ୍ୟମାନଙ୍କୁ ଗିରଫ କରିବା ଲାଗି ଯୋଜନା କରୁଛି କି ବୋଲି ଖଣ୍ଡପୀଠ ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ ପ୍ରଶ୍ନ କରିଥିଲେ। ଏ ସମ୍ପର୍କରେ ଜାଣି ନ ଥିବାରୁ ଶୁଣାଣିକୁ ବୁଧବାରକୁ ଘୁଞ୍ଚାଇବା ପାଇଁ ମେହେଟ୍ଟା କହିଥିଲେ। ଦୁଇ ସପ୍ତାହ ପରେ ଶୁଣାଣି ହେବ ବୋଲି ଖଣ୍ଡପୀଠ କହିବା ସହିତ ସେ ପର୍ଯ୍ୟନ୍ତ ଥରୁର ଓ ଅନ୍ୟମାନଙ୍କ ଗିରଫଦାରି ଉପରେ ସ୍ଥଗିତାଦେଶ ଲଗାଇଥିଲେ।

## ୨୦୧୯-୨୦ର...

ସ୍ୱତନ୍ତ୍ର କ୍ଲାସ ମଧ୍ୟ ବିଦ୍ୟାଳୟ ସ୍ତରରେ କରାଯିବ। ସେହିପରି ୨୦୧୯-୨୦ ଶିକ୍ଷାବର୍ଷରେ ରାଜ୍ୟରେ ଏକାଦଶ ଶ୍ରେଣୀରେ ପଢୁଥିବା ସମସ୍ତ ଛାତ୍ରୀଛାତ୍ର ମଧ୍ୟ ମେ’ରେ ହେବାକୁ ଥିବା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ଦେଇପାରିବେ ବୋଲି ସରକାର ନିଷ୍ପତ୍ତି ନେଇଛନ୍ତି।

## ମୃତ୍ୟୁସଂଖ୍ୟା...

କାର୍ଯ୍ୟରେ ସେନା, ଆଇଟିବିପି, ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍), ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ (ଏସ୍‌ଡିଆର୍‌ଏଫ୍) ନିୟୋଜିତ ଅଛନ୍ତି। ବିଦ୍ୟୁତ୍ ପ୍ରକଳ୍ପର ଶ୍ରମିକମାନେ ୧୨ ଫୁଟ ଉଚ୍ଚା ଓ ୨.୫ କିଲୋମିଟର ଦୀର୍ଘ ହେଡ୍ ରେସ୍ ଟନେଲ୍‌ରେ ଫସିରହିଛନ୍ତି। ଦିନ ରାତି ସଫେଇ କାର୍ଯ୍ୟ ଜାରି ରହିଥିଲେ ବି ଟନେଲ ପ୍ରବେଶ ପଥର ମାତ୍ର ୧୨୦ ମିଟର ଭିତରକୁ ସଫା ହୋଇପାରିଛି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ମଙ୍ଗଳବାର ରାଜ୍ୟ ସଭାରେ ଉତ୍ତରାଖଣ୍ଡ ବିପତ୍ତି ସମ୍ପର୍କରେ ଗୃହକୁ ଜଣାଇଥିଲେ। କେନ୍ଦ୍ର ସରକାର ଓ ପ୍ରଧାନମନ୍ତ୍ରୀ ସେଠାର ସ୍ଥିତି ଉପରେ କ୍ରମାଗତ ନଜର ରଖିଥିବା ଶାହା କହିଥିଲେ।



୨୦୧୮ରେ ଫିଲ୍ମ କେଦାରନାଥ ଜରିଆରେ ବଲିଉଡ଼ରେ ପାଦ ରଖିଥିଲେ ସୈଫ ଲଳନା ସାରା ଅଲ୍ଲୀ ଖାନ। ଚଳଚ୍ଚିତ୍ରରେ ତାଙ୍କ ଅଭିନୟକୁ ଦର୍ଶକେ ବେଶ ପସନ୍ଦ କରିଥିଲେ। ଲୋକପ୍ରିୟତା ଦୃଷ୍ଟିରୁ ଏବେ ତାଙ୍କ ହାତରେ ଗୋଟିଏ ପରେ ଗୋଟିଏ ଫିଲ୍ମ। ରଣବୀର ସିଂହ, ବରୁଣ ଧୱନ, ସୁଶାନ୍ତ ସିଂ ରାଜପୁତଙ୍କ ଭଳି ଅଭିନେତାଙ୍କ ସହ ସେ କାମ କରିସାରିଥିବା ବେଳେ ଏବେ ସେ ଟାଇଗର ଶ୍ରଫ୍‌ଙ୍କ ସହ ନଜର ଆସିବେ ବୋଲି କୁହାଯାଉଛି। 'ବାଘୀ-୪'ରେ ଟାଇଗରଙ୍କ ନାୟିକା ସାଜିବେ ସାରା। ସେ ଫିଲ୍ମ ସାଇନ କରିସାରିଛନ୍ତି। ଏହାପୂର୍ବରୁ ଫିଲ୍ମ 'ହିରୋପନ୍ତୀ-୨' ପାଇଁ ତାଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ହେଲେ କୌଣସି କାରଣକୁ ନେଇ ତାହା ହୋଇପାରି ନ ଥିଲା।



# ପଚା ପରିବାରୁ ବିଜୁଳି

ପଚାଶଢ଼ା ପରିବା ପାଇଁ ସୃଷ୍ଟି ହେଉନି ପୂତିଗନ୍ଧମୟ ପରିବେଶ। ଏହାକୁ ବ୍ୟବହାର କରି ଦୈନିକ ୫୦୦ ୟୁନିଟ୍ ଯାଏ ଉତ୍ପାଦନ ହେଉଛି ବିଜୁଳି। ହାଟରୁ ବାହାରୁଥିବା ବର୍ଜ୍ୟର ସୁପରିଚାଳନା ପରେ ପ୍ରସ୍ତୁତ ଜୈବିକ ଖତ ବଢ଼ାଉଛି ଜମିର ଉର୍ବରତା। ଏଭଳି ପରିବେଶ ଉପଯୋଗୀ କାର୍ଯ୍ୟ କରି ପ୍ରଶଂସା ସାଉଁଟୁଛି ହାଇଦ୍ରାବାଦର ବାଓ୍ୱନପାଲି ମାର୍କେଟ।



ହାଇଦ୍ରାବାଦ

ଖରାପ ହୋଇଯାଉଥିବା ପନିପରିବାକୁ ସାଧାରଣତଃ ଫିଙ୍ଗି ଦିଆଯାଇଥାଏ। ସଚେତନ ନାଗରିକମାନେ ଏଥିରୁ କ୍ୱଚିତ୍ ଖତସାର ପ୍ରସ୍ତୁତ କରିବାରେ ଆଗ୍ରହ ଦେଖାଇଥାନ୍ତି। ତେବେ ହାଇଦ୍ରାବାଦ ନିକଟ ସିକନ୍ଦରାବାଦସ୍ଥିତ ବାଓ୍ୱନପାଲି ପରିବା ମାର୍କେଟ ଖରାପ ହୋଇଯାଉଥିବା ପରିବା ବ୍ୟବହାର କରି ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରୁଛି। ଏଠାରୁ ଦୈନିକ ବାହାରୁଥିବା ୧୦ ଟନ୍ ଆବର୍ଜନାର ସୁପରିଚାଳନା କରାଯାଉଛି। ଏଥିରୁ ହାରାହାରି ୫୦୦ ୟୁନିଟ୍ ବିଦ୍ୟୁତ୍ ଶକ୍ତି ବାହାରୁଛି। ସିକନ୍ଦରାବାଦରେ ଶତାଧିକ ପରିବା ବ୍ୟବସାୟୀଙ୍କୁ ରୋଜଗାର ଦେଉଛି ବାଓ୍ୱନପାଲି ମାର୍କେଟ। ୫୫ ବର୍ଷ ପୁରୁଣା ଏହି ହାଟ କରୋନା ମହାମାରୀ ସମୟରେ ମଧ୍ୟ ଚାଲୁ ରହିଥିଲା। ଏହାର କାରଣ ଏଠାକାର ବ୍ୟବସାୟୀମାନେ ସଂକ୍ରମଣ ରୋକିବା ଏବଂ ଗ୍ରାହକଙ୍କ ସୁରକ୍ଷା ଲାଗି ଗ୍ରହଣ କରିଥିଲେ ବହୁବିଧ ସତର୍କତାମୂଳକ ପଦକ୍ଷେପ। ଏଠାରୁ ଆଖପାଖ ଅଞ୍ଚଳର ବ୍ୟବସାୟୀ ଏବଂ ଗ୍ରାହକ ଆସି ହଜାର ହଜାର କୁଇଣ୍ଟାଲ ପରିବା କିଣି ନେଇଥାନ୍ତି। ଏହାସତ୍ତ୍ୱେ ଖରାପ, ପଚାଶଢ଼ା ୧୦ ଟନ୍ ପରିବା ଫିଙ୍ଗାଯାଉଥିଲା। ତେବେ ସଚେତନତା ଏବଂ ବୈଷୟିକ ଜ୍ଞାନକୌଶଳର ସଦୁପଯୋଗ ଫଳରେ ଜୈବ ଆବର୍ଜନାରୁ ଏବେ ଉତ୍ପାଦନ ହେଉଛି ୫୦୦ ୟୁନିଟ୍ ବିଜୁଳି, ୩୦ କେଜି ବାୟୋଗ୍ୟାସ୍ ଏବଂ ପର୍ଯ୍ୟାପ୍ତ ପରିମାଣର ଜୈବିକ ସାର। ଉତ୍ପାଦିତ ବିଜୁଳି ଶକ୍ତି ମାର୍କେଟର ସମସ୍ତ ଦୋକାନକୁ ଆଲୋକିତ କରୁଛି। ଏହାକୁ ବାଦ୍ ଦେଲେ ୧୦୦ ଷ୍ଟ୍ରିଟ୍ ଲାଇଟ୍ ମଧ୍ୟ ସଞ୍ଚାଳିତ ହେଉଛି। ବାୟୋଗ୍ୟାସ୍ ମଣ୍ଡିର କ୍ୟାଣ୍ଟିନରେ ବ୍ୟବହୃତ ହେଉଛି। ଏହାକୁ ବ୍ୟବହାର କରି ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରାଯାଉଛି, ଯାହାର ଲାଭ ଉଠାଉଛନ୍ତି ମାର୍କେଟର ପରିବା ବ୍ୟବସାୟୀ। ଏଭଳି ଜ୍ଞାନକୌଶଳ ବିକାଶ ପଛରେ ରହିଛି ହାଇଦ୍ରାବାଦସ୍ଥିତ କାଉନ୍‌ସିଲ ଅଫ୍ ସାଇଣ୍ଟିଫିକ୍ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ (ସିଏସ୍ଆଇଆର୍) ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କେମିକାଲ ଟେକ୍ନୋଲୋଜି (ଆଇଆଇସିଟି)ର ବୈଜ୍ଞାନିକଙ୍କ ପ୍ରଚ୍ଛନ୍ନ ଅବଦାନ। ଏହାର ପେଟେଣ୍ଟ ମଧ୍ୟ ନିଆ ସରିଲାଣି। ଆଇଆଇସିଟିର ତତ୍ତ୍ୱାବଧାନରେ ଏକ ପ୍ରାଇଭେଟ ଇଞ୍ଜିନିୟରିଂ ସର୍ଭିସ୍ ଲିମିଟେଡ୍ ଏହାର ରକ୍ଷଣାବେକ୍ଷଣ କରୁଛି। ପଚାଶଢ଼ା ପନିପରିବାରୁ ସବୁଜ ଖତ ପ୍ରସ୍ତୁତ କରିବା ସହଜ। ହେଲେ ବିଜୁଳି ଉତ୍ପାଦନ କରିବା ସାମାନ୍ୟ ଜଟିଳ ପ୍ରକ୍ରିୟା। ପ୍ରଥମେ ସଂଗୃହୀତ ପରିବାକୁ କନ୍‌ଭେୟର ବେଲ୍ଟରେ ଛୋଟଛୋଟ ଖଣ୍ଡରେ ପରିଣତ କରାଯାଇ ବହଳିଆ ଘୋଳ ପ୍ରସ୍ତୁତ କରାଯାଏ। ଏହାକୁ ବଡ଼ ବଡ଼ କଣ୍ଟେନର କିମ୍ବା ଗାତରେ ପକାଇ ଦିଆଯାଏ। ବୈଜ୍ଞାନିକ ପ୍ରଣାଳୀରୁ ଏଥିରୁ ବିଦ୍ୟୁତ୍ ଏବଂ ବାୟୋଗ୍ୟାସ୍ ବାହାରିଥାଏ। ଏହି ଇନ୍ଧନ କାର୍ବନ ଡାଇଅକ୍ସାଇଡ୍ ଏବଂ ମିଥେନର ମିଶ୍ରଣ, ଯାହାକୁ ଜେନେରେଟରରେ ବ୍ୟବହାର କରାଯାଏ। ଅଦ୍ୟାବଧି ଏଠାରୁ ୧୪୦୦ ଟନ୍ ପରିବା ଉପଯୋଗ କରି ହାରାହାର ୩୨,୦୦୦ ୟୁନିଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରାଯାଇପାରିଲାଣି। ସେହିପରି ୭୦୦ କେଜି ଖତ ପ୍ରସ୍ତୁତ କରାଯାଇ ଖେତରେ ବ୍ୟବହାର କରାଯାଇଛି। ବୈଜ୍ଞାନିକଙ୍କ କହିବା କଥା, ଏହାଦ୍ୱାରା ମାସିକ ଦେଢ଼ ଲକ୍ଷ ଟଙ୍କା ଯାଏ ବିଦ୍ୟୁତ୍ ବିଲ୍ ସଞ୍ଚୟ କରାଯାଇପାରୁଛି। ଏଥିରେ ଅନୁପ୍ରାଣିତ ହୋଇ ହାଇଦ୍ରାବାଦର ଅନ୍ୟ ୫ ମଣ୍ଡିରେ ମଧ୍ୟ ଏଭଳି ଯୋଜନା କାର୍ଯ୍ୟକାରୀ କରିବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ କି ବାତ୍'ରେ ଏ ଦିଗରେ କାର୍ଯ୍ୟ କରୁଥିବା ବୈଜ୍ଞାନିକଙ୍କୁ ସାଧୁବାଦ ମଧ୍ୟ ଜଣାଇ ସାରିଛନ୍ତି।


## ୧୧ତମ ଜନ୍ମଦିନର ଶୁଭେଚ୍ଛା



ଅଂଶୁମାନ ଦାସ
ଗୋଶାଳା, ସମ୍ବଲପୁର
ଆଜି ତୋର ୧୧ତମ ଜନ୍ମ ଦିବସରେ ଆମେ ସମସ୍ତେ ମାଁ ସମଲେଶ୍ୱରୀ ଓ ମାଁ ଚଣ୍ଡୀଙ୍କ ନିକଟରେ ପ୍ରାର୍ଥନା କରୁଛୁ। ତୋର ଚଳାପଥ ଚିର କୁସୁମିତ ହେଉ। ଏଥିସହ ଦୀର୍ଘ ଜୀବନ କାମନା କରୁଛୁ।
ଶୁଭେଚ୍ଛା ସହ
ବୋଉ, ବାପା, ବାବା, ଅପା, ଝିଅ, ବଡପିଉସା, ସାନ ପିଉସା, ଭାଇ ଓ ଦାସ ପରିବାର ବର୍ଗ।
ଧ-୧୯୯୦୬

## ଜନ୍ମବାର୍ଷିକ ଶୁଭେଚ୍ଛା



ଅଭିଜିତ୍ ମହାନ୍ତି (ସାଇ)
ଅଂଶୁମାନ ମହାନ୍ତି (ରାମ)
ସି.ଡି.ଏ. କଟକ-୧୪
ଆଜି ୫ମ ଜନ୍ମବାର୍ଷିକ ଅବସରରେ ଆମ୍ଭମାନଙ୍କର ଏତିକି ପ୍ରାର୍ଥନା ଶ୍ରୀଜଗନ୍ନାଥଙ୍କ କୃପାରୁ ତୁମ୍ଭମାନଙ୍କର ଚଳାପଥ କୁସୁମିତ ଓ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ।
-:ଶୁଭେଚ୍ଛା ସହ:-
ଜେଜେମା', ଜେଜେବାପା, ମାମା, ବାବା, ବଡ଼ବାପା, ବଡ଼ମାମା, ଲୋରି, ସତ୍ୟ, ଖୁସି, ରୂପା, ଅନୁ, ଲିପାନୀ, ବନ୍ଧୁ ଓ ପରିବାରବର୍ଗ।
ଧ-୧୯୮୪୮


# ପ୍ରୋବେଶନରେ ପ୍ରେମିକ

**ଲଣ୍ଡନ:** ଚାକିରିରେ ଯୋଗ ଦେବା ପରେ ଦକ୍ଷତା ପରଖିବା ପାଇଁ କର୍ମଚାରୀଙ୍କୁ ପ୍ରୋବେଶନ ପିରିୟଡରେ ରଖାଯାଇଥିବା ଶୁଣିଥିବେ। କିନ୍ତୁ ଜଣେ ଯୁବକଙ୍କୁ ତାଙ୍କ ପ୍ରେମିକା ପ୍ରୋବେଶନରେ ରଖିବା ଶୁଣିଲେ ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ। କରୋନା ଲକ୍‌ଡାଉନ ସମୟରେ ଜଣେ ଯୁବତୀ ତାଙ୍କ ପ୍ରେମିକଙ୍କୁ ପ୍ରୋବେଶନରେ ରଖିଥିବା ନେଇ ସୋସିଆଲ ମିଡ଼ିଆରେ ସୂଚନା ଦେଇଛନ୍ତି। ଭବିଷ୍ୟତରେ ଜୀବନ ସାଥୀ ହେଲେ କିଭଳି ଯତ୍ନବାନ ହେବେ ସେଥିପାଇଁ ବ୍ରିଟେନର ଜଣେ ଯୁବତୀ ଜର୍ଜ ନାମକ ଯୁବକଙ୍କୁ ଏଭଳି ପରଖିଥିଲେ। ସମ୍ପୃକ୍ତ ଯୁବତୀ ଓ ଜର୍ଜଙ୍କ ମଧ୍ୟରେ ୬ ବର୍ଷ ଧରି ସମ୍ପର୍କ ରହିଛି। ଜର୍ଜ ଷ୍ଟେଫୋର୍ଡଶାୟରରେ ଇଞ୍ଜିନିୟରିଂ ପଢୁଥିବାବେଳେ ଯୁତୀ ଜଣକ ମାଞ୍ଚେଷ୍ଟରରେ ଭୂଗୋଳ ପାଠ୍ୟକ୍ରମରେ ନାମ ଲେଖାଇ ଥିଲେ। ଦୁହିଁଙ୍କ ମଧ୍ୟରେ ବେଳେବେଳେ ଦେଖା ସାକ୍ଷାତ ହେଉଥିଲା। ୨୦୧୯ରେ ଦୁହେଁ ଚାକିରି କରିଥିଲେ। ଫଳରେ ଉଭୟେ ପରସ୍ପର ସହ ଭେଟି ପାରି ନ ଥିଲେ। କରୋନା ମହାମାରୀ ସମୟରେ ଯୁବତୀ ଚାକିରି ହରାଇ ବସିଲେ। ଏହି ସମୟରେ ବୟଫ୍ରେଣ୍ଡ ଜର୍ଜଙ୍କ ପାଖରେ ସେ ରହିଥିଲେ। ଯୁବତୀ ଜଣକ ବୟଫ୍ରେଣ୍ଡଙ୍କ ପାଖରେ ୧୧ ମାସ ଏକାଠି ରହିଥିଲେ। ଏହି ସମୟ ମଧ୍ୟରେ ଦୁହେଁ ଦୁହିଁକୁ ଜୀବନରେ କିପରି ସହଯୋଗ କରିବେ ସେ ନେଇ ଅଭିଜ୍ଞତା ଅର୍ଜନ କରିଥିଲେ। ଶେଷରେ ଯୁବତୀ ଲେଖିଛନ୍ତି ଯେ, ଏବେ ଲକ୍‌ଡାଉନ ଶେଷ ହେବା ପରେ ମୁଁ ଜର୍ଜଙ୍କୁ ଛାଡ଼ି ଅନ୍ୟ କେଉଁଠି ଏକୁଟିଆ ରହିବା କଥା ଚିନ୍ତା କରି ପାରୁ ନାହିଁ। ଜର୍ଜ ନିଜର ପ୍ରୋବେଶନ ସମୟ ପୂରା କରିଛନ୍ତି। ଏବେ ଆମର ଦାମ୍ପତ୍ୟ ଜୀବନ ଆରମ୍ଭ ହେବ।

# ନିଜ କଥା କହିଲେ କାଜଲ



**ମୁମ୍ବାଇ:** ସାଉଥ ଅଭିନେତ୍ରୀ କାଜଲ ଅଗ୍ରୱାଲ କିଛି ନା କିଛି କାରଣ ପାଇଁ ଗତ କିଛିମାସ ହେବ ରହୁଛନ୍ତି ଚର୍ଚ୍ଚାରେ। ଅଳ୍ପଦିନ ପୂର୍ବେ ବିବାହ କରିଥିବା ଏହି ଅଭିନେତ୍ରୀ ଏବେ ସୋସିଆଲ ମିଡିଆ ମାଧ୍ୟମରେ ନିଜ ରୋଗ ବିଷୟରେ ଖୋଲାଖୋଲି ଭାବେ କଥା ହୋଇଛନ୍ତି। କଥା ହେଲା ଅଭିନେତ୍ରୀ ଆଜମାରେ ପୀଡ଼ିତ। ତେବେ ସେ ଏ ସମ୍ପର୍କରେ କହିଛନ୍ତି ପିଲାବେଳେ ଯେତେବେଳେ ଜଣାପଡିଲା ଯେ ତାଙ୍କୁ ବ୍ରୋଙ୍କାଇଟିସ ଆଜ୍‌ମା ସେତେବେଳେ ସେ ଡରି ଯାଇଥିଲେ। ଆଉ ସବୁଠାରୁ କଷ୍ଟଥିଲା ତାଙ୍କର ପସନ୍ଦର ଖାଦ୍ୟ ଖାଇବାକୁ ତାଙ୍କୁ ବାରଣ କରାଯାଇଥିଲା। ବିଶେଷ କରି ଡାଏରୀ ପ୍ରଡକ୍ଟ ଓ ଚକୋଲେଟ ନ ଖାଇବାକୁ କୁହାଯାଇଥିଲା। ଯାହା ତାଙ୍କପାଇଁ ସବୁଠାରୁ କଷ୍ଟଦାୟକ ଥିଲା। ନିକଟରେ ଏକ ଇନଷ୍ଟାଗ୍ରାମ ପୋଷ୍ଟରେ ସେ ଏ ବିଷୟରେ ଫ୍ୟାନ୍‌ମାନଙ୍କୁ ଖୋଲି କହିଛନ୍ତି। ଆଉ ଆଜମାରେ ପୀଡିତ ହେବା ପରେ ଇନ୍‌ହେଲରର ଭୂମିକାକୁ ନେଇ ବି ଆଲୋଚନା କରିଛନ୍ତି କାଜଲ। ସେ କହିଛନ୍ତି ସର୍ବସାଧାରଣ ସ୍ଥାନରେ ଇନ୍‌ହେଲର ନେବାରେ ବି ସେ କୌଣସି କୁଣ୍ଠା ପ୍ରକାଶ କରନ୍ତି ନାହିଁ। କାରଣ ଆମ ଦେଶରେ ଧୂଳି, ଧୂଆଁ ଯୋଗୁ ବେଳେବେଳେ ଅଣନିଶ୍ୱାସି ଲାଗୁଥିବାରୁ ସେ ବହୁ ଅସୁବିଧାରେ ପଡିଥାନ୍ତି ବୋଲି କହିଛନ୍ତି। ତେବେ ନାୟିକା କାଜଲଙ୍କ ଆଜମା ବିଷୟରେ ଜାଣିବା ପରେ ତାଙ୍କ ପ୍ରଶଂସକ ତାଙ୍କର ସୁସ୍ଥ ଓ ଦୀର୍ଘ ଜୀବନ କାମନା କରିଛନ୍ତି।


## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ରଜନୀବାଳା ଦଳାଇ
(ଏରୋଡ୍ରମ ଏରିଆ, ଲେନ୍ ନଂ.-୭, ଭୁବନେଶ୍ୱର)
ଆବିର୍ଭାବ: ୨୭।୦୪।୧୯୫୦
ତିରୋଧାନ: ୩୧।୦୧।୨୦୨୧
ଆପଣଙ୍କର ତ୍ୟାଗ, ନିଷ୍ଠା, ସାଧୁତା, ପରୋପକାରିତା, ସମାଜସେବା ଆମ ପ୍ରେରଣାର ଉତ୍ସ ହେଉ, ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆରନ୍ତ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ବୁନ୍ନ, ବୁବୁ, ସିପୁନ୍, ମାମାଲି, ଲିସା, ଈଶା, ସାଇନୁ, ଓମ୍, ଭୂମି, ଶୁଭମ୍, ସାଇ, ହାପି, ଝୁନୁ, ମାମୁନି, ବିନାୟକ, ସାଇକ୍ରିଷ୍ଣା ଏବଂ ପରିବାରବର୍ଗ।
ଧ-୧୯୮୯୫

### ୧୮ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ରେଗା ସୀମାଞ୍ଚଳମ ପଟ୍ଟନାୟକ
Jyoti Nagar, Berhampur
ଆବିର୍ଭାବ: ୧୯୨୫
ତିରୋଧାନ: ୧୦।୦୨।୨୦୦୩
ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।
-:ଶୋକସନ୍ତପ୍ତ:-
ସ୍ତ୍ରୀ, ପୁତ୍ର ଓ ପୁତ୍ରବଧୂ, ଝିଅ ଓ ଜ୍ୱାଇଁ, ନାତି ଓ ନାତୁଣୀମାନେ।
ଧ-୧୯୮୯୭

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ତାରାମଣୀ ଦିବ୍ୟା
(କାଶୀଜଗନ୍ନାଥପୁର)
ତିରୋଧାନ: ୩୧।୦୧।୨୦୨୧
(ରବିବାର)
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
-:ଶ୍ରଦ୍ଧାଞ୍ଜଳି ସହ:-
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ବନ୍ଧୁ, ଆତ୍ମୀୟସ୍ୱଜନ।
ଧ-୬୯୦୩୮

### ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପୁରୁଷୋତ୍ତମ ସ୍ୱାଇଁ
ସା: ଓଡଙ୍ଗ, ଗ୍ରା.ପ.: ବାରବାଟୀ, ବ୍ଲକ: ରସୁଲପୁର, ଜି: ଯାଜପୁର
ଆବିର୍ଭାବ: ତା. ୧୦।୦୯।୧୯୫୩
ତିରୋଧାନ: ତା. ୩୧।୦୧।୨୦୨୧
କେହି ରହିନାହିଁ ରହିବେ ନାହିଁଟି ଭବରଙ୍ଗ ଭୂମିତଳେ ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡ଼ିବେ କାଳବଳେ।
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ସ୍ୱଚ୍ଛତା, ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ଜୀବନଶୈଳୀ ଆମମାନଙ୍କର ପ୍ରେରଣାର ଉତ୍ସହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଓ ଶାନ୍ତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁଅ- ପ୍ରମୋଦ, ପ୍ରକାଶ, ପ୍ରଶାନ୍ତ, ପ୍ରତାପ, ପ୍ରଦୀପ, ଜ୍ୱାଇଁ- ପ୍ରଦୀପ, ଝିଅ- ପ୍ରମିଳା, ନାତୁଣୀ/ ନାତି- ମାମନ, ଗୁଡ୍ଡୁ, ରଙ୍ଗି, ସାନୁ, ପିଙ୍କୁଆ, ଧନ, ପରିବାର, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୧୯୯୦୭

## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GLOBAL FINANCE
(କରୋନା ମହାମାରୀ ରେ online ସୁବିଧା)
ଭାରତର ଏକମାତ୍ର ବିଶ୍ୱସୀନିୟ କମ୍ପାନୀ ମାର୍କସିଟ, ହୋମଲୋନ, ପର୍ସନାଲ, ପଶୁପାଳନ, ଆଧାରକାର୍ଡ, ସମ୍ପତି, Bpl ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା, ବିଦ୍ୟାର୍ଥୀ ଓ ସରକାରୀ କର୍ମଚାରୀ ଙ୍କୁ ବିଶେଷ ରିହାତୀ
2th floor, Krishna Reddy, Mumbai, Maharastra
9473500149

ନିଜର ଜମିକୁ ରୋଜଗାରର ମାଧ୍ୟମରେ ପରିଣତ କରନ୍ତୁ
HTL TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ସିଧାସଳଖ କମ୍ପାନୀ ସିନିୟର ଅଧିକାରୀଙ୍କ ସହ କଥା ହୋଇ 4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 65 ଲକ୍ଷ
ଭଡ଼ା: 40 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି
କମ୍ପାନୀ ତରଫରୁ ଫ୍ରି ମୋବାଇଲ + ବାଇକ୍
ସିଧାସଳଖ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
96253-73491
79826-37439

GALAXY TOWER
ପ୍ରଥମଥର ଓଡିଶାରେ ଏମିତି ଅଫର୍
ନିଜର ଖାଲିଥିବା ଜମି ଓ ଛାତ Plot ରେ ଟ୍ୱାଓର 4G/5G ବସାଇ ଅଗ୍ରୀମ 60,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ + ଚାକିରୀ ପାଆନ୍ତୁ
Bansal Tower B Wing, Bangalore, Karnataka-400021.
9485687401
8901064681

DHANLAXMI FINANCE
(Reg. No. Reg.No.U65910CT1970)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୮୨ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
9499135756

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ହ୍ୱେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9810472786
8800979262

M (GROUP) Finance Company
ଆପଣଙ୍କ ପାଇଁ ଋଣ
ବ୍ୟବସାୟ ଋଣ, ସାଲାରି ସ୍ଲିପ୍ ଋଣ, ମାର୍କଶିଟ୍ ଋଣ ମାତ୍ର 5% ସୁଧରେ
ମହିଳାଙ୍କ ପାଇଁ 40% ଛାଡ଼
8895358521
8895357605

PADMAJA FINANCE
ସରକାର ଯୋଜନା ଦ୍ୱାରା ନିଜର ପ୍ରପର୍ଟି, ବ୍ୟକ୍ତିଗତ, ମାର୍କସିଟ୍, ଗୃହଋଣ, କୃଷି, ଗାଈ ଓ କୁକୁଡ଼ା ପାଳନ ଆଦି ସମସ୍ତ ପ୍ରକାର LOAN 2% ସୁଧରେ ଘରେ ବସି ପାଆନ୍ତୁ।
Mob.-9437921472
7656825049
LAHANDA, BARGARH

ALL EDITION - B/W (Everyday)
*for Booking Contact:*
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ମ୍ୟାଚ୍ ଦେଖି ବାହା ହେଲେ

**ତାମିଲନାଡୁ:** ଭାରତରେ କ୍ରିକେଟ କ୍ରେଜ ବହୁତ ଅଧିକ। ଯଦି ଟିଭିରେ ମ୍ୟାଚ ଚାଲିଥାଏ, ତେବେ ଲୋକମାନେ ସବୁକିଛି ଛାଡି ଖେଳ ଦେଖିବା ପାଇଁ ଇଚ୍ଛା କରନ୍ତି। ହେଲେ ବିବାହବେଳେ ବରକନ୍ୟା ମ୍ୟାଚ ଦେଖି ବାହାହେବା ଘଟଣା ବେଶ୍ କୌତୁହଳପୂର୍ଣ୍ଣ, ଯାହା ନିକଟରେ ଏକ ବାହାଘରରେ ଦେଖିବାକୁ ମିଳିଛି। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ବିସିସିଆଇ ଏବଂ ଆଇପିଏଲର ମିଡିଆ ଏବଂ ଯୋଗାଯୋଗ ଦଳର ସଦସ୍ୟ ମୌଲିନ ପାରିକ ନିଜ ଟୁଇଟରରେ ଏହି ଅନନ୍ୟ ବିବାହର ଫଟୋ ଶେୟାର କରିଛନ୍ତି। ଚେନ୍ନାଇର ଏମ ଚିଦାମ୍ବରମ ଷ୍ଟାଡିୟମରେ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚ ଖେଳାଯାଉଛି। ଖେଳବେଳେ ବର ଏବଂ କନ୍ୟାଙ୍କ ସମ୍ପର୍କୀୟ ଅତିଥିମାନଙ୍କୁ ଡାକିବା ପାଇଁ ବେଦି ନିକଟରେ ଏକ ଟିଭି ରଖିଥିଲେ ଯେଉଁଥିରେ ମ୍ୟାଚର ପ୍ରସାରଣ ହେଉଥିଲା। ଭାଇରାଲ ହେଉଥିବା ଭିଡିଓରେ ଦେଖିବାକୁ ମିଳିଛି ଯେ, ଅତିଥିମାନେ ଟିଭିରେ ଏହି ମ୍ୟାଚ ଉପଭୋଗ କରୁଛନ୍ତି। ଏଥିସହ କ୍ରିକେଟ ଦେଖି ବର ଏବଂ କନ୍ୟା ୭ ଫେରା ନେଉଛନ୍ତି। ଫେବୃୟାରୀ ୮ରେ ପାରିକ ଏହି ଫଟୋ ଶେୟାର କରିଥିଲେ, ଯାହା ଏପର୍ଯ୍ୟନ୍ତ ୩ ହଜାରରୁ ଅଧିକ ଲାଇକ ଏବଂ ଅନେକ ଥର ରିଟୁଇଟ୍ ହୋଇଛି।



# ନିଦରେ ଗିଳିଦେଲେ ଏୟାରପଡ୍

**ୱାଶିଂଟନ୍:** ଆମେରିକାର ଜଣେ ୩୮ ବର୍ଷୀୟ ବ୍ୟକ୍ତି ବ୍ରାଡ ଏୟାରପଡ୍‌କୁ ନିଦରେ ଗିଳିଦେବା ଘଟଣା ଚର୍ଚ୍ଚାକୁ ଆସିଛି। ହଠାତ୍ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଡାକ୍ତରଖାନା ଯାଇଥିଲେ। ହସ୍ପିଟାଲରେ ଏକ୍ସ-ରେ ପରେ ତାଙ୍କ ଛାତିରେ ଏୟାରପଡ ରହିଯାଇଥିବା ଜଣାପଡ଼ିଥିଲା। ଖାଦ୍ୟ ନଳୀରେ ଏକ ଏୟାରପୋଡ ଲାଗିଥିବା ଡାକ୍ତରମାନେ କହିଥିଲେ। ପରେ ଡାକ୍ତର ଏୟାରପଡକୁ କାଢ଼ିବାରେ ସଫଳ ହୋଇଥିଲେ। ବ୍ରାଡ କହିଛନ୍ତି, ଯେତେବେଳେ ସେ ସକାଳୁ ଉଠିଲେ, ଛାତିରେ ସାମାନ୍ୟ ଯନ୍ତ୍ରଣା ହେଉଥିଲା। ସେ ପାଣିରେ ଗାର୍ଗଲିଂ କରିଥିଲେ ହେଁ ଯନ୍ତ୍ରଣା କମି ନ ଥିଲା। ପରେ ବ୍ରାଡଙ୍କୁ ସନ୍ଦେହ ହୋଇଥିଲା। ସେ ଶୋଇବା ପୂର୍ବରୁ ବ୍ୟବହାର କରିଥିବା ଏୟାରପଡ୍ ଖୋଜିବାକୁ ଆରମ୍ଭ କରିଥିଲେ। ହେଲେ ତାହା ନ ମିଳି ନ ଥିଲା। କ୍ରମେ ଅସୁସ୍ଥ ଲାଗିବାରୁ ଏବଂ ଛାତି ଯନ୍ତ୍ରଣା ହେବାରୁ ପରିବାର ଲୋକେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେ ନିଦରେ ଶୋଇଥିବାବେଳେ ଏହାକୁ ଗିଳି ଦେଇଥବା ବ୍ରାଡ୍ କହିଛନ୍ତି।

# ସୋୟାବିନ



ଡ. ପରେଶ କୁମାର ପଣ୍ଡା

ସୋୟାବିନ ଏକ ଲାଭଦାୟକ ଫସଲ। ଏହା ତୈଳବୀଜ ଫସଲ ହୋଇଥିଲେ ମଧ୍ୟ ଡାଲିଜାତୀୟ ଫସଲ ପରି ଯବକ୍ଷାରଜାନ ବିବନ୍ଧନ କରି ମୃତ୍ତିକାର ଉର୍ବରତା ବଢ଼ାଇଥାଏ। ସୋୟାବିନ ମଞ୍ଜିରେ ୧୭–୨୨% ସ୍ନେହସାର ଓ ୩୮–୪୨% ପୁଷ୍ଟିସାର ରହିଥାଏ। ସୋୟାବିନ ତେଲର ଚାହିଦା ଅଧିକ ଏବଂ ସୋୟାବିନରୁ ସୋୟା–ସ୍ନାକ୍ସ, ବଡ଼ି, କ୍ଷୀର, ଛେନା, ମିଠା, ଶସ୍ ଓ ଶିଶୁ ଖାଦ୍ୟ ମଧ୍ୟ ପ୍ରସ୍ତୁତ ହୋଇଥାଏ।

ଏହି ଫସଲ ଉଭୟ ମରୁଡ଼ି ଓ ଅତିବେଶି ବର୍ଷା ସହିପାରେ। ଏହି ଫସଲକୁ ବୃଷ୍ଟିପୁଷ୍ଟ ଉଚ୍ଚ/ଢିପ ଜମିରେ ମୁଗ, ବିରି ଓ ସ୍ୱଳ୍ପ ଅବଧିର ଧାନ ଫସଲର ବିକଳ୍ପ ଭାବେ ଚାଷ କରାଯାଏ। ଫସଲର ଅବଧି ୯୫ରୁ ୧୧୦ ଦିନ। ଏକର ପ୍ରତି ୨୪ରୁ ୨୮ କି.ଗ୍ରା. ବିହନ ଦରକାର। ବିଶୋଧିତ ବିହନକୁ ବୁଣାର ୩–୬ ଘଣ୍ଟା ପୂର୍ବରୁ କି.ଗ୍ରା. ବିହନ ପ୍ରତି ୨୦ ଗ୍ରାମ ରାଇଜୋବିୟମ୍ କଲ୍‌ଚର ଓ ୨୦ ଗ୍ରାମ୍ ଫସ୍‌ଫୋବ୍ୟାକ୍ଟର କଲଚର ତଥା ୦.୫ ଗ୍ରାମ ସୋଡିୟମ ମଲିବଡେଟ୍ ସହ ଉପଚାର କଲେ ଅଧିକ ଅମଳ ମିଳିଥାଏ। ଧାଡ଼ିକୁ ଧାଡ଼ି ୪୦–୪୫ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନରେ ସୋୟାବିନ ମଞ୍ଜିକୁ ୩–୫ ସେ.ମି. ଗଭୀରରେ ବୁଣାଯାଏ। ମଞ୍ଜି ବୁଣା ଯନ୍ତ୍ରରେ ଧାଡ଼ିରେ ବତର ଥିବା ମାଟିରେ ବୁଣାଯାଏ। ଏକର ପ୍ରତି ୨୦ କୁଇଣ୍ଟାଲ ଖତ ସହ ୮:୩୨:୧୬:୧୬ କି.ଗ୍ରା ଯବକ୍ଷାରଜାନ: ଫସ୍‌ଫରସ : ପଟାସ : ଗନ୍ଧକ (ସିଏନ୍ ସାର ୩୧ କି.ଗ୍ରା.+ ସିଙ୍ଗିଲ ସୁପର ୨୦୦ କି.ଗ୍ରା. + ଏମ୍‌ଓପି ୨୭ କି.ଗ୍ରା. + ୮୬ କି.ଗ୍ରା. ଜିପ୍‌ସମ୍ ସାର ଦରକାର ପଡ଼ିଥାଏ। ଏହି ସମସ୍ତ ସାର (ଯବକ୍ଷାରଜାନର ଅଧା ପରିମାଣକୁ ଛାଡ଼ି)କୁ ଶେଷ ଓଡ଼ ଚାଷ ବେଳେ ପ୍ରୟୋଗ କରାଯାଏ ଓ ବାକି ଅଧା ଯବକ୍ଷାରଜାନକୁ ଗଛ ଉଠିବାର ଏକମାସ ବେଳକୁ ମାଟି ଦେଇ ଟେକି ଦିଆଯାଏ।

ମଞ୍ଜିରୁ ଗଛ ଉଠିବାର ୨ ସପ୍ତାହ ଓ ୪ ସପ୍ତାହ ବେଳକୁ ଘାସ ବାଛିଦିଆଯାଏ। ନଚେତ ରାସାୟନିକ ତୃଣନାଶକ ପେଣ୍ଡିମେଥାଲିନ୍ ବା ଆଲାକ୍ଲୋର୍ ୪୦୦ ଗ୍ରାମକୁ ମଞ୍ଜି ବୁଣା ସମୟରେ ଓଦା ମାଟି ଉପରେ ସିଞ୍ଚନ କରାଯାଏ। ରବି ଫସଲ ପାଇଁ ଗଛ ଫୁଲ ଆସିବା ଓ ଛୁଇଁ ବଢ଼ିବା ସମୟରେ ନିଶ୍ଚିତ ଜଳସେଚନ ସହ ଅନ୍ୟ ସମୟରେ ୧୨–୧୫ ଦିନ ଅନ୍ତରରେ ଜଳସେଚନର ଆବଶ୍ୟକତା ରହିଛି। ହରଡ଼, ମକା, କପା, ମାଣ୍ଡିଆ, ଅଳସୀ, ବାଜରା ଓ ଲଘୁଧାନ ସହ ମିଶ୍ରିତ ଚାଷ ୪:୨ ଅନୁପାତରେ କରାଯାଇଥାଏ। କର୍ତ୍ତକ କୀଟ, ଧୂଆଁପତ୍ର ଗୋଟିପୋକ, ବିହାରୀ ଶଁବାଳୁଆ, ବୁଟ ଫଳବିନ୍ଧା ପୋକ, ଗୋଡ଼ାପୋକ, କାଣ୍ଡମାଛି, ପତ୍ରସୁଡ଼ଙ୍ଗୀ ପୋକ, ଧଳାମାଛି, ସବୁଜ ପତ୍ରଡିଆଁ ପୋକ, ଉଜୁଣିଆ ପୋକ, ବାଘୁଆ ପୋକ, କାଣ୍ଡପଚା ଓ ଚେରଶଢ଼ା ରୋଗ, ଅଙ୍ଗାର ଶଢ଼ା ରୋଗ, ଗଳାପଟି ପଚା ରୋଗ, କଳଙ୍କି ରୋଗ, ଫଳଶଢ଼ା ଆଦି ରୋଗ ପୋକ ସୋୟାବିନ ଫସଲରେ ଦେଖାଯାଏ। ଏହାକୁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତିରେ (୧) ଖରାଟିଆ ଗଭୀର ଚାଷ କରିବା, (୨) ରୋଗ, ପୋକ ସହନଶୀଳ କିସମ ଚାଷ କରିବା, (୩) ପ୍ରତି ୧୫ ଧାଡ଼ି ପରେ ଗୋଟିଏ ଧାଡ଼ି ଖାଲି ଜାଗା ରଖିବା, (୪) ବିହନକୁ ବିଶୋଧନ କରିବା ଓ ଏହାର ୭ ଦିନ ପରେ ରାଇଜୋବିୟମ୍ ଓ ଫସ୍‌ଫୋକଲ୍‌ଚର୍‌ରେ ଉପଚାର କରି ଜମିରେ ବୁଣିବା, (୫) ସାହେବୀ ରୋଗ ଓ କାଣ୍ଡପଚା ରୋଗ ଦ୍ୱାରା ଆକ୍ରାନ୍ତ ଗଛକୁ ଉପାଡ଼ି ବା ପୋଡ଼ିଦେବା ଆବଶ୍ୟକ।

ସ୍ଥଳବିଶେଷରେ କୀଟନାଶକ ପ୍ରୟୋଗ ମାଧ୍ୟମରେ କାଣ୍ଡମାଛି, ବ୍ଲୁ ବିଟିଲ୍, ଗ୍ରୀଡ୍‌ଲି ବିଟିଲ୍ ଓ ଶୋଷକ କୀଟଗୁଡ଼ିକୁ ଦମନ କରିବା ପାଇଁ ଏକର ପ୍ରତି ଫୋରେଟ୍ (୧୦%ଜି)ର ୧ କି.ଗ୍ରା.କୁ ମଞ୍ଜି ବୁଣିବା ସମୟରେ ପ୍ରୟୋଗ କିମ୍ବା ଅକ୍ସିଡିମେଟନ୍ ମିଥାଇଲ୍ ୨୫% ଇ.ସି.ର ୨ ମି.ଲି. କିମ୍ବା ଡାଇମିଥୋଏଟ୍ ୩୦% ଇସି ପ୍ରୋଫେନୋଫସ୍‌ର ୨ ମିଲି ଲିଟର ପ୍ରତି ଗଜା ହେବାର ୨ ସପ୍ତାହ ବେଳକୁ ସିଞ୍ଚନ କରାଯାଏ। ପତ୍ରଖିଆ, ଶଁବାଳୁଆ, ଧୂଆଁପତ୍ର ଗୋଟିପୋକ, ଘୋଡ଼ାପୋକ, କାଣ୍ଡ ମାଛି, ଗ୍ରୀଡଲି ବିଟିଲ୍‌କୁ ନିୟନ୍ତ୍ରଣ କରିବା ପାଇଁ ଏକର ପ୍ରତି ମନୋକ୍ରୋଟୋଫସ୍ ୩୬% ଏସ୍.ଏଲ୍. ୨ ମିଲି କିମ୍ବା ଟ୍ରାୟାଜୋଫସ୍ ୪୦% ଇ.ସି. ୨ ମିଲି କିମ୍ବା କ୍ୟୁନାଲ୍‌ଫସ୍ ୨୫% ଇ.ସି.ର ୨ ମିଲିଲିଟର ପ୍ରତି କିମ୍ବା କ୍ୟୁନାଲ୍‌ଫସ୍ ୧.୫% ଗୁଣ୍ଡ ୭ କି.ଗ୍ରା. କିମ୍ବା ମିଥାଇଲ୍ ପାରାଥିଅନ୍ ୨% ଗୁଣ୍ଡର ୮ କି.ଗ୍ରା. ପ୍ରୟୋଗ କରିବା ଆବଶ୍ୟକ। କଳଙ୍କି ରୋଗ ନିରାକରଣ ପାଇଁ ଏକର ପ୍ରତି ମାନ୍‌କୋଜେବ୍ ୭୫% ଡବ୍ଲୁ.ପି.ର ୪ ଗ୍ରାମ୍ କିମ୍ବା ହେକ୍ସାକୋନାଜୋଲ୍ ୫% ଇସିର ୧ ମିଲି କିମ୍ବା ପ୍ରୋପିକୋନାଜୋଲ୍ ୨୫% ଇସିର ୧ ମିଲି କିମ୍ବା ଟ୍ରାଇଡିମେଫନ୍ ୮୦% ଇସିର ୫୦୦ ମିଲି ସିଞ୍ଚନ କରିବା ଜରୁରୀ। ମୂଷା ନିୟନ୍ତ୍ରଣ ପାଇଁ ୨% ଜିଙ୍କ୍ ଫସ୍‌ଫାଇ୍ ଟୋପ କିମ୍ବା ୦.୦୦୫% ବ୍ରୋମୋଡ଼ିଓଲନ୍ ପ୍ରୟୋଗ କରିବା ଦରକାର।

'ବିହନ ଉତ୍ପାଦନ' ନିମନ୍ତେ ଫସଲ କ୍ଷେତ୍ରଟିକୁ ବିହନ ବୁଣାର ୧୦ ଦିନ ମଧ୍ୟରେ ପଞ୍ଜୀକୃତ କରିବାକୁ ହୋଇଥାଏ। ମିଶ୍ରିତ ଫସଲରୁ ବିହନ ଉତ୍ପାଦନ କରାଯାଏ ନାହିଁ। ବିଜ୍ଞପିତ ଫସଲ କିସମରୁ ବିହନ ଉତ୍ପାଦନ କରାଯାଏ। କ୍ଷେତ୍ର ପରିଦର୍ଶନ ସର୍ବନିମ୍ନ ଦୁଇଟି ଫୁଲ ଫୁଟିବା ସମୟରେ ଏବଂ ପତ୍ର ଝଡ଼ା ଦେଇ ଅମଳ ପୂର୍ବାବସ୍ଥାରେ କରାଯାଏ। ଏହା ସ୍ୱପରାଗସଙ୍ଗମ ଫସଲ ହୋଇଥିବାରୁ ପିଣ୍ଡ ଓ ପ୍ରାମାଣିକ କ୍ଷେତ୍ରରେ ୩ ମିଟର (ସର୍ବନିମ୍ନ) ଦୂରତା ରଖାଯାଏ। ମିଶା କିସମ ସର୍ବାଧିକ ସୀମା ୧୦୦୦ ଗଛରେ ୧ଟି (ପିଣ୍ଡ) ଓ ୫ଟି (ପ୍ରାମାଣିକ) ରହିଛି। ବିହନ ଥାକରୁ ନମୁନା ସଂଗ୍ରହ କରାଯାଇ ବିହନର ମାନ ଓ ଗୁଣବତ୍ତା ପରୀକ୍ଷା କରାଯାଏ। ଗଜାଶକ୍ତି ୭୦% (ସର୍ବନିମ୍ନ), ସାଧାରଣ ଶୁଦ୍ଧତା ୯୮% (ସର୍ବନିମ୍ନ), ଅନ୍ୟ ମିଶା କିସମ (କି.ଗ୍ରା. ପ୍ରତି ୧୦ ଓ ୪୦ଟି ସର୍ବାଧିକ), ଆର୍ଦ୍ରତା ୧୨% (ସର୍ବାଧିକ) ଓ ବିହନର ସ୍ୱାସ୍ଥ୍ୟ ଠିକ୍ ରହିଲେ ବିହନ ଥାକକୁ ଯୋଗ୍ୟ ଧରାଯାଏ। ବିହନ ବସ୍ତାରେ ଫଳକ ଓ ସୀସା ମୁଦ ଲଗାଇ ବିହନ ଆକାରରେ ବିକ୍ରି ହୋଇଥାଏ।

**ଅମଳ:** ସୋୟାବିନ୍ ଫସଲରେ ୮୦ ଭାଗ ପର୍ଯ୍ୟନ୍ତ ଛୁଇଁ ପାଚି ବାଦାମୀ ପଡ଼ିଆସିଲେ ଅମଳ କରାଯାଏ। ତେଣୁ ଗଛର ପତ୍ର ହଳଦିଆ ପଡ଼ି ଝଡ଼ିବା ମାତ୍ରେ ଅମଳ କରିନେବା ଉଚିତ। ନଚେତ ଜମିରେ ଛୁଇଁଗୁଡ଼ିକ ଖରାରେ ଫାଟି ମଞ୍ଜି ଝଡ଼ିପଡ଼େ। ଏକର ପ୍ରତି ୬–୧୨ କୁଇଣ୍ଟାଲ ପର୍ଯ୍ୟନ୍ତ ଅମଳ ମିଳିଥାଏ।

*–ସରକାରୀ ବିହନ ପ୍ରମାଣନ ଅଧିକାରୀ, ଭୁବନେଶ୍ୱର*
ମୋ: ୭୨୦୫୦୯୬୦୮୦



# ରୋଜଗାରର ସହଜ ବାଟ ବାୟୋଫ୍ଲକ୍ ମାଛଚାଷ





ଭାଗୀରଥି ସାମଲ

ଭଦ୍ରକ ଜିଲାର ବାସୁଦେବପୁର ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ। ବର୍ତ୍ତମାନ ଏଠାରେ ମାଛ ଉତ୍ପାଦନ ବୃଦ୍ଧି କରିବା ସହ ନିଜେ ଆତ୍ମନିର୍ଭରଶୀଳ ହେବାକୁ ବାୟୋଫ୍ଲକ ପ୍ରଣାଳୀ (ବୈଜ୍ଞାନିକ ପଦ୍ଧତି)ରେ ମାଛଚାଷ ଦିଗରେ ଗୁରୁତ୍ୱ ପ୍ରଦାନ କରାଯାଉଛି। ଏହିପରି ବାୟୋଫ୍ଲକ ପ୍ରଣାଳୀ ମାଛଚାଷ କରୁଛନ୍ତି ଚୁଡ଼ାମଣି ପଞ୍ଚାୟତର ୮ ନଂ. ୱାର୍ଡ଼ର ଅବସରପ୍ରାପ୍ତ ଶିକ୍ଷକ ତଥା ସାମାଜିକକର୍ମୀ ଭାଗୀରଥି ସାମଲ। ନିଜ ଘର ପରିସୀମା ମଧ୍ୟରେ ସେ ଦୁଇଟି ବାୟୋଫ୍ଲକ ମାଛ ପୋଖରୀ ଗତ ନଭେମ୍ବର ମାସଠାରୁ ଆରମ୍ଭ କରିଛନ୍ତି। ପଲିଥିନ ଆଚ୍ଛାଦିତ ଏହି ବାୟୋଫ୍ଲକ ମାଛପୋଖରୀର ଉଚ୍ଚତା(ଗୋଟିକୁ) ୧ ମିଟର ହୋଇଥିବା ବେଳେ ଏହାର ଓସାର(ଗୋଲେଇ) ୪ ମିଟର ପରିଧି ମଧ୍ୟରେ । ଗୋଟିଏ ବାୟୋଫ୍ଲକ ପୋଖରୀରେ ୧୩ ବର୍ଗ ସ୍କୋୟାର ଫୁଟ ପାଣି ରହିପାରିବ। ଦୁଇଟି ପୋଖରୀରେ ୧୦ ହଜାର କଉମାଛ(ଦେଶୀ) ଛାଡ଼ିଛନ୍ତି। ଏ ସମ୍ପର୍କରେ ଭାଗୀରଥି କହନ୍ତି, ''ବାୟୋଫ୍ଲକ ପ୍ରଣାଳୀର ମାଛ ଚାଷକୁ ପ୍ରଥମେ ଜାମୁଝାଡ଼ିର ଜଣେ ଚାଷୀଙ୍କଠାରୁ ଦେଖିବା ପରେ ମୋର ଆଗ୍ରହ ବଢ଼ିଥିଲା। ଏଥିଲାଗି ପୁରୀ ଜିଲାର ଏକ ମାଛ ଉତ୍ପାଦନ ହାଚେରିରୁ ଏହି ଯାଆଁଳକୁ ଆଣିଥିଲି। ଉକ୍ତ ମାଛଚାଷ ପାଇଁ ବ୍ୟବହୃତ ପଲିଥିନକୁ ୧୫ ହଜାର ଟଙ୍କା କରି କଲିକତାରୁ କ୍ରୟ କରାଯାଇଛି। ପଲିଥିନର ଚାରିପାର୍ଶ୍ୱରେ ଲୁହାରଡ଼ ଆଚ୍ଛାଦିତ ହୋଇ ପଲିଥିନରେ ପାଣିକୁ ପୋଖରୀ ସଦୃଶ କରାଯାଇଛି। ଏହି ମାଛଚାଷ ମିଠାପାଣିରେ କରାଯାଇଥିବା ବେଳେ ନିୟମିତ ୧୫/୨୦ ଦିନ ବ୍ୟବଧାନରେ ପାଣି ବଦଳା ଯାଉଛି। ମାଛକୁ ପ୍ରତ୍ୟହ ୪ ଥର ଖାଦ୍ୟ ମଧ୍ୟ ପ୍ରଦାନ କରାଯାଇଥାଏ। ଏହି ବାୟୋଫ୍ଲକ ପୋଖରୀ ମାଛଚାଷରେ କମ୍ ଖର୍ଚ୍ଚରେ ଅଧିକ ଉତ୍ପାଦନ ଓ ଲାଭ ମିଳିପାରିବ। ଗୋଟିଏ ଥରରେ ୩୦/୪୦ ହଜାର ଟଙ୍କା ଲାଭ ହେବ ବୋଲି ଆକଳନ କରୁଛି। ଶିକ୍ଷକତାରୁ ଅବସର ନେବା ପରେ ଏହି ପ୍ରଣାଳୀରେ ମାଛ ଚାଷ ମୋତେ ସମୟର ସଦୁପଯୋଗ ସହ ରୋଜଗାରରେ ସହାୟକ ହେବ ବୋଲି କହିବି।'' ଭାଗୀରଥିଙ୍କ ଦୁଇ ବାୟୋଫ୍ଲକ ପୋଖରୀରେ ନଭେମ୍ବର ମାସରେ ଯାଆଁଳ ଛଡ଼ାଯାଇଥିବା ବେଳେ ଏହା ୨ ମାସରେ ୩୦ ଗ୍ରାମରେ (ମାଛର ଓଜନ) ପହଞ୍ଚିଲାଣି। ଏହି ମାଛ ୧୦୦ ଗ୍ରାମରେ ପହଞ୍ଚିଲେ ମାଛର ଧାର୍ଯ୍ୟ ଦର କିଲୋପିଛା ପାଖାପାଖି ୨୦୦/୨୫୦ ଟଙ୍କାରେ ବିକ୍ରି ହୋଇପାରିବ। ଚୂଡ଼ାମଣି ପଞ୍ଚାୟତର ବର୍ତ୍ତମାନ ସମିତିସଭ୍ୟା ଭାବରେ କାର୍ଯ୍ୟରତ ଅଛନ୍ତି ଭାଗୀରଥିଙ୍କ ପତ୍ନୀ ସୁବାସିନୀ ସାମଲ। ପତ୍ନୀ, ଦୁଇପୁତ୍ର ତଥା ବୋହୂ ଉଚ୍ଚଶିକ୍ଷିତ ହୋଇଥିବା ସତ୍ତ୍ୱେ ଏହି ବାୟୋଫ୍ଲକ ମାଛଚାଷକୁ ଗୁରୁତ୍ୱ ଦେଇ ପ୍ରତିଦିନ ଏହି କାର୍ଯ୍ୟରେ ଭାଗୀରଥିଙ୍କୁ ସାହାଯ୍ୟ କରିଥାଆନ୍ତି। ଘରୋଇ ଭାବେ ଏହି ଚାଷ ନିଜ ବାଡ଼ି, ବଗିଚା ଓ ଫାଙ୍କା ଜମିରେ କରାଯାଇପାରିବ। 'ଏହି ପ୍ରଣାଳୀକୁ ଆପଣେଇଲେ ବେକାରି ସମସ୍ୟା କେତେକାଂଶରେ ଦୂର ହେବା ସହ ଯୁବକମାନେ ଘରେ ବସି ରୋଜଗାରକ୍ଷମ ହୋଇପାରିବେ ବୋଲି କହନ୍ତି ସେ।' ତେବେ ମତ୍ସ୍ୟ ବିଭାଗ ପକ୍ଷରୁ ସହଯୋଗ ମିଳିଲେ ଅଧିକରୁ ଅଧିକ ବାୟୋଫ୍ଲକ ପ୍ରଣାଳୀ ମାଛପୋଖରୀ କରିପାରନ୍ତେ ବୋଲି ଆଶାବ୍ୟକ୍ତ କରନ୍ତି ଭାଗୀରଥି ।

**– ନାରାୟଣ ପ୍ରସାଦ ବାରିକ**

# ରଜନୀଗନ୍ଧାରେ ସାର ପ୍ରୟୋଗ



ଆଗରୁ ଲଗାଯାଇଥିବା ରଜନୀଗନ୍ଧା ୩୦ଦିନର ହୋଇଯାଇଥିଲେ ଏକର ପ୍ରତି ୮୫କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ରଜନୀଗନ୍ଧା ନ ଲଗାଇ ଥିଲେ ଏହା ମେ ମାସ ପର୍ଯ୍ୟନ୍ତ ଲଗାଇ ପାରିବେ। କୋଲକାତା ସିଙ୍ଗଲ, ଶ୍ରୀଙ୍ଗାର, କୋଏମ୍ବାଟୋର ସିଙ୍ଗଲ୍ ଓ ସୁହାସିନି(ଡବଲ) ଆଦି କିସମ ଲଗାନ୍ତୁ। ବୁଣିବା ପୂର୍ବରୁ ଅନୁମୋଦିତ ସାରର (ଏକର ପ୍ରତି ୧୭୦କି.ଗ୍ରା. ଯବକ୍ଷାରଜାନ, ୮୦କିଗ୍ରା ଫସଫରସ ଓ ୮୦କିଗ୍ରା ପଟାସ ସାର)ର ସବୁତକ ଫସ୍‌ଫରସ୍ ଓ ପଟାସ ସାର ପ୍ରୟୋଗ କରନ୍ତୁ। ଏକର ପ୍ରତି ପ୍ରାୟ ୪୦,୦୦୦କନ୍ଦା ଆବଶ୍ୟକ। କନ୍ଦାଗୁଡ଼ିକ ୨.୫ସେ.ମି. ବ୍ୟାସ ବିଶିଷ୍ଟ ହୋଇଥିବା ଦରକାର। ଶୀତଳଭଣ୍ଡାରରେ ୪–୫ ଡିଗ୍ରୀ ସେଲସିଅସ୍‌ରେ ରହିଥିବା କନ୍ଦାଗୁଡ଼ିକ ଭଲ ଗଜା ହୋଇଥାଏ। ସୂତ୍ରଜୀବପ୍ରବଣ ଅଞ୍ଚଳରେ ଲଗାଇବା ପୂର୍ବରୁ ଏକର ପ୍ରତି ୧୬୦କି.ଗ୍ରା. ନିମ୍ବ ପିଡ଼ିଆ ପ୍ରୟୋଗ କରନ୍ତୁ।

# ଚାଷୀଙ୍କ ପାଇଁ..



## ଚିନାବାଦାମରେ କୋଡ଼ାଖୁସା

ଚିନାବାଦାମ ଫସଲରେ ଫୁଲ ଆସିବା ସମୟରେ କୋଡ଼ାଖୁସା କରନ୍ତୁ ନାହିଁ। ଏହି ଫସଲରେ ପତ୍ରକଣା ଓ ପତ୍ରଖିଆ ପୋକ ଲାଗିବାର ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଏଣ୍ଡୋସଲଫାନ୍ ମିଶାଇ ସିଞ୍ଚନ କରନ୍ତୁ। ପ୍ରତି ଲିଟର ପାଣିରେ ୨ମିଲି ହିସାବରେ ମନୋକ୍ରୋଟଫସ କିମ୍ବା କ୍ଲୋରୋପାଇରିଫସ ମିଶାଇ ସିଞ୍ଚନ କରନ୍ତୁ।

## କଖାରୁରେ ପାଉଁଶିଆ ରୋଗ ନିୟନ୍ତ୍ରଣ

ମେଘୁଆ ପାଗ ହୋଇଥିଲେ କଖାରୁ ଜାତୀୟ ପନିପରିବାରେ ନିମ୍ନମୁଖି ପାଉଁଶିଆ ରୋଗ ଲାଗିବାର ଆଶଙ୍କା ଅଛି। ତା'ର ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ମିଲି ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ରସୁଣରେ ପତ୍ରପୋଡ଼ା ରୋଗ ଲାଗିଥିଲେ ତାହାର ନିରାକରଣ ସକାଶେ ଏକର ପିଛା ୬୦୦ଗ୍ରାମ୍ ମାଙ୍କୋଜେବ୍ କବକନାଶକକୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

## ପିଆଜରେ ପତ୍ରପୋଡ଼ା ରୋଗ ଦମନ କରିବେ କିପରି

ବର୍ତ୍ତମାନ ପିଆଜରେ ପତ୍ରପୋଡ଼ା ରୋଗ ଲାଗିବାର ଆଶଙ୍କା ରହିଛି, ତାହାର ନିରାକରଣ ଲାଗି ପ୍ରତି ଲିଟର ପାଣିରେ ୩ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ଶଣ୍ଢା ବାହାରିବା ପିଆଜ ଫସଲରେ ଏକ ସମସ୍ୟା। ଶଣ୍ଢା ବାହାରିଲେ ଯଥାଶୀଘ୍ର କାଟିଦିଅନ୍ତୁ।

# କୁକୁଡ଼ାର ନାଲି ଝାଡ଼ା ହେଉଥିଲେ..

କୁକୁଡ଼ାଙ୍କର ନାଲି ଝାଡ଼ା ହେଉଥିଲେ ଅଧା ଗ୍ରାମ ଫ୍ୟୁରାସଲକୁ ଏକ ଲିଟର ପାଣିରେ ମିଶାଇ ୩ଦିନ ପର୍ଯ୍ୟନ୍ତ ଦିଅନ୍ତୁ। କୁକୁଡାର ଘୁମା ରୋଗ ନିୟନ୍ତ୍ରଣ ପାଇଁ ୭ଦିନରେ ଲାସୋଟା ପ୍ରତିଷେଧକ ଟିକା ଓ ୧୩–୧୫ଦିନ ଭିତରେ ଆଇ.ବି.ଡି. ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ। ବନରାଜା ଓ ଗ୍ରାମପ୍ରିୟ କୁକୁଡା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଯୋଗୁ ଚିଆଁ ପାଇଁ ଆଞ୍ଚଳିକ ସରକାରୀ କୁକୁଡ଼ା ଫାର୍ମ ସହ ଯୋଗାଯୋଗ କରନ୍ତୁ। ଏହାବ୍ୟତୀତ ଗୋରୁଙ୍କର ସାହାଣ, ବଜବଜିଆ ଓ ଫାଟୁଆ ରୋଗ ପାଇଁ ରକ୍ଷା ଏଫ୍.ଏମ୍.ଡି ଭାକ୍ସିନ୍ ଓ ଛେଳିମାନଙ୍କର ପିପିଆର ରୋଗ ଲାଗି ପିପିଆର ପ୍ରତିଷେଧକ ଟୀକା ବ୍ୟବସ୍ଥା ଗ୍ରହଣ କରନ୍ତୁ। ଗୃହପାଳିତ ପ୍ରାଣୀଙ୍କୁ ଶୀତରୁ ରକ୍ଷା କରିବା ପାଇଁ ଗୁହାଳରେ ଫାଙ୍କଥିବା ଜାଗାକୁ ଅଖାରେ ବନ୍ଦ କରନ୍ତୁ ଏବଂ ସୁବିଧା ଥିଲେ ଗୋରୁଙ୍କୁ ମଧ୍ୟ ଅଖାରେ ଘୋଡ଼ାଇ ଦିଅନ୍ତୁ। ଗୋରୁଙ୍କର ଫାଟୁଆ ରୋଗ, ଛେଳିଙ୍କର ପିପିଆର ରୋଗ ପାଇଁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ।





# ୪୫ ଦିନିଆ ଆଖୁର ଯତ୍ନ

ଆଗରୁ ଲଗାଯାଇଥିବା ଆଖୁ ୪୫ଦିନର ହୋଇଯାଇଥିଲେ କୋଡା ଖୁସା କରି ଏକର ପ୍ରତି ୪୦କି.ଗ୍ରା. ଯବକ୍ଷାରଜାନ ସାରକୁ ଧାଡିରେ ପ୍ରୟୋଗ କରି ହୁଡା ଟେକି ଦିଅନ୍ତୁ। ମୂଳି ଆଖୁ ୩୦ରୁ ୪୫ଦିନର ହୋଇଯାଇଥିଲେ ଏକର ପ୍ରତି ୪୦କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ମନ୍ଦା ପ୍ରଣାଳୀରେ ଲଗାଯାଇଥିବା ଆଖୁ ୩୦ରୁ ୪୫ଦିନର ହୋଇଯାଇଥିଲେ ମନ୍ଦା ପିଛା ୧୫ଗ୍ରାମ୍ ୟୁରିଆ ଓ ୧୦ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ। ଯବକ୍ଷାରଜାନ ସାରକୁ ୟୁରିଆ ସାର ହିସାବରେ ବ୍ୟବହାର କଲେ ୟୁରିଆ ସହିତ ନିମ୍ବ ପିଡିଆ ମିଶାଇ ପ୍ରୟୋଗ କରନ୍ତୁ। ୧୦୦କିଗ୍ରା ୟୁରିଆ ସହିତ ୨୦କି.ଗ୍ରା. ନିମ୍ବ ପିଡିଆ ମିଶାଇବାକୁ ପଡିଥାଏ। ରାସାୟନିକ ଜୈବିକ ସାରକୁ ୫୦୦କି.ଗ୍ରା. ଗୁଣ୍ଡ ଗୋବର ଖତ ସହିତ ମିଶାଇ ଆଖୁ ଲଗାଇବାର ୩୦ଦିନରେ ଥରେ ଏବଂ ୬୦ଦିନରେ ଆଉଥରେ ଆଖୁ ଗଛ ମୂଳରେ ଦିଅନ୍ତୁ।

# ଓଡ଼ିଶାର କ୍ରମାଗତ ଦ୍ୱିତୀୟ ବିଜୟ

ଭୁବନେଶ୍ୱର, ୯।୨(କ୍ରୀଡ଼ା ପ୍ରତିନିଧି) ବେଙ୍ଗାଲୁରୁଠାରେ ଚାଲିଥିବା ୩ୟ ନଗେଶ ଟ୍ରଫି ଜାତୀୟ ଦୃଷ୍ଟିହୀନ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଦଳ ୧୨୨ ରନ୍‌ରେ ପଶ୍ଚିମବଙ୍ଗକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୨୦ ଓଭରରେ ୫ ଉଇକେଟ ହରାଇ ୨୪୨ ରନ କରିଥିଲା। ପଙ୍କଜ ଭୁଏ ୫୫ ବଲ୍‌ରୁ ୯୬, ଲାଲ ପ୍ରସାଦ ସୋରେନ ୪୬ ବଲ୍‌ରୁ ୬୭, ଅଧିନାୟକ ଜାଫର ଇକବାଲ ୧୬ ବଲ୍‌ରୁ ୨୮ ଓ ସୁଖରାମ ମାଝି ୧୧ ବଲ୍‌ରୁ ୨୩ ରନ କରିଥିଲେ। ଜବାବରେ ବେଙ୍ଗଲ ୨୦ ଓଭରରେ ୫ ଉଇକେଟ ହରାଇ ୧୨୦ ରନ କରିବାକୁ ସକ୍ଷମ ହୋଇଥିଲା। ଓଡ଼ିଶା ବୋଲରଙ୍କ ମଧ୍ୟରେ ସୁଖରାମ ଓ କାଳିଆ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ପଙ୍କଜ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ବୁଧବାର ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଆନ୍ଧ୍ରପ୍ରଦେଶକୁ ଭେଟିବ। ପ୍ରକାଶଯୋଗ୍ୟ ଯେ, ଓଡ଼ିଶା ଏହାର ପ୍ରଥମ ମ୍ୟାଚରେ ମଧ୍ୟପ୍ରଦେଶକୁ ୧୩୯ ରନରେ ପରାସ୍ତ କରିଥିଲା।






ସାହାଣୀ କପ୍ ଫୁଟ୍‌ବଲ

## ସମ୍ବଲପୁର, କଟକର ବୃହତ୍ ବିଜୟ

**ସୁନ୍ଦରଗଡ, ୯।୨ (ଡି.ଏନ୍.ଏ):** ଫୁଟବଲ ଆସୋସିଏଶନ ଅଫ୍ ଓଡିଶା (ଫାଓ) ଆନୁକୂଲ୍ୟରେ ସୁନ୍ଦରଗଡଠାରେ ଚାଲିଥିବା ସାହାଣୀ କପ୍ ଫୁଟବଲ ଚାମ୍ପିୟନଶିପର ଚତୁର୍ଥ ଦିବସରେ ୭ଟି ମ୍ୟାଚ ଅନୁଷ୍ଠିତ ହୋଇଛି । ସେପଟିବାହାଲ ଗୋପବନ୍ଧୁ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମମ୍ୟାଚରେ ବଲାଙ୍ଗିର ଦଳ ଭୁବନେଶ୍ୱରକୁ ୨–୧ ଗୋଲରେ ପରାସ୍ତ କରିଛି । ଦ୍ୱିତୀୟ ମ୍ୟାଚରେ ରାଉରକେଲା ଦଳ କଳାହାଣ୍ଡିକୁ ୧–୦ ଗୋଲରେ ହରାଇ ଦେଇଛି । ତସଲାଡିହି ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମମ୍ୟାଚ୍ ସମ୍ବଲପୁର ଦଳ ବୌଦ୍ଧକୁ ୫–୦ ଗୋଲରେ ପରାଜିତ କରିଛି । ଦ୍ୱିତୀୟ ମ୍ୟାଚରେ ବରଗଡ ଦଳ କୋରାପୁଟକୁ ୬–୫ ଗୋଲରେ ହରାଇଛି । କଞ୍ଜିର୍ମା ବିଜୁ ପଟ୍ଟନାୟକ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ କଟକ ଦଳ ସୋନପୁରକୁ ୪–୦ ଗୋଲରେ ଏବଂ ଦ୍ୱିତୀୟ ମ୍ୟାଚରେ କନ୍ଧମାଳ ଦଳ ଭଦ୍ରକକୁ ୧–୦ ଗୋଲରେ ପରାସ୍ତ କରିଛି । ଭବାନୀପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ମ୍ୟାଚରେ ଅନୁଗୋଳ ଦଳ ୫–୦ ଗୋଲରେ ଝାରସୁଗୁଡାକୁ ହରାଇ ଦେଇଛି।











Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

## ଚୋରି ଅଭିଯୋଗରେ ୩ଜଣ ଗିରଫ

ସଇଁତଲା,(ଡି.ଏନ.ଏ.): ବଲାଙ୍ଗୀର ଜିଲା ବଡ଼ମାଳ ରେଳଷ୍ଟେଶନ ନିକଟରେ ମରାମତି କାମ କରିବାକୁ ଠିକା ନେଇଥିବା ସଂସ୍ଥା ଲୁହାଛଡ଼, ଲୁହା ପାଇପ ଇତ୍ୟାଦି ରଖିଥିଲା। ଗତ ଜାନୁୟାରୀ ୧୬ତାରିଖ ରାତିରେ ସେଠାରୁ ୫କୁଇଣ୍ଟାଲ ଛଡ଼, ଆଇରନ ଜାର୍କ ଓ ଅନ୍ୟ କିଛି ଜିନିଷ ଚୋରି ହୋଇଥିବା ନେଇ ଠିକାଦାର ବୁଲବୁଲ ମେହେର ବଲାଙ୍ଗୀର ଜିଆରପିରେ ଅଭିଯୋଗ କରିଥିଲେ। ଏକ ମାମଲା ରୁଜୁ କରି ଜିଆରପି ଘଟଣାର ତଦନ୍ତ କରୁଥିଲା। ମଙ୍ଗଳବାର ସଇଁତଲା ଥାନା କରମତଲାଠାରେ ଚୋରି ସାମଗ୍ରୀ, ଏକ ପିକଅପ ଗାଡ଼ି ନଂ. ଓଡ଼ି-୧୭-ଇ-୨୭୦୦ ଜବତ କରାଯାଇଥିଲା। ଏଥିସହ ପେଣ୍ଡରାମାଲ ଗ୍ରାମର ଚୈତନ୍ୟ ସ୍ୱାଇଁ, ଶଶୀ କୁମାର ଓ ଗୋଏଲଭାଡ଼ିର କିଶୋର ଠାକୁରଙ୍କୁ ଗିରଫ କରାଯାଇଛି ।

## ସଂକ୍ଷେପରେ

### ବ୍ଲଡ୍ ବ୍ୟାଙ୍କ, ଡାଏଲିସିସ୍ ସେଣ୍ଟର ସ୍ଥାପନ ଦାବି କଲେ ବିଧାୟକ

ଲୋଇସିଂହା,୯।୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ଲଡ ବ୍ୟାଙ୍କ ଓ କିଡ୍‌ନୀ ରୋଗୀଙ୍କ ପାଇଁ ଡାଏଲିସିସ ସେଣ୍ଟର ସ୍ଥାପନ ପାଇଁ ଦାବି କରିଛନ୍ତି ବିଧାୟକ ମୁକେଶ ମହାଲିଙ୍ଗ। ଏ ନେଇ ସେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ରଙ୍କୁ ଏକ ଚିଠି ଲେଖିଛନ୍ତି। ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଜିଲାର ଅନ୍ୟତମ ପ୍ରମୁଖ ସ୍ୱାସ୍ଥ୍ୟ କେନ୍ଦ୍ର । ଏଠାରେ ଲୋଇସିଂହା, ଆଗଲପୁର ବ୍ଲକ ସହ ପଡୋଶୀ ବରଗଡ ଜିଲାର ଗାଇସିଲଟ ଓ ସୁବର୍ଣ୍ଣପୁର ଜିଲା ତରଭା ବ୍ଲକର ଲୋକେ ନିର୍ଭରଶୀଳ। ଲୋଇସିଂହା, ବାଦିବାହାଲ ଓ ବାଦିମୁଣ୍ଡା ପଞ୍ଚାୟତରେ ବହୁସଂଖ୍ୟକ କିଡ୍‌ନୀ ରୋଗୀ ରହିଛନ୍ତି। ସେମାନେ ଚିକିତ୍ସା ପାଇଁ ବଲାଙ୍ଗୀର, ବୁର୍ଲା, କଟକକୁ ଯାଉଛନ୍ତି। ତେଣୁ ଏଠାରେ ବ୍ଲଡ୍‌ବ୍ୟାଙ୍କ ସହ ଡାଏଲିସିସି ସେଣ୍ଟର ଖୋଲିବା ଜରୁରୀ ବୋଲି ମହାଲିଙ୍ଗ ଚିଠିରେ ଉଲ୍ଲେଖ କରିଛନ୍ତି।

### ବୃଦ୍ଧଙ୍କ ଗଳିତ ମୃତଦେହ ଜବତ

ଲାଠୋର, ୯।୨ (ଡି.ଏନ.ଏ): ବଲାଙ୍ଗୀର ଜିଲା ଲାଠୋର ଥାନା ଅଧୀନ ବେନ୍ଦେର ସଂରକ୍ଷିତ ଜଙ୍ଗଲ ନିକଟ ଟେଙ୍ଗନାବସା ଗ୍ରାମର ଏକ ନାଳରୁ ମଙ୍ଗଳବାର ପୋଲିସ ମନୁଲାଲ ବରିହା (୬୦)ଙ୍କ ଗଳିତ ମୃତଦେହ ଉଦ୍ଧାର କରିଛି। ବଡଗୁରଜିଭଟାର ମନୁଲାଲ ଗତ ୩ ତାରିଖରେ ବାଗଦୋର ଗ୍ରାମର ଜଣେ ସମ୍ପର୍କୀୟଙ୍କ ଶୁଦ୍ଧିକ୍ରିୟାରେ ଯୋଗଦେବା ପାଇଁ ସାଇକେଲ ଯୋଗେ ଯାଇଥିଲେ। ହେଲେ ମଙ୍ଗଳବାର ନାଳରେ ଏକ ମୃତଦେହ ପଡିଥିବା ସ୍ଥାନୀୟ ଗୋରୁ ଚରାଳିମାନେ ଦେଖିବା ପରେ ଘଟଣା ଜଣାପଡିଥିଲା। ଖବର ପାଇ ବୃଦ୍ଧଙ୍କ ପୁଅ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ତାଙ୍କ ବାପାଙ୍କର ବୋଲି ଚିହ୍ନଟ କରିଥିଲେ। ପରେ ନିଜ ସମ୍ପର୍କୀୟଙ୍କ ସହିତ ଆସି ଲାଠୋର ଥାନାରେ ଏକ ଏତଲା ଦେଇଥିଲେ। ପୋଲିସ ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

### ଧାନକିଣା, ଜମି ପଞ୍ଜିକରଣରେ ଦୁର୍ନୀତି ଅଭିଯୋଗ

ଅମରପାଲି, ୯।୨ (ଡି.ଏନ.ଏ): ଉଲୁଣ୍ଡା ବ୍ଲକ କଳାପଥରରେ ଧାନକିଣା ଓ ଧାନକ୍ରୟ ପାଇଁ ଚାଷୀଙ୍କ ଜମି ପଞ୍ଜିକରଣରେ ଦୁର୍ନୀତି ହୋଇଛି। ଏନେଇ ଅଞ୍ଚଳର କ୍ଷୁଦ୍ର ଚାଷୀମାନେ ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଚଳିତ ଥର ଧାନକ୍ରୟ ପାଇଁ ଗ୍ରାମର ରଘୁନାଥ ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀଙ୍କୁ ଅନୁମତି ଦିଆଯାଇଛି। ଅଭିଯୋଗକାରୀମାନେ ଧାନକ୍ରୟ ପାଇଁ ଉକ୍ତ ମହିଳା ସ୍ୱୟଂ ସହାୟିକା କେନ୍ଦ୍ରରେ ପଞ୍ଜିକରଣ କରିଥିଲେ। ମାତ୍ର ସେମାନେ ଏବେ ଧାନ ବିକ୍ରୟରେ ସମସ୍ୟା ହେଉଥିବା ଅଭିଯୋଗ କରୁଛନ୍ତି। ମଣ୍ଡିରେ ମନମାନି ହେଉଥିବା ଯୋଗୁଁ କ୍ଷୁଦ୍ରଚାଷୀ ଧାନବିକ୍ରିରେ ସମସ୍ୟା ହେଉଥିବା ପ୍ରକାଶ କରୁଛନ୍ତି। କେତେକଙ୍କ ନାମକୁ ଏକାଧିକ ଥର ଫୁଡ ପୋର୍ଟାଲରେ ପଞ୍ଜିକୃତ କରାଯାଇଛି। ଅନ୍ୟ ଗ୍ରାମ ଓ ଅନ୍ୟ ବ୍ଲକର ଜମି ଲେଖନରେ ଅନେକ ଥର ଧାନ ବିକ୍ରି ହୋଇଥିବା ଅଭିଯୋଗ ହେଉଛି। ଜମିହୀନ ଚାଷୀଙ୍କ ନାମରେ ପଞ୍ଜିକରଣ କରି ଧାନ ବିକ୍ରି ବ୍ୟବସାୟ କରାଯାଉଛି। ଉକ୍ତ ସ୍ୱୟଂ ସହାୟିକା ଗୋଷ୍ଠୀର ସମ୍ପାଦିକା ସସିମା ପ୍ରଧାନ ଉକ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି ।

### ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇଲେ ଗ୍ରାମବାସୀ

ଦେଓଗାଁ, ୯।୨(ଡି.ଏନ.ଏ.) : ବଲାଙ୍ଗୀର ସଦର ବ୍ଲକ କୁଠୁର୍ଲା ଅଙ୍ଗନୱାଡି (କ) କେନ୍ଦ୍ରରେ କର୍ମୀ ଓ ଗ୍ରାମବାସୀଙ୍କ ମଧରେ ଚାଲିଥିବା ବିବାଦ ଥମିବା ନା ନେଉନାହିଁ। ମଙ୍ଗଳବାର ଗାଁର ୫୦ରୁ ଊର୍ଦ୍ଧ୍ୱ ମହିଳା ଓ ଅଭିଭାବିକା କେନ୍ଦ୍ରରେ ତାଲା ପକାଇ ଦେଇଥିଲେ। ସମସ୍ୟାର ସମାଧାନ ଜିଲା ପ୍ରଶାସନ ନ କରିବା ପର୍ଯ୍ୟନ୍ତ ଏହି କେନ୍ଦ୍ର ବନ୍ଦ ରହିବ ବୋଲି ଶୁଣାଇଥିଲେ । ପରେ ସମ୍ପୃକ୍ତ କର୍ମୀ ବିମଳିନି ନାଗ ପୋଲିସକୁ ଖବର ଦେଇଥିଲେ । ଦେଓଗାଁ ଥାନା ଏଏସଆଇ ଜେ.ଜେ ସା ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଥିଲେ । ପରେ କର୍ମୀ ନାଗ ଥାନାରେ ଏତଲା ଦେଇଛନ୍ତି।

### ୧୦୨ଜଣଙ୍କୁ କୋଭିଡ୍ ଟିକା

ଲୋଇସିଂହା,୯।୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ତୃତୀୟ ପର୍ଯ୍ୟାୟ କୋଭିଡ୍ ଟିକାକରଣରେ ୧୦୨ଜଣ କୋଭିଡ୍ ଯୋଦ୍ଧା ଟିକା ନେଇଛନ୍ତି। ବ୍ଲକ, ତହସିଲ ଓ ଥାନାରେ କାର୍ଯ୍ୟରତ କୋଭିଡ୍ ଯୋଦ୍ଧା ଏହି ଟିକା ନେଇଛନ୍ତି।

# ଧାନ ବିକ୍ରି ଦାବିରେ ଆନ୍ଦୋଳନ

- ବ୍ଲକ ଅଫିସ୍ ଆଗରେ ଗଦାକଲେ ଧାନ
- ତାଲା ପକାଇବାରୁ ତହସିଲ ଅଫିସ୍ ଅଚଳ

ବରଗଡ଼ ଅଫିସ୍,୯।୨

ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲେ ମଧ ଜିଲାର ଉପାନ୍ତ ଅଞ୍ଚଳରେ ଏହି ସମସ୍ୟା ଜଟିଳ ହୋଇଛି। ଅମ୍ବାଭୋନା ବ୍ଲକର ୩୭୩ ଚାଷୀ ଏଯାଏ ସେମାନଙ୍କ ଧାନ ବିକ୍ରି କରି ପାରିନାହାନ୍ତି। ସେମାନଙ୍କ ମଧ୍ୟରୁ ୯୦ଜଣ ଚାଷୀଙ୍କ ଟୋକନ ଅବଧି ସରିଯାଇ ଥିବାବେଳେ ୨୮୩ ଜଣ ଚାଷୀଙ୍କ ଟୋକନ ମଣ୍ଡି ବନ୍ଦ ପରେ ଜେନେରେଟ ହୋଇଥିବା ଚାଷୀମାନେ କହିଛନ୍ତି। ଏହାର ପ୍ରତିବାଦରେ ସୋମବାର ସ୍ଥାନୀୟ ଲାଲ ବାହାଦୁର କୃଷକ ସଙ୍ଗଠନ ନେତୃତ୍ୱରେ ଚାଷୀମାନେ ଭୁକ୍ତା ମାର୍କେଟ୍ ୟାର୍ଡ଼ ସମ୍ମୁଖରେ ରାସ୍ତାରୋକୋ କରିଥିଲେ। ସେହିପରି


ଅମ୍ବାଭୋନା ବ୍ଲକ ଅଫିସ ଆଗରେ ଧାନ ଗଦା କରି ଚାଷୀମାନେ ଧାରଣାରେ ବସିଛନ୍ତି ।

ମଙ୍ଗଳବାର ସେମାନେ ବ୍ଲକ, ତହସିଲ ଅଫିସ୍‌କୁ ଅଚଳ କରି ଦେଇଛନ୍ତି। ଚାଷୀମାନେ ଟ୍ରାକ୍ଟର ଯୋଗେ ଧାନ ଆଣି ଅମ୍ବାଭୋନା ବ୍ଲକ ଅଫିସ ଆଗରେ ଗଦା କରି ଧାରଣାରେ ବସିଥିଲେ। ଏହାପରେ ତହସିଲ ଅଫିସକୁ ଯାଇ ସେଠାରେ ତାଲା ପକାଇ ଦେଇଥିଲେ। ଫଳରେ ଉଭୟ କାର୍ଯ୍ୟାଳୟ ଅଚଳ ହୋଇ ପଡ଼ିଛି। ଲାଲ ବାହାଦୁର ଶାସ୍ତ୍ରୀ କୃଷକ ସଙ୍ଗଠନ ସଭାପତି ଠାକୁରରାମ ପଟେଲ, ସମ୍ପାଦକ ଶଙ୍କର ଖମାରୀ, ଗୁନାରୁ ପ୍ରଧାନ, ଦୟାସାଗର ପ୍ରଧାନ, ସତ୍ରାଜିତ ସାହୁ, କିଶୋର ପ୍ରଧାନ, ଶଶୀଭୂଷଣ ପ୍ରଧାନ, ରାଜେନ୍ଦ୍ର ଦେହେରୀ, ବେହେରୁ ପ୍ରଧାନ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଛନ୍ତି। ଖବର ଲେଖାହେବା ସୁଦ୍ଧା (ସନ୍ଧ୍ୟା ସାଢେ ୬ଟା) ଆନ୍ଦୋଳନ ଜାରି ରହିଥିଲା।

## ଡାକ୍ତରଖାନା ବୁଲିଲେ, ଉନ୍ନତିମୂଳକ କାମର ତଦାରଖ

ସଇଁତଲା, ୯।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଅଚାନକ ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ୱାର୍ଡକୁ ଯାଇ ରୋଗୀଙ୍କ ସହ ଆଲୋଚନା କରିଥିଲେ। ସେଠାରୁ ନିରାମୟ ଯୋଜନାରେ ମାଗଣା ଦିଆଯାଉଥିବା ଔଷଧ କେନ୍ଦ୍ରକୁ ଯାଇ ବଣ୍ଟନ ପ୍ରକ୍ରିୟାର ତଦାରଖ କରିଥିଲେ। ଷ୍ଟକ ରେଜିଷ୍ଟର ବ୍ୟବହାର କରିବାକୁ କହିଥିଲେ। ଓପିଡ଼ିରେ ଉପସ୍ଥିତ ଡାକ୍ତର ରାକେଶ ମେହେରଙ୍କୁ ଡ଼ାକି କରୋନା ସମୟରେ କିଭଳି ମାତ୍ର ୧୫ଦିନରେ ଦୁଇ ହଜାର ଭିଟାମିନ ଔଷଧ ରୋଗୀଙ୍କୁ ପ୍ରଦାନ କରାଯାଇଛି ବୋଲି ପଚାରିଥିଲେ। ରୋଗୀ ଧାଡ଼ିରେ ଛିଡ଼ା ନ ହୋଇ ଓପିଡ଼ି ସାମ୍ନାରେ ଭିଡ଼ କରୁଥିବାରୁ ଟିକେଟ ବ୍ୟବସ୍ଥା ରୋଗୀ କଲ୍ୟାଣ ସମିତି ତରଫରୁ କରିବାକୁ ବିଡ଼ିଓ ଦେବାଶିଷ ସାମଲଙ୍କୁ ରାଣା ନିର୍ଦ୍ଦେଶ ଦେଇଥିଲେ। ଡାକ୍ତରଖାନା ପରିସରରେ ରୋଗୀ ସମ୍ପର୍କୀୟମାନଙ୍କ ପାଇଁ ଗୋଟିଏ ରେଷ୍ଟ ହାଉସ ନିର୍ମାଣ, ରୋଗୀଙ୍କୁ ରନ୍ଧା ଖାଦ୍ୟ ଯୋଗାଣ ପାଇଁ କୌଣସି ଏକ ଏସଏଚଜିକୁ ଦାୟିତ୍ୱ ଦେବାକୁ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଡାକ୍ତରଖାନାରେ ଥିବା ଆମ୍ବୁଲାନ୍ସର ବୈଧତା କିଛିଦିନ ମଧ୍ୟରେ ସରିଯାଉଥିବାରୁ କିଭଳି ପୁନଃ କାର୍ଯ୍ୟକ୍ଷମ କରାଯାଇପାରିବ ସେ ନେଇ ଆରଟିଓଙ୍କ ସହ କଥାହେବେ ବୋଲି ଜିଲାପାଳ ରାଣା କହିଥିଲେ। ପରେ ଜିଲାପାଳ ବେଲଗାଁ ପଞ୍ଚାୟତର ମେଗା ପାନୀୟ ଜଳ ପ୍ରକଳ୍ପ, ଆମ ଗାଁ ଆମ ବିକାଶ ତରଫରୁ ଚାଲିଥିବା ବେଲଗାଁ କଲ୍ୟାଣ ମଣ୍ଡପ, ଜାନୀପଡ଼ାର ଲକ୍ଷ୍ମୀ ମଣ୍ଡପ, ପ୍ରଧାନମନ୍ତ୍ରୀ ଆବାସ, ପିପୃଟଠାରେ ୧୦ଲକ୍ଷ ଟଙ୍କାରେ ଚାଲିଥିବା ପୋଖରୀ ଉନ୍ନତୀକରଣ କାମ ତଦାରଖ କରିଥିଲେ। ଗ୍ରାମର ଜନସାଧାରଣ ମଶାରୀ ବ୍ୟବହାର କରୁଛନ୍ତି କି ନାହିଁ ପଚାରି ବୁଝିଥିଲେ। ପରେ ଜାମତରା ଏସଏଚଜି ମହିଳାଙ୍କ ଦ୍ୱାରା ଜୈବିକ କ୍ଲଷ୍ଟରର ଚିନାବାଦାମ ଚାଷଜମି ବୁଲି ଦେଖିଥିଲେ। ଗସ୍ତ ସମୟରେ ବିଡ଼ିଓ ସାମଲ, ଏବିଡ଼ିଓ ପ୍ରଦୀପ ପଟ୍ଟନାୟକ, ସହକାରୀ ଯନ୍ତ୍ରୀ ହେମେନ୍ଦ୍ରନାଥ ମଲ୍ଲିକ, ଏପିଓ ବନଜାବାସିନୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଶିବଶଙ୍କର ଦୁଗ୍ଧ ଉତ୍ପାଦକ ସମିତିର ବାର୍ଷିକ ସମ୍ମିଳନୀ

ଦେଓଗାଁ , ୯।୨(ଡି.ଏନ.ଏ)

ଦେଓଗାଁ ବ୍ଲକ କୁତୁର୍ଲାରେ ଶିବଶଙ୍କର ଦୁଗ୍ଧ ଉତ୍ପାଦକ ସମବାୟ ସମିତିର ତୃତୀୟ ବାର୍ଷିକ ସମ୍ମିଳନୀ ମଙ୍ଗଳବାର ସଞ୍ଜୀ କୁମାର ପଧାନଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ବ୍ଲକ ଅଧକ୍ଷା ରୀନା ମେହେର, ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମଣ କୁମାର ମେହେର, ବ୍ଲକ ପ୍ରାଣୀଧନ ଚିକିତ୍ସକ ଚନ୍ଦ୍ରମଣି ସାହୁ, କୁଠୁର୍ଲା ଦୁଗ୍ଧ ଶିତଳୀକରଣ କେନ୍ଦ୍ର ସୁପରଭାଇଜର ଧୋବେଇ ପୋଡ଼, ସ୍ଥାନୀୟ ସରପଞ୍ଚ ବଡ ପଧାନ ପ୍ରମୁଖ ଯୋଗଦେଇ ଗୋପାଳନର ମହତ୍ୱ ଉପରେ ଆଲୋକପାତ କରିଥିଲେ। ପ୍ରତ୍ୟେକ ଗୋପାଳକଙ୍କୁ ଗୁହାଳ ଯୋଗାଇ ଦେବାପାଇଁ ଚାଷୀମାନେ ଦାବି ଉପସ୍ଥାପନ କରିଥିଲେ। ସଫଳ ଦୁଗ୍ଧଚାଷୀ କୃତିବାସ ପୋଡ଼ ଓ ଯୋଗେନ୍ଦ୍ର ନାଏକଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଉତ୍ପାଦକ ସମିତି ସଭାପତି ଡୋଳାମଣି ବାଗ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସମିତିର ୪୫ଜଣ ଦୁଗ୍ଧଚାଷୀ ଉପସ୍ଥିତ ଥିଲେ ।

## କୁଠୁର୍ଲା ଦୁଗ୍ଧ ଉତ୍ପାଦକ ସମିତି ପରିଦର୍ଶନ କଲେ ଜିଲାପାଳ

ଦେଓଗାଁ, ୯।୨(ଡି.ଏନ.ଏ.)

ବଲାଙ୍ଗୀର ସଦର ବ୍ଲକ କୁଠୁର୍ଲା ପାଟଣେଶ୍ୱରୀ ଦୁଗ୍ଧ ଉତ୍ପାଦକ ସମବାୟ ସମିତିକୁ ମଙ୍ଗଳବାର ଜିଲାପାଳ ଚଞ୍ଚଳ ରାଣା ପରିଦର୍ଶନ କରିଛନ୍ତି। ସେ ଦୁଗ୍ଧ ଶୀତଳୀକରଣ ପ୍ଲାଣ୍ଟ ବୁଲି ଦେଖିବା ସହ ଭିତିଭୂମି ଉପରେ ଅବଗତ ହୋଇଥିଲେ। ଆଗକୁ କି ପଦକ୍ଷେପ ନେଲେ ଦୁଗ୍ଧ ଚାଷୀ ସ୍ୱାବଲମ୍ବୀ ହୋଇପାରିବେ ତାହା ଉପରେ ଆଲୋଚନା କରିଥିଲେ। ପ୍ରୋତ୍ସାହନ ମିଳିଲେ ଅଞ୍ଚଳରୁ ଦାଦନକୁ ରୋକାଯାଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଓମଫେଡ ଜିଏମ ସରୋଜ କୁମାର ସାହୁ ଏହି ସମିତିର ବିବରଣୀ ପ୍ରଦାନ କରିଥିଲେ। ୧୯୯୫ରେ ଆରମ୍ଭ ହୋଇଥିବା ଏହି ଶୀତଳିକରଣ କେନ୍ଦ୍ର ଅଧିନରେ ୪୬ଟି ଦୁଗ୍ଧ ସମବାୟ ସମିତି କାର୍ଯ୍ୟରତ । ବର୍ତ୍ତମାନ ୨୩୦ଟି ଗାଁର ୨୫ଶହ ଦୁଗ୍ଧଚାଷୀ ଏହା ଉପରେ ନିର୍ଭର କରୁଛନ୍ତି । କୁଠୁର୍ଲା


କୁଠୁର୍ଲା ଦୁଗ୍ଧ ଶିତଳୀକରଣ ପ୍ଲାଣ୍ଟକୁ ଜିଲାପାଳ ଚଞ୍ଚଳ ରାଣା ବୁଲି ଦେଖୁଛନ୍ତି ।

ସମବାୟ ସମିତି ଅଧିନରେ ଥିବା ୫ଟି ଗାଁରୁ ପ୍ରାୟ ୪୫୦ଲିଟର ଦୁଗ୍ଧ ସଂଗ୍ରହ ହୋଇ ୧୦ଦିନରେ ଥରେ ବ୍ୟାଙ୍କ ଜରିଆରେ ଚାଷୀଙ୍କୁ ପ୍ରାପ୍ୟ ପ୍ରଦାନ କରାଯାଉଛି । ଏଥିସହ ଚାଷୀଙ୍କୁ ୫୦ପ୍ରତିଶତ ରିହାତିରେ ଗୋଖାଦ୍ୟ, ବିନାସୁଧରେ ୧୦ଚାଷୀଙ୍କୁ ଗୋରୁଋଣ ପ୍ରଦାନ କରାଯାଉଥିବା ତଥ୍ୟ ଉପସ୍ଥାପନ କରାଯାଇଥିଲା। ସମିତି ସଭାପତି ପ୍ରଫୁଲ୍ଲ କୁମାର ଦାଶ, ସୁପରଭାଇଜର ଧୋବେଇ ପୋଡ଼,ସମ୍ପାଦକ ସତ୍ୟଭୂଷଣ ପାଣ୍ଡେ, ସଭ୍ୟ ପ୍ରଦ୍ୟୁମ୍ନ ମେହେର ତଥା କୁଠୁର୍ଲା, କୁଡାସିଂହା, ଶିରିଶ, ନାରାୟଣପୁର, ଭୂତିଆର ବାହାଲର ଦୁଗ୍ଧଚାଷୀ ଉପସ୍ଥିତ ଥିଲେ ।

## ବୁଲିଲା କ୍ୟାନ୍‌ସର ସଚେତନତା ରଥ

ସୋନପୁର,୯।୨(ନି.ପ୍ର.)

କର୍କଟ ରୋଗ ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ସୋନପୁର ବ୍ଲକ ଅଞ୍ଚଳରେ ବୁଲିଛି କ୍ୟାନସର ସଚେତନତା ରଥ। ନାଇକେନପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡାକ୍ତର ସଙ୍ଗୀତା ଚୌଧୁରୀ ସବୁଜ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମକୁ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁ ସଂଯୋଜନା କରିଥିଲେ। ବିପିଏମ୍ ଅଶୋକ ମିଶ୍ର, ସୁଜିତ ସାହୁଙ୍କ ସମେତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଶାନ୍ତିପୁର ଡକାୟତି ଘଟଣାର ପର୍ଦ୍ଦାଫାଶ

- ୧୫ ଗିରଫ
- ଜବତ ହେଲା ବନ୍ଧୁକ, ମାରଣାସ୍ତ୍ର, ୩ଟି ଚାରିଚକିଆ ଗାଡ଼ି

ବଲାଙ୍ଗୀର ଅଫିସ,୯।୨

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ଅନ୍ତର୍ଗତ ଶାନ୍ତିପୁର ଗାଁରେ ଗତ ଜାନୁୟାରୀ ୨୨ ତାରିଖ ବିଳମ୍ବିତ ରାତିରେ ସଂଘଟିତ ସଶସ୍ତ୍ର ଡକାୟତି ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ଏହି ଘଟଣାରେ ବଲାଙ୍ଗୀର ପୋଲିସ ନୟାଗଡ ଜିଲାର ଏକ ଡକାୟତ ଗ୍ୟାଙ୍ଗକୁ ଧରିଛି। ଏହି ଗ୍ୟାଙ୍ଗର ମୁଖ୍ୟ ରାମ ଓରଫ୍ ସତ୍ୟବାନ ମହାରଣାଙ୍କ ସମେତ ୧୫ଜଣଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଡକାୟତ ଗ୍ୟାଙ୍ଗଠାରୁ ପୋଲିସ ବନ୍ଧୁକ, ମାରଣାସ୍ତ୍ର, ଡକାୟତିରେ ବ୍ୟବହୃତ ୩ଟି ଚାରିଚକିଆ ଗାଡି ଜବତ କରିଛି। ଏସପି ନୀତୀନ୍ କୁଶଲକର ମଙ୍ଗଳବାର ଜିଲା ପୋଲିସ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ କରି ଶାନ୍ତିପୁର ଡକାୟତି ଘଟଣା ଉପରେ ସୂଚନା ଦେଇଥିଲେ।

ଗତ ଜାନୁୟାରୀ ୨୨ ତାରିଖ ବିଳମ୍ବିତ ରାତିରେ ଶାନ୍ତିପୁରର ବ୍ୟବସାୟୀ ଆର୍ତ୍ତ କୁମାର ସାହୁଙ୍କ ଘରେ ୨୦ରୁ ଊର୍ଦ୍ଧ୍ୱ ଡକାୟତ ସଶସ୍ତ୍ର ଡକାୟତି କରିଥିଲେ। ଘର ଲୋକଙ୍କୁ ମାଡ ମାରି ୧୭ ଭରି ସୁନା ଓ ରୁପା ଗହଣା ଏବଂ ୬ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଲୋକଙ୍କୁ ଭୟଭୀତ କରିବା ପାଇଁ ଗାଁରେ ବୋମାମାଡ କରିଥିଲେ। ଏନେଇ ବ୍ୟବସାୟୀ ସାହୁ ଖପ୍ରାଖୋଲ


ଗିରଫ ଅଭିଯୁକ୍ତ ।

ଥାନାରେ ଅଭିଯୋଗ କରିଥିଲେ। ଏହି ଡକାୟତି ଘଟଣାର ତଦନ୍ତ କରିବା ପାଇଁ ଏସପି କୁଶଲକର ବଲାଙ୍ଗୀର ସଦର ଏସ୍‌ଡିପିଓ ଶ୍ରୀମନ୍ତ ବାରିକଙ୍କ ନେତୃତ୍ୱରେ ୫ଟି ପୋଲିସ ଟିମ୍ ଗଠନ କରିଥିଲେ । ଉକ୍ତ ଟିମ୍‌ରେ ପାଟଣାଗଡ ଏସ୍‌ଡିପିଓ ସୁରେଶ ନାୟକ, ସଦର ଥାନା ଆଇଆଇସି ତୋଫାନ୍ ବାଗ, ଖପ୍ରାଖୋଲ ଆଇଆଇସି ଜ୍ୟୋତିରଞ୍ଜନ ପତି, ପାଟଣାଗଡ ଆଇଆଇସି କେ. ପ୍ରିୟଙ୍କା ରାଉତରାୟ ସାମିଲ ହୋଇଥିଲେ । ଗତ ୬ ତାରିଖ ଦିନ ପୋଲିସ ଟିମ୍ ସମ୍ବଲପୁର ଜିଲାର ରେଢ଼ାଖୋଲଠାରେ ଫିଲ୍ମ ଷ୍ଟାଇଲରେ ଏହି ଡକାୟତି ଘଟଣାରେ ସମ୍ପୃକ୍ତ ୭ଜଣଙ୍କୁ ଗିରଫ କରିଥିଲେ । ଏହାବାଦ୍ ଆଜି ଅନ୍ୟ ୮ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ତଦନ୍ତ ପ୍ରଭାବିତ ହେବା ଦୃଷ୍ଟିରୁ ଏସ୍‌ପି ଗିରଫ ଡକାୟତଙ୍କ ନାମ ପ୍ରକାଶ କରିନାହାନ୍ତି। ଏହି ଗ୍ୟାଙ୍ଗରେ ୧୨ଜଣ ନୟାଗଡ ଜିଲାର ଓ ପାଟଣାଗଡ, ଲୋଇସିଂହା ଓ ନାକଟିଦେଉଳର ଜଣେ ଲେଖାଏ ରହିଛନ୍ତି । ମୁଖ୍ୟ ଅଭିଯୁକ୍ତ ନୟାଗଡର ରାମ ଓରଫ୍ ସତ୍ୟବାନ ମହାରଣାଙ୍କୁ ଗିରଫ କରାଯାଇଛି ।


ଜବତ୍ ଗାଡି ।


ଉଦ୍ଧାର ସୁନା ଓ ରୂପା ଗହଣା ।

ଗିରଫ ଅଭିଯୁକ୍ତଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ ଓ ଜୀବନ୍ତ ଗୁଳି, ଦୁଇଟି ଭୁଜାଲି, ଗୋଟିଏ କୁକ୍ରି, ଲୁହାରଡ, ଗନ୍ ପାଉଡର, ମେଟାଲ ସିପ୍‌ସ, ପାନମସଲା ଡବା, ପିଭିସି ଟେପ୍, ୧୫ ମୋବାଇଲ, ଗ୍ଲୋବ୍, ମୁଖା ଓ ଟର୍ଚ୍ଚଲାଇଟ୍ ଜବତ୍ କରାଯାଇଛି। ଡକାୟତିରେ ବ୍ୟବହୃତ ଇନୋଭା କାର (ଓଆର୦୨ଏକେ୯୨୫୦), ଏକ ବୋଲେରୋ (ଓଆର୦୨ବିଆର୬୭୬୮) ଓ ଡିୟାଆର କାର (ଓଡି୨୫ବି୭୯୩୬) ଜବତ୍ କରାଯାଇଛି। ଲୁଟ୍ ସାମଗ୍ରୀରୁ କିଛି ସୁନା ଓ ରୁପା ଅଳଙ୍କାର ଉଦ୍ଧାର ହୋଇଛି। ତଦନ୍ତ ଜାରି ରହିଛି ବୋଲି ଏସ୍‌ପି କୁଶଲକର ସୂଚନା ଦେଇଥିଲେ ।

## ଖେଳ ଖବର

### ସୁଧୀର ସ୍ମାରକୀ କ୍ରିକେଟ: ବରଗଡ଼ ଫାଇନାଲରେ


ଅତିଥିମାନେ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି ।

ଅମରପାଲି, ୯।୨ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କମିରାଠାରେ ସପ୍ତମ ସୁଧୀର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବ୍ଲକ ବିଜେଡି ଯୁବ ସଭାପତି ନାରାୟଣ ଲୁହା, କ୍ରୀଡାବିତ୍ ବିନୋବାନନ୍ଦ ପ୍ରଧାନ, ଲଳିତ ପାତ୍ର, ସାମାଜିକ କର୍ମୀ ସପନ ପଧାନ, ଶିକ୍ଷକ ସପନ ପଧାନ ଓ ରାମପ୍ରସାଦ କର୍ଣ୍ଣ ପ୍ରମୁଖ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ବାଗବର ଦଳ ଯୁଯୁମୁରାକୁ ପରାସ୍ତ କରିଥିଲା। ସେମିଫାଇନାଲରେ ବାଗବର ପ୍ରଥମ ଫର୍ମାଟରେ ୧୦ ଓଭରରେ ୧୧୦ ରନ କରିଥିଲା। ଜବାବରେ ବରଗଡ ଦଳ ୧୧୧ ରନକୁ ୯.୫ ଓଭରରେ ସଂଗ୍ରହ କରିଥିଲା। ଦ୍ୱିତୀୟ ଫର୍ମାଟରେ ବରଗଡ ୫ ଓଭରରେ ୭୯ ରନ କରିଥିବା ବେଳେ ବାଗବର ୫ ଓଭରରେ ୬୯ ରନ କରିଥିଲା । ଉଭୟ ଫର୍ମାଟରେ ବିଜୟୀ ହୋଇ ବରଗଡ ଫାଇନାଲରେ ପ୍ରବେଶ କରିଛି। ବରଗଡର ଦେବାଶିଷଙ୍କୁ ମ୍ୟାନ ଅଫ୍ ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ମ୍ୟାଚଗୁଡିକରେ ରାମାନନ୍ଦ ପଧାନ ଓ ପପୁନ ଚଉଲିଆ ଅମ୍ପାୟର, ଶ୍ରୀଦାଶ ବାରିକ ସ୍କୋରିଂ ଏବଂ ସଚିନ ପଧାନ ଧାରା ବିବରଣୀ ପ୍ରଦାନ କରିଥିଲେ ।

### ସୋନିଆ ମେମୋରିଆଲ କ୍ରିକେଟ: ଟିଟିଲାଗଡ଼ ବିଜୟୀ

ଲାଠୋର, ୯।୨ (ଡି.ଏନ.ଏ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଖେଳ ପଡିଆରେ ମଙ୍ଗଳବାର ୧୦ମ ସୋନିଆ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଜୟ ମାଁ ବସ୍ତ୍ରେନ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆରମ୍ଭ ହୋଇଛି। ଅତିଥି ଭାବେ ଶଙ୍କରଲାଲ ଅଗ୍ରୱାଲ, ସରପଞ୍ଚ ପ୍ରବୀଣ ଅଗ୍ରୱାଲ, ମନୋଜ ଶର୍ମା ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦଘାଟନୀ ମ୍ୟାଚ ଟିଟିଲାଗଡ ଓ ଲାଠୋର ମଧରେ ହୋଇଥିଲା। ପ୍ରଥମେ ଲାଠୋର ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ଓଭରରେ ୬୬ ରନ ସଂଗ୍ରହ କରି ଅଲଆଉଟ ହୋଇଥିଲା। ଜବାବରେ ଟିଟିଲାଗଡ ଦଳ ୭.୨ଓଭରରେ ୪ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା।

### କ୍ରିକେଟ: ପଦ୍ମପୁର ଜେସିସି ଚାମ୍ପିୟନ

ପଦ୍ମପୁର, ୯।୨ (ଡି.ଏନ.ଏ)

ପଦ୍ମପୁର ଉପଖଣ୍ଡ ବରିହାପାଲି ଗ୍ରାମରେ ଷଷ୍ଠ ବୁଢ଼ାରଜା କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍ ପଦ୍ମପୁର ଜେସିସି ଓ କଲଙ୍ଗାପାଲି ଟିମ୍ ମଧ୍ୟରେ ହୋଇ ପଦ୍ମପୁର ମ୍ୟାଚ୍ ଜିଣି ଚାମ୍ପିୟନ ହୋଇଛି। ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ମୁଖ୍ୟଅତିଥି, ସରପଞ୍ଚ ସତ୍ୟବାନ ପ୍ରଧାନ, ପୂର୍ବତନ ସରପଞ୍ଚ ସୁଦାମ ପ୍ରଧାନ, ନେତ୍ରାନନ୍ଦ ସାହୁ, ଉଗ୍ରସେନ ପ୍ରଧାନ, ଲାଲଜିତ ଡନସନା, ଶୁଭେନ୍ଦୁ ସାହୁ, କୃପାସିନ୍ଧୁ ପ୍ରଧାନ, ନାରାୟଣ ପୁରୋହିତ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ । ରତନ ସାହୁ, ଗିରିରାଜ ପ୍ରଧାନ, ଶେଷଦେବ ସାହୁ, ଭେଙ୍କୁଲାଲ ପ୍ରଧାନ ଖେଳ ପରିଚାଳନା କରିଥିଲେ । ଅତିଥିମାନେ ଚାମ୍ପିୟନ, ରନର୍ସ ଓ ମ୍ୟାନ ଅଫ୍ ଦି ମ୍ୟାଚ ଏବଂ ସିରିଜକୁ ପୁରସ୍କୃତ କରିଥିଲେ।

### ଭଲିବଲ ଟୁର୍ନାମେଣ୍ଟ: ବୀରମହାରାଜପୁରକୁ ଟାଇଟଲ


ଚାମ୍ପିୟନ ବୀରମହାରାଜପୁର ଦଳକୁ ପୁରସ୍କୃତ କରାଯାଉଛି ।

ଅମରପାଲି, ୯।୨ (ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କମିରା ପଞ୍ଚାୟତ ଅନ୍ତର୍ଗତ ଆମ୍ବସରଭଟାରେ ଏକଦିବସୀୟ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଜାଲୋଏକୁ ୨-୧ ସେଟ୍‌ରେ ହରାଇ ବୀରମହାରାଜପୁର ଟାଇଟଲ ହାତେଇଛି। ଟୁର୍ନାମେଣ୍ଟରେ ସୁବର୍ଣ୍ଣପୁର ଓ ସମ୍ବଲପୁର ଜିଲାର ୬ଟି ଦଳ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ଖଣ୍ଡହତା ଦଳ ସୁବଳୟାକୁ ୨-୧ ସେଟ୍‌ରେ ହରାଇ ଥିଲା। ଦ୍ୱିତୀୟ ମ୍ୟାଚରେ ବୀରମହାରାଜପୁର ୨-୦ ସେଟ୍‌ରେ ଆମ୍ବସରଭଟାକୁ, ତୃତୀୟ ମ୍ୟାଚରେ ବୀରମହାରାଜପୁର ୨-୦ ସେଟ୍‌ରେ ତ୍ରିବଣପୁରକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ସେମିରେ ଜାଲୋଏ ୨-୦ରେ ଖଣ୍ଡହତାକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କ୍ରୀଡାବିତ୍ ଅଶୋକ ଦାଶ ମୁଖ୍ୟଅତିଥି, ସାମାଜିକ କର୍ମୀ ସୁକାନ୍ତ ପୁରୋହିତ ସମ୍ମାନିତ ଅତିଥିଭାବେ ଯୋଗଦେଇ ଉଭୟ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ନଗଦ ଅର୍ଥରାଶି ସହିତ ଟ୍ରଫି ପ୍ରଦାନ କରିଥିଲେ। ବୀରମହାରାଜପୁରର ଲକ୍ଷ୍ମଣ ସାହୁଙ୍କୁ ଶ୍ରେଷ୍ଠ ସ୍ମାସର ଓ ଜାଲୋଏର ରାମାଙ୍କୁ ଶ୍ରେଷ୍ଠ ପ୍ଲେୟାର ଭାବେ ପୁରସ୍କୃତ କରାଯାଇଥିଲା।

### ଏନ୍‌କେଏଫ୍‌ଏ ଫୁଟବଲ: ଦେଓଗାଁ, ମୁରସିଂ ବିଜୟୀ

ଦେଓଗାଁ, ୯।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ନେହେରୁ ଖେଳପଡିଆରେ ନବକିଶୋର ଫୁଟବଲ ଆସୋସିଏଶନ ଆୟୋଜନ କ୍ରମେ ଚାଲିଥିବା ଏନକେଏଫଏ ଫୁଟବଲ ଟୁର୍ନାମେଣ୍ଟର ମଙ୍ଗଳବାର ଥିଲା ଦ୍ୱିତୀୟ ଦିବସ । ଏହିଦିନ ମୁରସିଂ ଓ ଫଟାମୁଣ୍ଡା ମଧରେ ପ୍ରଥମ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁରସିଂ ୧-୦ଗୋଲରେ ବିଜୟୀ ହୋଇଥିଲା। ଦେଓଗାଁ ଓ ସାରସମାଲ ଦଳ ମଧରେ ଦ୍ୱିତୀୟ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏଥିରେ ଦେଓଗାଁ ୧-୦ ଗୋଲରେ ବିଜୟୀ ହୋଇଥିଲା।

**ମହିଳା କଲେଜକୁ ପୋଷ୍ୟ କଲେ ବିଧାୟକ**

ପଦ୍ମପୁର,(ଡି.ଏନ.ଏ): ବରଗଡ଼ ଜିଲା ପଦ୍ମପୁର ମହିଳା ମାଧମିକ ଉଚ୍ଚ ବିଦ୍ୟାଳୟକୁ ବିଧାୟକ ବିଜୟ ରଞ୍ଜନ ସିଂ ବରିହା ମଙ୍ଗଳବାର ପରିଦର୍ଶନରେ ଯାଇଥିଲେ । ଏହି ଅବସରରେ ସେ ଅଧକ୍ଷ ପଦ୍ମିନୀ ଦାଶ ଓ ଅନ୍ୟମାନଙ୍କ ସହ ଶିକ୍ଷାନୁଷ୍ଠାନର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ଛାତ୍ରୀମାନଙ୍କ ବିଭିନ୍ନ ସମସ୍ୟା ବୁଝି ଶିକ୍ଷାନୁଷ୍ଠାନର ଉନ୍ନତି ନିମିତ୍ତ ମହିଳା କଲେଜକୁ ପୋଷ୍ୟ ଭାବେ ଗ୍ରହଣ କରିଥିବା ବିଧାୟକ ଘୋଷଣା କରିଥିଲେ।

## ଆଜି କ'ଣ କେଉଁଠି

କୋକସରା

- ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ କୋକସରା ବ୍ଲକ ଗସ୍ତ, ବ୍ଲକର ମହିମା ମହାଭାରତ ପଡିଆ, ମଧ୍ୟାହ୍ନ ୧୨ଟା

## ସଂକ୍ଷେପରେ

### ବେହେରା ପଞ୍ଚାୟତ ଡିଗ୍ରୀ କଲେଜ ଉଦ୍‌ଘାଟିତ

**ବେହେରା, ୯।୨ (ଡି.ଏନ.ଏ.):** କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରା ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି । ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଧର୍ମଗଡ ବ୍ଲକ ଅଧକ୍ଷ ବଳରାମ ପୂଝାରୀ, ମୁଖ୍ୟବକ୍ତା ଲକ୍ଷ୍ମୀରାମ ଅଗ୍ରୱାଲ, ମହାବିଦ୍ୟାଳୟ ଅଧକ୍ଷ ନିର୍ମଳ ନାୟକ, ସମ୍ମାନିତ ଅତିଥି ଶିକ୍ଷାବିତ ସୁଧିର ଚନ୍ଦ୍ର ପଣ୍ଡା, ସାମାଜିକ କର୍ମୀ ମଣ୍ଟୁ ଅଗ୍ରୱାଲ, ତପୁ ନାଏକ ଯୋଗଦାନ କରିଥିଲେ। ପୂର୍ବତନ ଜିଲା ପରିଷଦ ସଭ୍ୟ ଘନଶ୍ୟାମ ପଟେଲ ସଭା କର୍ଯ୍ୟ ତୁଲାଇଥିଲେ। କଲେଜ ପ୍ରତିଷ୍ଠାତା କିଶୋର ଚନ୍ଦ୍ର ଶତପଥୀ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ଦଣ୍ଡପାଟ ଅଞ୍ଚଳର ଅନେକ ବୁଦ୍ଧିଜୀବୀ ଓ ସ୍ଥାନୀୟ ଲୋକେ ଯୋଗଦେଇଥିଲେ ।

### କଳାହାଣ୍ଡି ଶିକ୍ଷା ବିକାଶ ପରିଷଦର କାର୍ଯ୍ୟକାରିଣୀ ବୈଠକ

**ଭବାନୀପାଟଣା, ୯।୨ (ଡି.ଏନ.ଏ.):** ଭବାନୀପାଟଣା ସହରସ୍ଥିତ ଆମକୁଞ୍ଜଠାରେ କଳାହାଣ୍ଡି ଶିକ୍ଷା ବିକାଶ ପରିଷଦର ପଞ୍ଚମ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପରିଷଦ ସଭାପତି ପ୍ରଫେସର ଗୋପବନ୍ଧୁ ବେହେରା ଅଧକ୍ଷତା କରିଥିଲେ। ସମ୍ପାଦକ କୃଷ୍ଣାବତାର ଦେଓ ବିବରଣୀ ପାଠ କରିଥିଲେ। କଳାହାଣ୍ଡି ବିଶ୍ୱବିଦ୍ୟାଳୟର ଅର୍ଥନୈତିକ ଅବ୍ୟବସ୍ଥା ସମ୍ପର୍କରେ ପରିଷଦର ୫ ଜଣିଆ କମିଟି ରିପୋର୍ଟ ରାଜ୍ୟ ସରକାରଙ୍କ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଦିଆଯାଇଥିବା ବିଷୟ ଗୃହୀତ ହୋଇଥିଲା। ଭବାନୀପାଟଣାସ୍ଥିତ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅର୍ଥନୈତିକ ଅବ୍ୟବସ୍ଥା ସମ୍ପର୍କିତ ରିପୋର୍ଟ, ପରିଷଦ ଯାଞ୍ଚ କମିଟି ରିପୋର୍ଟ ସତ୍ତ୍ୱେ ଦୁର୍ନୀତିମୁକ୍ତ ସମାଜ ଗଠନ ପାଇଁ ପ୍ରତିଶ୍ରୁତି ବଦ୍ଧ ସରକାରଙ୍କ ନିରବତାକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ୫-ଟି ସଚିବଙ୍କୁ ଅବଗତ କରାଇ ଶୀଘ୍ର କାର୍ଯ୍ୟାନୁଷ୍ଠାନ କରି ସର୍ବସାଧାରଣଙ୍କ ସନ୍ଦେହମୁକ୍ତ କରିବା ନିମନ୍ତେ ଅନୁରୋଧ ପାଇଁ ନିଷ୍ପତ୍ତି ହୋଇଥିଲା। ବୈଠକରେ ଜଗନ୍ନାଥ ମୁଣ୍ଡ, ଡ. ଅକ୍ଷୟ ନନ୍ଦ, ପ୍ରଫେସର ରଜନୀକାନ୍ତ ବେହେରା, ପଦ୍ମ ପୂଜାରୀ, ସର୍ଦ୍ଦାର ସୁରଜିତ ସିଂହ, ଭଗୀରଥି ଭୋଇ, ବିଶ୍ୱନାଥ କର ପ୍ରମୁଖ ଉପସ୍ଥିତ ଥିଲେ। ଦେବେନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ଦିବ୍ୟାଙ୍ଗ ଚିହ୍ନଟ, ପରିଚୟପତ୍ର ବଣ୍ଟନ

**କୋକସରା, ୯।୨ (ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତ ମହାବୀର ଧର୍ମଶାଳାରେ ମଙ୍ଗଳବାର ଦିବ୍ୟାଙ୍ଗ ଚିହ୍ନଟ, ପରିଚୟପତ୍ର ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ୪ ପଞ୍ଚାୟତ ଲଡୁଗାଁ, ବରାଡଙ୍ଗା, ଗମ୍ଭାରୀଗୁଡା ଓ କାଉଡୋଲାରୁ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ପରିଚୟ ପତ୍ର ପାଇଁ ଆବେଦନ କରିଛନ୍ତି । ଭବାନୀପାଟଣାରୁ ଆସିଥିବା ଡା. ସୁବାଶିଷ ମହାନ୍ତି, ବାଦଲ ପଟ୍ଟନାୟକ, ନିବାସ ସାହୁଙ୍କ ଏକ ଟିମ ସମସ୍ତ ଦିବ୍ୟାଙ୍ଗଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା ପରେ ପ୍ରମାଣପତ୍ର ପଞ୍ଜୀକରଣ ଅନଲାଇନରେ କରାଯାଇଛି। କାର୍ଯ୍ୟକ୍ରମରେ ଧର୍ମଗଡ ବିଧାୟକ ମୌଷଧି ବାଗ, କୋକସରା ବିଡିଓ ମନୀଷା ଦାସ, ଲଡୁଗାଁ ସରପଞ୍ଚ କହ୍ନେଇ ଚରଣ ଦାସ, ବରାଡଙ୍ଗା ସରପଞ୍ଚ ଗୋକୁଲ ନାଏକ, ସୁରନ ଦାସଙ୍କ ଉପସ୍ଥିତରେ ଦିବ୍ୟାଙ୍ଗ ପରିଚୟପତ୍ର ବଣ୍ଟନ କରାଯାଇଛି। ଶିବରରେ ୧୩୩ ଜଣ ହିତାଧିକାରୀ ରେଜିଷ୍ଟ୍ରେଶନ କରିଛନ୍ତି। ୬୪ଜଣଙ୍କୁ ପରିଚୟପତ୍ର ବଣ୍ଟନ କରାଯାଇଛି। ଲଡୁଗାଁ କୃଷକ ସଙ୍ଗଠନ ସମ୍ପାଦକ ପଙ୍କଜ ଚୌଧୁରୀ, ବିଜେଡି ଲଡୁଗାଁ ପଞ୍ଚାୟତ ସଭାପତି ରବି ନାରାୟଣ ଦାସ, ସୟ ଅଗ୍ରୱାଲ, ପ୍ରୀତମ ଶର୍ମା, ନାନକ ଅଗ୍ରୱାଲ, ଧର୍ମାନଦ ଶବର, ବିରେନ୍ଦ୍ର ନାରାୟଣ ଦାସ ପ୍ରମୁଖ ସ୍ୱେଚ୍ଛାକୃତ ଭାବେ ଶିବିରରେ ସହଯୋଗ କରିଥିଲେ। କୋକସରା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଫ୍ଲୋରାଇଡଯୁକ୍ତ ପାଣିରେ ବଞ୍ଚୁଛି ଜୀବନ

**ତରବୋଡ/ନୂଆପଡା ଅଫିସ, ୯।୨ (ଡି.ଏନ.ଏ.)**

ନୂଆପଡା ଜିଲା ଆଦିବାସୀ ଅଧୁଷିତ ଦର୍ଲିପଡା ଗ୍ରାମପଞ୍ଚାୟତରେ ଗ୍ରୀଷ୍ମ ପୂର୍ବରୁ ପାନୀୟ ଜଳ ସମସ୍ୟା ଉକ୍ଟ ହେବାରେ ଲାଗିଲାଣି। ଗ୍ରାମରେ ପୋଖରୀ କିମ୍ବା ମୁଡ଼ା ମଧ୍ୟ ନାହିଁ। ସୁନ୍ଦର ଡ୍ୟାମ ଗାଁଠାରୁ ୨ କି.ମି. ଦୂର ହେଉଥିବାରୁ ଓ ଯିବା ପାଇଁ ଭଲ ରାସ୍ତା ନ ଥିବାରୁ ଲୋକେ ବାଧ୍ୟହୋଇ ଫ୍ଲୋରାଇଡଯୁକ୍ତ ପାଣି ବ୍ୟବହାର କରୁଛନ୍ତି। ଏହି ପାଣି ବ୍ୟବହାର ଯୋଗୁ ବିଭିନ୍ନ ସ୍ୱାସ୍ଥ୍ୟଜନିତ ରୋଗର ସମ୍ଭାବନା ଥିବାରୁ ଏଦିଗରେ ଦୃଷ୍ଟି ଦେବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଛି। ୨୦୦୫ରେ ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ କୋମନା ବ୍ଲକ ଅନ୍ତର୍ଗତ ଦର୍ଲିପଡା ପଞ୍ଚାୟତବାସୀଙ୍କୁ ପାନୀୟ ଜଳ ଯୋଗାଇବା ପାଇଁ ୨୦୦ ଫୁଟ ବିଶିଷ୍ଟ ଏକ ଗଭୀର ନଳକୂପ ଖନନ କରାଯାଇଛି। ନଳକୂପରେ ୫ ଏଚ୍‌ପି ମୋଟର ଲଗାଯାଇ ଦର୍ଲିପଡା, ପଦ୍ମପୁର, ସାଲେପଡାକୁ ପାଣି ଯୋଗାଣ ହେଉଛି। ଗ୍ରାମରେ ୨୦ଟି ଫ୍ରି ସପ୍ଲାଇ ପଏଣ୍ଟ ଓ



ଦର୍ଲିପଡାରେ ଥିବା ପାଣି ପମ୍ପ ହାଉସ୍ ।

### ଗ୍ରାମବାସୀଙ୍କୁ ମିଳୁନି ବିଶୁଦ୍ଧ ପାନୀୟ ଜଳ

୧୫ଟି ଘର ସଂଯୋଗ ପଏଣ୍ଟ ରହିଛି । ଏହି ପାଣି ପିଇ ଗ୍ରାମବାସୀ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବାରୁ ସରକାରଙ୍କ ପକ୍ଷରୁ ପାଣିର ପରୀକ୍ଷା କରାଯାଇଥିଲା। ପାଣି ପରୀକ୍ଷା ପରେ ଏଥିରେ ଫ୍ଲୋରୋସିସ ରହିଥିବା ଜଣାପଡ଼ିଥିଲା। ଏହି ପାଣି ବ୍ୟବହାର ଯୋଗ୍ୟ ନୁହେଁ ବୋଲି କହିବା ସହ ପାଣିପମ୍ପ ଏବଂ ସବୁ ଏଲଆଇ ପଏଣ୍ଟ ଚିହ୍ନଟ କରି ଏହାକୁ ନିଷିଧ ପାଇଁ ନିର୍ଦ୍ଦେଶ ଦେଇଥିଲେ। ୨୦୦୮ ମାର୍ଚ୍ଚରେ ପାଣି ପରୀକ୍ଷା କରାଯାଇଥିବା ବେଳେ ଏଥିରେ ୧.୮ ପ୍ରତିଶତ ଫ୍ଲୋରାଇଡ ଥିବା କୁହାଯାଇଥିଲା। ଏ ନେଇ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବାରୁ ଦର୍ଲିପଡାବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

### ସେମାନଙ୍କ ମୁହଁରୁ ...



" ସରକାରଙ୍କ ପକ୍ଷରୁ ଗଭୀର ନଳକୂପରେ ୧.୮ % ଫ୍ଲୋରାଇଡ ଅଛି ବୋଲି କହିବା ସହ ଏହାକୁ ନିଷିଧ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ହେଲେ ପାଣିର ଅଭାବ ଯୋଗୁ ବାଧ୍ୟ ହୋଇ ବ୍ୟବହାର କରାଯାଉଛି। ଦାବି ସତ୍ତ୍ୱେ ସରକାର ଏଠାରେ ଫିଲ୍ଟରେସନ କିମ୍ବା ସ୍ୱଚ୍ଛଜଳ ଯୋଗାଣ କରିପାରୁ ନାହାନ୍ତି ।

**ଜମୁନା ନାୟକ, ଗୃହୀଣୀ ।**



" ପ୍ରତିବର୍ଷ ପାଣି ପରୀକ୍ଷା କରାଯାଇଛି । ନଳକୂପରେ ଛକି ଚିହ୍ନ ମରାଯାଉଛି। ପାଣି ବ୍ୟବହାର ପାଇଁ ନିଷିଧ କରାଯାଇଛି। ମାତ୍ର ଅଞ୍ଚଳର ପାନୀୟ ଜଳ ସମସ୍ୟା ପାଇଁ କୌଣସି ସ୍ଥାୟୀ ବ୍ୟବସ୍ଥା କରାଯାଉ ନାହିଁ ।

**ପବିତ୍ର ମାଝି, ସାମାଜିକ କର୍ମୀ**



" ଏହି ପାଣି ବ୍ୟବହାର ଯୋଗୁ ଗ୍ରାମବାସୀ ରୋଗାକ୍ରାନ୍ତ ହେଉଛନ୍ତି। ଶୀଘ୍ର ପ୍ରତିକାର କରା ନ ଗଲେ ଲୋକମାନେ ପଙ୍ଗୁ ହୋଇଯିବେ ।

**ପ୍ରେମସିଂ ଧରୁଆ, ଗ୍ରାମବାସୀ।**



" ଏହି ପାଣି ପିଇଲେ ୮/୧୦ ଦିନ ମଧ୍ୟରେ ହାତଗୋଡ ଦରଜ ହେଉଛି । ପରେ ଆକ୍ରାନ୍ତ ହୋଇ ପଡୁଛି। ଏହାର ଆଶୁ ପ୍ରତିକାର କରା ନ ଗଲେ ବୋଡେନ ବ୍ଲକ କର୍ଲାକୋଟରେ ଯେପରି ଲୋକମାନେ ଆକ୍ରାନ୍ତ ହୋଇପଡିଛନ୍ତି, ସେହିପରି ସମସ୍ୟା ଆମ ଦର୍ଲିପଡା ଗ୍ରାମରେ ଦେଖାଦେବ।

**ପଦ୍ମାବତୀ ମାଝି**

### ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ସହାୟକ ଉପକରଣ ବଣ୍ଟନ

**ଲୋଇସିଂହା,୯।୨(ଡି.ଏନ.ଏ.)**

ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ପ୍ରଶିକ୍ଷଣ, ଅନୁସନ୍ଧାନ କେନ୍ଦ୍ର ଓଲଟପୁର ଓ ବଲାଙ୍ଗୀର ଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ଲୋଇସିଂହା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ସହାୟକ ଉପକରଣ ବଣ୍ଟନ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥିଭାବେ ଯୋଗଦେଇ ୬୪ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଉପକରଣ ବଣ୍ଟନ କରିଥିଲେ। ଶିବିରରେ ବିଇଓ ରୀନା ବେହେରା ଅଧ୍ୟକ୍ଷତା କରିଥିଲେ। ବିଡିଓ ରାମଚନ୍ଦ୍ର ଖାଡିଆ, ଜିଲା ସଂଯୋଜକ ପ୍ରଶାନ୍ତ ସରାଫ, ଡା. ସଞ୍ଜୀବ ବିଶ୍ୱାଳ, ବିଶେଷଜ୍ଞ ଡାକ୍ତର ସୁରେନ୍ଦ୍ର କୁମାର ଭୋଇ, ରାଜକିଶୋର ସାହୁ, ଶୁଭଶ୍ରୀ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସିଆରସିସି କରୁଣାକର ପଟେଲ ଓ ପର୍ଶୁରାମ ସୁନା ସଭା କାର୍ଯ୍ୟକୁ ପରିଚାଳନା କରିଥିଲେ। ଶିବିରରେ ଅବ୍ୟବସ୍ଥାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା ।

## ହଳଧର ସାହିତ୍ୟ ସମୀକ୍ଷା ପୁସ୍ତକ ପ୍ରକାଶ କରିବ ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟ

**ବରଗଡ଼ ଅଫିସ୍,୯।୨**

ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଅନ୍‌ଲାଇନରେ ଆୟୋଜିତ ଜାତୀୟ ସମ୍ମାନ ଉଦ୍‌ଯାପିତ ହୋଇଛି। ହଳଧର ନାଗଙ୍କ କାବ୍ୟ ପରିପ୍ରେକ୍ଷୀରେ ଲୋକ ସାହିତ୍ୟର ବିମର୍ଶ ଶୀର୍ଷକରେ ଦୁଇଦିନ ଧରି ଚାଲିଥିବା ଏହି ସମ୍ମାନର ଉଦଯାପନୀ ଉତ୍ସବରେ ପଣ୍ଡଚେରୀ ବିଶ୍ୱବିଦ୍ୟାଳୟ ହଳଧର ସାହିତ୍ୟର ପ୍ରସାର ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି। ବିଶ୍ୱବିଦ୍ୟାଳୟ ହିନ୍ଦୀ ବିଭାଗୀୟ ମୁଖ୍ୟ ତଥା ସେମିନାର ଆବାହକ ଡଃ ସି. ଜୟଶଙ୍କର ବାବୁ ଅଧ୍ୟକ୍ଷତା କରି ସମ୍ମାନରେ ଦୁଇ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି । ସମ୍ମାନରେ ସଂଗୃହୀତ ସମସ୍ତ ପ୍ରବନ୍ଧକୁ ସଙ୍କଳିତ କରି କବିଙ୍କ ଆଗାମୀ ଜନ୍ମ ଦିବସ ଅବସରରେ ବିଶ୍ୱବିଦ୍ୟାଳୟ ତରଫରୁ ହଳଧର ସାହିତ୍ୟ ସମୀକ୍ଷା ପୁସ୍ତକ ପ୍ରକାଶିତ କରାଯିବ ବୋଲି ସେ କହିଛନ୍ତି । ଏହା ସହିତ ଭାରତର ବିଭିନ୍ନ ଭାଷାଭାଷୀର ଲେଖକମାନଙ୍କଠାରୁ ଲେଖା ଆହ୍ୱାନ କରାଯାଇ ନିର୍ବାଚିତ ଲେଖା ଏବଂ ଲେଖକଙ୍କୁ ନିୟମିତ ଭାବେ ହଳଧର ପୁରସ୍କାର ପ୍ରଦାନ କରାଯିବ ବୋଲି ମଧ୍ୟ ସେ ଘୋଷଣା କରିଥିଲେ । ଅନ୍ୟପକ୍ଷରେ ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟ ହଳଧରଙ୍କ ନିର୍ବାଚିତ କବିତା, କୀର୍ତ୍ତିକୁ ଭାରତର ୩୦ଟି ଭାଷାରେ ପ୍ରସ୍ତୁତ କରି ହଳଧର ଅଭିନନ୍ଦନ ଗ୍ରନ୍ଥାବଳୀ ପ୍ରକାଶ କରିବାର ପରିକଳ୍ପନା ରହିଥିବା ସୂଚନା ମିଳିଛି । ଏହାଦ୍ୱାରା ଭାରତର ବିଲୁପ୍ତ ଭାଷା ସଂରକ୍ଷଣ ହେବା ସହିତ ଅଭିବୃଦ୍ଧି ହୋଇପାରିବ ଏବଂ ସମ୍ବଲପୁରୀ, କୋଶଲୀ ଭାଷା ମୁଖ୍ୟସ୍ରୋତରେ ସାମିଲ ହୋଇ ପାରିବ ବୋଲି ମତପ୍ରକାଶ ପାଇଛି। ଅନ୍ୟପକ୍ଷରେ ବିଶିଷ୍ଟ ଲେଖକ ଦିନେଶ କୁମାର ମାଳିଙ୍କ ଦ୍ୱାରା ହଳଧରଙ୍କ କୃତୀର ହିନ୍ଦୀ ଅନୁବାଦିତ ପୁସ୍ତକ ହଳଧର ନାଗ କା କାବ୍ୟ ସଂସ୍କାର ଉନ୍ମୋଚିତ ହୋଇ ହଳଧର ସାହିତ୍ୟର ବ୍ୟାପକ ପ୍ରସାର ହୋଇ ପାରିଛି । ପଦ୍ମଶ୍ରୀ ହଳଧର ନାଗ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଭାଷା ସାହିତ୍ୟର ଉନ୍ନତି ଦିଗରେ ବିଶ୍ୱବିଦ୍ୟାଳୟର ପ୍ରତିବଦ୍ଧତାକୁ ପ୍ରଶଂସା କରିବା ସହିତ ସମ୍ବଲପୁରୀ, କୋଶଲୀ ଭାଷାର ସବୁ କବି, ଲେଖକଙ୍କୁ ଅଧିକରୁ ଅଧିକ ସୃଜନ ପାଇଁ ଆହ୍ୱାନ ଦେଇଥିଲେ । ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ପାଇଁ ଅଭିମନ୍ୟୁ ସଂସଦର ପ୍ରତିଷ୍ଠାତା ସଦସ୍ୟ ଡଃ ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀ, ଅଶୋକ କୁମାର ପୂଜାହାରୀ, ସଭାପତି ସୁଶାନ୍ତ କୁମାର ମିଶ୍ର ପ୍ରମୁଖ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ତଥା ଆବାହକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ବିଜେଡିର କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ



ମନ୍ତ୍ରୀଙ୍କ ଗହଣରେ ବିଜେଡିରେ ସାମିଲ ହୋଇଥିବା ଶିବ ପ୍ରସାଦ ମହାନ୍ତି ।

**ଜୁନାଗଡ, ୯।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିର୍ଚ୍ଚିଗୁଡା ପଞ୍ଚାୟତ ଶାନ୍ତିପୁରଠାରେ ମଙ୍ଗଳବାର ବିଜେଡିର ଆଚିଗାଁ ଜୋନ୍‌ସ୍ତରୀୟ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ସ୍ୱତନ୍ତ ଅତିଥି ରାଜ୍ୟ ସରକାରଙ୍କ ଶକ୍ତିମନ୍ତ୍ରୀ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇଥିଲେ। କର୍ମୀମାନଙ୍କୁ ତୃଣମୂଳସ୍ତରରେ ସଙ୍ଗଠନକୁ ସକ୍ରିୟ କରିବା ସହ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାଗୁଡିକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମହିଳା ସଭାନେତ୍ରୀ କଲ୍ୟାଣୀ ନାଏକ, ଜିଲା ଉପସଭାପତି ଦିଗାମ୍ବର ନାଏକ, ଜୁନାଗଡ ବ୍ଲକ ସଭାନେତ୍ରୀ ମନିଷା ସାହୁ, ଚିର୍ଚ୍ଚିଗୁଡା ସରପଞ୍ଚ ସୁଧିରା ମେହେର, ଜୁନାଗଡ ବ୍ଲକ ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ରାଉତ, ଶକ୍ତି ମନ୍ତ୍ରୀଙ୍କ ରାଜନୈତିକ ସଚିବ ଦିନେଶ ବଗର୍ତ୍ତୀ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ମହିଚଲା ସରପଞ୍ଚ ଅଜୟ କୁମାର ବେହେରା ଓ ଜୁନାଗଡ ବ୍ଲକ ସଭାପତି ପ୍ରମୋଦ ବେହେରା ପରିଚାଳନା କରିଥିଲେ। ଭାଜପାର ୧୦୦ଜଣ କର୍ମକର୍ତ୍ତା ବିଜେଡିରେ ସାମିଲ ହୋଇଥିଲେ। ଏଥିରେ ବରିଷ୍ଠ ଭାଜପା ନେତା ଶିବ ପ୍ରସାଦ ମହାନ୍ତି, ଯୁବ ନେତା ନେତ୍ରାନନ୍ଦ ମହାନ୍ତି ଓ ନକଚିଗୁଡାର ପୂର୍ବତନ ପ୍ୟାକ୍ସ ସଭାପତି ହରିହର ମେହେର ପ୍ରମୁଖ ରହିଛନ୍ତି ।

## ଲଗଦାରୁ ନବଜାତ ଶିଶୁକନ୍ୟା ଉଦ୍ଧାର



**କୋକସରା, ୯।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ସିଉନି ଘର୍ଜାପଡା ନିକଟ ଚାଷ ଜମିରେ ଥିବା ଏକ ପାଲଗଦାରୁ ମଙ୍ଗଳବାର ନବଜାତ ଶିଶୁକନ୍ୟା ଉଦ୍ଧାର କରାଯାଇଛି। ଅବାଞ୍ଛିତ ଗର୍ଭ ହେଉ କିମ୍ବା ପ୍ରେମଜନିତ କାରଣରୁ ଶିଶୁକୁ ଜନ୍ମ ଦେଇ ମହିଳା ଜଣଙ୍କ ଲୋକଲଜ୍ଜାରେ ଫିଙ୍ଗି ଦେଇଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ସୂଚନା ଯେ, ମଙ୍ଗଳବାର ଭୋରେ ଶୌଚ ପାଇଁ ଯାଉଥିବା କେତେକ ମହିଳା ଛୋଟ ଛୁଆ କାନ୍ଦୁଥିବା ଶୁଣିଥିଲେ। ପାଲଗଦା ଯାଇ ଦେଖିବା ପରେ ଏକ ନବଜାତ ଶିଶୁକନ୍ୟା ପାଳରେ ଘୋଡ଼େଇ ପଡିଥିବା ଦେଖିବାକୁ ପାଇଥିଲେ। ଘଟଣା ଜଣାପଡ଼ିବା ପରେ ଅଙ୍ଗନୱାଡି କର୍ମୀ ପଙ୍କଜିନୀ ମାଝି, ଆଶା କର୍ମୀ ସଂଯୁକ୍ତା ନାଏକ ଓ ଭୂମିସୂତା ବାଗ, ଫାର୍ମାଶିଷ୍ଟ ସୁଧିର ଧଙ୍ଗଡାମାଝି, ସ୍ୱାସ୍ଥ୍ୟ କର୍ମୀ ଅମିତ ପଣ୍ଡାଙ୍କ ସହ ଗ୍ରାମବାସୀ ପହଞ୍ଚି ଶିଶୁକୁ ଉଦ୍ଧାର କରି ଆମପାଣି ଥାନାକୁ ଖବର ଦେଇଥିଲେ। ଆମପାଣି ପୋଲିସ ପହଞ୍ଚି ଶିଶୁ କନ୍ୟାକୁ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ଡ.ସୁଶୀଲ ସାହୁ ପ୍ରାଥମିକ ଚିକିତ୍ସା କରିଥିଲେ। ଶିଶୁର ସ୍ୱାସ୍ଥ୍ୟାବସ୍ଥା ସ୍ଥିରଥିଲେ ହେଁ ଅଧିକ ଚିକିତ୍ସା ପାଇଁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। କୋକସରା ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁ କନ୍ୟାର ଚିକିତ୍ସା ବେଳେ ଆଶା କର୍ମୀ ସଂଯୁକ୍ତା ନିଜ କ୍ଷୀର ଶିଶୁକୁ ପିଆଇଥିଲେ। ଏହା ଜଣାପଡିବା ପରେ ସମଗ୍ର ବ୍ଲକରେ ତାଙ୍କ ଏହି କାମକୁ ପ୍ରଶଂସା କରାଯାଇଛି।

## ବର୍ଦ୍ଧିତ ହୋଲ୍‌ଡିଂ ଟ୍ୟାକ୍ସକୁ ନେଇ ଅସନ୍ତୋଷ

**ବରଗଡ଼ ଅଫିସ୍,୯।୨**

ବରଗଡ଼ ପୌର ପରିଷଦ ପକ୍ଷରୁ ହୋଲଡ଼ିଂ ଟ୍ୟାକ୍ସ ବୃଦ୍ଧି କରାଯାଇଛି । ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ି ଚାଲିଛି । ଏହାର ପୁନର୍ବିଚାର କରିବା ଦାବିରେ ମଙ୍ଗଳବାର ବରଗଡ଼ ଓକିଲ ସଂଘ ନେତୃତ୍ୱରେ ବିଭିନ୍ନ ସଂଗଠନର ପ୍ରତିନିଧିମାନେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି ।

ବରଗଡ଼ ପୌର ପରିଷଦ ସହରବାସୀଙ୍କୁ ଠିକ୍ ଭାବେ ସେବା ଯୋଗାଇ ପାରୁନାହିଁ। ସହରରେ ଡ୍ରେନେଜ ବ୍ୟବସ୍ଥା, ପାନୀୟଜଳ ଯୋଗାଣ, ଷ୍ଟ୍ରିଟ ଲାଇଟ୍ ଆଦି ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ପୌର ପରିଷଦ

### ପୁନର୍ବିଚାର ଲାଗି ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ

ଯେଭଳି ଭାବେ ହୋଲଡ଼ିଂ ଟ୍ୟାକ୍ସ ବୃଦ୍ଧି କରିଛି, ତାହା ଆଦୌ ସମୀଚୀନ ନୁହେଁ। ସେହିପରି କରୋନା ସଂକ୍ରମଣ ଯୋଗୁ ଲୋକଙ୍କ ଆର୍ଥିକ ଅବସ୍ଥା ଭଲ ନାହିଁ। ଏହି ସମୟରେ ବର୍ଦ୍ଧିତ ହୋଲ୍‌ଡ଼ିଂ ଟ୍ୟାକ୍ସ ଗ୍ରହଣୀୟ ନୁହେଁ। ଫଳରେ ଏହାର ପୁନର୍ବିଚାର କରିବାକୁ ସ୍ମାରକପତ୍ରରେ ନିବେଦନ କରାଯାଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ଓକିଲ ସଂଘର ସଭାପତି ଶ୍ୟାମ ସୁନ୍ଦର ଅଦାବରଙ୍କ ସମେତ ସଂଘର ଅନ୍ୟ କାର୍ଯ୍ୟକର୍ତ୍ତା, ସଭ୍ୟ ଏବଂ ବିଭିନ୍ନ ସଙ୍ଗଠନର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଆଠମଲ୍ଲିକକୁ ହରାଇ ସୋନପୁର ଚାମ୍ପିୟନ



ଖେଳାଳମାନଙ୍କ ସହ ଅତିଥିମାନେ ।

**ବୌଦ୍ଧ/ବଘିଆପଡା/ ଜହ୍ନାପଙ୍କ,୯।୨(ସ୍ୱ.ପ୍ର.)**

ବୌଦ୍ଧ ବ୍ଲକ ଅନ୍ତର୍ଗତ ବଢିଗାଁ ଖେଳପଡିଆଠାରେ ସର୍ଭିସ ଆସୋସିଏଶନ ପକ୍ଷରୁ ଚାଲିଥିବା ୨୨ତମ ରାଜ୍ୟସ୍ତରୀୟ ମା' ଭୈରବୀ କପ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ସୋନପୁର ଓ ଆଠମଲ୍ଲିକ ମଧ୍ୟରେ ହୋଇଥିଲା । ଏଥିରେ ସୋନପୁର ୩-୦ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ, ସମ୍ମାନିତ ଅତିଥି

### ମା' ଭୈରବୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ

ବଢିଗାଁ ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ପାଢୀ ଯୋଗଦେଇ ଚମ୍ପିୟନ ଦଳକୁ ଟ୍ରଫି ସହ ୮୦୦୦ ଓ ରନର୍ସ ଓ ଦଳକୁ ଟ୍ରଫି ସହ ୭୦୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ଆସୋସିଏଶନର ସଭାପତି ପ୍ରଦୀପ ଭୋଇ, ସମ୍ପାଦକ ସୁବ୍ରତ ପଣ୍ଡାଙ୍କ ନେତୃତ୍ୱରେ ସୁବ୍ରତ ପ୍ରଧାନ, ଲାଲକୃଷ୍ଣ ସାହୁ, ରବୀନ୍ଦ୍ର ପ୍ରଧାନ, ନିଉଟନ ,ଦିଗନ୍ତ ପ୍ରଧାନ, ଗଗନ ସାହୁ ପ୍ରମୁଖ ଟୁର୍ନାମେଣ୍ଟର ସଫଳ ସମାପନରେ ସହଯୋଗ କରିଥିଲେ।

## ବେଆଇନ କ୍ଲିନିକ ଉପରେ ଚଢ଼ାଉ

**ବେହେରା, ୯।୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଦଣ୍ଡପାଟ ଅଞ୍ଚଳର ବେହେରା ଗ୍ରାମରେ ଥିବା ଏକ ବେଆଇନ କ୍ଲିନିକ୍ ଉପରେ ମଙ୍ଗଳବାର ଜିଲା ପ୍ରଶାସନ ପକ୍ଷରୁ ଚଢାଉ କରାଯାଇଛି। ଗଗନ ଚନ୍ଦ୍ର କଶ୍ୟପ ନାମକ ଜଣେ ବ୍ୟକ୍ତି ଦୀର୍ଘ ଦିନ ଧରି ଏଠାରେ ମୀରା ନାମକ ଏକ ବେଆଇନ କ୍ଲିନିକ ଖୋଲି ରୋଗୀଙ୍କ ଚିକିତ୍ସା କରି ଆସୁଥିଲେ। ଏ ନେଇ ଜିଲାପାଳଙ୍କଠାରେ ଅଭିଯୋଗ ହୋଇଥିଲା। ମଙ୍ଗଳବାର ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଧର୍ମଗଡ ତହସିଲଦାର ହରେକୃଷ୍ଣ ବରିହାଙ୍କ ଉପସ୍ଥିତିରେ ଡ. ନିହାରେନ୍ଦ୍ର ପଣ୍ଡା, ବ୍ରଜମୋହନ ମୁଣ୍ଡ, ଓ ଧର୍ମଗଡ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବେଆଇନ କ୍ଲିନିକ ଉପରେ ଚଢାଉ କରିଥିଲେ। ଚଢାଉ ବେଳେ କ୍ଲିନିକ ମାଲିକ ଗଗନ ଚନ୍ଦ୍ର କଶ୍ୟପ ଅନୁପସ୍ଥିତ ଥିଲେ। କ୍ଲିନିକ ଖୋଲିବା ନେଇ ସରକାରଙ୍କ ପାଖରେ କୌଣସି ନିର୍ଦ୍ଦେଶ ନ ଥିବା ଓ ବିନା ଲାଇସେନ୍ସରେ ଦୀର୍ଘଦିନରୁ ଚାଲୁଥିବା ଯୋଗୁ ଏସ୍‌ଡିଜେଏମ୍ କୋର୍ଟରେ ମାମଲା ଦାୟର କରାଯିବ ବୋଲି ଡାକ୍ତର ନିହାରେନ୍ଦ୍ର ପଣ୍ଡା ପ୍ରକାଶ କରିଥିଲେ ।



ବଆଇନ କ୍ଲିନିକ ଉପରେ ଚଢ଼ାଉ କରାଯାଉଛି।

## ପଣ୍ୟାଗାର କାର୍ଯ୍ୟକ୍ଷମ ଦାବିରେ ଧାରଣା

**ବରଗଡ଼ ଅଫିସ୍,୯।୨**

ବରଗଡ଼ ସହର ଉପକଣ୍ଠ କେନ୍ଦପାଲି ପଣ୍ୟାଗାରକୁ ଗତ ବର୍ଷ ଜୁନ୍ ମାସରୁ ବନ୍ଦ କରି ଦିଆଯାଇଛି। ଫଳରେ ଉକ୍ତ ପଣ୍ୟାଗାର ଉପରେ ନିର୍ଭର କରୁଥିବା ଶ୍ରମିକମାନେ ବେରୋଜଗାର ହୋଇପଡ଼ିଛନ୍ତି । ଏହାକୁ ନେଇ ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପଣ୍ୟାଗାରକୁ କାର୍ଯ୍ୟକ୍ଷମ କରିବା ଦାବିରେ ମଙ୍ଗଳବାର ଶ୍ରମିକମାନେ ଜିଲାପାଳଙ୍କ ଅଫିସ ଆଗରେ ଧାରଣାରେ ବସିଥିଲେ। ପରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ସହିତ ସେମାନଙ୍କ ଆଲୋଚନା ହୋଇଥିଲା ଏବଂ ସନ୍ଧ୍ୟା ପ୍ରାୟ ୬ଟାରେ ସେମାନେ ଧାରଣାରୁ ଉଠିଥିଲେ ।

ପ୍ରକାଶ ଯେ, କେନ୍ଦପାଲିରେ ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମର ଏକ ପଣ୍ୟାଗାର ରହିଛି। ଏହା ଉପରେ ଆଖପାଖ ଅଞ୍ଚଳର ୭୦ଜଣ ଶ୍ରମିକ (ହେମାଲି) କାମ କରି ପରିବାର ପୋଷୁଥିଲେ। କରୋନା ଯୋଗୁ ଗତ ବର୍ଷ ଜୁନ ମାସରୁ ପଣ୍ୟାଗାରକୁ ବନ୍ଦ କରି ଦିଆଯାଇଛି। ରୋଜଗାର ମିଳୁ ନ ଥିବାରୁ ଶ୍ରମିକଙ୍କ ପରିବାର ପ୍ରତିପୋଷଣ କଷ୍ଟସାଧ୍ୟ ହୋଇ ପଡ଼ିଛି। ଏ ସମ୍ପର୍କରେ ସେମାନେ ପଣ୍ୟାଗାର କର୍ତ୍ତୃପକ୍ଷଙ୍କ ସମେତ ଜିଲାପାଳଙ୍କୁ ଜଣାଇଥିଲେ। ମାତ୍ର କିଛି ସୁଫଳ ନ ମିଳିବାରୁ ଧାରଣାକୁ ଓହ୍ଲାଇଥିଲେ ବୋଲି ଶ୍ରମିକମାନେ କହିଛନ୍ତି। ଅରୁଣ ହିଆଲ, ନେପାଳ ବରିହା, ଗୁରୁଦେବ ସାହୁ, ଶଙ୍କର ମହାପାତ୍ର ପ୍ରମୁଖ ଧାରଣାର ନେତୃତ୍ୱ ନେଇଥିଲେ।



ବରଗଡ଼ ଜିଲାପାଳ ଅଫିସ୍ ଆଗରେ ଶ୍ରମିକମାନେ ଧାରଣାରେ ବସିଛନ୍ତି ।